# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ଫେବୃୟାରୀ ୧୧/୨୦୨୦ (୨୦ ପୃଷ୍ଠା) Dhenkanal, Tuesday, February 11 / 2020 ★★★★★

୧୫ଶ ଭାଗ ୩୫୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ୱାର୍ନରଙ୍କୁ ଆଲାନ ବର୍ଡର ପଦକ

ବିସ୍ଫୋରକ ଓପନିଂ ବ୍ୟାଟ୍ସମ୍ୟାନ ଡେଭିଡ୍ ୱାର୍ନର ୩ୟ ଥର ଲାଗି ଆଲାନ ବର୍ଡର ପଦକ ହାସଲ କରିଛନ୍ତି।

୧୮ | ୦୨

## ଅନନ୍ୟାଙ୍କ ଲଗାତର ୨୩ ଘଣ୍ଟା ଶୁଟିଂ

ବଲିଉଡ୍ ଅଭିନେତା ଚଙ୍କି ପାଣ୍ଡେଙ୍କ ଝିଅ ଅନନ୍ୟା ପାଣ୍ଡେ ନିଜ ଅପ୍‌କମିଂ ଫିଲ୍ମର ଏକ ଶୁଟିଂ ସିଡ୍ୟୁଲ୍‌ରେ ଲଗାତର ୨୩ ଘଣ୍ଟା ଶୁଟିଂ କରି ଚର୍ଚ୍ଚାକୁ ଆସିଛନ୍ତି।



# କାହିଁକି ଦେଖେଇ ହେଉଛେ

କରୋନା ଭୂତାଣୁ ସଂକ୍ରମଣ ଯୋଗୁ ଚାଇନାରେ ସରକାରୀ ତଥ୍ୟ ଅନୁଯାୟୀ ଅଦ୍ୟାବଧି ୯୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିସାରିଥିବା ବେଳେ ପାଖାପାଖି ୪୦,୦୦୦ ଆକ୍ରାନ୍ତ ହୋଇଛନ୍ତି। ବିଭିନ୍ନ ଦେଶକୁ ଏହା ବ୍ୟାପିବାରେ ଲାଗିଛି। ଚାଇନାର ଏଭଳି ପରିସ୍ଥିତିରେ ଭାରତ ସହଯୋଗର ହାତ ବଢ଼ାଇଛି। ଏହା ଖୁସିର କଥା ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୯ ଫେବୃୟାରୀ ୨୦୨୦ରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କୁ ଚିଠି ଲେଖି ସମସ୍ତ ସହଯୋଗ ଓ ପରିସ୍ଥିତିର ମୁକାବିଲା ଲାଗି ଭାରତ ପ୍ରସ୍ତୁତ ଥିବା କହିଛନ୍ତି। ଏକ ଦେଶ ବିପଦରେ ପଡ଼ିଥିବା ବେଳେ ତାହାକୁ ସାହାଯ୍ୟର ହାତ ବଢ଼ାଇବା ଯେକୌଣସି ରାଷ୍ଟ୍ର ପକ୍ଷେ କରଣୀୟ। କିନ୍ତୁ ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବା ହେଉଛି ବିଜ୍ଞତାର ପରିଚୟ। ଭାରତ ଅଦ୍ୟାବଧି କରୋନା ଭାଇରସ୍ କେଉଁଠାରୁ ଆସିଛି ଓ ଏଥିଲାଗି ସମ୍ଭାବ୍ୟ ଔଷଧ କ'ଣ ହୋଇପାରେ ତାହାର କୌଣସି ସନ୍ଧାନ ପାଇନାହିଁ। ସମ୍ଭବତଃ ଭାରତ ସେଭଳି ଗବେଷଣା କରିବାକୁ ସକ୍ଷମ ନୁହେଁ। ଏଠାରେ ଘଟୁଥିବା ମ୍ୟାଲେରିଆ ଓ ଫାଇଲେରିଆ ଭଳି ଜଣାଶୁଣା ରୋଗଠାରୁ ଆରମ୍ଭ କରି ଅନେକ ଅଜଣା ରୋଗର ପ୍ରତିକାର ଦିଗରେ କୌଣସି ଗବେଷଣା କରାଯାଇପାରୁନାହିଁ। ମ୍ୟାଲେରିଆ ଭଳି ରୋଗ ପାଇଁ ମିଳୁଥିବା ଔଷଧର ଜନ୍ମ ଭାରତ ମାଟିରେ ଘଟି ନ ଥିଲା। ଏହିସବୁ ଔଷଧ ପ୍ରସ୍ତୁତ କଲା ବେଳେ ବିଦେଶରେ ହୋଇଥିବା ବୈଜ୍ଞାନିକ ଗବେଷଣା ଅନୁଯାୟୀ କରାଯାଇଥାଏ। ଏପରି ସ୍ଥଳେ ଚାଇନାକୁ ଭାରତ କିଭଳି ଓ କେଉଁ ଭାବେ ସହଯୋଗ ଯୋଗାଇ ଦେବ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି।

କରୋନା ଭୂତାଣୁ ସଂକ୍ରାନ୍ତରେ ଚାଇନାକୁ ଭାରତର ସହଯୋଗ ବିଷୟରେ ଚିନ୍ତା କଲା ବେଳେ ଦୁଇଟି ବିଷୟ ଉପରେ ଦୃଷ୍ଟିନିବଦ୍ଧ କରିବା ନିହାତି ଆବଶ୍ୟକ। ଏହି ଭାଇରସ୍ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କ ବଞ୍ଚିବା ଆଶା କ୍ଷୀଣ। ଦ୍ୱିତୀୟରେ ଯେଉଁମାନଙ୍କଠାରେ ଭୂତାଣୁ ଥିବା ଲକ୍ଷ୍ୟ କରାଯାଉଛି, ସେମାନେ ତତ୍‌କ୍ଷଣାତ୍ ତାହାର ବାହକ ପାଲଟି ଯାଉଛନ୍ତି। ଏଭଳି ପରିପ୍ରେକ୍ଷୀରେ ଚାଇନାକୁ ସହଯୋଗର ହାତ ବଢ଼ାଇବାକୁ ପ୍ରସ୍ତୁତ ବୋଲି କହି ପ୍ରଧାନମନ୍ତ୍ରୀ ମୋଦି ଭାରତୀୟ ଡାକ୍ତର, ନର୍ସ ଓ ଅନ୍ୟ ସହଯୋଗକାରୀଙ୍କୁ ଯଦି ଚାଇନା ପଠାନ୍ତି, ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବବତ୍ ରହିବ ବୋଲି କୌଣସି ନିଶ୍ଚିତତା ନାହିଁ। ଦ୍ୱିତୀୟରେ ସେମାନେ ସେଠାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲାବେଳକୁ କରୋନା ଭାଇରସ୍‌ର ବାହକ ସାଜିପାରନ୍ତି। ଏମିତି ଦେଖିଲେ ଅସଂଖ୍ୟ ଲୋକଙ୍କୁ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଭାରତରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ଭିତ୍ତିଭୂମି ନ ଥିବା ବେଳେ ଏଭଳି ଅବାସ୍ତବ ସହଯୋଗର ପ୍ରସ୍ତାବ ଦେଇ ପ୍ରଧାନମନ୍ତ୍ରୀ ନିଜକୁ ଏବଂ ଦେଶକୁ ଅଡୁଆରେ ପକାଉଛନ୍ତି। ବୋଧହୁଏ ରୋଗ ସଂକ୍ରମଣକୁ ଦୃଷ୍ଟିରେ ରଖି ଅନେକ ରାଷ୍ଟ୍ର ଚାଇନା ସହ ବାଣିଜ୍ୟ ସମ୍ପର୍କ ମଧ୍ୟ ଛିନ୍ନ କଲେଣି। ଏପରିକି ବିମାନସେବା ଚଳାଚଳ ମଧ୍ୟ ନିଷିଦ୍ଧ କରିଛନ୍ତି। ଯେତେବେଳେ ଅନ୍ୟ ଦେଶଗୁଡ଼ିକ ଚାଇନା ସହ ଦ୍ରବ୍ୟ ଆମଦାନୀ କିମ୍ବା ରପ୍ତାନି କରିବାକୁ ଅମଙ୍ଗ ହେଲେଣି, ସେଭଳି ସ୍ଥଳେ ଭାରତୀୟ ନେତୃତ୍ୱଙ୍କ ସମବେଦନା କେଉଁ ଆଶାକୁ ଉଜ୍ଜୀବିତ କରୁଛି ବୁଝିବା କଷ୍ଟକର। ଭାରତ ଏବେ ପୃଥିବୀ ସ୍ତରର ନେତା ଭାବେ ନିଜକୁ ପ୍ରଦର୍ଶନ କରିବା ଲାଗି ଚେଷ୍ଟିତ ଥିବା ଭଳି ମନେହୁଏ। କିନ୍ତୁ କଥାରେ ଅଛି– 'ଆପେ ବଞ୍ଚିଲେ ବାପର ନାଁ'। ଏହାବ୍ୟତୀତ ଏଠାରେ ସ୍ୱୀକାରଯୋଗ୍ୟ ଯେ, ଭାରତର ଗବେଷଣା ଓ ବିକାଶ ଦିଗରେ ପ୍ରବଳ ଦୁର୍ବଳତା ଦେଶକୁ ପଛରେ ପକାଇଛି। ଅନ୍ୟପଟେ ଆମେରିକା ଭଳି ରାଷ୍ଟ୍ର, ଯିଏକି ବିଶ୍ୱ ବ୍ୟାପାରରେ ଅଧିକ ମୁଣ୍ଡ ଖେଳାଉଥିଲା, ସେ ଆଜି 'ଆମେରିକା ଆଗ' ବା 'ଆମେରିକା ଫାଷ୍ଟ' ଚିନ୍ତାଧାରାକୁ ଦୃଢ଼ୀଭୂତ କରୁଛି। କରୋନା ଭଳି ଗମ୍ଭୀର ସ୍ଥିତି ଉପୁଜିଥିବା ବେଳେ ଭାରତ ଲୋକଦେଖାଣିଆ ସଦିଚ୍ଛା ବାର୍ତ୍ତା ବା ଗୁଡ୍‌ୱିଲ ମେସେଜ୍‌ରେ ସୀମିତ ରହିବା ଦରକାର। ଏହାଠାରୁ ଅଧିକ ବଳେଇଲେ ବିନା ଦକ୍ଷତାରେ ଦେଖେଇ ହେଲା ଭଳି ମନେହେବ।

**ତଥାଗତ ସତପଥୀ**

# ଦୋଷ ଘୋଡ଼ାଇବାକୁ ଉଦ୍ୟମ

**ମେଣ୍ଡରାଜପୁର ଘଟଣା ପରେ ତତ୍ପରତା**

- ୪ ଯନ୍ତ୍ରୀ ନିଲମ୍ବିତ
- ସମସ୍ତ ୧୧ କେ.ଭି. ତାର ୨୦ ଫୁଟ ଉଚ୍ଚରେ ରହିବ
- ଯାଞ୍ଚ କରି ରିପୋର୍ଟ ଦେବେ କନିଷ୍ଠଯନ୍ତ୍ରୀ

ଭୁବନେଶ୍ୱର, ୧୦।୨ (ବ୍ୟୁରୋ)

ବିଦ୍ୟୁତ ବିଭାଗ ଅଧିକାରୀମାନଙ୍କ ଖାମଖିଆଲ ମନୋଭାବ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଉଜୁଡ଼ି ଯାଉଛି ଅନେକଙ୍କ ଘର ପରିବାର। ଘଟଣା ଘଟିବାର ଦିନେ ଦୁଇଦିନ ବିଭାଗୀୟ ତତ୍ପରତା ଦେଖିବାକୁ ମିଳୁଛି। ତା'ପରେ ସବୁକିଛି ପୂର୍ବଭଳି ଶିଥିଳ ହୋଇଯାଉଛି। ଉଚ୍ଚ ପଦାଧିକାରୀଙ୍କଠାରୁ ଆରମ୍ଭ କରି ଭିତ୍ତିଭୂମି କାର୍ଯ୍ୟରେ ନିୟୋଜିତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀ, ଠିକାଦାର ପର୍ଯ୍ୟନ୍ତ ସମସ୍ତେ ଏକ ହୋଇଯାଉଛନ୍ତି। ଦୀର୍ଘ ବର୍ଷ ଧରି ଭଙ୍ଗାଦଦରା ଖୁଣ୍ଟ କିମ୍ବା ତାରକୁ ବଦଳା ଯାଉନାହିଁ, ଯାହାର ପରିଣତି ଅତ୍ୟନ୍ତ ଭୟଙ୍କର ହେଉଛି। କେବଳ ଯେ ମଣିଷ ମରୁଛନ୍ତି ତାହା ନୁହେଁ, ଅନେକ ସମୟରେ ହାତୀଭଳି ଜୀବ ମଧ୍ୟ ବିଦ୍ୟୁତ ବିଭାଗର ଦାୟିତ୍ୱହୀନତା ଯୋଗୁ ଶିକାର ହେଉଛନ୍ତି। ରବିବାର ଗଞ୍ଜାମ ଜିଲାରେ ଘଟିଥିବା ହୃଦୟ ବିଦାରକ ଘଟଣା ସମଗ୍ର ରାଜ୍ୟକୁ ସ୍ତବ୍ଧ କରି ଦେଇଛି। ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୧୦ଟି ଜୀବନ ଯାଇଛି। ଏହି ଘଟଣା ପାଇଁ ଦାୟିତ୍ୱରେ ଅବହେଳା କରିଥିବା ୪ଜଣ ଯନ୍ତ୍ରୀଙ୍କୁ ସୋମବାର ସରକାର ଚାକିରିରୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ହୋଇଥିବା ଯନ୍ତ୍ରୀମାନେ ହେଲେ ବ୍ରହ୍ମପୁର ଇଲେକ୍ଟ୍ରିକାଲ ଡିଭିଜନ-୩ର କନିଷ୍ଠ ଯନ୍ତ୍ରୀ ଦେବାଶିଷ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱରଞ୍ଜନ ମହାପାତ୍ରଙ୍କ ସମେତ ଗଞ୍ଜାମ ଗ୍ରାମ୍ୟ ଉନ୍ନୟନ ଡିଭିଜନର ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ କନିଷ୍ଠ ଯନ୍ତ୍ରୀ ସ୍ୱରାଜ କୁମାର ପାଣିଗ୍ରାହୀ। ଏହି ଘଟଣା ପରେ ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ଅବହେଳାର ସମୀକ୍ଷା କରିଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ଦାୟିତ୍ୱରେ ଅବହେଳା କରିଥିବାରୁ ୪ଜଣ ଯନ୍ତ୍ରୀଙ୍କୁ ନିଲମ୍ବିତ କରାଯାଇଛି। ଏଣିକି ୧୧ କେ.ଭି. ବିଦ୍ୟୁତ ତାରଗୁଡିକ ଭୂମିପତ୍ତନରୁ ସର୍ବନିମ୍ନ ୨୦ ଫୁଟ ଉଚ୍ଚତାରେ ରହିବ। ରାଜ୍ୟର ସମସ୍ତ ୧୧ କେ.ଭି. ତାରଗୁଡ଼ିକୁ ଷ୍ଟାଣ୍ଡାର୍ଡ ଉଚ୍ଚତା କରିବାକୁ ବିଦ୍ୟୁତ ସର୍କଲଗୁଡିକର ଅଧୀକ୍ଷଣଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଜାଗାରେ କମ୍ ଉଚ୍ଚତାରେ ତାର ଝୁଲୁଛି ସେଠାରେ କନିଷ୍ଠଯନ୍ତ୍ରୀମାନେ ଉପରିସ୍ଥ ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେବେ। ସୂଚନା ପାଇବା ପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ, ଅନ୍ୟ ଅଧିକାରୀଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ଏବଂ ପରିବହନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଶକ୍ତିମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୋମବାର ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଉପସ୍ଥିତ ଅଧିକାରୀ।

# 'ପାରାସାଇଟ' ଶ୍ରେଷ୍ଠ ଚଳଚ୍ଚିତ୍ର

**୯୨ତମ ଓସ୍କାର ପୁରସ୍କାର**

- ଜୋଆକିନ୍ ଫୋନିକ୍ସ ଶ୍ରେଷ୍ଠ ଅଭିନେତା, ରିନି ଜେଲୱେଗର ଶ୍ରେଷ୍ଠ ଅଭିନେତ୍ରୀ





ଲସ୍ ଆଞ୍ଜେଲ୍ସ, ୧୦।୨ (ପି.ଟି.)

ଚଳିତ ବର୍ଷ ଲାଗି ବିଶ୍ୱର ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ଭାବେ ପରିଚିତ ଓସ୍କାର ପୁରସ୍କାର ଘୋଷଣା କରାଯାଇଛି। ୯୨ତମ ଓସ୍କାର ଆୱାର୍ଡ ଉତ୍ସବରେ ଦକ୍ଷିଣ କୋରିଆ ଚଳଚ୍ଚିତ୍ର 'ପାରାସାଇଟ୍'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ବିବେଚନା କରାଯାଇଛି। ଆମେରିକାର ଲସ୍ ଆଞ୍ଜେଲ୍ସ ସହରର ଡାଲ୍‌ବି ଥିଏଟରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ୱଙ୍ଗ୍ ଜୁନ୍ ହୋଙ୍କ ପାରାସାଇଟ୍‌କୁ ଶ୍ରେଷ୍ଠ ଚଳଚ୍ଚିତ୍ର ସମେତ ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ମୌଳିକ ସ୍କ୍ରିନ୍‌ପ୍ଲେ ଓ ଶ୍ରେଷ୍ଠ ଅନ୍ତର୍ଜାତୀୟ ପୁରସ୍କାର ମିଳିଛି। ସେହିପରି 'ଜୋକର' ଚଳଚ୍ଚିତ୍ରରେ ଉଚ୍ଚକୋଟୀର ଅଭିନୟ ଲାଗି ଅଭିନେତା ଜୋଆକିନ୍ ଫୋନିକ୍ସଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଛି। ସେ ଏହି ପୁରସ୍କାର ଲାଗି ଦାବିଦାର ଥିଲେ। 'ଜୁଡ଼ି' ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ଲାଗି ରିନି ଜେଲୱେଗରଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ବିବେଚିତ କରାଯାଇଛି। ପାରାସାଇଟ୍‌ର ନିର୍ଦ୍ଦେଶକ ୱଙ୍ଗ ଜୁନ୍ ହୋଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ମିଳିଥିବାବେଳେ ବ୍ରାଡ୍ ପିଟ୍ (ୱାନ୍ସ ଅପନ୍ ଏ ଟାଇମ୍ ଇନ୍ ହଲିଉଡ୍)ଙ୍କୁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା, ମ୍ୟାରେଜ୍ ଷ୍ଟୋରି ପାଇଁ ଲୌରା ଡେର୍ନଙ୍କୁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ପୁରସ୍କାର ମିଳିଛି।

ମୌଳିକ ସ୍କ୍ରିନ୍‌ପ୍ଲେରେ ପାରାସାଇଟ୍‌ର ୱଙ୍ଗ୍ ଜୁନ୍ ହୋ ଏବଂ ହାନ୍ ଜିନ ଓନ୍ ପୁରସ୍କୃତ ହୋଇଥିବାବେଳେ ରୂପାନ୍ତରିତ ସ୍କ୍ରିନ୍‌ପ୍ଲେ ପାଇଁ ଜୋଜୋ ରାବିଟ ଚଳଚ୍ଚିତ୍ରର ଟାଇକା ୱାଇଟିଟିଙ୍କୁ ବଛାଯାଇଛି। ସେହିପରି 'ଟଏ ଷ୍ଟୋରି ୪'କୁ ଶ୍ରେଷ୍ଠ ଆନିମେଟେଡ ଫିଚର ଫିଲ୍ମ ମାନ୍ୟତା ମିଳିଥିବାବେଳେ ପ୍ରମାଣିକ ଫିଚର ଭାବେ 'ଆମେରିକାନ ଫ୍ୟାକ୍ଟ୍ରି' ପୁରସ୍କୃତ ହୋଇଛି। ଲାଇଭ୍ ଆକ୍ସନ ସର୍ଟ ଫିଲ୍ମ ବର୍ଗରେ 'ଦି ନେବରସ୍ ୱିଣ୍ଡୋ, ଆନିମେଟେଡ୍ ସର୍ଟ ଫିଲ୍ମ ବର୍ଗରେ 'ହେୟାର ଲଭ୍' ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ମୂଳ ସ୍କୋର ପାଇଁ ଜୋକରର ହିଲଡୁର ଗୁଡ୍‌ନାଡୋଟ୍ଟିର, ମୂଳ ସଙ୍ଗୀତ ପାଇଁ ରକେଟମ୍ୟାନ୍ ଚଳଚ୍ଚିତ୍ରର ଲଭ୍ ମି ଏଗେନ୍‌କୁ ଶ୍ରେଷ୍ଠ ପୁରସ୍କାର ମିଳିଥିବାବେଳେ ସାଉଣ୍ଡ ମିକ୍ସିଙ୍ଗ ପାଇଁ '୧୯୧୭' ପୁରସ୍କୃତ ହୋଇଛି। ସେହିପରି 'ୱାନ୍ସ ଅପନ୍ ☞ ପୃଷ୍ଠା-୪

# ସାମ୍ବିଧାନିକ ବୈଧତାକୁ କାଏମ ରଖିଲେ ସୁପ୍ରିମକୋର୍ଟ

**ଏସ୍‌ସି/ଏସ୍‌ଟି ସଂଶୋଧନ ଆଇନ**

ନୂଆଦିଲ୍ଲୀ, ୧୦।୨ (ପି.ଟି.)

ଅନୁସୂଚିତ ଜାତି/ଜନଜାତି (ଏସ୍‌ସି/ଏସ୍‌ଟି) ସଂଶୋଧନ ଆଇନ, ୨୦୧୮ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟ ସୋମବାର କାଏମ ରଖିଛନ୍ତି। ଏହି ଆଇନରେ ଏତଲା ରୁଜୁ କରିବା ପୂର୍ବରୁ ପ୍ରାଥମିକ ତଦନ୍ତ ଜରୁରୀ ନୁହେଁ କିମ୍ବା ଏଥିପାଇଁ କୌଣସି ବରିଷ୍ଠ ପୋଲିସ ଅଧିକାରୀଙ୍କ ଅନୁମୋଦନର ଆବଶ୍ୟକତା ନାହିଁ ବୋଲି ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି। ପ୍ରତି ନାଗରିକ ଅନ୍ୟମାନଙ୍କୁ ସମାନ ଭାବେ ବ୍ୟବହାର ଦେଖାଇବା ଓ ଭ୍ରାତୃଭାବ ଚିନ୍ତାଧାରାକୁ ଅନୁପାଳନ କରିବା ଆବଶ୍ୟକ ବୋଲି ଖଣ୍ଡପୀଠର ଅନ୍ୟତମ ବିଚାରପତି ଜଷ୍ଟିସ ରବୀନ୍ଦ୍ର ଭଟ୍ଟ କହିଛନ୍ତି। ତେବେ ଏସ୍‌ସି/ଏସ୍‌ଟି ଆଇନରେ ପ୍ରାଥମିକ ଅନୁଧ୍ୟାନରୁ ଅଭିଯୋଗର ସତ୍ୟତା ନ ମିଳିଲେ ଅଦାଲତ ଆଗୁଆ ଜାମିନ ପ୍ରଦାନ କରିପାରିବେ ବୋଲି ଜଷ୍ଟିସ ଭଟ୍ଟ କହିଛନ୍ତି।

ଅନୁସୂଚିତ ଜାତି/ଜନଜାତି ସଂଶୋଧନ ଆଇନକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। କଠୋର ଆଇନ ବ୍ୟବସ୍ଥାକୁ କୋହଳ କରିବା ପାଇଁ ସୁପ୍ରିମକୋର୍ଟ ୨୦୧୮ରେ ରାୟ ଦେଇଥିବାବେଳେ ଏହାକୁ ରଦ୍ଦ କରିବା ଲାଗି କେନ୍ଦ୍ର ସରକାର ଆଇନରେ ସଂଶୋଧନ କରିଥିବା ପିଟିଶନରେ ଦର୍ଶାଯାଇଥିଲା। ଏହା ଉପରେ ରହିତାଦେଶ ଲାଗି ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଗତବର୍ଷ ଜାନୁୟାରୀରେ ଅଗ୍ରାହ୍ୟ କରିଦେଇଥିଲେ। ଏହି ଆଇନରେ ଅପରାଧୀଙ୍କୁ ଆଗୁଆ ଜାମିନ ନ ଦେବା ବ୍ୟବସ୍ଥାକୁ କାଏମ ରଖାଯାଇଥିଲା।

କଠୋର ଏସ୍‌ସି/ଏସ୍‌ଟି ଆଇନକୁ ସରକାରୀ କର୍ମଚାରୀ ଓ ଘରୋଇ ବ୍ୟକ୍ତିବିଶେଷଙ୍କ ବିରୋଧରେ ଅପବ୍ୟବହାର କରାଯାଉଥିବା ଅନୁଭବ କରି ଏତଲା ଦାଏର ପରେ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ନ କରିବା ପାଇଁ ସୁପ୍ରିମକୋର୍ଟ ୨୦୧୮ ରାୟରେ କହିଥିଲେ। ଏହାକୁ ବିରୋଧ କରି ଦେଶବ୍ୟାପୀ ହିଂସାତ୍ମକ ଆନ୍ଦୋଳନ ହୋଇଥିଲା, ଯେଉଁଥିରେ ଅନେକ ମୃତାହତ ହୋଇଥିଲେ। କୋର୍ଟଙ୍କ ଏହି ରାୟକୁ ଅକାମୀ କରିବା ପାଇଁ ପାର୍ଲାମେଣ୍ଟରେ ୨୦୧୮ ଅଗଷ୍ଟ ୯ରେ ଏକ ବିଲ୍ ଗୃହୀତ ହୋଇଥିଲା। ପରେ ସର୍ବୋଚ୍ଚ ଅଦାଲତଙ୍କ ୨୦୧୮ ମାର୍ଚ୍ଚ ରାୟର ସମୀକ୍ଷା ଲାଗି କେନ୍ଦ୍ର ସରକାର ଏକ ପିଟିଶନ ଦାଏର କରିଥିଲେ। ସଂଶୋଧିତ ଆଇନରେ ଅନୁସୂଚିତ ଜାତି/ ଜନଜାତିଙ୍କ ପ୍ରତି ଅତ୍ୟାଚାର ମାମଲାରେ ଆଗୁଆ ଜାମିନ ନ ଦେବାର ବ୍ୟବସ୍ଥା ରଖାଯାଇଥିଲା।

**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୯

**ଆଜିର ମନ୍ତବ୍ୟ**

"ଦିଲ୍ଲୀ କଲେଜ୍ କ୍ୟାମ୍ପସ୍‌ରେ ଯୌନ ନିର୍ଯାତନାକୁ ବରଦାସ୍ତ କରାଯିବନି। ଦୋଷୀଙ୍କୁ କଠୋର ଦଣ୍ଡ ମିଳିବ।

–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

# କରୋନା ଯୋଗୁ ପ୍ରଭାବିତ ହେବନି ଟିଏଫ୍‌ଏଲ୍ କାମ

- ଖୁବ୍‌ଶୀଘ୍ର ଆରମ୍ଭ ହେବ ମୁଖ୍ୟ ପ୍ଲାଣ୍ଟ କାର୍ଯ୍ୟ
- ୨୦୨୩ ସେପ୍ଟେମ୍ବର ସୁଦ୍ଧା ହେବ ଉତ୍ପାଦନ

ତାଳଚେର, ୧୦।୨ (ନି.ପ୍ର.)–

ଅନୁଗୋଳ ଜିଲା ତାଳଚେରସ୍ଥିତ ସାର କାରଖାନା (ନୂତନ ନାମ ତାଳଚେର ଫର୍ଟିଲାଇଜର ଲିମିଟେଡ ବା ଟିଏଫ୍‌ଏଲ୍)ର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଇତିମଧ୍ୟରେ ପ୍ରକଳ୍ପ ପୂର୍ବର ସମସ୍ତ ନିର୍ମାଣ କାମ ପ୍ରାୟତଃ ସରିଆସିଲାଣି। ଟିଏଫ୍‌ଏଲ୍ କର୍ତ୍ତୃପକ୍ଷ ମୁଖ୍ୟ ପ୍ଲାଣ୍ଟ ନିର୍ମାଣ ପାଇଁ ଜୋରଦାର ପଦକ୍ଷେପ ନେଉଥିବାରୁ ଏହା ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟ ୨୦୨୩ ସେପ୍ଟେମ୍ବରରେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବ ବୋଲି ସୋମବାର ଟିଏଫ୍‌ଏଲ୍‌ର ସିଇଓ ପାର୍ଥ ଜାନା ସୋମବାର ଖବରଦାତାଙ୍କ ସହ ଅନୌପଚାରିକ ସାକ୍ଷାତ ବେଳେ ସୂଚନା ଦେଇଛନ୍ତି। ଚାଇନାର ଉହାନ ଇଞ୍ଜିନିୟରିଂକୁ ଏହି ନିର୍ମାଣ କାର୍ଯ୍ୟ ପ୍ରଦାନ କରାଯାଇଛି। ଏବେ ଚାଇନାରେ କରୋନା ଭାଇରସ୍ ଭୟାନକ ରୂପ ନେଇଥିଲେ ବି ଏଠାରେ କମ୍ପାନୀର କାର୍ଯ୍ୟ ବିଳମ୍ବ ବା ବାଧାପ୍ରାପ୍ତ ହେବ ନାହିଁ ବୋଲି ଟିଏଫ୍‌ଏଲ୍ ସିଇଓ ଜାନା ସ୍ପଷ୍ଟ କରିଛନ୍ତି।

ସିଇଓ ଜାନା କହିଛନ୍ତି ଯେ, ତାଳଚେର ଫର୍ଟିଲାଇଜର ଲିମିଟେଡର ମୁଖ୍ୟ ପ୍ଲାଣ୍ଟ ନିର୍ମାଣ ହେବା ପୂର୍ବରୁ ସେଠାରେ ରାସ୍ତା, ଗେଷ୍ଟହାଉସ ଆଡମିନଷ୍ଟ୍ରେଟିଂ ବିଲ୍ଡିଂ, ୱାଟର ପାଇପ୍ ଲାଇନ, ପାୱାର ସପ୍ଲାଇ କାମ ଜୋରସୋରରେ ଚାଲିଛି। କେତେକର କାର୍ଯ୍ୟ ପ୍ରାୟତଃ ଶେଷ ହେବା ଉପରେ। ଏହାପରେ ମୁଖ୍ୟ ପ୍ରକଳ୍ପ କାମ ଆରମ୍ଭ ହେବ। ଉହାନ ଇଞ୍ଜିନିୟରିଂ କମ୍ପାନୀର କେତେଜଣ ଅଧିକାରୀ, କର୍ମଚାରୀ ଏଠାରେ କିଛିଦିନ କାମ କରିବା ପରେ ଚାଇନିଜ ନ୍ୟୁଇୟର ପାଳନ ପାଇଁ ଗତ ଜାନୁୟାରୀ ୨୦ରେ ଚାଇନା ଯାଇଥିଲେ। କିନ୍ତୁ ଏବେ ଚାଇନାରେ ଭୟଙ୍କର ରୂପ ନେଇଥିବା କରୋନା ଭାଇରସ ଯୋଗୁ ସେମାନେ ତାଳଚେର ଆସିପାରୁ ନାହାନ୍ତି। ଏହାଦ୍ୱାରା ପ୍ରକଳ୍ପ କାମ ଅଗ୍ରଗତିରେ ବିଳମ୍ବ ହେବ ବୋଲି ସାଧାରଣରେ ଆଶଙ୍କା ଦେଖାଦେଇଛି। କିନ୍ତୁ କମ୍ପାନୀ ଅଧିକାରୀମାନେ ଚାଇନାରୁ ଭିଡିଓ କନଫରେନ୍ସ ମାଧ୍ୟମରେ କାର୍ଯ୍ୟ ତଦାରଖ କରୁଥିବା ଟିଏଲ୍‌ଏଫ୍ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ରାଜ୍ୟ ସରକାରଙ୍କ ସମସ୍ତ ସହଯୋଗ ମିଳୁଥିବାରୁ ପ୍ଲାଣ୍ଟର ମୁଖ୍ୟ ସିଭିଲ ୱାର୍କ ୨୦୨୦ ଜୁଲାଇରୁ ଆରମ୍ଭ ହେବ। ବ୍ରାହ୍ମଣୀ ଇନ୍‌ଟେକ ପମ୍ପହାଉସ୍‌କୁ ବିଦ୍ୟୁତ୍ ସଂଯୋଗ ପାଇଁ ସେସୁକୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟ ପ୍ଲାଣ୍ଟ ନିମନ୍ତେ ୯୦ ମେଗାୱାଟ ବିଦ୍ୟୁତ୍ ଆବଶ୍ୟକ। ଓପିଟିସିଏଲ୍ ଏଥିପାଇଁ ସର୍ଭେ କାମ ଚଳାଇଛି। ପ୍ଲାଣ୍ଟର ସଏଲ ଟେଷ୍ଟିଂ ଓ ଡିଜାଇନ କାମ ଚାଲୁ ରହିଛି ବୋଲି ଟିଏଫ୍‌ଏଲ୍ ସିଇଓ ପ୍ରକାଶ କରିଛନ୍ତି।

# ଆଉ ଦୁଇଦିନ ଥଣ୍ଡା ୬ ଜିଲାରେ ଶୀତ ଲହରି

ଭୁବନେଶ୍ୱର, ୧୦।୨ (ବ୍ୟୁରୋ)

ଦକ୍ଷିଣ ତାମିଲନାଡୁ, ଛତିଶଗଡ଼ ଓ ବିଦର୍ଭ ମଧ୍ୟରେ ଏକ ଟ୍ରପଲାଇନ ସୃଷ୍ଟି ହେବା ସହିତ ବିହାର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ଯୋଗୁ ଗତ ୩/୪ ଦିନ ବର୍ଷା ସାଙ୍ଗକୁ କୋହଲା ପବନ ରାଜ୍ୟରେ ଏକ ଅଦିନିଆ ଶୀତର ଅନୁଭୂତି ଆଣି ଦେଇଛି। ସୋମବାରଠାରୁ ବର୍ଷା ନାହିଁ କିନ୍ତୁ ଶୀତର ପ୍ରକୋପ ବଢ଼ି ଯାଇଛି। ସର୍ବନିମ୍ନ ତାପମାତ୍ରା ୩ ରୁ ୪ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ରାତ୍ରିର ତାପମାତ୍ରା ହ୍ରାସ ପାଇବ। ଏପରିକି କେତେକ ସ୍ଥାନରେ ଶୀତ ଲହରି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନୁଗୋଳ, ବାଲେଶ୍ୱର, ସୋନପୁର, ଝାରସୁଗୁଡା, ବଲାଙ୍ଗୀର ଏବଂ ସମ୍ବଲପୁର ଜିଲାର କେତେକ ସ୍ଥାନରେ ଶୀତ ଲହରି ପ୍ରବାହିତ ହେବ। ଏଥିସହିତ ସୋନପୁର, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ରାୟଗଡା ଏବଂ ମାଲକାନଗିରି ଜିଲାର କେତେକ ସ୍ଥାନରେ କୁହୁଡି ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ନିଂ ଜାରି କରାଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳରେ ସର୍ବନିମ୍ନ ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୯, ଝାରସୁଗୁଡା ୯.୬, ଟିଟିଲାଗଡ ୧୦, ସମ୍ବଲପୁର ୧୦ ଏବଂ କେନ୍ଦୁଝର ଜିଲାରେ ୧୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

OFFICE OF THE TRANSPORT COMMISSIONER-CUM-CHAIRMAN
STATE TRANSPORT AUTHORITY, ODISHA, CUTTACK

**CORRIGENDUM**

In the advertisement published in the newspaper "Samaj" and "Dharitri" and English newspaper "The Times of India" on 05.02.2020 it was mentioned that "for inter-region routes applications shall be made online in OPMS only" which is hereby withdrawn. The bus owners may submit applications for permanent permit on vacant inter-region routes may file application manually in prescribed form in this office.

Secretary
State Transport Authority
Odisha, Cuttack





Vencobb FRESH CHICKEN — Taste the difference!

10.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 59 | 105 | 115 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 63 | 110 | 120 |
| ANG | 64 | 111 | 121 |
| BHM | 58 | 103 | 113 |

*Conditions Apply

Issued in the Interest of Consumers



"ନେହା କକ୍କର ଓ ଆଦିତ୍ୟ ନାରାୟଣଙ୍କ ବାହାଘର ଗୁଜବ କେବଳ 'ଇଣ୍ଡିଆନ୍ ଆଇଡଲ'ର ଟିଆର୍‌ପି ବଢ଼ାଇବା ଲାଗି ଉଦ୍ଦିଷ୍ଟ।
- ଉଦିତ୍ ନାରାୟଣ, ପ୍ରଚ୍ଛଦପଟ ଗାୟକ

# ବିଲ୍ ଗେଟ୍‌ସ କିଣିଲେ ସୁପର ୟାଟ୍
## ଦାମ୍ ୪୬୧୨ କୋଟି



**ନ୍ୟୁୟର୍କ:** ପୃଥିବୀର ଦ୍ୱିତୀୟ ଧନୀକ ବିଲ୍ ଗେଟ୍‌ସ ଏକ ସୁପର ୟାଟ୍ କିଣିଛନ୍ତି। ଏହାର ଦାମ ୪୬୧୨କୋଟି ଟଙ୍କା ରହିଛି। ଏହା ତରଳ ହାଇଡ୍ରୋଜେନ୍ ଇନ୍ଧନରେ ଚାଲିବ। ଥରେ ଟାଙ୍କି ଫୁଲ୍ କଲେ ୟାଟ୍ ୬ ହଜାର ୫୦୦ କିମି ଯାତ୍ରା କରିପାରିବ। ଏହି ବିଳାସପୂର୍ଣ୍ଣ ୟାଟ୍‌ର ଲମ୍ବ ୩୭୦ ଫୁଟ। ଏଥିରେ ୧୪ ଜଣ ଗେଷ୍ଟ ତଥା ୩୧ କ୍ରୁ ମେମ୍ବରଙ୍କ ରହିବା ପାଇଁ ସମସ୍ତ ପ୍ରକାର ସୁବିଧା ରହିଛି। ଏଥିରେ ଦୁଇଟି ୨୮ ଟନ୍ ଓଜନର ଭାକ୍ୟୁମ୍ ସିଲଡ୍ ଇନ୍ଧନ ଟାଙ୍କି ରହିଛି। ପ୍ରତି ଟାଙ୍କିରେ ମାଇନସ୍ ୨୫୩ ଡିଗ୍ରୀ ତାପମାତ୍ରାରେ ତରଳ ହାଇଡ୍ରୋଜେନ୍ ରହିଛି। ଫେବୃୟାରୀ ୯ ସୁଦ୍ଧା ବିଲ୍ ଗେଟ୍‌ସଙ୍କ ସମ୍ପତ୍ତି ପରିମାଣ ୧୧୨.୪ ବିଲିୟନ୍ ଡଲାର ରହିଛି। ତାଙ୍କ ଉପରେ ଜେଫ୍ ବୋଜେସ୍ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତି ପରିମାଣ ୧୨୬.୮ ବିଲିୟନ୍ ଡଲାର ରହିଛି।

# ଲଗାତର ୨୩ ଘଣ୍ଟା ଶୁଟିଂ କଲେ ଅନନ୍ୟା



**ମୁମ୍ବାଇ:** ବି-ଟାଉନ୍‌ରେ ଆଜିକାଲି ଷ୍ଟାର୍ କିଡ୍‌ଙ୍କ ସମୟ ଚାଲିଛି। ବଲିଉଡ୍‌ରେ ପରିବାରବାଦର ଦବ୍‌ଦବା ଚାଲିଥିବା ନେଇ ଅନେକ ସମୟରେ ବିବାଦ ଓ ଚର୍ଚ୍ଚା ଲାଗି ରହିଥାଏ। ତେବେ ଏହାକୁ ସବୁବେଳେ ଖଣ୍ଡନ କରିଆସିଛନ୍ତି ଫେମସ୍ ଷ୍ଟାର୍ କିଡ୍ ତଥା ଆକ୍ଟ୍ରେସ୍ ଅନନ୍ୟା ପାଣ୍ଡେ। ଷ୍ଟାର୍ କିଡ୍‌ଙ୍କୁ ମଧ୍ୟ ପରିଶ୍ରମ କରିବାକୁ ପଡ଼େ ଏବଂ ବିନା ପରିଶ୍ରମରେ ବଲିଉଡ୍‌ରେ କିଛି ମିଳେନା ବୋଲି ଯୁକ୍ତି ରଖିଆସିଛନ୍ତି ଅନନ୍ୟା। ତେବେ ଖାଲି କଥାରେ ନୁହେଁ କାମରେ ମଧ୍ୟ ସେ ଏହି ଯୁକ୍ତିକୁ ପ୍ରମାଣିତ କରିଦେଖାଇଛନ୍ତି। ଅନନ୍ୟା ନିଜ କାମରେ କେବେ କମ୍ପ୍ରୋମାଇଜ୍ କରନ୍ତି ନାହିଁ।

ଅଭିନେତା ଚଙ୍କି ପାଣ୍ଡେଙ୍କ ଝିଅ ଅନନ୍ୟା ପାଣ୍ଡେ ସବୁବେଳେ ନିଜ ପ୍ରଫେଶନାଲ କମିଟ୍‌ମେଣ୍ଟ ପୂରା କରିଥାନ୍ତି। ନିଜ ଶୁଟିଂ ସିଡ୍ୟୁଲ୍ କେବେ ମିସ୍ କରନ୍ତିନି ସେ। ନିକଟରେ ନିଜ ଅପ୍‌କମିଂ ଫିଲ୍ମର ଏକ ଶୁଟିଂ ସିଡ୍ୟୁଲ୍‌ରେ ସେ ଲଗାତର ୨୩ ଘଣ୍ଟାରୁ ଅଧିକ ଶୁଟିଂ କରି ଚର୍ଚ୍ଚାକୁ ଆସିଛନ୍ତି। ଅନନ୍ୟା ଆଜିକାଲି ଖୁବ୍ ବ୍ୟସ୍ତ। ବ୍ୟସ୍ତ ସିଡ୍ୟୁଲ୍ ଥିଲେ ସାଧାରଣତଃ ବି-ଟାଉନ୍ ହିରୋଇନ୍‌ମାନେ ସବୁ କମିଟ୍‌ମେଣ୍ଟ ରଖି ପାରନ୍ତି ନାହିଁ। ହେଲେ ଅନନ୍ୟା ଯେତେ ବ୍ୟସ୍ତ ଥିଲେ ମଧ୍ୟ ନିଜର ସବୁ ଶୁଟିଂ ସାରନ୍ତି। ଦରକାର ପଡ଼ିଲେ ଲଗାତର ଦିନରାତି କାମ କରିବାକୁ ପଛାନ୍ତି ନାହିଁ।

ଏକ ସୂତ୍ରରୁ ଜଣାପଡ଼ିଛି, ଅନନ୍ୟା ଏବେ ଗୋଟିଏ ଗୀତର ଶୁଟିଂ କରୁଥିବାବେଳେ ପୂର୍ବ ନିର୍ଦ୍ଧାରିତ ଇଭେଣ୍ଟରେ ମଧ୍ୟ ଯୋଗଦେଉଛନ୍ତି। ସେହିପରି ସ୍କ୍ରିପ୍ଟର ରିଡିଂ ସେସନରେ ମଧ୍ୟ ଉପସ୍ଥିତ ରହୁଛନ୍ତି। କେବଳ ଏତିକି ନୁହେଁ, ୨୦୨୦ରେ ରିଲିଜ୍ ହେବାକୁ ଥିବା ଏକାଧିକ ଫିଲ୍ମ ପାଇଁ ସେ ଶୁଟିଂ ମଧ୍ୟ ଜାରି ରଖିଛନ୍ତି। ଫେବୃୟାରୀ ଶେଷରେ ସେ ଆଗାମୀ ଫିଲ୍ମଗୁଡ଼ିକ ପାଇଁ ଶୁଟିଂ ଆରମ୍ଭ କରିଦେବେ। ଏଥିରୁ ସ୍ପଷ୍ଟ ଯେ, ପରିଶ୍ରମୀ ଅନନ୍ୟାଙ୍କ ପାଖରେ ଡେଟ୍‌ସ ପ୍ରୋବ୍ଲେମ୍‌ଟି ନାହିଁ। ସେ ଯେତେ ବ୍ୟସ୍ତ ଥିଲେ ମଧ୍ୟ ସବୁ କାମ ଅଧିକା ପରିଶ୍ରମ କରି ସାରିଦିଅନ୍ତି। ଅନ୍ୟପଟେ ଅନନ୍ୟା ଖୁବ୍‌ଶୀଘ୍ର ଇଶାନ୍ ଖଟ୍ଟରଙ୍କ ଅପୋଜିଟ୍‌ରେ 'ଖାଲି ପିଲି' ଫିଲ୍ମରେ ନଜରକୁ ଆସିବେ। ଏହାବ୍ୟତୀତ ସେ ଆଉ ଏକ ଫିଲ୍ମ ମଧ୍ୟ ସାଇନ୍ କରିଛନ୍ତି, ଯେଉଁଥିରେ ସିଦ୍ଧାନ୍ତ ଚତୁର୍ବେଦୀ ଓ ଦୀପିକା ପାଦୁକୋନ୍ ମୁଖ୍ୟ ଭୂମିକାରେ ଅଛନ୍ତି।

# ବିଶ୍ୱ ବିକାଶରେ ବିଜ୍ଞାନ ଓ ମହିଳା

## ଇଣ୍ଟର୍‌ନ୍ୟାଶନାଲ ଡେ' ଅଫ୍ ଓମେନ ଆଣ୍ଡ୍ ଗର୍ଲ୍ସ ଇନ୍ ସାଇନ୍ସ



ପ୍ରତିବର୍ଷ ଫେବୃୟାରୀ ୧୧ରେ ବିଶ୍ୱରେ 'ଇଣ୍ଟର୍‌ନ୍ୟାଶନାଲ ଡେ' ଅଫ୍ ଓମେନ ଆଣ୍ଡ୍ ଗର୍ଲ୍ସ ଇନ୍ ସାଇନ୍ସ' (ବିଜ୍ଞାନରେ ମହିଳା ଓ ବାଳିକାଙ୍କ ଅନ୍ତର୍ଜାତୀୟ ଦିବସ) ପାଳନ କରାଯାଉଛି। ୨୨ ଡିସେମ୍ବର,୨୦୧୫ରେ ଜାତିସଂଘ ସାଧାରଣ ପରିଷଦର ପ୍ରସ୍ତାବ କ୍ରମେ ଏହି ଦିବସ ପାଳନ ହେଉଛି। ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ମହିଳା ଓ ବାଳିକାଙ୍କ ଯୋଗଦାନକୁ ବଢ଼ାଇବା ସହ ଲିଙ୍ଗଗତ ସମାନତା ପ୍ରଦାନ ତଥା ସଶକ୍ତ କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ବିଭିନ୍ନ ଦେଶର ସରକାର ତଥା ଅନୁଷ୍ଠାନଗୁଡ଼ିକ ସହଯୋଗରେ ଏହା ପାଳନ କରିବା ଲାଗି ପ୍ରତିବର୍ଷ ୟୁନେସ୍କୋ ଓ ୟୁଏନ୍ ଓମେନ୍ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅବସରରେ ବିଜ୍ଞାନରେ ମହିଳା ତଥା ବାଳିକାଙ୍କ ଭୂମିକାକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରାଯିବା ସହ ଏକ୍ଷେତ୍ରରେ ଏମାନେ କିପରି ସମାନ ଓ ପୂର୍ଣ୍ଣ ଯୋଗଦାନ ହାସଲ ପାଇପାରିବେ ସେଥିପାଇଁ ଏମାନଙ୍କୁ ଉତ୍ସାହିତ କରାଯାଏ।

୨୦୩୦ ସୁଦ୍ଧା ବିଶ୍ୱରେ ସାମଗ୍ରିକ ବିକାଶ ହାସଲ କରିବା ପାଇଁ ପ୍ରସ୍ତୁତ କରାଯାଇଥିବା ଯୋଜନାକୁ ସଫଳ କରିବା ଲାଗି ବିଜ୍ଞାନର ଭୂମିକା ରହିଛି। ଏ କ୍ଷେତ୍ରରେ ଲିଙ୍ଗଗତ ସମାନତାର ଆବଶ୍ୟକତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଗତ ୧୫ ବର୍ଷ ମଧ୍ୟରେ ବିଶ୍ୱ ସମୁଦାୟ ବିଜ୍ଞାନରେ ମହିଳା ଓ ବାଳିକାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। କିନ୍ତୁ ଏଯାବତ ବିଜ୍ଞାନରେ ଏମାନେ ସମ୍ପୂର୍ଣ୍ଣ ଭାବେ ଭାଗ ନେଇପାରିନାହାନ୍ତି। ବିଶ୍ୱରେ ବିଜ୍ଞାନ କ୍ଷେତ୍ରରେ ଏବେ ମହିଳା ଗବେଷକଙ୍କ ସଂଖ୍ୟା ୩୦ ପ୍ରତିଶତରୁ କମ୍। ୟୁନେସ୍କୋ ତଥ୍ୟ (୨୦୧୪-୨୦୧୬)ଅନୁଯାୟୀ ବିଜ୍ଞାନ ସମ୍ପର୍କିତ ଉଚ୍ଚତର ଶିକ୍ଷା ଗ୍ରହଣ କରିବା ପାଇଁ ପାଖାପାଖି ୩୦ ପ୍ରତିଶତ ଛାତ୍ରୀ ପସନ୍ଦ କରୁଛନ୍ତି। ବିଶ୍ୱରେ ଆଇସିଟିରେ ୩ ପ୍ରତିଶତ,ନ୍ୟାଚୁରାଲ ସାଇନ୍ସ, ଗଣିତ ଏବଂ ଷ୍ଟାଟିଷ୍ଟିକ୍ସରେ ୫ ପ୍ରତିଶତ ଏବଂ ବୈଷୟିକ, ଉତ୍ପାଦନ ଓ ନିର୍ମାଣ ସମ୍ବନ୍ଧିତ ବିଷୟରେ ୮ ପ୍ରତିଶତ ପଢୁଛନ୍ତି। କୁହାଯାଇଛି ଯେ,ପକ୍ଷପାତ ତଥା ଲିଙ୍ଗଗତ ଅସମାନତାର ପ୍ରଭାବ ମହିଳା ଓ ବାଳିକାମାନଙ୍କୁ ବିଜ୍ଞାନ ସମ୍ବନ୍ଧିତ କ୍ଷେତ୍ରରୁ ଦୂରେଇ ନେଉଛି। ବିଶ୍ୱରେ ତ୍ୱରିତ ବିକାଶ ଲାଗି ବିଜ୍ଞାନ କ୍ଷେତ୍ରରେ ଆବଶ୍ୟକ ମହିଳା ଏଯାବତ୍ ହାସଲ କରାଯାଇପାରିନି। ମହିଳା ଓ ବାଳିକା ବିଶ୍ୱର ମୋଟ ଜନସଂଖ୍ୟାର ଅଧା ଓ ଏମାନେ ସମାନତାର ମୌଳିକ ଅଧିକାର ପାଇପାରିଲେ ୨୦୩୦ ସୁଦ୍ଧା ବୈଶ୍ୱିକ ବିକାଶ ଲକ୍ଷ୍ୟ ପୂରଣ ହୋଇପାରିବ। ଏକବିଂଶ ଶତାବ୍ଦୀର ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଆମକୁ ପୂରା ଦମରେ ଲାଗିଯିବାକୁ ପଡିବ। ଏଥିପାଇଁ ଲିଙ୍ଗଗତ ପ୍ରଭେଦକୁ ଦୂରକରିବାକୁ ହେବ।ଏଣୁ ଆଜିର ଦିବସରେ ଆସନ୍ତୁ ଆମେ ଏଥିଲାଗି ବିଜ୍ଞାନରେ ଥିବା ଲିଙ୍ଗଗତ ପ୍ରଭେଦକୁ ଦୂର କରିବା ଲାଗି ଶପଥନେବା ବୋଲି କହିଛନ୍ତି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍।

# ୧.୩ ଟନ୍ ବାରୁଦ ଦେଢ଼ କି.ମି. ଉପରେ ଫୁଟିଲା

## ବାଣଫୁଟାରେ ରେକର୍ଡ



**ୱାଶିଂଟନ:** ଆମେରିକାରେ ବାଣଫୁଟାରେ ଏକ ରେକର୍ଡ ହୋଇଛି। ଏହି ବାଣ ଭୂପୃଷ୍ଠଠାରୁ ଦେଢ଼ କି.ମି. ଉପରେ ଫୁଟିଛି। କୋଲୋରାଡାରେ ହୋଇଥିବା ୱିଣ୍ଟର ଫେଷ୍ଟିଭାଲ୍‌ରେ ଏଭଳି କରାଯାଇଛି। ୧.୩ ଟନ୍ ବାରୁଦରେ ଏହି ବାଣ ତିଆରି ହୋଇଥିଲା। ଏହି ବାଣର ଉଚ୍ଚତା ୬୨ ଇଞ୍ଚ ଥିଲା। ଏହାକୁ ଗିନିଜ୍ ବୁକ୍ ପକ୍ଷରୁ ପ୍ରମାଣପତ୍ର ମିଳିଛି। ଏକ ୨୬ ଫୁଟ ଷ୍ଟିଲ୍ ଟ୍ୟୁବ୍‌ରେ ଏହି ବାଣକୁ ରଖି ଏଥିରେ ନିଆଁ ଲଗାଯାଇଥିଲା। ଏହା ଘଣ୍ଟାପ୍ରତି ୪୮୨ କି.ମି. ବେଗରେ ଆକାଶକୁ ଯାଇ ଫୁଟି ଥିଲା। ଏହା ପୂର୍ବରୁ ବାଣଫୁଟା ରେକର୍ଡ ୟୁଏଇ ନାମରେ ଥିଲା। ଏଠାରେ ୨୦୧୮ରେ ହଜାରେ ୮୭ କି.ଗ୍ରା. ବାରୁଦରେ ବାଣ ତିଆରି କରାଯାଇ ଫୁଟାଯାଇଥିଲା।



ଓସ୍କାର ୨୦୨୦ରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଥିବା ଫିଲ୍ମ 'ପାରାସାଇଟ୍'ର ଏକ ଦୃଶ୍ୟ।



# ୧୩ ମିଲିମିଟରର ଷ୍ଟାଚ୍ୟୁ ଅଫ୍ ୟୁନିଟ୍

ସୁରଟ: ସୁରଟରେ ୮ଜଣ ବନ୍ଧୁ ମିଳିତ ଭାବେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଷ୍ଟାଚ୍ୟୁ ଅଫ୍ ୟୁନିଟ୍‌ର ୧୩ ମିଲିମିଟର ଉଚ୍ଚତା ବିଶିଷ୍ଟ ଏକ ଷ୍ଟାଚ୍ୟୁ ଅଫ୍ ୟୁନିଟ୍ କଳାକୃତି ନିର୍ମାଣ କରିଛନ୍ତି। ଏହା ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେବାରେ ଲାଗିଛି। ଏହାର ଓଜନ ୦.୮ ଗ୍ରାମ୍ ରହିଛି। ୧୮୨ ମିଟର ଉଚ୍ଚତା ବିଶିଷ୍ଟ ପ୍ରକୃତ ଷ୍ଟାଚ୍ୟୁ ଅଫ୍ ୟୁନିଟ୍‌ର ଏକ ଛୋଟ ନମୂନା ନିର୍ମାଣ ପାଇଁ ସେମାନେ ଚିନ୍ତା କରିଥିଲେ। ତେଣୁ ପ୍ରକୃତ ଷ୍ଟାଚ୍ୟୁ ଅଫ୍ ୟୁନିଟ୍‌ର ଫଟୋ, ୩-ଡି ଫଟୋ, ଡିଜିଟାଲ ଫଟୋ ଆଦି ପ୍ରସ୍ତୁତ କରାଯିବା ପରେ ୮ ବନ୍ଧୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ।

# ଭାଲେଣ୍ଟାଇନ୍ସ ୱିକ୍‌ର ପ୍ରୋମିସ୍ ଡେ'

## କେହି କାହା ହାତ ନ ଛାଡ଼ିବା ପାଇଁ ପ୍ରେମୀଯୁଗଳ ନିଅନ୍ତି ପ୍ରତିଜ୍ଞା



**ନୂଆଦିଲ୍ଲୀ:** ବର୍ତ୍ତମାନ ଚାଲିଛି ଭାଲେଣ୍ଟାଇନ୍ସ ୱିକ୍ ବା ପ୍ରେମ ସପ୍ତାହ। ପ୍ରେମୀଯୁଗଳ ଏହି ସପ୍ତାହରେ ଅସୁମାରୀ ସ୍ୱପ୍ନ ଦେଖିଥାନ୍ତି। ନିଜର ସାଥୀ ସହ ପ୍ରତି ମୁହୂର୍ତ୍ତକୁ କେମିତି ସ୍ପେଶାଲ ବା ସ୍ମରଣୀୟ କରିବେ ସେ ନେଇ ବେଶ୍ ଉତ୍ସାହିତ ରହିଥାନ୍ତି। ଖାସ୍ ଏଥିପାଇଁ ତ ପ୍ରଥମ ଦିନ ରୋଜ୍ ଡେ', ଦ୍ୱିତୀୟ ଦିନ ପ୍ରପୋଜ ଡେ', ତୃତୀୟ ଦିନ ଚକୋଲେଟ୍ ଡେ', ଚତୁର୍ଥ ଦିନ ଟେଡି ଡେ' ପାଳନ କରି ସ୍ମୃତିକୁ ତାଜା କରିସାରିଛନ୍ତି। ୫ମ ଦିବସକୁ ପ୍ରୋମିସ୍ ଡେ' ବା ଶପଥ ଦିବସ ଭାବେ ପାଳନ କରିଥାନ୍ତି ଦୁଇ ପ୍ରେମପକ୍ଷୀ। ଏହିଦିନ ଜଣେ ଜଣଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ଭଲପାଇବା, ବିଶ୍ୱାସ ନେଇ ଆଗକୁ ବଢ଼ିବାର ବଜ୍ର ଶପଥ ନେଇଥାନ୍ତି। ଏହାଦ୍ୱାରା ପ୍ରେମ ସମ୍ପର୍କ ଆହୁରି ମଜ୍‌ଭୁତ ହୁଏ। ଭବିଷ୍ୟତରେ ହାତ ଧରି ଏକାଠି ବାଟ ଚାଲିବାର ଦୃଢ଼ ପ୍ରତିଶ୍ରୁତି ନେଇ ଆଗକୁ ବଢ଼ି ଚାଲିଥାନ୍ତି ପ୍ରେମୀଯୁଗଳ। କୌଣସି ପରିସ୍ଥିତିରେ କେହି କାହା ହାତ ନ ଛାଡ଼ିବା ପାଇଁ ପ୍ରତିଜ୍ଞା କରିଥାନ୍ତି।

# ୪ର୍ଥ ଶ୍ରେଣୀ ଛାତ୍ରୀ ତିଆରି କଲେ ଆଣ୍ଟି ବୁଲିଂ ଆପ୍



**ଶିଲଂ:** ଅସୁବିଧା ନୂଆ ନୂଆ ଉଦ୍‌ଭାବନ ପାଇଁ ବାଟ କଢ଼ାଇଥାଏ। ମେଘାଳୟର ଜଣେ ଛାତ୍ରୀ କ୍ଷେତ୍ରରେ ଏହା ସତ୍ୟରେ ପରିଣତ ହୋଇଛି। ୯ବର୍ଷ ବୟସ୍କା ୪ର୍ଥ ଶ୍ରେଣୀ ଛାତ୍ରୀ ମୌଦାଇବାହୁନ ମୋଞ୍ଜାଙ୍କୁ ତାଙ୍କ ସହପାଠୀ ଧମକ ଚମକ ଦେବା ସହିତ ନାନା ପ୍ରକାର ହଇରାଣ କରୁଥିଲେ। ଏଥିରୁ ନିସ୍ତାର ପାଇବା ଲାଗି ସେ ଆଣ୍ଟି ବୁଲିଙ୍ଗ୍ ମୋବାଇଲ୍ ଆପ୍ ତିଆରି କରିଛନ୍ତି। ଏହି ଆପ୍ ଦ୍ୱାରା ସେ ସ୍କୁଲ ଅଧିକାରୀଙ୍କୁ ତାଙ୍କୁ ହଇରାଣ କରୁଥିବା ସହପାଠୀଙ୍କ ସମ୍ପର୍କରେ ସହଜରେ ଜଣାଇ ପାରିବେ। ତେବେ ମୌଦାଇବାହୁନଙ୍କ ଏହି ନୂଆ ଉଦ୍‌ଭାବନ ଅନ୍ୟମାନଙ୍କ ଲାଗି ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରିବ ବୋଲି କୁହାଯାଉଛି। ଏହି ନୂତନ ଆଣ୍ଟି ବୁଲିଂ ଆପ୍ ତିଆରି କରି ସେ ଏବେ ସୋସିଆଲ୍ ମିଡ଼ିଆରେ ଚର୍ଚ୍ଚାର କେନ୍ଦ୍ର ପାଲଟିଛନ୍ତି।

## ଦାମୀ କାର୍, ୧୧ ଲକ୍ଷ ଯୌତୁକକୁ ନା
# ବର ଗ୍ରହଣ କଲେ ମାତ୍ର ୧୦୧ ଟଙ୍କା



**କୋଟା:** ବାହାଘରରେ ଜଣେ ବର ତାଙ୍କୁ ଶ୍ୱଶୁର ଘର ପକ୍ଷରୁ ମିଳିଥିବା ୨୧ ଲକ୍ଷ ଟଙ୍କାର ବିଳାସପୂର୍ଣ୍ଣ କାର ଏବଂ ୧୧ ଲକ୍ଷ ଟଙ୍କାର ଯୌତୁକ ନେବାକୁ ମନା କରିଦେଇଛନ୍ତି। କେବଳ ୧୦୧ ଟଙ୍କା ଗ୍ରହଣ କରି ସେ ବିବାହ କରିବାକୁ ମନସ୍ଥ କରିଛନ୍ତି। ଅଜ୍‌ମେର ବାସିନ୍ଦା ମୟଙ୍କ ଗୁର୍ଜରଙ୍କ ବିବାହ ଆସନ୍ତା ରବିବାର ଦିନ ସୁରଟ୍‌ର କନ୍ୟା ମୁକ୍ତାଙ୍କ ସହିତ ସମ୍ପନ୍ନ ହେବ। ବାହାଘର ପୂର୍ବରୁ ହୋଇଥିବା ନିର୍ବନ୍ଧରେ ବରଙ୍କୁ ଏସବୁ ଉପହାର ମିଳିବ ବୋଲି କନ୍ୟାପକ୍ଷ ସୂଚନା ଦେଇଥିଲେ। ତେବେ ଏସବୁ ନେବାକୁ ମୟଙ୍କ ଅରାଜି ହୋଇଛନ୍ତି। ସେ କେବଳ ୧୦୧ ଟଙ୍କା ଉପହାର ନେବାକୁ କହିଛନ୍ତି। ମୟଙ୍କଙ୍କ କଥାରେ ତାଙ୍କ ପିତା ରାମସୁଖ ଗୁର୍ଜର ମଧ୍ୟ ସହମତି ପ୍ରକାଶ କରିଥିଲେ। ବିନା ଯୌତୁକରେ ବୋହୂ ନେବାକୁ ସେମାନେ କହିଛନ୍ତି। ଏବେ ଏହା ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।




# ଶପଥ ନେଲେ ବିଚାରପତି ସଞ୍ଜୀବ ପାଣିଗ୍ରାହୀ

- ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି କରାଇଲେ ଶପଥପାଠ
- ୧୪ରେ ପହଞ୍ଚିଲା ବିଚାରପତିଙ୍କ ସଂଖ୍ୟା

**କଟକ ଅଫିସ,୧୦।୨**

ଓଡ଼ିଶା ହାଇକୋର୍ଟରେ ନୂତନ ବିଚାରପତି ଭାବେ ସୋମବାର ଅପରାହ୍ନରେ ଶପଥ ଗ୍ରହଣ କରିଛନ୍ତି ସଞ୍ଜୀବ କୁମାର ପାଣିଗ୍ରାହୀ। ହାଇକୋର୍ଟ ପୁରୁଣା କୋଠାର ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା ଯୋଗଦେଇ ପାଣିଗ୍ରାହୀଙ୍କୁ ଶପଥ ପାଠ କରାଇଥିଲେ। ପାଣିଗ୍ରାହୀଙ୍କ ଶପଥ ଗ୍ରହଣ ପରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୪ରେ ପହଞ୍ଚିଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ନିଯୁକ୍ତିପତ୍ରକୁ ଗୃହ ସଚିବ ସଞ୍ଜୀବ ଚୋପ୍ରା ପାଠ କରିଥିଲେ। ଏହାପରେ ଜଷ୍ଟିସ ପଣ୍ଡା ପାଣିଗ୍ରାହୀଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ, ଖାଉଟିକଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସତ୍ୟଜିତ୍ ମହାନ୍ତି, କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ପୋଲିସ କମିଶନର ଡା. ସୁଧାଂଶୁ ଷଡ଼ଙ୍ଗୀ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ ହାଇକୋର୍ଟରେ ସମସ୍ତ ବିଚାରପତି, ଅବସରପ୍ରାପ୍ତ ବିଚାରପତି ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।


ସଞ୍ଜୀବଙ୍କୁ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡା ଶପଥପାଠ କରାଉଛନ୍ତି।

ବଲାଙ୍ଗୀର ଜିଲା ସଦର ବ୍ଲକ ଅଧୀନ ବାରପୁଡୁଗିଆ ଗ୍ରାମର ନିମାଇଁ ଚରଣ ପାଣିଗ୍ରାହୀ ଏବଂ ମନ୍ଦାକିନୀ ପାଣିଗ୍ରାହୀଙ୍କ ପୁତ୍ର ହେଉଛନ୍ତି ସଞ୍ଜୀବ। ସ୍କୁଲ ଶିକ୍ଷା ପରେ ସେ ରାଜେନ୍ଦ୍ର କଲେଜରୁ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ। ପରେ ସମ୍ବଲପୁର ଏଲ୍ଆର୍ ଆଇନ ମହାବିଦ୍ୟାଳୟରୁ ଏଲ୍ଏଲ୍ବି ଏବଂ ବାଙ୍ଗାଲୋରସ୍ଥିତ ଜାତୀୟ ଆଇନ ବିଦ୍ୟାଳୟରୁ ଏଲ୍ଏଲ୍ଏମ୍ ଶିକ୍ଷା ଗ୍ରହଣ କରିଥିଲେ। ଆଇନ ଶିକ୍ଷା ଶେଷ ହେବା ପରେ ସେ ପ୍ରଥମେ ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ଭାବେ ଯୋଗଦେଇଥିଲେ। କିଛି ମାସ ପରେ ସୁପ୍ରିମକୋର୍ଟରେ ଅଭ୍ୟାସ ଆରମ୍ଭ କରିଥିଲେ। ଓକିଲାତି ପେସା ଭିତରେ ସେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମେତ ବିଭିନ୍ନ କର୍ପୋରେଟ୍ ସଂସ୍ଥା ପାଇଁ ମାମଲା ଲଢିଛନ୍ତି।

## ସହକାରୀ ଶିକ୍ଷକ ନିଲମ୍ବିତ, ୧୧ ଶିକ୍ଷକଙ୍କ ଦରମା ବନ୍ଦ

### ଗଣଶିକ୍ଷା ମନ୍ତ୍ରୀଙ୍କ ଅଚାନକ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

**କଣ୍ଟାବାଞ୍ଜି, ୧୦।୨(ଡି.ଏନ.ଏ.):** ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ସୋମବାର ଅଚାନକ ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ଶିକ୍ଷୟିତ୍ରୀ ଶିକ୍ଷକମାନେ କମନ ରୁମରେ ବସି ଗପସପ କରୁଥିବା ବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅନୁପସ୍ଥିତ ଥିଲେ। ଛାତ୍ରୀମାନେ ବାହାରେ ବୁଲାବୁଲି କରୁଥିବା ସେ ଦେଖିବାକୁ ପାଇଥିଲେ। ମନ୍ତ୍ରୀ ଦାସ ନୂଆପଡା ଗସ୍ତରୁ କଣ୍ଟାବାଞ୍ଜି ଦେଇ ବଲାଙ୍ଗୀର ଫେରିବା ବେଳେ ଅପରାହ୍ନ ୩ଟାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରବେଶ କରିଥିଲେ। ସ୍କୁଲ ପରିସରରେ ମନ୍ତ୍ରୀ ପହଞ୍ଚିବା ପରେ ମଧ କୌଣସି ଶିକ୍ଷୟିତ୍ରୀଶିକ୍ଷକ ଏହା ଜାଣି ପାରି ନ ଥିଲେ। ପରେ ସେ କମନ ରୁମକୁ ଯାଇ ସେମାନେ ଗପସପ କରୁଥିବା ଦେଖି ବିରକ୍ତି ପ୍ରକାଶ କରିଥିଲେ। ପରେ ମନ୍ତ୍ରୀ ଦାସ ସପ୍ତମ ଶ୍ରେଣୀ କ୍ଲାସରୁମକୁ ଯାଇ ପିଲାଙ୍କୁ କେତୋଟି ପ୍ରଶ୍ନ ପଚାରି ଥିଲେ। ହେଲେ ପିଲାମାନେ ଠିକ୍ ଉତ୍ତର ଦେଇ ପାରି ନ ଥିଲେ। ଏ ସମ୍ପର୍କରେ ମନ୍ତ୍ରୀ ଅଫିସ ରୁମକୁ ଯାଇ ହାଜିରା ରେଜିଷ୍ଟର ଯାଞ୍ଚ କରିଥିଲେ। ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଛୁଟିରେ ଥିବାରୁ ସହକାରୀ ବରିଷ୍ଠ ଶିକ୍ଷକ କିଶୋର କୁମାର ବଗର୍ତ୍ତୀ ଦିନକ ପାଇଁ ଦାୟିତ୍ୱରେ ଥିଲେ। ହେଲେ ମନ୍ତ୍ରୀ ପରିଦର୍ଶନ ବେଳେ ସହକାରୀ ଶିକ୍ଷକ ବଗର୍ତ୍ତୀ ଅନୁପସ୍ଥିତ ଥିଲେ। ମନ୍ତ୍ରୀ ତୁରନ୍ତ ସହକାରୀ ଶିକ୍ଷକ ବଗର୍ତ୍ତୀଙ୍କୁ ନିଲମ୍ବନ ସହ ୧୧ଜଣ ସହକାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କ ଆଜି ଦିନର ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି କରବାକୁ ନିର୍ଦ୍ଦେଶ ଦେଇଥିବା ଜିଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା କହିଛନ୍ତି। ପରେ ମନ୍ତ୍ରୀ ରାଷ୍ଟ୍ରୀୟ ହିନ୍ଦୀ ବିଦ୍ୟାପୀଠ ପରିଦର୍ଶନରେ ଯାଇ କମ୍ ଛାତ୍ରୀଛାତ୍ର ଉପସ୍ଥିତ ଥିବା ଦେଖିବାକୁ ପାଇଥିଲେ। ପରେ ମନ୍ତ୍ରୀ ବେଲପଡା ଦେଇ ବଲାଙ୍ଗୀର ଯାଇଥିଲେ।

# ବିପର୍ଯ୍ୟୟ ମୁକାବିଲା: ଓଡ଼ିଶାକୁ ମିଳିବ ୨୧ ଶହ କୋଟି

- କେନ୍ଦ୍ରଠାରୁ ମିଳିଲା ସବୁଜ ସଂକେତ
- ୬ ଜିଲାର ୩୨୨ ଗ୍ରାମ ସୁନାମି ପ୍ରବଣ
- ଉପକୂଳବର୍ତ୍ତୀ ଜିଲାରେ ଆରମ୍ଭ ହୋଇଛି ତାଲିମ

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

ପଞ୍ଚଦଶ ଅର୍ଥ କମିଶନ ସୁପାରିସ ଅନୁଯାୟୀ ରାଜ୍ୟକୁ ୨୦୨୦-୨୧ ଆର୍ଥିକବର୍ଷ ପାଇଁ ୨୧ ଶହ କୋଟି ଟଙ୍କା ପ୍ରଦାନ କରିବାକୁ କେନ୍ଦ୍ର ସରକାର ସବୁଜ ସଙ୍କେତ ଦେଇଛନ୍ତି। ସେଥିରୁ ୪୦ ପ୍ରତିଶତ ଅର୍ଥ ରିଲିଫ ଓ ଉଦ୍ଧାର ପାଇଁ ବ୍ୟବହାର କରାଯିବାକୁ ସ୍ଥିର ହୋଇଥିବା ବେଳେ ୩୦ ପ୍ରତିଶତ ଜୀବନଜୀବିକା ଓ ଥଇଥାନ ଏବଂ ୧୦ ପ୍ରତିଶତ ଦକ୍ଷିତା ବୃଦ୍ଧି ଦିଗରେ ଖର୍ଚ୍ଚ କରାଯିବ। ତେବେ ଦୀର୍ଘ ଦିନର ଦାବି ପରେ ପ୍ରଥମ ଥର ପାଇଁ କମିଶନ ସେହି ଅର୍ଥରୁ ୨୦ ପ୍ରତିଶତ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଦୀର୍ଘମିଆଦୀ ଯୋଜନା ସକାଶେ ଖର୍ଚ୍ଚ କରିବାକୁ ସୁପାରିସ କରିଛନ୍ତି। ଏ ବାବଦରେ ପ୍ରାୟ ୪୦୦ କୋଟି ଟଙ୍କା ଓଡିଶାକୁ ମିଳିବ ବୋଲି ସୂଚନା ମିଳିଛି।

ସବୁ ସମୟରେ ରାଜ୍ୟକୁ ପ୍ରାକୃତିକ ବିପର୍ଯ୍ୟୟର ଭୟ ରହିଛି। ଲୋକମାନଙ୍କୁ ବିପର୍ଯ୍ୟୟ ସମୟରେ ବଞ୍ଚାଇବା ସରକାରଙ୍କ ପାଇଁ ସବୁଠାରୁ ବଡ ଚ୍ୟାଲେଞ୍ଜ ହୋଇଛି। ସୁନାମି ଆଉ ଏକ ବିପତ୍ତି ଭାବେ ଉଭା ହେଲାଣି। ସୁନାମି ପ୍ରଭାବରେ ଉପକୂଳବର୍ତ୍ତୀ ଜିଲାଗୁଡିକର ସମୁଦ୍ରକୂଳିଆ ଲୋକମାନଙ୍କ ପାଇଁ ଏକ ବିଷମ ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ସେହି ଲୋକମାନଙ୍କୁ ସୁନାମି ଭଳି ପ୍ରାକୃତିକ ବିପତ୍ତିରୁ କିପରି ରକ୍ଷା କରାଯାଇ ପାରିବ ସେ ନେଇ ଓଡିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓଏସଡିଏମଏ) ଉପକୂଳବର୍ତ୍ତୀ ୬ଟି ଜିଲାର ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛି। ସୁନାମି ପ୍ରବଣ ୬ଟି ଜିଲା ହେଲା ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, କଟକ, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡା। ଉକ୍ତ ଜିଲାଗୁଡିକର ୩୨୨ଟି ଗ୍ରାମକୁ ସୁନାମି ପ୍ରବଣ ଭାବେ ଚିହ୍ନଟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୨୨ ବିଡିଓ, ଭିଏଲଡବ୍ଲ୍ୟୁ, ଗ୍ରାମର ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ, ଗ୍ରାମବାସୀ, ୱାର୍ଡ ମେମ୍ବର, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଆଦିଙ୍କୁ ତାଲିମ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଖୁବଶୀଘ୍ର ଏହି ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ନିକଟରେ ୟୁନେସ୍କୋ ଏବଂ ଭାରତ ସରକାରଙ୍କ ଇଣ୍ଡିଆନ ନ୍ୟାଶନାଲ ସେଣ୍ଟର ଫର ଓସନ ଇନଫରମିଂ ସିଷ୍ଟମ(ଆଇଏନସିଓଆଇଏସ) ପକ୍ଷରୁ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକର ବଙ୍କିପାଲି(ଭେଙ୍କଟରାୟପୁର) ଏବଂ ଜଗତ୍‌ସିଂହପୁର ଜିଲା ନୋଳିଆ ସାହି ପଞ୍ଚାୟତର ଗଡ ହରିଶପୁର ଗ୍ରାମକୁ ସୁନାମୀ ପ୍ରସ୍ତୁତି ଗ୍ରାମ ଭାବେ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଏହି ଦୁଇଟି ଗ୍ରାମକୁ ୟୁନେସ୍କୋ ପକ୍ଷରୁ ସୁନାମି ପ୍ରସ୍ତୁତି ଗ୍ରାମ ଭାବେ ଘୋଷଣା କରାଯିବ। ମୋବାଇଲ ଏସ୍ଏମ୍ଏସ୍, ଡିଜିଟାଲ ରେଡିଓ ଏବଂ ସାଇରନ ମାଧ୍ୟମରେ ଲୋକମାନଙ୍କୁ ସୁନାମି ଆସିବା ପୂର୍ବରୁ ସତର୍କ ସୂଚନା ଦିଆଯିବ। ଏହି ଖବର ପାଇବା ମାତ୍ରେ ଲୋକମାନେ କେଉଁ ସ୍ଥାନକୁ ଯିବେ ସେ ନେଇ ତାଲିମ ଦିଆଯାଇଛି। ଆଇଏନ୍‌ସିଓଆଇଏସ୍ ସୁନାମି ସୂଚନା ଦେବା ମାତ୍ରେ ସାଇରନ ବାଜି ଉଠିବ। ଏହାର ଶବ୍ଦ ପ୍ରାୟ ଦେଢ କିଲୋମିଟର ଯାଏ ଶୁଣାଯିବ। ଏହି ଶବ୍ଦ ଶୁଣିବାମାତ୍ରେ ତାଲିମପ୍ରାପ୍ତ ଲୋକମାନେ ଅନ୍ୟ ଲୋକମାନଙ୍କୁ ସତର୍କ କରାଇ ସୁରକ୍ଷିତ ସ୍ଥାନକୁ ଯିବାକୁ ପରାମର୍ଶ ଦେବେ। ଆଇଏନ୍‌ସିଓଆଇଏସ୍‌କୁ ସୂଚନା ମିଳିବା ମାତ୍ରେ ତୁରନ୍ତ ରାଜ୍ୟ ଆଇଏମ୍‌ଡି ଆଞ୍ଚଳିକ ଶାଖାକୁ ସୂଚନା ଆସିବ। ରାଜ୍ୟ ସରକାରଙ୍କୁ ସୂଚନା ମିଳିବା ମାତ୍ରେ ତୁରନ୍ତ ସୁନାମି ପ୍ରବଣ ଜିଲା, ବ୍ଲକ, ପଞ୍ଚାୟତଗୁଡିକୁ ତତ୍‌କ୍ଷଣାତ୍ ସୂଚନା ଜଣାଇ ଦିଆଯିବ। ଏହା ଏକ ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ହୋଇଥିବାରୁ ଏଥିପାଇଁ ଅଧିକ ସତର୍କ ହେବାକୁ ପଡିବ।

ସୋମବାର ଏଠାରେ ଏକ ଆଞ୍ଚଳିକ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ଯୋଗ ଦେଇ ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍‌ଏ) ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ରାଜ୍ୟ ପାଇଁ ଅନେକ ସମୟରେ ବାତ୍ୟା ଭୟ ରହିଛି। ୧୯୯୯ ମହାବାତ୍ୟାରେ ରାଜ୍ୟରେ ୧୦ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ବିପର୍ଯ୍ୟୟ ମୁକାବିଲା ନେଇ ଅନେକ ପଦକ୍ଷେପ ନିଆଯାଇଛି। ଅଧିକରୁ ଅଧିକ ବୈଷୟିକ ଜ୍ଞାନ କୌଶଳକୁ ଉପଯୋଗ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି କର୍ମଶାଳାରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଏନଡିଏମଏ) ମେମ୍ବର ସେକ୍ରେଟାରୀ ଜି.ଭି ଭି. ଶର୍ମାଙ୍କ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦାଧିକାରୀ ଏହି ବୈଠକରେ ଯୋଗଦେଇଥିଲେ।

## ଅଭିନେତା ଅର୍ଦ୍ଧେନ୍ଦୁଙ୍କୁ ବିବାହ କରିବେ ମହାରଥୀଙ୍କ ଝିଅ

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁଙ୍କୁ ବିବାହ କରିବେ ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଝିଅ ପଲ୍ଲବୀ। ଫେବୃୟାରୀ ୨୬ରେ ବରମୁଣ୍ଡାଠାରେ ଥିବା ବିଜୁ ପଟ୍ଟନାୟକ ଖେଳ ପଡିଆରେ ଏହି ବିବାହ ଉତ୍ସବର ଆୟୋଜନ କରାଯିବ। ଏହାପରେ ୨୮ ତାରିଖରେ ନୟାପଲ୍ଲୀସ୍ଥିତ ଇଡକଲ ଗ୍ରାଉଣ୍ଡରେ ଭୋଜି ଅନୁଷ୍ଠିତ ହେବ। ଗତ ଜାନୁୟାରୀରେ ଉଭୟଙ୍କ ପରିବାରର ଉପସ୍ଥିତିରେ ପଲ୍ଲବୀ ଏବଂ ଅର୍ଦ୍ଧେନ୍ଦୁଙ୍କ ନିର୍ବନ୍ଧ ହୋଇଥିଲା। ପଲ୍ଲବୀ ପେସାରେ ଜଣେ ଡାକ୍ତର ହୋଇଥିବା ବେଳେ ଅର୍ଦ୍ଧେନ୍ଦୁ ଓଡ଼ିଆ ଏବଂ ବଙ୍ଗଳା ଫିଲ୍ମରେ ଅଭିନୟ କରିଛନ୍ତି। ୨୦୧୫ରେ ଫିଲ୍ମ 'ଅ ଆ ଇ' ମାଧ୍ୟମରେ ସେ ଓଲିଉଡ୍‌ରେ ପ୍ରବେଶ କରିଥିବା ବେଳେ ଏହାପରେ 'ଟପୋରୀ', 'ବ୍ଲାକ୍‌ମେଲ୍', 'ମୁଁ ପରଦେଶୀ ଚଢେଇ' ଭଳି ଫିଲ୍ମରେ ତାଙ୍କୁ ଦେଖିବାକୁ ମିଳିଥିଲା।

# ଓଏଚ୍ଆର୍‌ସିରେ ଗୋଳନ୍ଥରା ବସ୍ ଟ୍ରାଜେଡି ମାମଲା

### ମୃତକଙ୍କ ପରିବାରକୁ ୧୦ ଲକ୍ଷ ଓ ଆହତଙ୍କୁ ୨ ଲକ୍ଷ କ୍ଷତିପୂରଣ ଦାବି କଲା ସମାଜବାଦୀ ପାର୍ଟି

**ଭୁବନେଶ୍ୱର,୧୦।୨(ବ୍ୟୁରେ)**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ମେଣ୍ଟରାଜପୁର ଗ୍ରାମରେ ୧୧ କେଭି ବିଦ୍ୟୁତ ତାର ବସ୍‌ରେ ଲାଗିଯିବାରୁ ନିର୍ବନ୍ଧ ପାଇଁ ଯାଉଥିବା ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୨ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ପାଇଁ ବିଦ୍ୟୁତ୍ ବିଭାଗର ଅବହେଳା ଓ ବେପରୁଆ ମନୋଭାବକୁ ଦାୟୀ କରି ସମାଜବାଦୀ ପାର୍ଟି ସୋମବାର ରାଜ୍ୟ ମାନବ ଅଧିକାର କମିଶନ (ଓଏଚ୍ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛି। ପାଟିପକ୍ଷରୁ ଏନେଇ ଏକ ପିଟିଶନ କରାଯାଇଛି। ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଓ ଆହତଙ୍କୁ ମାଗଣା ଚିକିତ୍ସା ସହ ୨ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଦାବି କରାଯାଇଛି।

ପାର୍ଟି ସଭାପତି ରବି ବେହେରା ଓ ସଦସ୍ୟମାନେ ପିଟିଶନରେ ଦର୍ଶାଇଛନ୍ତି ଯେ, ଉକ୍ତ ବସ୍‌ରେ ଥିବା ୪୦ଜଣଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇଥିବା ବିଦ୍ୟୁତ୍ ବିଭାଗ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ, ସାଉଥ୍‌କୋର କାର୍ଯ୍ୟନିର୍ବାହୀ ଓ ପରିବହନ ବିଭାଗ କର୍ତ୍ତୃପକ୍ଷଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉ। ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା ଯୋଗୁ ରାଜ୍ୟରେ ଗତ ୧୦ ବର୍ଷରେ ୧୧୮୫ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୧୧୭ ହାତୀ ମରିସାରିଲେଣି। କେବଳ ଗଞ୍ଜାମ ନୁହେଁ, ରାଜ୍ୟର ପ୍ରତ୍ୟେକ ଜିଲାରେ ବିଦ୍ୟୁତ ବିଭାଗର ଅବହେଳାରୁ ଏଭଳି ଅନେକ ଦୁର୍ଘଟଣା ଘଟୁଛି। ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବିଜୁଳି ଖୁଣ୍ଟ, ତାର, ମୁକୁଳା ଟ୍ରାନ୍ସଫର୍ମର ଆଦିକୁ ତୁରନ୍ତ ସଜଡ଼ାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ସେମାନେ ପିଟିଶନରେ ନିବେଦନ କରିଛନ୍ତି।

# ସରକାରଙ୍କ ଫୋକସ୍‌ରେ ପର୍ଯ୍ୟଟନ ବିକାଶ


ତାଳସାରୀ ବେଳାଭୂମିରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାର, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ଆର୍. ଯାଦବ ଓ ଅନ୍ୟମାନେ ଅନୁଧ୍ୟାନ କରୁଛନ୍ତି।

- ଭିତରକନିକା, ତାଳସାରୀ, ଉଦୟପୁରରେ ୫-ଟି ସଚିବ
- ବିକାଶ ପାଇଁ ପ୍ୟାକେଜ ଘୋଷଣା ସମ୍ଭାବନା

**କେନ୍ଦ୍ରାପଡା ଅଫିସ/ରାଜନଗର/ଭୋଗରାଇ, ୧୦।୨ (ଡି.ଏନ୍.ଏ.)**

ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ୫ମ ପାଳି ସରକାର ପର୍ଯ୍ୟଟନ ବିକାଶକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ପୁରୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ମଠ, ଘର, ଦୋକାନ, ଲଜ୍ ଉଚ୍ଛେଦ କରାଯାଇ ଆକର୍ଷଣୀୟ ଐତିହ୍ୟ କରିଡର ନିର୍ମାଣ କାର୍ଯ୍ୟ ଜାରି ରହିଛି। ପୁରୁଣା ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ମଧ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ଏହାସହିତ ସରକାର ସମ୍ବଲପୁରର ସମଲେଶ୍ୱରୀ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର ଓ ଗଞ୍ଜାମ ଜିଲାର ପ୍ରସିଦ୍ଧ ତାରାତାରିଣୀ ମନ୍ଦିର ଅଞ୍ଚଳର ବିକାଶ କାର୍ଯ୍ୟ ହାତକୁ ନେଇଛନ୍ତି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକା ଏବଂ ବାଲେଶ୍ୱର ଜିଲାର ରମଣୀୟ ପର୍ଯ୍ୟଟନସ୍ଥଳୀ ତାଳସାରୀ, ଉଦୟପୁରର ବିକାଶ ନିମନ୍ତେ ରାଜ୍ୟ ସରକାର ସ୍ୱତନ୍ତ ଯୋଜନା ସାଙ୍ଗକୁ ପ୍ୟାକେଜ୍ ଘୋଷଣା କରିପାରନ୍ତି। ସୋମବାର ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ ଭିତରକନିକା, ତାଳସାରୀ ଓ ଉଦୟପୁର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ତେଣୁ ଏହି ୩ କ୍ଷେତ୍ରର ବିକାଶ ପାଇଁ ବଡ଼ଧରଣର ଯୋଜନା କରାଯାଇପାରେ ବୋଲି ଆଲୋଚନା ହେଉଛି। ଏହି ଗସ୍ତ ସମୟରେ ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାର, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ଆର୍. ଯାଦବ ଉପସ୍ଥିତ ଥିଲେ।

ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ପୂର୍ତ୍ତ ବିଭାଗ ସଚିବ ଓ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ତାଳସାରୀ ନିକଟସ୍ଥ ବିନ୍ଧାପଦ୍ମପୁର ହେଲିପ୍ୟାଡ଼ରେ ଅବତରଣ କରିଥିଲେ। ଅଧିକାରୀମାନେ କାର୍ ଯୋଗେ ତାଳସାରୀ ଓ ଉଦୟପୁର ବେଳାଭୂମି ବୁଲି ପର୍ଯ୍ୟଟନଶିଳ୍ପର ବିକାଶ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଉଦୟପୁର ସୀମା ସମସ୍ୟା ସମ୍ପର୍କରେ ଅଧିକାରୀମାନେ ଅବଗତ ହୋଇଥିଲେ। ତାଳସାରୀ ବେଳାଭୂମିକୁ ବିଶ୍ୱମାନର ପର୍ଯ୍ୟଟନସ୍ଥଳୀ ରୂପେ ଗଢ଼ି ତୋଳିବାକୁ ମୁଖ୍ୟମନ୍ତ୍ରୀ ୨୦୧୧ରେ ଘୋଷଣା କରିଥିଲେ। ୫କୋଟି ୧୪ଲକ୍ଷ ଟଙ୍କା ଅନୁଦାନରେ ତାଳସାରୀରୁ ଉଦୟପୁର ୨.୭କି.ମି. ନିର୍ମାଣାଧୀନ ମେରାଇନ୍ ଡ୍ରାଇଭ ୧୦ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରି ନ ଥିବା ଅଧିକାରୀମାନେ ଦେଖିଥିଲେ। ଏହାବ୍ୟତୀତ ତାଳସାରୀ-ସୁବର୍ଣ୍ଣଦୀପକୁ ଫୁଟ୍ ଓଭରବ୍ରିଜ୍ ନିମନ୍ତେ ଦେଢ଼କୋଟି ଟଙ୍କାର ମାଷ୍ଟରପ୍ଲାନ କରାଯାଇଥିବା ବେଳେ ଏହା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଜଙ୍ଗଲ ବିଭାଗ ପକ୍ଷରୁ ୫୦ ଏକର ସ୍ଥାନକୁ ପର୍ଯ୍ୟଟନ ଶିଳ୍ପକୁ ଦେବା ନିମନ୍ତେ ସଚିବମାନେ ଆଲୋଚନା କରିଥିଲେ। ଅତିରିକ୍ତ ଏସ୍‌ପି, ଜଳେଶ୍ୱର ଏସ୍‌ଡିପିଓ, ଦୁଇ ଥାନା ଅଧିକାରୀ, ଭୋଗରାଇ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ମଧ୍ୟାହ୍ନରେ ୫-ଟି ସଚିବ ଓ ମୁଖ୍ୟ ଶାସନ ସଚିବ ଜାତୀୟ ଉଦ୍ୟାନ ସଂଲଗ୍ନ ଖମାରସାହି ଗ୍ରାମ ପଡ଼ିଆଠାରେ ହେଲିକପ୍ଟରରୁ ଓହ୍ଲାଇବା ପରେ ଡାଙ୍ଗମାଳରେ ଥିବା ଡାକବଙ୍ଗଳାରେ ଭିତରକନିକାର ଟପୋଗ୍ରାଫି ଅନୁଧ୍ୟାନ କରିଥିଲେ। ଡାଙ୍ଗମାଳରେ ପର୍ଯ୍ୟଟକଙ୍କ ରହଣି, ପରିମଳ ବ୍ୟବସ୍ଥା, ଖାଦ୍ୟ ପାନୀୟ ସମ୍ପର୍କରେ ଡିଏଫ୍‌ଓ ବିକାଶ ରଞ୍ଜନ ଦାଶଙ୍କ ସହିତ ଆଲୋଚନା କରିଥିଲେ।

# ବସ୍ ଦୁର୍ଘଟଣା ଘଟଣାରେ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ

## ଶକ୍ତିମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ, ଭାଜପା

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

ଗଞ୍ଜାମ ଜିଲା ମେଣ୍ଟରାଜ୍‌ପୁରଠାରେ ରବିବାର ଏକ ବସ୍ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ୧୦ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଗୁରୁତର ଆହତ ହୋଇଛନ୍ତି। ରାଜ୍ୟରେ ଏଭଳି ମର୍ମନ୍ତୁଦ ଘଟଣା ବାରମ୍ବାର ଘଟିବା ସତ୍ତ୍ୱେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଉଦାସୀନତାକୁ ପଦାରେ ପକାଇଛି। ଏହାକୁ ଯେତେ ନିନ୍ଦା କଲେ ମଧ କମ୍ ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଏବଂ ଅବହେଳା ଓ ଉଦାସୀନତା ଯୋଗୁ ମେଣ୍ଟରାଜ୍‌ପୁରଠାରେ ଏଭଳି ଘଟଣା ଘଟିଲା। ଏହି ଘଟଣାରେ ପ୍ରତି ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୧୦ଲକ୍ଷ ଟଙ୍କା ପ୍ରଦାନ ଏବଂ ଆହତ ଯାତ୍ରୀଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେବାକୁ ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଦାବି କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋଲକ ମହାପାତ୍ର କହିଛନ୍ତି ଯେ, କାର୍ଯ୍ୟରେ ଅବହେଳା ଯୋଗୁ ବିଜୁଳି ବିତରକ କମ୍ପାନୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସାଉଥକୋ ସିଇଓଙ୍କୁ ତୁରନ୍ତ ଗିରଫ କରାଯାଉ। ବିଜୁଳି ସେବା ଯୋଗାଉଥିବା ବିତରକ କମ୍ପାନୀ ପ୍ରତି ସରକାରଙ୍କ କୌଣସି ନିୟନ୍ତ୍ରଣ ନାହିଁ। ବିଜୁଳି ବିତରକ କମ୍ପାନୀଗୁଡିକ ମନମୁଖି କାର୍ଯ୍ୟ କରୁଛନ୍ତି। ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବିଜୁଳି ଭିତ୍ତିଭୂମି ସଜାଡିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବହୁ ପରିମାଣର ଅର୍ଥ ଆସିଥିଲା। ମାତ୍ର ଭିତ୍ତିଭୂମି ସଜାଡିବାରେ ସରକାର ବିଫଳ ହେଲେ। ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇ ଏହାର ଉଚିତ ତଦନ୍ତ ହେବା ଆବଶ୍ୟକ। ଏହି ମର୍ମନ୍ତୁଦ ଘଟଣା ପାଇଁ ନୈତିକତା ଦୃଷ୍ଟିରୁ ରାଜ୍ୟ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଗୋଲକ ଦାବି କରିଛନ୍ତି। ଦକ୍ଷିଣ ଓଡିଶାର ସବୁଠାରୁ ବଡ ଏମ୍‌କେସିଜି ମେଡିକାଲରେ ଜଳାପୋଡା ବିଭାଗରେ ଚିକିତ୍ସା ସୁବିଧା ନାହିଁ। ଏମ୍‌କେସିଜି ମେଡିକାଲର ଉନ୍ନତୀକରଣ ପାଇଁ କେନ୍ଦ୍ର ସରକାର ୧୫୦କୋଟି ଟଙ୍କାର ଅନୁଦାନ ଦେଇଥିଲେ ମଧ କାହିଁକି ଟ୍ରମା ୟୁନିଟ୍ ଏବଂ ଟ୍ରମା କେୟାର ସେଣ୍ଟର ହୋଇପାରିଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଘଟଣାକୁ ନେଇ କଂଗ୍ରେସ ନେତା ସତ୍ୟ ପ୍ରକାଶ ନାୟକ କହିଛନ୍ତି ଯେ, ଗଞ୍ଜାମ ଜିଲାରେ ବିଦ୍ୟୁତ୍ ବିତରକ କମ୍ପାନୀ ଓ ଶକ୍ତି ବିଭାଗର ଦାୟିତ୍ୱହୀନତା ଯୋଗୁ ୧୦ଜଣ ନିରୀହ ଯାତ୍ରୀଙ୍କ ଜୀବନ ଅକାଳରେ ଝଡି ପଡିଛି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଶକ୍ତିମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ଦୁର୍ଘଟଣା ଘଟିବା ସମୟରେ ୧୧ କେଭି ବିଦ୍ୟୁତ୍ ତାର ବସ୍ ସଂସ୍ପର୍ଶରେ ଆସି ଜୀବନହାନି ଘଟିଥିବା ବେଳେ ଟ୍ରିପ୍ ମିଟର ନ ଥିବା ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ହୋଇ ନ ଥିଲା। ଏଠାରେ ସାଧାରଣରେ ପ୍ରଶ୍ନ ଆସୁଛି ବିଦ୍ୟୁତ୍ ବିତରଣ କମ୍ପାନୀ ଯେଉଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା କଥା ତାହା ନେଇ ନ ଥିଲେ ଏବଂ ବିଦ୍ୟୁତ୍ ବିତରଣ କମ୍ପାନୀର କାର୍ଯ୍ୟକୁ ଯେଉଁ ଅଧିକାରୀମାନେ(ଇଲେକ୍ଟ୍ରିକାଲ ଇନ୍‌ସପେକ୍ଟର) ତଦାରଖ କରିବା କଥା ତାହା କରାଯାଇ ନ ଥିଲା। ଖାଲି ସେତିକି ନୁହେଁ, ସରକାର ସାଧାରଣ କମ୍ପାନୀ ଏବଂ ପ୍ରତିଷ୍ଠାନଗୁଡିକରେ ଅଘଟଣ ଘଟିଲେ ଯେଉଁଭଳି ପଦକ୍ଷେପ ନେବା କଥା ତାହା ନିଅନ୍ତୁ ବୋଲି ସତ୍ୟ ପ୍ରକାଶ ନାୟକ ଦାବି କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସାଇଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବନ୍ଧୁକରେ ରୋମାନ୍ସ, ଫୁଟିଲା ଗୁଳି

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

**ରାଜଧାନୀରେ ଚାଞ୍ଚଲ୍ୟ**

- ପ୍ରେମିକାଙ୍କ ଜଙ୍ଘରେ ପଶିଗଲା ଗୁଳି
- ନିଜ ଆଡୁ ମାମଲା କରି ପ୍ରେମିକଙ୍କୁ ଗିରଫ କଲା ପୋଲିସ
- ୨ବର୍ଷ ହେବ ଫ୍ଲାଟ୍ ଭଡା ନେଇ ଏକାଠି ରହୁଥିଲେ



ପ୍ରେମିକାଙ୍କ ଶରୀରରେ ବନ୍ଧୁକ ଲଗାଇ ରୋମାନ୍ସ କରୁଥିଲେ ପ୍ରେମିକ। ଅଜାଣତରେ ଦବି ହୋଇଯାଇଥିଲା ଟ୍ରିଗର। ବନ୍ଧୁକର ଗୋଟିଏ ଗୁଳି ପ୍ରେମିକାଙ୍କ ଜଙ୍ଘରୁ ବାହାରି ଗୋଡ଼ର ଅନ୍ୟ ଏକ ଅଂଶରେ ପଶିଯାଇଥିଲା। ପ୍ରେମିକ ଜଣକ ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିବା ପରେ ଘଟଣା ପଦାକୁ ଆସିଛି। ପ୍ରେମିକାଙ୍କ ସହ ଖେଳୁ ଖେଳୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ପ୍ରେମିକ ଜଣକ କହିଥିବା ଡିସିପି ଅନୁପ କୁମାର ସାହୁ ଗଣମାଧ୍ୟମକୁ କହିଛନ୍ତି।

ଇନ୍‌ଫୋସିଟି ଥାନା ଅନ୍ତର୍ଗତ କାନନବିହାରସ୍ଥିତ ବଜରଙ୍ଗବିହାରରେ ସୋମବାର ମଧ୍ୟାହ୍ନରେ ଘଟିଥିବା ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ପୋଲିସ ନିଜ ଆଡୁ ଆଇପିସି ଦଫା ୩୦୭ ଓ ୨୭ ଆର୍ମ୍ସ ଆକ୍ଟରେ ଏକ ମାମଲା (ନଂ-୨୨/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତ ପରେ ଗୁଳିମାଡ଼ କରିଥିବା ପ୍ରେମିକ ତଥା ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରାଯାଇଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳର ଆଶିଷ କୁମାର ନାୟକ। ସେ ଭୁବନେଶ୍ୱରର ଏକ ସରକାରୀ କଲେଜରେ ଯୁକ୍ତ୩ରେ ପଢୁଥିବା କହୁଥିବାବେଳେ ପୋଲିସ ଏହାର ସତ୍ୟାସତ୍ୟ ଯାଞ୍ଚ କରୁଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି। ତେବେ ଗୁଳିମାଡ଼ ପରେ ମୁଣ୍ଡ କିଛି କାମ ନ କରିବାରୁ ବନ୍ଧୁକ ଫିଙ୍ଗି ଦେଇଥିବା ଆଶିଷ ପୋଲିସକୁ କହିଥିଲେ। ଏହାପରେ ଏକ ଟିମ୍ ତାଙ୍କୁ ଧରି ଫିଙ୍ଗିଥିବା ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ବନ୍ଧୁକ ମିଳିପାରିନି। ଫଳରେ ଘଟଣାକୁ ନେଇ ରହସ୍ୟ ସୃଷ୍ଟି ହୋଇଥିବାବେଳେ ପୋଲିସର ଚିନ୍ତା ବଢ଼ିଛି। ଡିସିପି ସାହୁ, ଜୋନ୍ ଏସିପି ତରୁଣ କୁମାର ଦାସ ଓ ଥାନାଧିକାରୀ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏପଟେ ଦୀର୍ଘ ସମୟ ଅସ୍ତ୍ରୋପଚାର ପରେ ଯୁବତୀଙ୍କ ଗୋଡ଼ରୁ ଗୁଳି ବାହାରିଛି। ଯୁବତୀ ଜଣକ ସୁସ୍ଥ ଥିବାବେଳେ ଚିକିତ୍ସା ପାଇଁ କମିଶନରେଟ ପୋଲିସ ପାଣ୍ଠିରୁ ତାଙ୍କୁ ୨୫ହଜାର ଟଙ୍କା ଦିଆଯାଇଥିବା ଡିସିପି ଟୁଇଟ୍ କରି ଜଣାଇଛନ୍ତି।

ଥାନା ଅଧିକାରୀ ମହାନ୍ତି କହିଛନ୍ତି, ଆହତ ଯୁବତୀଙ୍କ ଘର ବାଲେଶ୍ୱର ହୋଇଥିବାବେଳେ ସେ ଦୁଇବର୍ଷ ହେବ ଭୁବନେଶ୍ୱର ଆସି ଏକ ଘରୋଇ କଲେଜରେ ଫ୍ୟାଶନ ଡିଜାଇନ୍ ପାଠ ପଢୁଥିଲେ। ଏହି ସମୟରେ ଆଶିଷଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୁହେଁ ବଜରଙ୍ଗବିହାରରେ ଏକ ଫ୍ଲାଟ୍‌ରେ ଘରଭଡ଼ା ନେଇ ଲିଭ୍ ଇନ୍ ରିଲେଶନଶିପ୍‌ରେ ରହୁଥିଲେ। ଯୁବତୀଙ୍କ ଜଙ୍ଘ ଉପରେ ବନ୍ଧୁକ ଚଲାଇ ରୋମାନ୍ସ କରୁଥିବା ସମୟରେ ଗୁଳି ଫୁଟି ଯାଇଥିଲା ବୋଲି ଅଭିଯୁକ୍ତ ଆଶିଷ ସ୍ୱୀକାର କରିଥିବା ଥାନାଧିକାରୀ କହିଛନ୍ତି। ତେବେ ଗୁଳି ପଶିଯିବା ପରେ ଯୁବତୀଙ୍କ ଜଙ୍ଘରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଫ୍ଲାଟ୍‌ରୁ ତାଙ୍କୁ ଗାଡ଼ିକୁ ନେବା ପର୍ଯ୍ୟନ୍ତ ରକ୍ତଛିଟା ତଳେ ପଡିଥିବା ତଦନ୍ତବେଳେ ଦେଖିବାକୁ ମିଳିଥିଲା। ଆଶିଷଙ୍କ ନାମରେ ବୋମା ମାଡ଼ ସହ ବହୁ ମାମଲା ରହିଛି। ସମସ୍ତ ଘଟଣାର ତଦନ୍ତ କରାଯାଉଥିବା ସେ ସୂଚନା ଦେଇଛନ୍ତି।

# ଦ୍ୱିତୀୟ ବିମ୍‌ଷ୍ଟେକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ-୨୦୨୦

ଭୁବନେଶ୍ୱର,୧୦।୨(ବ୍ୟୁରୋ)

- ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ୩ ଦିନ ଧରି ଚାଲିବ

ଭୁବନେଶ୍ୱର ଓ ପୁରୀଠାରେ ଦ୍ୱିତୀୟ ବିମ୍‌ଷ୍ଟେକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ-୨୦୨୦ ମଙ୍ଗଳବାରଠାରୁ ଆରମ୍ଭ ହେବ। ପ୍ରଥମ ଥର ଲାଗି ଓଡ଼ିଶାରେ ହେଉଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରଠାରେ ଉଦ୍‌ଘାଟନ କରିବେ। ସେହିପରି ପୁରୀର କୋଣାର୍କ ନିକଟସ୍ଥ ରାମଚଣ୍ଡୀଠାରେ କ୍ଷେତ୍ରୀୟ ତାଲିମ ଶିବିରକୁ ଫେବୃୟାରୀ ୧୨ ତାରିଖରେ କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାଏ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ସଭ୍ୟ ରାଷ୍ଟ୍ର ବାଂଲାଦେଶ, ଭାରତ, ମ୍ୟାନମାର, ଶ୍ରୀଲଙ୍କା ଓ ନେପାଳ ଯୋଗ ଦେବେ। ତେବେ ଭୁଟାନ ଓ ଥାଇଲାଣ୍ଡ ଏହି ଅଭ୍ୟାସରେ ଭାଗ ନେବେ ନାହିଁ। ସୋମବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏନ୍‌ଡିଆର୍‌ଏଫ୍‌ର ଡାଇରେକ୍ଟର ଜେନେରାଲ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ମିଳିତ ଭାବେ ଏହି ସୂଚନା ଦେଇଛନ୍ତି।

୩ ଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଫେବୃୟାରୀ ୧୧ ତାରିଖରେ ଉଦ୍‌ଘାଟନ ସହିତ କ୍ଷତିଗ୍ରସ୍ତ ଅଟ୍ଟାଳିକା ଉପରେ ଟେବୁଲ ଟପ ଅଭ୍ୟାସ, ୧୨ ତାରିଖରେ କୋଣାର୍କ ସ୍ଥିତ ରାମଚଣ୍ଡୀଠାରେ ଜଳର ବିପର୍ଯ୍ୟୟ ପ୍ରତିକ୍ରିୟା ଦ୍ୱାରା ଐତିହ୍ୟ ସ୍ଥଳଗୁଡିକର ସୁରକ୍ଷା ଉପରେ ତାଲିମ ଅଭ୍ୟାସ ଏବଂ ୧୩ ତାରିଖରେ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଅନୁଶୀଳନ, ସଭ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ନୀତି ନିର୍ଦ୍ଧାରଣ ଆଲୋଚନା ଆଦି ସାମିଲ ହେବ।

ରାମଚଣ୍ଡୀଠାରେ ଏକ ଅଭ୍ୟାସ ଗ୍ରାମ ପ୍ରତିଷ୍ଠା କରାଯାଇଛି। ବିପର୍ଯ୍ୟୟରୁ ଐତିହ୍ୟସ୍ଥଳକୁ କିପରି ରକ୍ଷା କରାଯାଇ ପାରିବ ସେନେଇ ଅଭ୍ୟାସ କରାଯିବ। ପୂର୍ବରୁ ୨୦୧୯ ନଭେମ୍ବରରେ ପୁରୀଠାରେ ପ୍ରଥମ ଦଫା ପ୍ରସ୍ତୁତି ବୈଠକ କରାଯାଇ ମୁଖ୍ୟ ଅଭ୍ୟାସ ସମୟରେ କ୍ଷେତ୍ର ପ୍ରଶିକ୍ଷଣ ନିମନ୍ତେ କ୍ଷେତ୍ର ପ୍ରଦର୍ଶନ କରି ସ୍ଥାନ ନିରୂପଣ କରାଯାଇଥିଲା। ଏହି ଅଭ୍ୟାସରେ ୟୁଏନ୍‌ଡିପି, ଅନ୍ତର୍ଜାତୀୟ ଖୋଜିବା ଓ ଉଦ୍ଧାରକାରୀ ଦଳ, ସାଂସ୍କୃତିକ ସମ୍ପତ୍ତି ସଂରକ୍ଷଣ ଏବଂ ଅଧ୍ୟୟନ ପାଇଁ ଅନ୍ତର୍ଜାତୀୟ କେନ୍ଦ୍ର ସହ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାର ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ପୁରୀ ସଦର ଥାନା ଏଏସ୍‌ଆଇ ନିଲମ୍ବିତ

ପୁରୀ ଅଫିସ, ୧୦।୨(ଡି.ଏନ.ଏ)

- ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ

ରାଜ୍ୟରେ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ସରକାର 'ମୋ ସରକାର' କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛନ୍ତି। ଗତ ଗାନ୍ଧୀ ଜୟନ୍ତୀଠାରୁ ଏହାକୁ କାର୍ଯ୍ୟକାରୀ କରାଯାଇଛି। ପୋଲିସ ବିଭାଗରେ ସ୍ୱଚ୍ଛତା ଓ ଜନତାଙ୍କ ସହ ସୁସମ୍ପର୍କ ସ୍ଥାପନ ଲକ୍ଷ୍ୟ ନେଇ ମୋ' ସରକାର ଏବଂ ୫-ଟିରେ ପୋଲିସ ପ୍ରଶାସନକୁ ଅନ୍ତର୍ଭୁକ୍ତ କରାଯାଇଛି। ଏ ନେଇ ଲୋକଙ୍କ ମତାମତ ମଧ୍ୟ ଲୋଡ଼ାଯାଉଛି। ଯେଉଁଠି କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆସୁଛି ତା'ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି କ୍ରମରେ ସୋମବାର ପୁରୀ ସଦର ଥାନା ଏଏସ୍‌ଆଇ ପ୍ରହ୍ଲାଦ ବରାଳଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ପୁରୀ ଏସ୍‌ପି ଡ. ଉମାଶଙ୍କର ଦାଶ ଏହି ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ଏଏସ୍‌ଆଇ ବରାଳଙ୍କ ବିରୋଧରେ ଦୁର୍ବ୍ୟବହାର ଓ କାର୍ଯ୍ୟରେ ଅବହେଳା ନେଇ ଅଭିଯୋଗ ଆସିଥିଲା। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ସେ ଦୁର୍ବ୍ୟବହାର ପ୍ରଦର୍ଶନ ସହ ତଦନ୍ତରେ ଶିଥିଳତା କରୁଥିବା ଅଭିଯୋଗ ହୋଇଥିଲା। ମୋ' ସରକାରରେ ଏଭଳି ଅଭିଯୋଗ ହେବା ପରେ ତଦନ୍ତ କରାଯାଇଥିଲା। ପ୍ରାଥମିକ ତଦନ୍ତ ଭିତ୍ତିରେ ତାଙ୍କୁ ନିଲମ୍ବନ କରାଯାଇଛି ବୋଲି ଏସ୍‌ପି ଦାଶ ସୂଚନା ଦେଇଛନ୍ତି। ତେବେ ତାଙ୍କ ବିରୋଧରେ କିଏ ଓ କେବେ ଅଭିଯୋଗ ଆଣିଥିଲେ ସେ ସମ୍ପର୍କରେ ଏସ୍‌ପି କିଛି ସ୍ପଷ୍ଟ କରିନାହାନ୍ତି। ଅଭିଯୋଗକାରୀଙ୍କୁ ତଦନ୍ତରେ ସହାୟତା, ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ତଦନ୍ତ ଅଗ୍ରଗତି ସମ୍ପର୍କରେ ଜଣାଇବା ଲାଗି ସମସ୍ତ ଥାନାକୁ ତାଗିଦ୍ କରାଯାଇଛି। କୌଣସି ପୋଲିସ ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟରେ ଅବହେଳା କିମ୍ବା ଅଭିଯୋଗକାରୀଙ୍କୁ ହଇରାଣ କରିବା ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। ଉଲ୍ଲେଖ ଥାଉ କି, ପୂର୍ବରୁ ଏତଲାକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗରେ ପୁରୀ କଣ୍ଟ୍ରୋଲ ରୁମ୍‌ର ଜଣେ କନଷ୍ଟେବଲଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### 'ପାରାସାଇଟ'...

ଏ ଟାଇମ୍ ଇନ୍ ହଲିଉଡ' ପ୍ରଡକ୍ସନ ଡିଜାଇନ ପାଇଁ ଏବଂ '୧୯୧୭' ସିନେମାଟୋଗ୍ରାଫି ବର୍ଗରେ ପୁରସ୍କୃତ ହୋଇଛନ୍ତି। ମେକ୍‌ଅପ୍ ଓ ହେୟାରଷ୍ଟାଇଲ୍ ପାଇଁ 'ବମ୍ବଶେଲ୍', କଷ୍ଟ୍ୟୁମ୍ ଡିଜାଇନ ପାଇଁ 'ଲିଟିଲ ଓ୍ୱମେନ୍', ଫିଲ୍ମ ଏଡିଟିଂ ପାଇଁ 'ଫୋର୍ଡ ଭି ଫେରାରି' ଏବଂ ଭିଜୁଆଲ ଇଫେକ୍ଟ ପାଇଁ '୧୯୧୭'କୁ ପୁରସ୍କାର ମିଳିଛି। ଓସ୍କାର ମଞ୍ଚାଜ୍‌ରେ ଏକାଡେମୀ ପକ୍ଷରୁ ଭାରତର ସତ୍ୟଜିତ ରାୟଙ୍କ ୧୯୫୫ର 'ପଥେର ପାଞ୍ଚାଲି' ଏବଂ ସଙ୍ଗୀତକାର ଏ.ଆର୍. ରେହମନଙ୍କ ଓସ୍କାର ବିଜୟୀ ସଙ୍ଗୀତ 'ଜୟ ହୋ' ସ୍ଥାନ ପାଇଥିଲା। ସତ୍ୟଜିତ୍‌ଙ୍କ ' ଦି ଆପୁ ଟ୍ରିଲୋଗୀ'କୁ ଭାରତରେ ନିର୍ମିତ ସବୁଠୁ ପ୍ରତିଷ୍ଠିତ ଚଳଚ୍ଚିତ୍ର ଭାବେ ପ୍ରଶଂସା କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମଭାବର ଶୁଭତ୍ୱ ଆପଣଙ୍କ କାର୍ଯ୍ୟସିଦ୍ଧି ସହ ସାମାଜିକ ସମ୍ମାନ ଅକ୍ଷୁଣ୍ଣ ରହିବ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବା ସାଙ୍ଗକୁ ବନ୍ଧୁଙ୍କ ମହଲରେ ପ୍ରଶଂସାର ପାତ୍ର ହେବେ। କିନ୍ତୁ କୃତ୍ତିକା ନକ୍ଷତ୍ର ନିଜ ପରିସରରେ ଭଲ କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ସାଧାରଣ କଥାକୁ ନେଇ ଭାବାନ୍ତର ସୃଷ୍ଟି ହେବା ଆଶଙ୍କା ରହିଛି।

**ବୃଷ** ଆଜି ଏହିଭଳି ଜଣେ ବ୍ୟକ୍ତିଙ୍କ ସାହାଯ୍ୟ ପାଇବେ ଯାହାକି ଆପଣ କେବେ କଳ୍ପନା ମଧ୍ୟ କରି ନ ଥିବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ ପରକଥାକୁ ବିଶ୍ୱାସକରି ନିଜ ଲୋକଙ୍କୁ ସନ୍ଦେହ କରିପାରନ୍ତି। ମୃଗଶିରା ନକ୍ଷତ୍ରର ବିବାଦୀୟ ଘଟଣା ପୂର୍ବ ପରି ଅମୀମାଂସିତ ରହିବ, ଫଳରେ ମାନସିକ ସ୍ଥିତି ଭଲ ରହିବ ନାହିଁ।

**ମିଥୁନ** ଆଜି ସକାଳର ଯାତ୍ରା ପ୍ରୀତିପ୍ରଦ ରହିବ ଏବଂ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବା ଆଶା ରହିଛି। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇପାରନ୍ତି। ଧୈର୍ଯ୍ୟର ସହ ସମସ୍ୟାର ସମାଧାନ କଲେ ସୁଫଳ ମିଳିବ।

**କର୍କଟ** ଆଜିର ପୂର୍ବାହ୍ନରେ ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପାରିବାରିକ, ପ୍ରଶାସନ, ପ୍ରକାଶନ ଓ ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବା ସୂଚନା ରହିଛି । ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ଆର୍ଥିକ ସମସ୍ୟା ପୂର୍ବଭଳି ଅକ୍ଷୁଣ୍ଣ ରହିପାରେ।

**ସିଂହ** କୌଣସି ସମସ୍ୟା ବିଷୟରେ ଆଦୌ ଚିନ୍ତା କରନ୍ତୁ ନାହିଁ, ଧୈର୍ଯ୍ୟର ସହ ସମୟକୁ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ପୂର୍ବ ଶତ୍ରୁତା କାରଣରୁ ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ । ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି କରିପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହୋଇପାରେ।

**କନ୍ୟା** ଆଜି ସକାଳୁ ସକାଳୁ ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ସେଥିରେ ଅବଶ୍ୟ ଶୁଭଫଳ ପାଇବେ। ଅସାବଧାନତା କାରଣରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ। ଅଫିସରେ ଥିବା ସମୟରେ କୌଣସି ବ୍ୟକ୍ତିଙ୍କ ଠାରୁ ଶୁଭଖବର ପାଇ ଉଲ୍ଲସିତ ହୋଇପାରନ୍ତି। ପରିସ୍ଥିତି ବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**ତୁଳା** ପରିବାର ଭିତରେ କେତେକ ଅକୁହା କଥା ମନକୁ ବାରମ୍ବାର ଆଲୋଡ଼ିତ କରିପାରେ । ନିଜ ଲୋକ ମାନଙ୍କ ସାଧାରଣ କଥାରେ ଉତ୍‌କ୍ଷିପ୍ତ ହୋଇପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବା ସମ୍ଭାବନା ରହିଛି । ନିକଟସ୍ଥ ବ୍ୟକ୍ତିବିଶେଷଙ୍କଠାରୁ ଶ୍ରଦ୍ଧା, ଆଦର ପାଇ ନିଜକୁ ଗର୍ବିତ ମନେକରିପାରନ୍ତି।

**ବିଛା** କେତେକ ପାରିବାରିକ ସମସ୍ୟା ହେତୁ ମନଟା ଚହଲିଯାଇପାରେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। କଠୋର ଶ୍ରମଜନିତ ସ୍ୱାସ୍ଥ୍ୟରେ ଅବନତି ଘଟିବା ଆଶଙ୍କା ରହିଛି। କିନ୍ତୁ ଆନୁଷ୍ଠାନିକ କାମ, ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

**ଧନୁ** ସ୍ୱରାଶିସ୍ଥ ବୃହସ୍ପତି ହେତୁ ଶାରୀରିକ ଅବସ୍ଥାରେ କିମ୍ବା ପାରିବାରିକ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ, ଲୋକପ୍ରିୟତା ହେତୁ ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। ଆଜିର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି କିମ୍ବା କାମ ହାସଲ କରିପାରନ୍ତି।

**ମକର** ଆଜି ବନ୍ଧୁମାନଙ୍କ ଦ୍ୱାରା ରାଜକୀୟ ସମ୍ମାନ ପାଇ ନିଜକୁ ଭାଗ୍ୟବାନ୍ ମନେକରିବେ। ଦୀର୍ଘଦିନର ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ଘରଲୋକ ମାନଙ୍କ ଅନୁରୋଧରେ ମନୋରଞ୍ଜନ ଜିନିଷ କ୍ରୟକରି ପାରନ୍ତି। କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ ଏବଂ ନିକଟ ସମ୍ପର୍କୀୟମାନଙ୍କ ସହ ସମ୍ପର୍କ ସ୍ଥାପନକରି ଉପକୃତ ହେବେ।

**କୁମ୍ଭ** ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି କର୍ମକ୍ଷେତ୍ରରେ ଉତ୍ସାହିତ ହେବେ। ସାମୟିକ ପ୍ରତିବନ୍ଧକରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବ୍ୟବସାୟ, ବାଣିଜ୍ୟ, ପ୍ରଶାସନ, ପ୍ରଶାସନିକ ସ୍ତରରେ ସଫଳତା ହାସଲକରି ଖୁସି ହେବେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ନିଜ ଇଚ୍ଛା ଅନୁଯାୟୀ ଚାହୁଁଥିବା ଜିନିଷଟି ନ ପାଇ ମନଦୁଃଖ କରିପାରନ୍ତି।

**ମୀନ** ଗ୍ରହ ସ୍ଥିତିର ପ୍ରଭାବରେ ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ଆପଣଙ୍କ କାମରେ ଜାଣିଶୁଣି କେତେଜଣ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହୋଇପାରନ୍ତି। କିଛିଟା ସମସ୍ୟାମୂଳକ କଥାକୁ ମନରେ ରଖିପାରିବେ ନାହିଁ, ବନ୍ଧୁଙ୍କୁ କହିଦେବା ଫଳରେ ପରିସ୍ଥିତି ବିଗିଡ଼ିଯିବ।

ଆଜି ଫାଲ୍‌ଗୁନ କୃଷ୍ଣ ତୃତୀୟା ମଙ୍ଗଳବାର, ଫେବୃୟାରୀ ୧୧ ତାରିଖ, ରାଶି ନକ୍ଷତ୍ର-ପୂର୍ବା ଫାଲ୍‌ଗୁନୀ/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର। ଦିବା ଘ୮ ।୩୮ମି. ଗତେ ଘ୧୦ ।୫୩ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୩୫ମି. ଗତେ ଘ୧ ।୫୮ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭ ।୩୭ମି. ଗତେ ଘ୯ ।୧୨ମି. ମଧ୍ୟେ ରାହୁକାଳ।

## classifieds Everyday 0674-2580101, 2549302

**real estate**

**SALE**

Bhubaneswar ଏୟାରପୋର୍ଟରୁ 7km. ଦୂରରେ 1500sqft. ଘରବାରି ପ୍ଲଟ୍ 13,50,000/-, ନେଇ ଘରକରନ୍ତୁ। Contact: Pinky 6370476317. D-68577

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

ଭୁବନେଶ୍ୱର କଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/registration, 8144706560, 7750909843. D-68488

ଭୁବନେଶ୍ୱର AIIMS Medical ଠାରେ 30' ରାସ୍ତାଥାଇ yellowzone, ଘରବାରି, boundary plot ମିଳୁଅଛି। 1st possesion/registration- 9937819395. D-68481

ଢେଙ୍କାନାଳ ରେଳଷ୍ଟେଶନ ସାମ୍ନାରେ ମୁଖ୍ୟ ରାସ୍ତାକୁ ଲାଗି ୯୦ ଡେସିମିଲ ଘରବାରି ଜାଗା (3920 sqft.) ବିକ୍ରି ହେବ। ଯୋଗାଯୋଗ- ୯୫୫୬୪୩୩୮୫୩, ୯୪୩୭୨୯୦୫୦୪। D-66850

ଭୁବନେଶ୍ୱର Sumhospitalରୁ 4k.m 100' ରୋଡ଼କୁ ଲାଗି Tamando Kendriyaviharଠାରେ yellowzone ଘରବାରୀ ପ୍ଲଟ 8763886290, 9348767829. D-68486

2250sqft. Corner plot for sale near Raghunathpur, Jali, 8986629656. D-68581

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

4000sqft. Sahidnagar 4acre at Infosys and 1acre near Regallia Mall (Patrapada) for sale. Ph-7978388025. D-16640

Book Duplex opposite Hyundai Showroom, Tamando, RERA, SBI approved, 7978584549. D-68999

ଭୁବନେଶ୍ୱର କୁହା ମୌଜାରେ ଘରବାରି ପ୍ଲଟ୍ 1500sqft. 13,50,000/-, କିଣି ଆଜି ଘରକରନ୍ତୁ। Investment plot near Xavier University 3,00,00/-, 9853150290. D-68579

ଭୁବନେଶ୍ୱର New Rly. Station 1200sqft. yellowzone plot ମିଳୁଛି। 6371406921. D-16644

Gharabari plot for sale at Balianta 450/-per. sqft., 900/-per. sqft. at KEC, Near Uttara. Mob- 7978671993. D-16643

**to-let**

Fully furnished AC office accommodation near Bomikhal Square, Cuttack Road, Bhubaneswar. Contact No. 9861120421. D-69009

Bhubaneswar, Parkstreet Forestpark, Three Bedrooms, Ground Floor, Drawing, Dining, Toilets, Kitchen, Garage, Office/ Residence. Contact: 9861158578. D-68335

Commercial space for rent at Lane-9, Bapujee Nagar, Bhubaneswar, Ground- 2000sqft., First- 2200sqft., Second- 2200sqft. Parking, Lift & DG. Contact- 9338554697. D-16641

**healthcare**

Ayurvedic full body massage ladies/gents smart experts therapist:- 8480939300. D-68772

Ayurvedic full body massage, smart trained lady therapist- 9437453813. D-68060

Full body herbal massage with refreshment expert therapist. 7381239385, 06742540855. D-68983

Experience full body massage with us (expert). Call: 7377048581, 06742597822. D-68984

Kasturi massage club, fully relaxed by expert lady, home service: 9178845612. D-68779

Sai herbal spa refresh your body with smart, expert therapist. 7608062524. D-68991

Herbal full body massage by smart / expert therapist. Contact: 8338067247. D-68985

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68986

Body massage @ 1099 at mystic Unisex Salon and Spa. 9556978408. D-68988

Rejuvenate and Ayurvedic full body massage by smart therapist. 9114402304. D-68987

Ayurvedic full body massage ladies and gents. Contact: 9861064981. D-68778

Ayurvedic full body massage ladies & gents smart therapist, 9668814589. D-68784

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68783

Refresh your mind and soul with best therapy at Orchid Salon/Spa. 9937287222. D-68786

Completely stress management therapy, visit us our clinic. Contact: 7852986810. D-68582

**business**

୪୯୯୯/- ରେ ନିଜର Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-16575

**LOST**

I have lost my Degree Engineering Certificate Regd. No- 1001211636 on the way near by Bomikhal on 08.02.2020. If found please call Mob- 9776516950 (Dibya Darshan Das). D-16645

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଜିଲା ଚିଠି
## ନୂଆପଡ଼ା



## ଅପରେଶନ ଏସ୍‌କଫ୍

ଜିଲାରେ ଅବାଧ ନିଶା କାରବାର ରୋକିବାକୁ ଅବକାରୀ ଓ ଡ୍ରଗ୍ସ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ କାମ କରୁଛନ୍ତି। ହେଲେ ଦୁଇ ଚାରିବର୍ଷର କାରବାରକୁ ହିସାବକୁ ନେଲେ ପୋଲିସ ବିଭାଗକୁ ଛାଡିଦେଲେ ବାକି ଦୁଇ ବିଭାଗ ସୁପ୍ତ ହୋଇପଡିଥିବା ଅଭିଯୋଗ ହୋଇଛି। ପୋଲିସ ପରୋକ୍ଷରେ ଅବକାରୀ ଏବଂ ଡ୍ରଗ୍ସ ବିଭାଗ କାମ କରୁଛି। ଏହି ଜିଲାରେ ବିଭିନ୍ନ ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯୁବ ସମାଜ ମଧ୍ୟରେ ଏସ୍‌କଫ୍ ସିରପ୍ ବ୍ୟବହାର ଚରମ ସୀମାକୁ ଛୁଇଁଛି। ଏହା ଉପରେ ପୋଲିସ ବିଭାଗ ତତ୍ପରତା ଦେଖାଇ ନିଶା କାରବାର ବନ୍ଦ କରିବା ପାଇଁ ଅଣ୍ଟା ଭିଡିଛି। ସାଧାରଣତଃ କାଶ ସର୍ଦ୍ଦି ପାଇଁ ବ୍ୟବହୃତ ହେଉଥିବା ଏସ୍‌କଫ୍ ସିରପ୍ (ଏକ କଫ୍ ସିରପ୍) ଧୀରେ ଧୀରେ ଏଠିକାର ଯୁବ ସମାଜ ପାଇଁ ନିଶାର ରୂପ ନେଇଥିଲା। ଯୁବପିଢୀ ଏହି ସିରପ୍‌କୁ ବହୁଳ ଭାବେ ବ୍ୟବହାର କରିବା ଫଳରେ ଏହାର ଚାହିଦା ବୃଦ୍ଧି ପାଇ ଦର ବଢ଼ିଥିଲା। ଏହାର ପ୍ରକୃତ ମୂଲ୍ୟ ୪୦ରୁ ୫୦ଟଙ୍କା ଥିବାବେଳେ ବଜାରରେ ସିରପ୍ ବୋତଲ ପିଛା ୨ରୁ ୩ଶହ ଟଙ୍କା ପର୍ଯ୍ୟନ୍ତ ବଢିଗଲା। ଏହି ବେପାର ନୂଆପଡା ସମେତ ବରଗଡ, ବଲାଙ୍ଗୀର ପର୍ଯ୍ୟନ୍ତ ଲମ୍ବିଲା। ଏହା ଉପରେ ନା ଅବକାରୀ ବିଭାଗ କି ଡ୍ରଗ୍ସ ବିଭାଗର ନଜର ପଡିଲା ନାହିଁ। ସମୟକ୍ରମେ ଏହାକୁ ଜିଲା ପୋଲିସ ଟାର୍ଗେଟ କରିଥିଲା। ଗତବର୍ଷ ଅଗଷ୍ଟ ମାସଠାରୁ ହିସାବକୁ ନେଲେ ଏଯାବତ ଭିନ୍ନ ଭିନ୍ନ ମାମଲାରେ ମୋଟ ୨୮ଜଣ ବ୍ୟବହାରକାରୀ ଏବଂ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି। ଏଥିରେ ମୋଟ ୨୪ହଜାର କଫ୍ ସିରପ୍ ଜବତ କରିପାରିଛି। ବିଶେଷକରି ଜିଲା ସଦର ମହକୁମା ପୋଲିସ ଏହାର ପ୍ରକୃତ ଚେରକୁ ଖୋଳ ତାଡ କରିବାରେ ସଫଳ ହୋଇଥିଲା। ଏହାର ଚେର ସୁଦୂର ଗୁଜରାଟ, ପଞ୍ଜାବ, ବିହାର ପର୍ଯ୍ୟନ୍ତ ଲମ୍ବିଥିବା ବାହାର କରିଛି। ଏଥିମଧ୍ୟରୁ ଗତ ଜାନୁୟାରୀ ୨୩ ତାରିଖ ଦିନ ରାୟପୁରରୁ ନୂଆପଡା ଦେଇ ଚାଲାଣ ହେଉଥିବା ଏକ ଗାଡିକୁ ଅଟକ ରଖି ସେଥିରୁ ୯୪୫୦ଟି କଫ ସିରପ୍ ଜବତ କରିଥିଲା। ଏହାପରେ ଏହାର ଚେର ଗୁଜୁରାଟ ଯାଏଁ ଲମ୍ବିଥିବା ଜଣାପଡିଥିଲା। ଏହି କ୍ରମରେ ସ୍ଥାନୀୟ ୪ ଯୁବକଙ୍କୁ ପୋଲିସ ଗିରଫ କରିବାପରେ ସେମାନଙ୍କ ବୟାନକୁ ଭିତ୍ତି କରି ଅହମ୍ମଦାବାଦର ଫରମାକୋ ହେଲ୍‌ଥ କେୟାର ନାମକ ଏକ କମ୍ପାନୀକୁ ଠାବ କରିଥିଲା। ସେଠାରୁ ନକଲି ଏସ୍‌କଫ୍ ସିରପ୍ ଯୋଗାଣ କରୁଥିବା ଭବେଶ ଜୀବାନୀ(୩୮) ଏବଂ ତାଙ୍କ ସହଯୋଗୀ ପଞ୍ଜାବର ଚଣ୍ଡିଗଡରୁ ସୁମିତ କୁମାର(୨୮)ଙ୍କୁ ଗିରଫ କରିଥିଲା। ସେହିଭଳି ଜାନୁୟାରୀ ୩୧ରେ ଆହୁରି ଏକ ବଡ ସଫଳତା ପୋଲିସକୁ ମିଳିଥିଲା। ନୂଆପଡାରୁ କୋମନାକୁ ଚାଲାଣ କଫ୍ ସିରପ୍ ଚାଲାଣ କରୁଥିବା ଏକ ଗାଡିକୁ ପିଛା କରି ସେଥିରୁ ୫୯୨୦ଟି କଫ୍ ସିରପ୍ ଜବତ କରିବା ସହ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏତିକିରେ ପୋଲିସ ଚୁପ ହୋଇ ବସି ନ ଥିଲା। ଏହାର ଚେର ମଧ୍ୟ ଖୋଜାଯାଇଥିଲା। ବିହାର ପାଟଣାରୁ ରବି ପାଣ୍ଡେ(୫୦) ଏବଂ ରାଞ୍ଚିରୁ ପଙ୍କଜ ସାହୁ(୩୪)ଙ୍କୁ ଗିରଫ କରିଛି। ଏକପ୍ରକାର ଜିଲାକୁ ଚାଲାଣ ହେଉଥିବା ମୁଖ୍ୟସୂତ୍ରଗୁଡିକୁ ପୋଲିସ ଚେକ୍ ଦେଇପାରିଛି। ତେବେ ଏଭଳି ସ୍ଥିତିରେ ଜିଲାରେ କାମ କରୁଥିବା ଅବକାରୀ ବିଭାଗ ହେଉ କି ଡ୍ରଗ୍ସ ବିଭାଗ ତୁଣ୍ଡରେ ନଖ କାମୁଡି ବସି ରହିଥିବା ଦେଖାଯାଉଛି। ଏଭଳି ସ୍ପର୍ଶକାତର ଧରପଗଡ ଚାଲିଥିବାବେଳେ ଆଜକୁ ୬ ମାସ ହେବ ଜିଲାରେ ସ୍ଥାୟୀ ଡ୍ରଗ୍ସ ଇନ୍ସପେକ୍ଟର ନ ଥିବା ସରକାରୀ ଉଦାସୀନତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

– ଘନଶ୍ୟାମ ଭୋଇ

# ରେଳ ବଜେଟ ହ୍ରାସ ନେଇ ଆଜି ରେଳମନ୍ତ୍ରୀଙ୍କୁ ଭେଟିବ କମିଟି



ବାଚସ୍ପତିଙ୍କ ଅଧକ୍ଷତାରେ ବିଧାନସଭା ୫୪ ନମ୍ବର ପ୍ରକୋଷ୍ଠରେ ସୋମବାର ବସିଥିବା ରେଲୱେ ଗୃହ କମିଟିର ବୈଠକ।

**ବିଧାନସଭା ରେଲୱେ ଗୃହ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ**

- ୪ମନ୍ତ୍ରୀ, ବାଚସ୍ପତିଙ୍କ ସମେତ ୧୦ ବିଧାୟକ, ୭ ଅଧିକାରୀ ଗସ୍ତ କରିବେ
- ବୈଠକ ଅଧାରୁ ଉଠି ପଳାଇଲେ ମୋହନ ମାଝି
- ଆଜି ଦିଲ୍ଲୀର ଓଡ଼ିଶା ଭବନରେ ବସିବ ବୈଠକ
- ରେଳମନ୍ତ୍ରୀଙ୍କୁ ସାକ୍ଷାତ୍ ବେଳେ ଯୋଗଦେବେ ବିଜେଡି ଏମ୍‌ପି

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଚଳିତବର୍ଷ ଓଡ଼ିଶାର ବିଭିନ୍ନ ରେଳ ପ୍ରକଳ୍ପ ଲାଗି କେନ୍ଦ୍ର ସରକାର ବଜେଟରେ ୪୩୭୩ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହା ଗତବର୍ଷ ବ୍ୟୟ ବରାଦଠାରୁ ୨୨୦କୋଟି ଟଙ୍କା କମ୍ ହୋଇଥିବାରୁ ବିଧାନସଭାର ରେଲୱେ ଗୃହ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଅନ୍ୟପଟେ ରାଜ୍ୟରେ ଅଧାପନ୍ତରିଆ ଭାବେ ପଡି ରହିଥିବା ରେଲୱେ କାର୍ଯ୍ୟ ଲାଗି ସେଭଳି କିଛି ଅନୁଦାନ ବଜେଟରେ ନ ଥିବାରୁ ରେଲୱେ ଗୃହ କମିଟି କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟିବାକୁ ନିଷ୍ପତ୍ତି ନେଇଛି। ମଙ୍ଗଳବାର ସନ୍ଧ୍ୟା ୭ଟା ସମୟରେ କମିଟି ସଦସ୍ୟମାନେ ରେଳମନ୍ତ୍ରୀଙ୍କ ସହ ଦିଲ୍ଲୀସ୍ଥିତ ରେଲୱେ ଭବନରେ ଏହିସବୁ ବିଷୟରେ ଆଲୋଚନା ଏବଂ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ସୋମବାର ବିଧାନସଭାର ୫୪ନମ୍ବର ପ୍ରକୋଷ୍ଠରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ ରେଳ ସମ୍ପ୍ରସାରଣ ଓ ଉନ୍ନତୀକରଣ ଉପରେ ଏକ ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଚାଲୁ ରହିଥିବା ଏବଂ ନୂତନ ପ୍ରକଳ୍ପ ଯଥା-ରେଳପଥ, ରେଳ ପୋଲ, ରେଳ ୱାଗନ୍ ଓ ଇଞ୍ଜିନ୍ ତିଆରି କାରଖାନା ଆଦି ନିର୍ମାଣର ଅଗ୍ରଗତି ସହ ରେଳ ମନ୍ତ୍ରଣାଳୟର ଅନୁଦାନ ସମ୍ପର୍କରେ ମଧ୍ୟ ଆଲୋଚନା ହେବ। ଏହାସହିତ ଅଧାପନ୍ତରିଆ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ସକାଶେ ଅନୁଦାନ ମାଗିବେ, ସେହିପରି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାମ ସମ୍ପୂର୍ଣ୍ଣ ହେବା ଲାଗି ୧୫୦୦କୋଟି ଟଙ୍କାର ଆବଶ୍ୟକତା ଥିବା ବୈଠକରେ ଆଲୋଚନା ହୋଇଥିଲା। ଯଦି ଏହି ଅନୁଦାନ ସମୟ ମଧ୍ୟରେ ଦିଆଯାଏ ତେବେ ପ୍ରକଳ୍ପ କାମ ଯଥା ସମୟରେ ଶେଷ ହୋଇପାରିବ ବୋଲି କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମତ ରଖିଥିଲେ। ଏହାସହିତ ୧୦ଟି ରେଲୱେ ଲାଇନ ନିର୍ମାଣ ସମ୍ପର୍କରେ କମିଟି ମତ ରଖିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ବୈଠକରେ ଉପସ୍ଥିତ ଭାଜପା ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ କେନ୍ଦ୍ର ଦେଉଥିବା ଅର୍ଥ ଖର୍ଚ୍ଚ କରାଯାଇପାରୁ ନ ଥିବା କଥା ଉଠାଇଥିଲେ। ଏନେଇ ପରିବହନ ମନ୍ତ୍ରୀଙ୍କୁ ମୋହନ ମାଝି ପ୍ରଶ୍ନ ପଚାରିବା ପରେ ତା’ ଉପରେ ସେ ଉତ୍ତର ନ ରଖିବାରୁ ମାଝି ରାଗିକି ଉଠି ପଳାଇଥିଲେ। ବାଚସ୍ପତି ପାତ୍ରଙ୍କ ନେତୃତ୍ୱରେ ମୋଟ ୧୫ ଜଣ କମିଟି ସଦସ୍ୟ ଏବଂ ୭ଜଣ ସରକାରୀ ଅଧିକାରୀ ଦିଲ୍ଲୀ ଗସ୍ତ କରିବେ। ଉକ୍ତ କମିଟିରେ ବାଚସ୍ପତି, ୪ଜଣ ମନ୍ତ୍ରୀ ଓ ୧୦ ବିଧାୟକ ରହିବେ। ସରକାରୀ ଅଧିକାରୀଙ୍କ ମଧ୍ୟରେ ପରିବହନ ସଚିବ ଏବଂ ଓଏସ୍‌ଡିଙ୍କ ସମେତ ବିଧାନସଭା ବାଚସ୍ପତି ଏବଂ ଅନ୍ୟ ୪ ଅଧିକାରୀ ଗସ୍ତ କରିବେ। ଟିମ୍ ଦିଲ୍ଲୀସ୍ଥିତ ଓଡ଼ିଶା ଭବନଠାରେ ପ୍ରଥମେ କମିଟି ସଦସ୍ୟମାନେ ଏକ ବୈଠକ କରିବେ। ଉକ୍ତ ବୈଠକରେ ଶାସକ ଦଳ ଏବଂ ଭାଜପା ଓ କଂଗ୍ରେସ ଏମ୍‌ପିମାନେ ମଧ୍ୟ ସାମିଲ ହେବାକୁ କୁହାଯାଇଛି। ମାତ୍ର କଂଗ୍ରେସ ଏମ୍‌ପିଙ୍କ ସମେତ ବିଜେଡି ଏମ୍‌ପିମାନେ ଯୋଗଦେବେ ବୋଲି ଶୁଣିବାକୁ ମିଳୁଛି। ସେଠାରୁ ବୈଠକ ଶେଷକରି ରେଳ ଭବନ ଅଭିମୁଖେ ଗସ୍ତ କରିବେ। ବୁଧବାର କମିଟି ସଦସ୍ୟ ଓଡ଼ିଶା ଫେରିବାର କାର୍ଯ୍ୟକ୍ରମ ରହିଛି।




# କିର୍ମିରାରେ ସ୍ୱାସ୍ଥ୍ୟ ଶିବିର | ୨୨୯୩ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ



ଝାରସୁଗୁଡା ଜିଲା କିର୍ମିରାସ୍ଥିତ ଶୋଭନ ମେମୋରିଆଲ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚିତ୍ତ ଜ୍ଞାନି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଝାରସୁଗୁଡା ଅଫିସ, ୧୦।୨

ଝାରସୁଗୁଡା ଜିଲା କିର୍ମିରାସ୍ଥିତ ଶୋଭନ ମେମୋରିଆଲ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚିତ୍ତ ଜ୍ଞାନି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ୨୨୯୩ ଜଣ ଲୋକ ଏଥିରେ ଯୋଗଦେଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ୨୪ଟି ବିଭାଗରେ ରୋଗୀଙ୍କ ପରୀକ୍ଷା ମାଗଣାରେ କରାଯାଇଥିଲା। କଟକ, ଭୁବନେଶ୍ୱର, ସମ୍ବଲପୁର, ବୁର୍ଲା ଓ ଜାମସେଦପୁର ଆଦି ଅଞ୍ଚଳରୁ ୪୦ଜଣ ଡାକ୍ତର ଶିବିରରେ ଉପସ୍ଥିତ ରହି ରୋଗୀ ଦେଖିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଜିଲାପାଳ ସରୋଜ କୁମାର ସାମଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗଦୀଶ ଚନ୍ଦ୍ର ବାରିକ, ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା, ପ୍ରଫେସର ଡା. ଚିତ୍ତରଞ୍ଜନ କର, ସୁରଜିତ ଦାସ, ରାଜେଶ୍ୱର ହୋତା, ମନ୍ତ୍ରୀ ଦାସଙ୍କ ପ୍ରତିନିଧି ଦୀପାଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ଟ୍ରଷ୍ଟର ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

# କାର୍ଯ୍ୟରେ ଅବହେଳା ଯୋଗୁ ଉଚ୍ଚଶିକ୍ଷା ବିଭାଗର ଉପବିଭାଗ ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ଉଚ୍ଚଶିକ୍ଷା ବିଭାଗର ଉପବିଭାଗ ଅଧିକାରୀ କ୍ଷେତ୍ରବାସୀ ଗୋଚ୍ଛାୟତଙ୍କୁ କାର୍ଯ୍ୟରେ ଅବହେଳା ଯୋଗୁ ନିଲମ୍ବନ କରାଯାଇଛି। ତାଙ୍କ ନିଲମ୍ବନ ଆଦେଶ ତୁରନ୍ତ କାର୍ଯ୍ୟକାରୀ କରାଯାଇଛି। ସୂଚନାଯୋଗ୍ୟ, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଗତ ଜାନୁୟାରୀ ୨୧ରେ ନଅତାଲାସ୍ଥିତ ଉଚ୍ଚଶିକ୍ଷା ବିଭାଗ ଦ୍ୱିତୀୟ କ୍ୟାମ୍ପସ୍ ଅଚାନକ ଗସ୍ତ ସମୟରେ ଫାଇଲ୍ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଫାଇଲ୍‌ଟି ୬ ମାସରୁ ଉର୍ଦ୍ଧ୍ୱକାଳ କାର୍ଯ୍ୟକାରୀ ନ ହୋଇ ପଡ଼ିରହିଥିବାରୁ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାର ତଦନ୍ତ କରି କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଉପବିଭାଗ ଅଧିକାରୀ ଗୋଚ୍ଛାୟତଙ୍କୁ ତୁରନ୍ତ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ‘୫-ଟି’ ଆଧାରରେ କାର୍ଯ୍ୟ କରି ଫାଇଲ୍ ପ୍ରକ୍ରିୟାରେ ପାରଦର୍ଶିତା ଆଣିବାକୁ ମନ୍ତ୍ରୀଙ୍କ ବାରମ୍ବାର ତାଗିଦ୍ ସତ୍ତ୍ୱେ ଉପବିଭାଗ ଅଧିକାରୀ କାର୍ଯ୍ୟରେ ଅବହେଳା କରିବାରୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ସୁସ୍ଥ ହୋଇ ଘରକୁ ଫେରିଲେ ଘନଶ୍ୟାମ
## ରାଜ୍ୟର ପ୍ରଥମ କାଡାଭାରିକ୍ କିଡ୍‌ନୀ ପ୍ରତ୍ୟାରୋପଣ ଘଟଣା

- ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ
- ଅଙ୍ଗ ପ୍ରତ୍ୟାରୋପଣ ପାଇଁ ରାଜ୍ୟ ସରକାର ସାହାଯ୍ୟ ଯୋଗାଇବେ

**ଭୁବନେଶ୍ୱର, ୧୦।୨(ବ୍ୟୁରୋ):** ମସ୍ତିଷ୍କ ମୃତ୍ୟୁ ଘଟିଥିବା ଗଞ୍ଜାମର ପି. ପ୍ରିୟଙ୍କାରାଣୀ ପାତ୍ରଙ୍କ କିଡ୍‌ନୀକୁ ସଫଳତାର ସହ ପ୍ରତ୍ୟାରୋପଣ କରାଯିବା ପରେ ଘନଶ୍ୟାମ ଜେନା ଏକ ନୂଆ ଜୀବନ ପାଇଛନ୍ତି। ଗତ ୪ ତାରିଖରେ ଆପୋଲୋ ହସ୍ପିଟାଲରେ ଦୀର୍ଘ ୬ଘଣ୍ଟା ଅସ୍ତ୍ରୋପଚାର ହୋଇଥିଲା। ବର୍ତ୍ତମାନ ସୁସ୍ଥ ହୋଇ ଘନଶ୍ୟାମ ସୋମବାର ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି। କେବଳ ଘନଶ୍ୟାମ ନୁହନ୍ତି, ପ୍ରିୟଙ୍କାଙ୍କ ଆଉ ଏକ କିଡ୍‌ନୀ ମଧ୍ୟ କଟକ ଏସ୍‌ସିବିରେ ଫିରୋଜ ସାହୁଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯାଇଥିଲା ଏବଂ ସେ ମଧ୍ୟ ସୁସ୍ଥ ଥିବା ଜଣାପଡ଼ିଛି। ପ୍ରିୟଙ୍କାଙ୍କ ପରିବାର ଏଭଳି ଏକ ମହତ୍ ନିଷ୍ପତ୍ତି ନେଇ ଦୁଇଜଣଙ୍କ ଜୀବନ ବଞ୍ଚାଇବା ପରେ ଚାରିଆଡୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଜଣଙ୍କ ଜୀବନ ରକ୍ଷା କରିଥିବା ଏସ୍‌ସିବି ମେଡିକାଲ ଓ ଆପୋଲୋ ହସ୍ପିଟାଲ ଭୁବନେଶ୍ୱରର ଡାକ୍ତରମାନଙ୍କୁ ସୋମବାର ଲୋକସେବା ଭବନରେ ଆୟୋଜିତ ଏକ ବୈଠକରେ ସେମାନଙ୍କ ସଫଳତା ପାଇଁ ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରଥମ କାଡାଭାରିକ୍ କିଡ୍‌ନୀ ପ୍ରତ୍ୟାରୋପଣକୁ ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ଡାକ୍ତରମାନଙ୍କ ଦକ୍ଷତାର ଉଚ୍ଚପ୍ରଶଂସା କରିଥିଲେ। ଆଗାମୀ ଦିନରେ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ରାଜ୍ୟ ସରକାର ସବୁ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ମଧ୍ୟ ସଫଳ ଅସ୍ତ୍ରୋପଚାର ଲାଗି ଡାକ୍ତରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ‘୫ ଟି’ ସଚିବ ଭି. କେ. ପାଣ୍ଡିଆନ କହିଥିଲେ, ମୃତ ବ୍ୟକ୍ତିଙ୍କ ଅଙ୍ଗଦାନ ଏକ ମହତ୍ ଦାନ। ଏହାଦ୍ୱାରା ଅନ୍ୟମାନଙ୍କ ଜୀବନ ରକ୍ଷା ଯେପରି ହୋଇପାରିବ ସେଥିପାଇଁ ଆବଶ୍ୟକ ପଡ଼ିଲେ ହେଲିକପ୍ଟର ସୁବିଧା ମଧ୍ୟ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। କଟକ ଏସ୍‌ସିବି ମେଡିକାଲ କଲେଜର ନେଫ୍ରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ଚିତ୍ତରଞ୍ଜନ କର ଏବଂ ଆପୋଲୋ ହସ୍ପିଟାଲର ୟୁରୋଲୋଜି ବିଭାଗ ମୁଖ୍ୟ ଡା. ସମୀରନ୍ ଦାସ ଅଧିକାରୀ ମୃତ ବ୍ୟକ୍ତିଙ୍କ ଅଙ୍ଗ ସଂଗ୍ରହ ଏବଂ ପ୍ରତ୍ୟାରୋପଣ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। କଟକ ଏସ୍‌ସିବି ମେଡିକାଲ କଲେଜର ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଓ ୟୁରୋଲୋଜି ବିଭାଗ ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା, ପ୍ରଫେସର ଜୟଶ୍ରୀ ମହାନ୍ତି, ପ୍ରଫେସର ସରୋଜକାନ୍ତ ସାହୁ, ଡା. ସବ୍ୟସାଚୀ ପଣ୍ଡା, ଡା. ସଞ୍ଜୟ ଚୌଧୁରୀ, ଡା. କଲ୍ୟାଣୀବାଳା ନାୟକ, ଡା. ରୁଦ୍ରାଶିଷ ସାମଲ, ଅନିନ୍ଦିତା ସାବତ, ସୁମନ ସିଂ, ରମାକାନ୍ତ ପଣ୍ଡା, ସାବିତ୍ରୀ ଦାସ ଓ ଡା. ଏଲ୍. ଏନ୍. ବେହେରା ଏବଂ ଆପୋଲୋ ହସ୍ପିଟାଲ ସେଣ୍ଟ୍ରାଲ ରିଜିଅନ ସିଇଓ ସୁଧୀର ଏମ୍. ଦିଗିକର, ଡା. ସମୀରୋନ୍‌ଦାସ ଅଧିକାରୀ, ଡା. ଶର୍ମିଳୀ ସିହ୍ନା, ଡା. ବିବେକାନନ୍ଦ ପଣ୍ଡା, ଡା. ଦେବବ୍ରତ ଦାଶ, ଡା. ସୁବ୍ରତ ସାହୁ, ଡା. ନୀତିଶ ମହାନ୍ତି ଓ ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


## କରୋନା ଭାଇରସ୍ ସଚେତନତା

Brought to you by: Apollo HOSPITALS BHUBANESWAR

**ଚିକିତ୍ସା**

ନୋଭେଲ୍ କରୋନା ଭାଇରସ୍ କାରଣରୁ ଜାତ ରୋଗର ଚିକିତ୍ସା ପାଇଁ କୌଣସି ସ୍ୱତନ୍ତ୍ର ଚିକିତ୍ସା ନାହିଁ । ଚିକିତ୍ସା ମୁଖ୍ୟତଃ ରୋଗୀଙ୍କ ନିଦାନିକ ସ୍ଥିତି ଭିତ୍ତିରେ ଲକ୍ଷଣ ଓ ସହାୟତା ଆଧାରିତ ହୋଇଥାଏ । ଏବେ ସୁଦ୍ଧା, କୌଣସି ଟିକା ଉପଲବ୍ଧ ହୋଇନାହିଁ । ୨୦୧୯-nCoV ରେ ପୀଡ଼ିତ ଥିବାର ସନ୍ଦେହ କରାଯାଉଥିବା/ ସୁନିଶ୍ଚିତ ହୋଇଥିବା ରୋଗୀଙ୍କ ପରିବାର ସଦସ୍ୟଙ୍କ ଲାଗି ପ୍ରାକ୍-ସତର୍କତା

- ବ୍ୟକ୍ତିଙ୍କ ରକ୍ତ, ଶାରୀରିକ ତରଳ ଏବଂ/କିମ୍ବା କ୍ଷରଣ - ଝାଳ, ଲାଳ, କଫ, ସିଂଘାଣି, ବାନ୍ତି, ମୂତ୍ର କିମ୍ବା ଝାଡ଼ା ସଂସ୍ପର୍ଶରେ ଆସିବାର ଥିଲେ ଡିସ୍‌ପୋଜେବଲ୍ ଫେସ୍‌ମାସ୍କ, ଗାଉନ୍ ତଥା ଆବଶ୍ୟକତାସ୍ଥଳେ ଗ୍ଲୋଭ୍‌ସ ପିନ୍ଧନ୍ତୁ ।
- ବ୍ୟବହାର ପରେ ଫେସ୍‌ମାସ୍କ, ଗାଉନ୍ ଏବଂ ଗ୍ଲୋଭ୍‌ସକୁ ଫୋପାଡ଼ିଦିଅନ୍ତୁ ଓ ତୁରନ୍ତ ହାତ ଧୁଅନ୍ତୁ ।
- ସଂକ୍ରମିତ ହୋଇଥିବାର ସନ୍ଦେହ ଥିବା ବ୍ୟକ୍ତିଙ୍କ ସହ ତଉଲିଆ, ଖାଇବା ବାସନକୁସନ, ପାଣି ଗ୍ଲାସ୍, କପ୍, ବିଛଣା କିମ୍ବା ଅନ୍ୟାନ୍ୟ ସାମଗ୍ରୀ ଭାଗ କରନ୍ତୁ ନାହିଁ ।
- ବ୍ୟବହାର ପରେ ଭଲ ଭାବେ ସାବୁନ ଓ ପାଣିରେ ଧୁଅନ୍ତୁ।
- କାଉଣ୍ଟର୍, ଟେବୁଲଟପ୍, ଡୋର୍‌ନବ୍, ବାଥ୍‌ରୁମ୍ ଫିକ୍ସର୍, ଶୌଚାଳୟ, ଫୋନ୍, କୀବୋର୍ଡ, ଟାବ୍‌ଲେଟ୍ ଏବଂ ବେଡ୍‌ସାଇଡ୍ ଟେବୁଲ ଭଳି ସମସ୍ତ “ଉଚ୍ଚ-ସ୍ପର୍ଶ” ପୃଷ୍ଠଗୁଡ଼ିକୁ ସବୁଦିନ ସଫା କରନ୍ତୁ।
- ଆହୁରି ମଧ, ରକ୍ତ, ଶାରୀରିକ ତରଳ ଏବଂ/ କିମ୍ବା କ୍ଷରଣ କିମ୍ବା ମଳ-ମୂତ୍ର ଲାଗିଥିବା ପୃଷ୍ଠଗୁଡ଼ିକୁ ସଫା କରନ୍ତୁ। ଏଥିପାଇଁ ଡିଲ୍ୟୁଟେଡ୍ ବା ଜଳମିଶ୍ରିତ ବ୍ଲିଚ୍ ସଲ୍ୟୁସନ୍ ବ୍ୟବହାର କରନ୍ତୁ - ଘରେ ବ୍ଲିଚ୍ ସଲ୍ୟୁସନ୍ ତିଆରି କରିବା ପାଇଁ, ୧ ଚା’ଚାମଚ ବ୍ଲିଚ୍ ୪ କପ୍ ପାଣି କିମ୍ବା ୧/୪ କପ୍ ବ୍ଲିଚ୍ ୧୬ କପ୍ ପାଣିରେ ମିଶାନ୍ତୁ ।
- ସଂକ୍ରମିତ ବ୍ୟକ୍ତିଙ୍କ ନିକଟ ସଂସ୍ପର୍ଶରେ ଆସିବା ଦିନଠାରୁ ନିଜ ସ୍ୱାସ୍ଥ୍ୟ ଉପଜରେ ନଜର ରଖିବା ଆରମ୍ଭ କରନ୍ତୁ ଏବଂ ତାଙ୍କ ନିକଟ ସଂସ୍ପର୍ଶରେ ଆସିବାର ଶେଷ ଦିନଠାରୁ ୧୪ ଦିନ ପର୍ଯ୍ୟନ୍ତ ଏହା ଜାରି ରଖନ୍ତୁ। ଦିନରେ ଦୁଇଥର ନିଜ ଶରୀରର ତାପମାତ୍ରା ଯାଞ୍ଚ କରନ୍ତୁ। କାଶ, ଅଣନିଃଶ୍ୱାସୀ ଲାଗିବା, ଦେହ ଶୀତେଇ ଯିବା, ଶରୀର ବ୍ୟଥା, ତଣ୍ଟି ବ୍ୟଥା, ମୁଣ୍ଡବିନ୍ଧା, ଡାଇରିଆ, ବାନ୍ତି ଲାଗିବା/ବାନ୍ତି ହେବା ଏବଂ ନାକରୁ ବୋହିବା ଇତ୍ୟାଦି ଲକ୍ଷଣକୁ ନେଇ ସତର୍କ ରୁହନ୍ତୁ ।




ଆତଙ୍କିତ ହେବାର କୌଣସି କାରଣ ନାହିଁ । ଏନ୍‌ସିଡିସି କିମ୍ବା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର ଏବଂ ରାଜ୍ୟ ସରକାର ସମୟ ସମୟରେ ଜାରି କରୁଥିବା ଦିଗ୍‌ନିର୍ଦ୍ଦେଶାବଳୀକୁ ଅନୁସରଣ କରନ୍ତୁ । ଏବେ ସୁଦ୍ଧା ହାତର ପରିଛନ୍ନତା ଏବଂ ଶ୍ୱାସକ୍ରିୟାଗତ ଶିଷ୍ଟାଚାର ହିଁ ସଂକ୍ରମଣ ନିୟନ୍ତ୍ରଣର ରଣନୀତି ଅଟେ ।

(କ୍ରମଶଃ...)

ଡା. ସୁନୀତା ସାହୁ, ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ୍ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬

CLASSIFIED DISPLAY

**Distributor Reqd.**
ADIODI Fashion Pvt. Ltd.
leading manufacture of Jeans, T-Shirts, Shirts & Innerware (both Men & Women) immediately rquired distributor district wise for entire part of Odisha.
Contact: 9938842102 / 7978926559



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8447703551 9971793786

ସେହି ଦିବ୍ୟଜନନୀ ଆମ ପୃଥିବୀର ଏଇ ଅନ୍ଧକାର ଭିତରକୁ ପ୍ରବେଶ କରିଛନ୍ତି। କାରଣ- ସେ ଏଇ ଅନ୍ଧକାର ଭିତରେ ଆଲୋକ ଜଳାଇବେ। ସେ ମଧ ଏହି ପାର୍ଥିବ ଜୀବନର ମିଥ୍ୟା ଓ ଭ୍ରମପ୍ରମାଦ ଭିତରେ ପ୍ରବେଶ କରିଛନ୍ତି। କାରଣ ସେ ତାକୁ ସତ୍ୟରେ ପରିଣତ କରିବେ। ସେ ମଧ ଏଇ ମୃତ୍ୟୁଲୋକରେ ପ୍ରବେଶ କରିଛନ୍ତି। କାରଣ ସେ ଏହାକୁ ଦିବ୍ୟଜୀବନରେ ରୂପାନ୍ତରିତ କରିପାରନ୍ତି। -ଶ୍ରୀଅରବିନ୍ଦ

# ଜିଡିପିରେ କରୋନା ଭାଇରସ୍



ସହଦେବ ସାହୁ

ଉହାନ୍ ନାମକ ପ୍ରଦେଶ କରୋନା ଭାଇରସ୍-୨୦୧୯ (2019-nCoV)ର ଉତ୍ପତ୍ତିସ୍ଥଳ ହୋଇଥିବାରୁ ଚାଇନା ସେ ପ୍ରଦେଶଟିକୁ ପୂରାପୂରି ଘେରବନ୍ଦୀ କରିରଖିଛି, ଅନ୍ୟ ଅଞ୍ଚଳ ସହ ଏହାର ସମ୍ପର୍କ ତୁଟାଇ ଦେଇଛି। ଚାଇନାରେ ଏହା ବ୍ୟାପୁଥିବାରୁ ଚାଇନା ବି ପୃଥିବୀର ଅନ୍ୟ ଦେଶଗୁଡ଼ିକଠାରୁ ଯୋଗାଯୋଗ ଉପରେ କଟକଣା ନିଜେ କରିଛି ଏବଂ ଅନ୍ୟ ଦେଶଗୁଡ଼ିକ ବି ଚାଇନା ଉପରେ କଟକଣା ଲାଗୁ କରିଛନ୍ତି। ଉହାନ ପ୍ରଦେଶର ଲୋକଙ୍କ କଷ୍ଟ ବଢ଼ିଯାଇଛି ଏବଂ ସେଠାରେ ମୃତ୍ୟୁସଂଖ୍ୟା ବି ବଢିଚାଲିଛି। ବିଶ୍ୱର ୨୯ଟି ଦେଶରେ କରୋନା ବ୍ୟାପିଲାଣି ଓ ଏହି ଭୂତାଣୁ ଉପରେ ନିୟନ୍ତ୍ରଣର ଉପାୟ ଏ ଯାଏ ବାହାରି ନାହିଁ।

ଏତେ ଦୂରରେ ଥାଇ ବି ଆମ ଦେହରେ ବିନା ଗ୍ରୀଷ୍ମରେ ଝାଳ ବୋହିଲାଣି, ଆମେ ହଇରାଣରେ ପଡ଼ିଲୁଣି। କାରଣ ଆମଦାନି-ରପ୍ତାନିରେ କଟକଣା। ଯଦି ଚାଇନାରୁ ମାଲମତା ଯୋଗାଣ ଶୀଘ୍ର ଆରମ୍ଭ ନ ହୁଏ, ଆମେ ଏତେ ଅଭାବରେ ପଡ଼ିବୁ ଯେ ବହୁତ ଖାଉଟି ଦ୍ରବ୍ୟର ଦାମ୍ ଖୁବ୍ ବଢ଼ିଯିବ। ଚାଇନାର ବିକଳ୍ପ ତିଆରି କରିବାକୁ ସମୟ ଲାଗିବ, ପୁଞ୍ଜି ବହୁତ ବି ଦରକାର ହେବ। ଏବେ କେତେକ ଆଣ୍ଟିବାୟୋଟିକ୍, ଆଣ୍ଟିଇନ୍‌ଫ୍ଲାମେଟାରି, ଯନ୍ତ୍ରଣାହ୍ରାସକ ଔଷଧଗୁଡ଼ିକର ଦର ଆକାଶଛୁଆଁ ହେଲାଣି। ପାରାସିଟାମଲ୍‌ର ଦର କିଲୋକୁ ୨୬୦ ଟଙ୍କାରୁ ବଢ଼ି ୩୬୦ ହେଲାଣି। ନିମେସୁଲାଇଡ୍ ୪୫୦ ଟଙ୍କାରୁ ୧୧ଶହ ହେଲାଣି, ଦୁଇଗୁଣରୁ ବେଶି। ବ୍ୟାକ୍ଟେରିଆର ଆକ୍ରମଣରୁ ରକ୍ଷା ପାଇଁ ଆଜିଥ୍ରୋମାଇସିନ୍ ଏବଂ ଶ୍ୱାସକ୍ରିୟାଜନିତ ସଂକ୍ରମଣର ଚିକିତ୍ସା ପାଇଁ ମଣ୍ଟେଲୁକାଷ୍ଟ ଦର ଶତକଡ଼ା ୩୦ ଭାଗ ବଢ଼ିଗଲାଣି। ସିପ୍ଲା ଭଳି କମ୍ପାନୀଗୁଡ଼ିକ ଚାଇନାରୁ ଆମଦାନି କରି ଔଷଧ ତିଆରି କରନ୍ତି। ଯାହା ଜଣାପଡୁଛି, ଯଦି ଚାଇନାର ଯୋଗାଣକାରୀ କମ୍ପାନୀଗୁଡ଼ିକ ଫେବୃୟାରୀ ଶେଷସୁଦ୍ଧା ସେମାନଙ୍କ ଉତ୍ପାଦନ ଓ ଭାରତକୁ ରପ୍ତାନି ଆରମ୍ଭ ନ କରନ୍ତି ତେବେ ଦୁଇମାସ ପାଖାପାଖି ଷ୍ଟକ୍ ରଖୁଥିବା ଔଷଧ କମ୍ପାନୀଗୁଡ଼ିକ ବଡ ଅସୁବିଧାରେ ପଡ଼ିଯିବେ।

ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ଟେଲିଭିଜନ ପ୍ୟାନେଲ୍, ଏଲ୍‌ଇଡି ଚିପ୍ସ, ରେଫ୍ରିଜରେଟର୍ ଓ ଏୟାର କଣ୍ଡିଶନର୍‌ର କମ୍ପ୍ରେସର୍, ବିଭିନ୍ନ ପ୍ରକାରର ମୋଟର ଭଳି ସାମଗ୍ରୀ ବହୁ ପରିମାଣରେ ଚାଇନାରୁ ଆସେ। ଯଦି ବହୁଦିନ ଧରି ଚାଇନାର ରପ୍ତାନି ବନ୍ଦ ହୋଇଯାଏ, ଭାରତରେ ଇଲେକ୍ଟ୍ରୋନିକ୍ସ ଶିଳ୍ପର ଦୁର୍ଦ୍ଦିନ ଆସିଯିବ। ଟେଲିଭିଜନ ପ୍ୟାନେଲ ଅଭାବ ହେଉଥିବାରୁ ହଂକଂରୁ ପଠାଉଥିବା କମ୍ପାନୀଗୁଡ଼ିକ ଶତକଡ଼ା ୫ରୁ ୭ ଦାମ୍ ବଢାଇଦେଲେଣି। ଯଦି ଆଉ ଗୋଟିଏ ମାସ ଏମିତି ଚାଲେ ତେବେ ଶିଳ୍ପଟି ମୃତପ୍ରାୟ ହୋଇଯିବ। ଜୋତା କଥା ଦେଖନ୍ତୁ। ଉଡ୍‌ଲ୍ୟାଣ୍ଡ ଭଳି ଜୋତା ଚାଇନାରୁ କଞ୍ଚାମାଲ ଆଣେ, ଯଦି ତା'ର ଦରକାରର ଶତକଡ଼ା ୧୦ ଭାଗ ବି ନ ପାଏ, ତେବେ ଉଡ୍‌ଲାଣ୍ଡ କମ୍ପାନୀର ଜୋତା ବ୍ୟବସାୟ ବନ୍ଦ ହୋଇଯିବ। ଚାଇନା ଭିନ୍ନ ଅନ୍ୟ ଦେଶକୁ ତା'ର ଉତ୍ପାଦନ କାରଖାନା ଉଠାଇ ନେବାକୁ ଚାହିଁଲେ ବି ଉଡ୍‌ଲ୍ୟାଣ୍ଡକୁ ବହୁତ ଦିନ ଲାଗିବ।

ମୋବାଇଲ ହ୍ୟାଣ୍ଡସେଟ୍ କଥା କହିଲେ ନ ସରେ। ଆଉ ଗୋଟିଏ ଦୁଇଟି ସପ୍ତାହ ଭିତରେ ଯଦି ଚାଇନାର କମ୍ପାନୀଗୁଡ଼ିକ ପୂରା ଦମ୍‌ରେ ଚାଲୁ ନ ହୁଅନ୍ତି ତାହାହେଲେ ଭାରତରେ ମୋବାଇଲ ସେଟ୍ ମିଳିବା କଷ୍ଟକର ହେବ। ବିକଳ୍ପ ଜାଗା ଖୋଜିବା ପାଇଁ ଭାରତୀୟ କମ୍ପାନୀଗୁଡ଼ିକ ଲାଗିପଡ଼ିଛନ୍ତି।

ମୋଟରଗାଡ଼ିରେ ବି ସେହି କଥା, ଅଧିକାଂଶ ପାର୍ଟସ୍ ଚାଇନାରୁ ଆସେ ଓ ଶସ୍ତା ପଡ଼େ। ଚାଇନାରେ ମୋଟର କମ୍ପାନୀଗୁଡ଼ିକରେ କର୍ମଚାରୀଙ୍କୁ ଛୁଟି କରିଦିଆଯାଇଛି। ଫେବୃୟାରୀ ୯ରେ ଖୋଲିବା କଥା, ତାହା ଏବେ ଡେରି ହେବ। ଏମ୍‌ଜି ମୋଟରର ଭାରତୀୟ ବ୍ୟବସାୟୀ ରାଜୀବ ଚାବା କହନ୍ତି, ତାଙ୍କ ହାତରେ ଏସ୍‌ୟୁଭି ଶ୍ରେଣୀର ଗାଡ଼ି ପାଇଁ ୧୮୦୦୦ ବୁକିଂ ଅଛି ଏବଂ ଇଲେକ୍ଟ୍ରିକ୍ ଭେଇକ୍ଲ ପାଇଁ ୨୪୦୦ ଶହ। ତାହା ପୂରଣ କରିବା ଅସମ୍ଭବ ହୋଇପଡ଼ିବ। ମହୀନ୍ଦ୍ରା ଆଣ୍ଡ ମହୀନ୍ଦ୍ରା କମ୍ପାନୀର ବିଏସ୍ ୪ ଗାଡ଼ିଗୁଡ଼ିକର ବିକ୍ରି ବନ୍ଦ ହୋଇଯିବ, ଯଦି ମାର୍ଚ୍ଚ ୩୧ ପୂର୍ବରୁ ସେ କମ୍ପାନୀ ଚାଇନାରୁ ତା'ର ପାର୍ଟସ୍ ନ ପାଏ।

ଚାଇନାକୁ ହୀରା ଏବଂ ସାମୁଦ୍ରିକ ଖାଦ୍ୟର ରପ୍ତାନି ବନ୍ଦ ହୋଇଯିବାରୁ ଭାରତର ବହୁତ କ୍ଷତିହେବ। ଚାଇନିଜ୍ ନ୍ୟୁ ଇଅର୍‌ରେ ହୀରା ବହୁତ ବିକ୍ରି ହୁଏ। ଏ ବର୍ଷ ଆରମ୍ଭରେ ଚାଇନା ଗ୍ରାହକମାନଙ୍କ ଅନୁସନ୍ଧାନ ଢେର କମିଯାଇଛି। ସେମିତି ସାମୁଦ୍ରିକ ଖାଦ୍ୟରେ ଚାଇନା ଯାହା ଭାରତରୁ ମଗାଏ ତାହା ବନ୍ଦ କରିଦେଇଛି। ଚାଇନାରେ ଚିଙ୍ଗୁଡ଼ି ଉତ୍ପାଦନ କମିଯାଉଥିବାରୁ ଗତ ଦୁଇବର୍ଷ ହେଲା ଭାରତରୁ ବେଶି ଚିଙ୍ଗୁଡ଼ି ନେଉଥିଲା। ପ୍ରାୟ ୧୦ ବିଲିୟନ ଡଲାର ମୂଲ୍ୟର ରପ୍ତାନି ବନ୍ଦ ହୋଇଯାଇଥିବାରୁ ଭାରତରେ ଚିଙ୍ଗୁଡ଼ି ଓ ମାଛର ଗୋଦାମ ଭର୍ତ୍ତି ହୋଇଗଲାଣି।

ଧନିଆ ଓ ଲଙ୍କା ଭଳି ମସଲା ଚାଇନା ଭାରତଠାରୁ ଆମଦାନି କରେ। ଯଦି କରୋନା ଭାଇରସ୍ ଯୋଗୁ ଆଉ ଦୁଇମାସ ଚାଇନାର ଆମଦାନି ବନ୍ଦ ରହେ, ଭାରତରେ ମାର୍ଚ୍ଚ ଏପ୍ରିଲରେ ବାହାରୁଥିବା ରବି ଋତୁର ମସଲା ବହୁତ କ୍ଷତିଗ୍ରସ୍ତ ହେବ। ଗତବର୍ଷ ଭାରତ ୪୬,୫୦୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ (ସି'ଫୁଡ୍) ଏବଂ ୧୯,୫୦୦ କୋଟି ଟଙ୍କାର ମସଲା ଚାଇନାକୁ ରପ୍ତାନି କରିଥିଲା। ଆମଦେଶର ପ୍ରାକୃତିକ ରବରର ମୁଖ୍ୟ ଗ୍ରାହକ ହେଉଛି ଚାଇନା। ତାହା ବନ୍ଦ ହୋଇଗଲେ ବା ମାନ୍ଦା ହୋଇଗଲେ ଜମାକରା ହେଉଥିବା ରବର ନଷ୍ଟ ହୋଇଯିବ। କେରଳ ଭଳି ରାଜ୍ୟ ବହୁତ କ୍ଷତି ସହିବେ।

ଭାରତର ଫୋନ୍ ବ୍ୟବସ୍ଥାରେ ଚାଇନାର ପ୍ରଭାବ ଏତେ ବେଶି ଯେ ଆମେ ତାହା ବନ୍ଦ କରିପାରିବା ନାହିଁ। ଚାଇନାର ପ୍ରଭାବ ତ ବଢ଼ି ବଢ଼ି ଚାଲିଛି। ଆମେରିକାର ପ୍ରକାଣ୍ଡକାୟ କମ୍ପାନୀ ଆମାଜନ୍, ଫେସ୍‌ବୁକ୍ ଓ ହ୍ୱାଟ୍‌ସଆପ୍ ଆଦି ରାଜନୈତିକ ଚାଲବାଜିର ଶିକାର ହୋଇ ବି ଚାଇନାକୁ ଛାଡ଼ିପାରୁ ନାହାନ୍ତି। ଚାଇନାର ଫୋନ୍ ଶିଳ୍ପ ହିଁ ତାହାର ଉପସ୍ଥିତ ଜିଡିପିକୁ ୧୪.୧ ଟ୍ରିଲିଅନ ଡଲାରକୁ ଉଠାଇନେଇଛି, ୨୦୨୪ ବେଳକୁ ୨୦ ଟ୍ରିଲିଅନ ଡଲାର କରିଦେବ। କାରଣ କୋଟି କୋଟି ଗ୍ରାହକ ଚାଇନା ତିଆରି ଫୋନ୍ ଶସ୍ତାରେ କିଣୁଛନ୍ତି। ହଂକଂର ଏକ ଗବେଷଣା କେନ୍ଦ୍ର 'କାଉଣ୍ଟର ପଏଣ୍ଟ ରିସର୍ଚ୍ଚ' ଦେଖାଇଛି ଯେ ଚାଇନା ତିଆରି ସ୍ମାର୍ଟଫୋନ୍ ୨୦୧୯ରେ ବଜାରର ଶତକଡ଼ା ୭୨ ଭାଗ ଛୁଇଁଲାଣି। (୨୦୧୮ରେ ଶତକଡ଼ା ୬୦ ଥିଲା।) ଭାରତରେ ବିକ୍ରିହେଉଥିବା ସ୍ମାର୍ଟଫୋନ୍‌ର ଶତକଡ଼ା ୯୯ ଭାଗ ଆମ ଦେଶରେ ତିଆରି ହେଉଛି କହିବା ବେଳେ ଆମେ ଭୁଲି ଯାଉଛୁ ଯେ ବିଭିନ୍ନ କିସମର ସ୍ମାର୍ଟ ଫୋନ୍ ଯୋଗାଉଥିବା ସାଓମି ଓ ବିବିକେ ନାମକ ଦୁଇଟି ପ୍ରକାଣ୍ଡକାୟ ଚାଇନା କମ୍ପାନୀ ଆମ ଦେଶରେ ଯୋଡାଯୋଡ଼ି (ଆସେମ୍ବ୍ଲି) କରୁଛନ୍ତି, ପ୍ରକୃତ ମାନୁଫାକ୍ଚରିଂ ନୁହେଁ। ପୁଣି ୫ଜି ପାଇଁ ଆମକୁ ହୁଆଇ କମ୍ପାନୀ ଉପରେ ନିର୍ଭର କରିବାକୁ ହେବ।

ବାଦଲ ଭିତରେ ବି ରୁପେଲି ଆଲୋକ ଲୁଚି ରହିଥାଏ। ଚାଇନା ପ୍ରତି ଆନ୍ତର୍ଜାତିକ ଜାହାଜ ଓ ବିମାନ ଚଳାଚଳରେ କଟକଣା ଆସିଯାଇଥିବାରୁ ବିଦେଶରୁ ଅଶୋଧିତ ତୈଳ କି ରନ୍ଧାବଢ଼ା ତେଲ ଚାଇନାକୁ ଯାଇପାରୁ ନାହିଁ। ଚାଇନା ଲୋକସଂଖ୍ୟାକୁ ଚାହିଁ ଏତେ ଖଣିଜ ତେଲ ଓ ରାନ୍ଧଣା ତେଲ ଆମଦାନୀ କରେ ଯେ ଆନ୍ତର୍ଜାତିକ ବାଣିଜ୍ୟ ବନ୍ଦ ହୋଇଥିବାରୁ ଅଶୋଧିତ ଖଣିଜ ତେଲ ଓ ରାନ୍ଧଣା ତେଲର ଦର ଆମ ପାଇଁ ଶସ୍ତା ହେବ। ତଥାପି ଆମେ ଚାହୁଁ କରୋନା ଭାଇରସ୍ ଶୀଘ୍ର ନିୟନ୍ତ୍ରଣାଧୀନ ହୋଇଯାଉ ଏବଂ ବିଶ୍ୱ ଆଶ୍ୱସ୍ତ ହେଉ।

ଇମେଲ୍: sahadevas@yahoo.com

# ଆଗ ମୋବାଇଲ



ଦ୍ୱିତୀ ଚନ୍ଦ୍ର ସାହୁ

ଅନେକ ଦିନ ପରେ ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲୁ। ବନ୍ଧୁ ପତ୍ନୀ ନିଜର ଏକ ବର୍ଷର ଛୁଆକୁ ଖେଳାଉଥିଲେ ମୋବାଇଲ ସାଥିରେ। ଅନ୍‌ଲାଇନରେ କାର୍ଟୁନ ଦେଖୁଥିଲା କଅଁଳ ବୟସର ଛୁଆ। ହଠାତ୍ କଲ୍ ଆସିଗଲା। କଥା ହେବାକୁ ତା' ମାଆ ଫୋନ ନେବା କ୍ଷଣି ସେ ଜୋରରେ କାନ୍ଦିବାକୁ ଲାଗିଲା। ମାଆ ଯଥାଶୀଘ୍ର କଥା ସାରି ପୁଣି ତା' ସାମ୍ନାରେ ମୋବାଇଲ ରଖିବା କ୍ଷଣି ସେ ଚୁପ୍ ହୋଇ ସେଥିରେ ବୁଡ଼ି ରହିଲା। ଏହାପରେ ଛୁଆର ମାଆ କହିଲେ- କ'ଣ କରିବି, ମୋବାଇଲ ନ ଦେଖିଲେ ଏମିତି କାନ୍ଦିବ। ଘରର କୌଣସି କାମ କରେଇ ଦେବନି। ସେଥିପାଇଁ ମୋବାଇଲ ଦେଇଦେଲେ ଚୁପ୍‌ଚାପ୍ ସେମିତି ଦେଖୁଥିବ। ଏ ସଂପର୍କରେ କିଛି ପ୍ରତିକ୍ରିୟା ଦେବାକୁ ଉଚିତ ଲାଗିଲା ନାହିଁ। ସ୍ୱାଭାବିକ ଭାବେ କଥାବାର୍ତ୍ତା ହୋଇ ଫେରିଲୁ। ହଠାତ୍ ମନେପଡିଲା ଆଉ ଏକ ପିଲାର କଥା। ପିଲାଟି ଦିନରୁ ଠିକ୍ ଏମିତି ମୋବାଇଲ ନିଶାରେ ମସଗୁଲ ଥିଲା। ମାତ୍ର ଦଶବର୍ଷରେ ତା' ଆଖିରେ ଚଷମା ଲାଗିଲା। ତା'ର ଚିତ୍ର ଓ ଚରିତ୍ର ବଦଳିଗଲା। ପ୍ରାପ୍ତବୟସ୍କ ହେବା ପରେ ଯାହା ସବୁ ଜାଣିବା କଥା ତା'ର ଢେର ପୂର୍ବରୁ ମୋବାଇଲ ସହାୟତାରେ ସେସବୁ ଜ୍ଞାନ ହାସଲ କରିଦେଇଥିଲା। ତା'ର ପରିଣାମସ୍ୱରୂପ ଶ୍ରେଣୀରେ ଝିଅମାନଙ୍କ ପ୍ରତି ତା'ର ଉଚ୍ଚାରଣ ଓ ଆଚରଣ ବଦଳିଗଲା। ତା'ର ଅସ୍ୱାଭାବିକ ଓ ଉଶୃଙ୍ଖଳିତ ଆଚରଣ ପାଇଁ ବାରମ୍ବାର ବିଦ୍ୟାଳୟରୁ ବାପାମାଆଙ୍କ ନିକଟକୁ ଅଭିଯୋଗମାନ ଆସିବାକୁ ଲାଗିଲା। ଏମିତି କିଛି କାର୍ଯ୍ୟ ଯୋଗୁ ଶେଷରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାଟିକୁ ଅନ୍ୟତ୍ର ନେଇ ପଢାଇବାକୁ ଅନୁରୋଧ କଲେ। ଏସବୁ ଆମ ସମାଜର ଏବକାର ଚିତ୍ର।

ଏବେ ସବୁଘରେ ମାଆମାନେ ଛୋଟ ଛୁଆକୁ ମୋବାଇଲ ଦେଖାଇ ତା'ର କାନ୍ଦ ବନ୍ଦ କରାଇବା ସହ ଦୈନନ୍ଦିନ କାର୍ଯ୍ୟ ତୁଲାଇ ଖୁସି ଅନୁଭବ କରୁଛନ୍ତି। ଅଥଚ ଛୁଆର ଭବିଷ୍ୟତ ପ୍ରତି ଚିନ୍ତା ନାହିଁ। ସ୍କୁଲପଢୁଆ ପିଲାମାନେ ନିଜ ମାଆବାପାଙ୍କୁ ବିଭିନ୍ନ ମୋବାଇଲ ଆପ୍‌ର ଉପଯୋଗକୁ ଗୁରୁ ଭଳି ବୁଝାଇପାରୁଛନ୍ତି। ନିଜ ପିଲାଙ୍କ ଏମିତିଆ ଜ୍ଞାନଗରିମାକୁ ନେଇ ବଡମାନଙ୍କ ମନ କୁଣ୍ଢେମୋଟ। ପିଲାଠାରୁ ବୁଢା, ଶିକ୍ଷିତ ଅଶିକ୍ଷିତ ସମସ୍ତେ ମୋବାଇଲରେ ଫେସ୍‌ବୁକ, ହ୍ୱାଟ୍‌ସଆପ୍, ହାଇକ୍, ଟିକ୍‌ଟକ୍ ଭଳି ଗଣମାଧ୍ୟମକୁ ବହୁଳ ବ୍ୟବହାର କରୁଛନ୍ତି। ଟିକ୍‌ଟକ୍‌ର ପ୍ରେମରେ ତ ଏବେ ଆବାଳବୃଦ୍ଧବନିତା। ସେଲ୍‌ଫିଟିଏ ନେଇ ସାମାଜିକ ଗଣମାଧ୍ୟମରେ ଛାଡିଲା ପରେ ଯାଇ ଯେ କୌଣସି କାମ କରାଯାଉଛି। ସମସ୍ତେ କୁତୁକୁତୁ ନିଜେ ପୋଷ୍ଟ କରିଥିବା ଚିତ୍ର ଓ ତଥ୍ୟକୁ ଅନ୍ୟମାନେ କେତେ ପସନ୍ଦ କରୁଛନ୍ତି ଜାଣିବାକୁ। ସେଥିପାଇଁ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ତୁହାକୁ ତୁହା ମୋବାଇଲ ଦେଖୁଛନ୍ତି। ତା'ର ଜବାବ ବି ଦେଉଛନ୍ତି। ଯାହା ସବୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ନ କରିବା କଥା ସେସବୁ ଆଜିକାଲି କରାଯାଉଛି। ଜଣେ ପଠାଇଥିବା ତଥ୍ୟର ସତ୍ୟତା ସ୍ଥାନକାଳପାତ୍ର ଆଧାରରେ ନ ପରଖି ତୁରନ୍ତ ତାକୁ ଅନ୍ୟ ବନ୍ଧୁମାନଙ୍କୁ ପଠାଇବାର ତାତ୍କାଳିକ ପ୍ରବଣତାରେ ମାତି ଉଠୁଛନ୍ତି। ଏଥିନେଇ ବିଭିନ୍ନ ସମୟରେ ବ୍ୟକ୍ତିଗତ ସ୍ତରରେ ଓ ବୃହତ୍ତର ସମାଜର ପ୍ରଭୂତ କ୍ଷତି ଘଟୁଛି। ଅଥଚ ସେଥିରୁ କିଛି କେହି ଶିଖିବାକୁ ଚେଷ୍ଟା କରୁନାହାନ୍ତି। ସାମାଜିକ ଗଣମାଧ୍ୟମର ବିଭୋରପଣରେ ଶୃଙ୍ଖଳିତ ବ୍ୟକ୍ତିଗତ ପାରିବାରିକ ଜୀବନ ବିପନ୍ନ ହୋଇପଡ଼ିଛି। ସ୍ୱାମୀ, ସ୍ତ୍ରୀ, ଛୁଆ ଏକାଠି ଘରେ ଥିବେ, କିନ୍ତୁ ଯେ ଯା' ମୋବାଇଲରେ ବ୍ୟସ୍ତ ଥିବେ। ଏଇ ନିଶାରେ ଶୋଇବାକୁ ବି ଭୁଲିଯାଆନ୍ତି ଅନେକେ। ମଧ୍ୟରାତ୍ର ଯାଏ ମୋବାଇଲରେ ସକ୍ରିୟ ଥିବେ। ପୁଣି ରାତିରେ ନିଦ ଭାଙ୍ଗିବା କ୍ଷଣି ପାଖରେ ଥିବା ମୋବାଇଲକୁ ଅଣ୍ଡାଳି ଆଉ ଟିକେ ପରଖିବେ। ସକାଳୁ ଉଠିବା କ୍ଷଣି ପ୍ରଥମେ ମୋବାଇଲରେ ମୁହଁ ପଖାଳିବା ନିଶ୍ଚିତ। ବୟସ୍କମାନେ ମୋବାଇଲ, ଟିଭି ଜରିଆରେ ନିଜ ମନପସନ୍ଦର ସିରିଏଲ, ସିନେମା, ଖବର, ଖେଳ ଦେଖି ଅନ୍ୟ ପାଇଁ ବୋଝ ହେବାକୁ ଚାହୁଁ ନାହାନ୍ତି। ନିଜ ସାମାଜିକ ପୃଷ୍ଠାରେ ନିମଗ୍ନ ରହି ପାରିବାରିକ ତାଡନା ଓ ଅସହ୍ୟ ଦୁଃଖକୁ ଭୁଲିବାକୁ ଚେଷ୍ଟା କରୁଛନ୍ତି ଅନେକେ।

ଡିଜିଟାଲ ଯୁଗରେ ମୋବାଇଲ ଆମ ଜୀବନକୁ ସହଜ ଓ ସରଳ କରିଛି। ଆଙ୍ଗୁଠି ଟିପରେ ଦୁନିଆକୁ ଆୟତ୍ତ କରାଯାଇପାରୁଛି ଓ ବହୁ କାର୍ଯ୍ୟକୁ ଅନାୟାସରେ କରାଯାଉଛି। କିନ୍ତୁ ଏହାର ପ୍ରଭାବରେ ବହୁ ଧନପ୍ରାଣ ହାନି ଘଟିବାରେ ଲାଗିଛି। ଏହାକୁ ରୋକିବାକୁ କଡା ଆଇନ କରାଯାଉଛି। ଅଥଚ ନିଜେ ସଚେତନ ନ ହେଲା ଯାଏ ଆଇନ ଆମକୁ ସେମିତି କିଛି ଫାଇଦା ଦେଇପାରିବନି।

ଏମିତି ଚିନ୍ତାରୁ ମୁକ୍ତ ହୋଇ ଦୂର ସ୍ଥାନକୁ ଯାତ୍ରା ପାଇଁ ସପରିବାର ବାହାରିଲା ବେଳକୁ ହଠାତ୍ ଚତୁର୍ଥ ଶ୍ରେଣୀରେ ପଢୁଥିବା ପୁଅ ତା'ର ମାଆକୁ କହୁଛି- ମାମା ! ମୋବାଇଲ ଫୁଲ୍ ଚାର୍ଜ କରି ଧରିଛୁ ତ ! କାହିଁକି ନା ଗାଡିରେ ବସି ମୁଁ ଟିକ୍‌ଟକ୍ ଗୋଟେ କରି ଛାଡ଼ିବି। ଉତ୍ତରରେ ମାଆ କହୁଛି- ଯୁଆଡେ ଗଲେ ବି ମୋର ଆଗ ମୋବାଇଲ। ତୁ ତୋ ବାବାଙ୍କ ମୋବାଇଲ ନେଇ ଯାହା କରୁଛୁ କର, ମୋର ଦେବାର ନାହିଁ। ଏହାର କିଛି ପ୍ରତିକ୍ରିୟା ଦେବାକୁ ଉଦ୍ୟମ କଲା ବେଳକୁ ଅଫିସରୁ ଗୋଟେ ମେସେଜ ଆସିଲା। ବ୍ୟାଗ୍‌ଟିକୁ ଥୋଇ ଦେଉ ଦେଉ ପାଟିରୁ ବାହାରିଗଲା- ଜଷ୍ଟ ଏ ମିନିଟ୍ ! ଯିବା ତ ! କିନ୍ତୁ ମୋବାଇଲରେ ଆଗ ଏ କାମଟା ସାରିଦିଏ !

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ, ମୋ-୯୫୫୬୨୮୭୭୭୫

## ଏଇ ଭାରତରେ

କୃଷିଋଣ ଯନ୍ତାରେ ପଡ଼ି ସର୍ବସ୍ୱ ହରାଇବା ପରେ ପୁଣି ନିଜସ୍ୱ ଉଦ୍ୟମରେ ସବୁକିଛି ଫେରି ପାଇ କୃଷିରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ଗୁଜରାଟର ଜଣେ ଚାଷୀ। ସେ କୃଷିରେ କୌଣସି ଶିକ୍ଷା ଲାଭ କରିନାହାନ୍ତି ସତ, କିନ୍ତୁ ଅନ୍ୟମାନଙ୍କୁ କୃଷି ସମ୍ପର୍କିତ ପ୍ରଶିକ୍ଷଣ ଦେଉଛନ୍ତି। ରାଜକୋଟ ଜିଲାର ଗୋଣ୍ଡଲ ଗାଁ ନିବାସୀ ରମେଶଭାଇ ରୂପରେଲିଆଙ୍କୁ ଗୋପାଳନର ଚଳନ୍ତି ପାଠଶାଳା କହିଲେ ଅତ୍ୟୁକ୍ତି ହେବ ନାହିଁ। ସେ ସୋସିଆଲ ମିଡିଆରେ ଗୋପାଳନ ଓ ଜୈବିକ କୃଷି ସମ୍ବନ୍ଧରେ କୃଷକମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ପରିବାରରେ ବାପାଅଜା ଅମଳରୁ ରହିଥିବା ଗୋପାଳନ ବୃତ୍ତିକୁ ବଞ୍ଚାଇ ରଖି ଏବେ ସେ ୧୦ ଏକର ଜମିରେ ଜୈବିକ ଉପାୟରେ ବିଭିନ୍ନ ଶସ୍ୟ ଓ ମସଲା ଉତ୍ପାଦନ କରୁଛନ୍ତି। କିନ୍ତୁ ସେ ଉତ୍ପାଦିତ ଶସ୍ୟ, ଦୁଗ୍ଧ, ଘିଅ ଆଦି ମଣ୍ଡିକୁ ବିକ୍ରି କରିବାକୁ ଯାଉନାହାନ୍ତି। ସବୁ କିଛି ବିକ୍ରି କରୁଛନ୍ତି ଅନଲାଇନରେ। ବହୁ ସମୟରେ ବ୍ୟବସାୟୀମାନେ ତାଙ୍କ ଘରକୁ ଆସି ତାହା ନେଇଯାଉଛନ୍ତି। ରମେଶଭାଇଙ୍କୁ ଏବେ ବୟସ ୪୩। ତାଙ୍କୁ ଜୈବିକ କୃଷିର ଗୁରୁ ମଧ୍ୟ କୁହାଯାଉଛି। କୃଷିରେ ଉନ୍ନତି ଆଣିବା ପାଇଁ ତାଙ୍କର ଏଭଳି ଉଦ୍ୟମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରି ତାଙ୍କ ସହ କଥା ବି ହୋଇଛନ୍ତି। ରମେଶଭାଇ କୁହନ୍ତି, କୃଷିଋଣ କରି ତାଙ୍କ ପିତା ଜମିବାଡ଼ି, ଗହଣା ଓ ଘର ସବୁ କିଛି ବିକି ଦେଇଥିଲେ କିନ୍ତୁ ଗୋସେବା ଛାଡ଼ି ନ ଥିଲେ। ସେ ଓ ତାଙ୍କ ପିତା ଗାଁ ଲୋକଙ୍କ ଗାଈ ଚରାଇ ଜୀବନ ସଂଗ୍ରାମରେ ଜିତିବାକୁ କ୍ଷମ ହୋଇଥିଲେ। ପୁଣି ଜମି କିଣି ଚାଷ କରିଥିଲେ। ଏବେ ଗୋପାଳନ ଓ ଜୈବିକ କୃଷିରେ ପ୍ରତିଷ୍ଠା ମିଳିପାରିଛି। ଦେଶବିଦେଶରେ କୃଷି କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବି ତାଙ୍କଠାରୁ ପ୍ରଶିକ୍ଷଣ ନେବାକୁ ଆସୁଛନ୍ତି। ରମେଶଭାଇ ତାଙ୍କ ଗାଁରେ ଜୀବିକା ସମ୍ପର୍କିତ ଶିକ୍ଷା ପ୍ରଦାନ କରିବା ଲାଗି ୧୫୦୦ ବିଦ୍ୟାର୍ଥୀ ବିଶିଷ୍ଟ ଏକ ସ୍କୁଲ୍ ଖୋଲିବାକୁ ଯୋଜନା କରିଛନ୍ତି। ସେ ଏଠାରେ ଗୋପାଳନ, ଜୈବିକ କୃଷି ବ୍ୟତୀତ ସଂସ୍କୃତ, ବୈଦିକ ଗଣିତ, ବୈଦିକ ଜୀବନ, ଖାଦ୍ୟ ଓ ଆୟୁର୍ବେଦ ଆଦି ବିଷୟରେ ଶିକ୍ଷା ଦେବାର ଲକ୍ଷ୍ୟ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଫେବୃୟାରୀ ୧୯୯୫

- ଆନ୍ତର୍ଜାତିକ ସହଯୋଗରେ ସନ୍ତ୍ରାସବାଦ ପରି ଗୁରୁତର ସମସ୍ୟାର ଉଚ୍ଛେଦ ନିମନ୍ତେ ଆଜି ଭାରତ ଏବଂ ଇଟାଲୀ ମଧ୍ୟରେ ସହମତି ପ୍ରକାଶ କରିବା ସହିତ ଉଭୟ ରାଷ୍ଟ୍ରଙ୍କ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ଦୃଢୀଭୂତ କରିବା ନିମନ୍ତେ ଆହ୍ୱାନ କରିଛନ୍ତି।
- ଇଜିପ୍ଟର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କାନାଡା ପକ୍ଷରୁ ଇଜିପ୍ଟକୁ ୩୯ ନିୟୁତ ଡଲାର ଅର୍ଥ ସାହାଯ୍ୟ ଦେବା ଲାଗି ଦୁଇଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଭାରତର ଅର୍ଥଲଗାଣକାରୀ ସଂସ୍ଥାଗୁଡିକ ପାଇଁ ବିଶ୍ୱବ୍ୟାଙ୍କ ୭୦୦ ନିୟୁତ ଡଲାରର ଏକ ଋଣ ପ୍ୟାକେଜ ମଞ୍ଜୁର କରିଛି।

# ହିଡ଼ର ମାଟି ହିଡ଼େ ନଦିଥିଲେ



ଡା. ବାସୁଦେବ ପ୍ରଧାନ

ବୃତ୍ତି ପାଇଁ ଗାଁଠାରୁ ଦୂରରେ ରହୁଛି। ଭାଇ ଫୋନ୍ କରି କହିଲା କାଲି ଗାଁକୁ ଆସ। ଜମି ମାପ ହେବ। ଉପର ଜମିବାଲା କହୁଛି କୁଆଡେ ତା' ଜମି ଆମ ବିଲକୁ ରହିଛି। ରାତିରେ ଭଲ ନିଦ ହେଲାନି। ସକାଳୁ ଉଠି ଗାଁକୁ ବାହାରିଲି। ଜମିରେ ପହଞ୍ଚିଲା ବେଳକୁ ଜମି ହିଡ଼ରେ ଭଦ୍ର ଲୋକମାନେ ଧାଡ଼ିହୋଇ ବସିଛନ୍ତି। ସମସ୍ତଙ୍କୁ ଯଥାମାନ୍ୟ ଜଣାଇଲି। କିଛି ସମୟ ପରେ ଅମିନ ଆସି ପହଞ୍ଚିଲା। ଜମି ମପାହେଲା। ଦେଖିଲାବେଳକୁ ଉପର ଜମିମାଲିକଙ୍କର ଜମି ଅଧିକ, ମୋ ଜମି କମ୍ ଅଛି। ତାଙ୍କ ସପକ୍ଷରେ ଥିବା ଗାଁର ଭଦ୍ରଲୋକମାନେ ମତ ବଦଳେଇଲେ। କହିଲେ, ସେ ତ ସହରରେ ରହୁଛି, ଜମି ଚାଷୀଙ୍କ ହାତରେ। ସେମାନେ କାହିଁକି ହିଡ଼ ହାଣିବେ? କେତେ କ'ଣ ଆଲୋଚନା ହେଲା। ଅମିନ ଚାଲିଗଲେ। ଉପର ଜମିମାଲିକଙ୍କର ମୁହଁ କଳା ପଡ଼ିଗଲା। ମୁଁ କହିଲି ଭାଇ କ'ଣ କରିବା। ସେ କିଛି କହିଲେ ନାହିଁ। ଗାଁର ମୁରବିମାନଙ୍କ ପରାମର୍ଶରେ କିଛି ଯୁବକ ହିଡ଼ ସଜାଡିବା ପାଇଁ ପଥର ପୋତି ଜମିର ଆୟତନ ଠିକ୍ କଲେ। ଜମି ମାପ ପାଇଁ ଆସିଥିବା ଭଦ୍ରଲୋକଙ୍କ ପାଖରେ ସେ ଲୋକହସା ହେଲେ। ସମସ୍ତେ ଗାଁକୁ ଫେରିଲେ। ହେଲେ ମୋ ପାଦ ଦୁଇଟି ଆଗକୁ ପଡ଼ିଲାନି। ହିଡ଼ରେ ବସିପଡ଼ିଲି। ପିଲା ବେଳ କଥା ଗୋଟି ଗୋଟି ହୋଇ ମନେ ପଡ଼ିଗଲା। ପିଲାବେଳେ ସେଇ ହିଡ଼ରେ ଚାଲିଛି ବୁଲିଛି। ବଣ ମୁଗ, ହିଡ଼ ବିରି ଖାଇଛି। ବିଲ ପାଣି ପିଇଛି। ବାପାଙ୍କ ସାଙ୍ଗରେ ପଖାଳ ଖାଇଛି। ଯେଉଁ ହିଡ଼ ପିଲାବେଳେ ସୁସ୍ଥ ସବଳ ଥିଲା, ଛାତି ତା'ର ଚଉଡା ଥିଲା, ସେ ଆଜି ସଙ୍କୁଚିତ। ଜାଣିପାରିଲି ମୋ ଚାଷୀ ନୁହେଁ ବରଂ ଉପର ଜମିମାଲିକ ହିଡ଼ ହାଣି ତାର କାୟା ଛୋଟ କରିଛି। ଚଉଡା ହିଡ଼ରୁ କିଛି ହାଣି ତା' ଜମିରେ ମିଶାଇ ଦେଇଛି। ସେତିକି ନୁହେଁ ତା' ଜମିର ଉପରମୁଣ୍ଡରେ ଥିବା କେନାଲ ହୁଡ଼ାରୁ ମଧ୍ୟ କିଛି ଅଂଶ ମିଶାଇଦେଇଛି। ତେଣୁ ତା' ଜମିର ଆୟତନ ବଢ଼ିଛି। ସେଇ ଚଉଡ଼ା ହିଡ଼ରେ ବେଉଷଣ ବେଳେ ଆମ କାଳିଆ କସରା ବଳଦ ବିଶ୍ରାମ କରୁଥିଲେ। ଧାନଗଛ ନ ଖାଇ ବିଲ ହିଡ଼ରେ ଜାତିଜାତିକା ଘାସ ଖାଇବାକୁ ସେମାନେ ଭାରି ଭଲ ପାଆନ୍ତି।

ବିଲ ହଡ଼ରେ ବହୁ କଥା ଲୁଚି ରହିଛି। ଘରକୁ ଲାଗିଥିବା ହିଡ଼, ଗହୀର ହିଡ଼ ଆଉ ପାହାଡ଼ ପାଖ ବିଲ ହିଡ଼ ଭିତରେ କିଛି କିଛି ଫରକ ରହିଛି। ପାହାଡ଼ ପାଖ ବିଲ ହିଡ଼ରେ ବାପା ଜେଜେ ଭାଡ଼ି ପକାଉଥିଲେ ଫସଲ ଜଗିବା ପାଇଁ। ଘର ଛାଡ଼ି ଭାଡ଼ିରେ ଶୋଉଥିଲେ। ଜଙ୍ଗଲୀ ପଶୁମାନେ କ୍ଷେତକୁ ଆସି ଫସଲ ଯେତିକି ଖାଆନ୍ତି ତା'ଠାରୁ ଦଳିଚକଟି ଅଧିକ ନଷ୍ଟ କରନ୍ତି। ତେଣୁ ଭାଡ଼ି ପକାଇ ଜଗିବାକୁ ପଡ଼େ। ହେଲେ ଗହୀର ବିଲ ହିଡ଼ ଆଉ ଘରକୁ ଲାଗିଥିବା ଜମି ହିଡ଼ରେ ଭାଡ଼ି ପଡେ ନାହିଁ। ହେଲେ ସମସ୍ତ ହିଡ ମୋ ପରି ଚାଷୀର ସାହା ଭରସା। ଋତୁ ଅନୁସାରେ ତା'ର ରୂପ ବଦଳେ। ବର୍ଷା ଦିନେ ସବୁଜ ଘାସରେ ଲୁଚିଯାଏ। ଖରାଦିନେ ଟାଙ୍ଗରା। ବର୍ଷା ଋତୁରେ କାକୁଡି, ଭେଣ୍ଡିର ତ ହାଟ ବସେ। ପରିବା ପାଇଁ ହାଟକୁ ଯିବାକୁ ପଡେନି। ଜହ୍ନି, ଭେଣ୍ଡି ଯାହାକୁ ଯେତେ। ଆଉ ଶୀତଦିନେ ହିଡ ବିରି ପେଛି ପେଛି ହୋଇ ଝୁଲେ। ଧାଡ଼ି ଧାଡ଼ି ଗେଣ୍ଡୁଫୁଲରେ ଗଭା ଖୋସେ। ଖୁବ୍ ସୁନ୍ଦର ଦିଶେ ବିଲ ହିଡ। ହିଡରେ ସାରୁ, ଖମ୍ବଆଳୁ ପୋତି ଦିଆଯାଏ। ହିଡରେ ଥିବା ବବୁଲ ଗଛର ଡାଙ୍ଗ ଦାନ୍ତକାଠି କାମରେ ଲାଗେ। ଶିମ୍ବଲତା ସେଇ ଗଛକୁ ଆଶ୍ରୟ କରି ଫଳେ। ଆଗେ ବଡ଼ ଧାନ ଚାଷ କରାଯାଉଥିଲା। ବିଲ ହିଡରେ ଗଲେ ମୁଣ୍ଡ ବି ଲୁଚିଯାଏ। ଏବେ ବିଲରେ ଆଣ୍ଠୁଏ ଆଣ୍ଠୁଏ ଧାନ। ବିଲ ହିଡରେ ଗର୍ଭଣା ସଂକ୍ରାନ୍ତିରେ ମାଟିହାଣ୍ଡି ବସାଇ ଖିରି କରାଯାଏ। ଚାଷ କାମ କରି ଥକିପଡିଲେ ବାପା ହିଡ଼ରେ ବିଶ୍ରାମ ନିଅନ୍ତି। ହିଡ଼ ଜମିକୁ ସୁରକ୍ଷିତ ରଖେ। ଜମିଠାରୁ ଜମିକୁ ଅଲଗା କରେ। ପାଣି ସାଇତି ରଖେ। ଧାନକଟା ସମୟରେ ବର୍ଷା ଅଧିକ ହେଲେ ବାପା ଧାନ କାଟି ବିଲ ହିଡରେ ଶୁଖାନ୍ତି। ଧାନକଟା ସମୟରେ ହିଡରେ ଧାଡି ଧାଡି କଳେଇ ରଖାଯାଏ। ଶଗଡରେ ଖଳାକୁ ବୁହାଯାଏ। ମୂଷା ଧାନ କେଣ୍ଡା କାଟି ହିଡ ଭିତରେ ତା'ର ଖାଦ୍ୟ ବର୍ଷକ ପାଇଁ ସାଇତି ରଖେ। ସେହିପରି ବର୍ଷାଦିନେ ଆଉ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳେ। ବିଲୁଆମାନେ କଙ୍କଡା ଗାତରେ ଲାଞ୍ଜ ପୂରାଇଥାନ୍ତି। କଙ୍କଡା ଲାଞ୍ଜକୁ ଜାବୁଡି ଧରିଲେ ବିଲୁଆ ଉପରକୁ ଟାଣିଆଣେ। କିଛି ଖାଏ କିଛି ଛାଡ଼ିଯାଏ। ସେଇ ଦରଖିଆ କଙ୍କଡା ଖାଇବାକୁ କାଉମାନେ ବିଲ ହିଡରେ ଜଗି ବସନ୍ତି। ବଗ ଜଗିଥାଏ ମୀନ ଖାଇବାକୁ। ହିଡ ଫେରରେ ମୁଗୁରା ବସାଯାଇ ମାଛ ଧରାଯାଏ। ଫେର ମାଟିକୁ ଜାବୁଡିଧରେ ବେଣାର ଗୁଛ ଚେର। ବେଣାର ବହୁ ଉପକାର ରହିଛି। ବେଣା ଚେରରେ ତାଟି ତିଆରି କରି ଝରକାରେ ଝୁଲାଯାଏ। ପାଣି ଢଳାଯାଏ। ଆଜିକାଲି ସେଇ ଚେର କୁଲରରେ ବ୍ୟବହାର ହେଉଛି। ଏହି ଚେରରୁ ସୁବାସ ବାହାରେ ପାଣି ସଂସ୍ପର୍ଶରେ ଆସିଲେ ମଧ ସହଜରେ ଶଢେ ନାହିଁ। ଗ୍ରୀଷ୍ମ ଦାଉରୁ ରକ୍ଷା ମିଳେ। ଘର ଶୀତଳ ରହେ। ପାକଳ ବେଣା ଗଛରୁ କାଣ୍ଡ ବାହାରେ। କାଣ୍ଡ ଶେଷରେ ଖଇରିଆ ରଙ୍ଗର ଚଅଁର ବାହାରିଥାଏ। ତା' କାଣ୍ଡକୁ କାଇଁଚ କୁହାଯାଏ। ଏଥିରେ ସୁନ୍ଦର ସୁନ୍ଦର ଭୋଗେଇ, ଚାଙ୍ଗୁଡି, ଆସନ, ପଟି, ଘର ଉପକରଣ ତିଆରି ହୁଏ। ବେଣା ମୂଳ ବିଲୁଆମାନଙ୍କର ବାସସ୍ଥାନ। ରାତି ଅଧରେ ସେମାନେ ହୁକେ ହୋ ହୁକେ ହୋ ରଡି ଛାଡନ୍ତି। ବିଲ ହିଡ ଗାଁକୁ ଗାଁ ଯୋଡିବାର ସମ୍ପର୍କର ସେତୁ। କେବେ ମାମୁ ଘରକୁ ତ କେବେ ପିଉସୀ ଘରକୁ ରାସ୍ତା ଦେଖାଏ। ଗାଁକୁ ଗାଁ ଦୂରତା କମାଏ। ଆଗ କାଳରେ ସବୁ ଗାଁରେ ସ୍କୁଲ ନ ଥିଲା। ପିଲାମାନେ ହିଡ ଦେଇ ଅନ୍ୟ ଗାଁ ସ୍କୁଲରେ ପହଞ୍ଚୁଥିଲେ। କ୍ଷେତର ଧାନ, ମୁଗ, ବିରି ଆର୍ଥିକ ଅନଟନ ଦୂର କରେ। ସେଇମିତି ହିଡର ପନିପରିବା, ବିରି, କୋଳଥ, ହରଡ ଚାଷ କୃଷି ଅର୍ଥନୀତିକୁ ସୁଦୃଢ଼ କରେ। ନିଜର ବୁଝିବାପଣର ଅଭାବରୁ ହିଡହଣା କଳି ସୃଷ୍ଟି ହୁଏ। ଲୋକେ କୋର୍ଟକଚେରି ଯାଆନ୍ତି। ବିଲ ହିଡ଼ ବେଳେ ବେଳେ ଔଷଧର ପେଡି ପରି ରୋଗବୈରାଗ ଦୂର କରେ। ବଣ ଭେଣ୍ଡି, ବଣ ମୁଗ, ମୁଥା, ବେଣା ପ୍ରଭୃତି ବିନା ଯତ୍ନରେ ହିଡରେ ବଢ଼ିଥାନ୍ତି। ବଣ ମୁଗ ଏକ ଶ୍ରେଷ୍ଠ ବଳକାରୀ ଖାଦ୍ୟ। ଯେତେ ପୁରୁଣା ନାଳରକ୍ତ ଝାଡ଼ା ହେଉନା କାହିଁକି ମୁଥା ଦୂର କରେ। ସେହିପରି ଅନିଦ୍ରା, ରକ୍ତଚାପ, ପରିସ୍ରା ଜଳାପୋଡ଼ା ଅନେକ ସ୍ୱାସ୍ଥ୍ୟ ସମସ୍ୟା ବେଣା ଦୂର କରେ। ହିଡ କେବଳ ବିଲକୁ ସୁରକ୍ଷା ଦିଏନି, ଆମର ଖାଦ୍ୟ ଓ ସ୍ୱାସ୍ଥ୍ୟ ସମସ୍ୟା ଦୂର କରେ। ଭାଇ ଭିନେ ହେଲା ପରେ ଜମି ଭାଗ କରାଯାଇ ନୂଆ ହିଡ ଟଣାଯାଏ। ଚକବନ୍ଦୀରେ ବହୁ ହିଡ଼ ଉଠାଇ ଛୋଟ ଛୋଟ ବିଲକୁ ବଡ କରାଯାଇଛି। କଥାରେ ଅଛି- ଏଣୁତେଣୁ କରି ପନ୍ଦର ଦିନ, ଚାକିରି ପଇସା ମାସେ, ହିଡ଼ର ମାଟି ହିଡ଼େ ନଦିଥିଲେ ବସି ଖାଉଥା ବରଷେ।

ସରକାରୀ ଆୟୁର୍ବେଦ ହସ୍ପିଟାଲ, ମାଉସୀମା ଛକ, ଭୁବନେଶ୍ୱର, ମୋ-୯୪୩୭୩୦୫୦୪୫

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଜମି ଜବରଦଖଲ କରି ମନ୍ଦିର ନିର୍ମାଣ

ମହାଶୟ,

ସହରାଞ୍ଚଳରେ ଜନବସତି ବୃଦ୍ଧି ସଙ୍ଗେ ସଙ୍ଗେ ସହରଗୁଡିକର ଗଳିକନ୍ଦିରେ ମନ୍ଦିର ସବୁ ଛତୁ ଫୁଟିଲା ପରି ଗଢି ଉଠୁଥିବା ଲକ୍ଷ୍ୟ କରାଯାଉଛି। ମନ୍ଦିରଟିଏ କରିଦେଇ ସରକାରୀ ଜମି ଜବରଦଖଲ କରିବା ଆଜି ଏକ ଧାରାରେ ପଡିଗଲାଣି। କିଏ ଏହି ମନ୍ଦିରକୁ ନିର୍ମାଣ କରୁଛନ୍ତି ? ଏଠାରେ କି କି ବ୍ୟବସାୟିକ କାର୍ଯ୍ୟକଳାପ କରାଯାଉଛି ଓ କିଏ ଏହାର ଦାୟିତ୍ୱରେ ଅଛନ୍ତି, ତାହା ଉଭୟ ସରକାର ଓ ଜନସାଧାରଣ ଜାଣିରଖିବା ଉଚିତ। ଏ ଜବରଦଖଲ ଓ ମନ୍ଦିର ନିର୍ମାଣ ତ ଗୋଟିଏ ରାତିରେ ହୋଇ ନ ଥିବ। ତେବେ ଏ ସମୟରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଶୋଇ ରହିଥିଲେ କାହିଁକି। ଭକ୍ତମାନଙ୍କୁ ଆକୃଷ୍ଟ କରି ଆୟର ସୂତ୍ର ବାହାର କରିବା ପାଇଁ ଏହି ମନ୍ଦିରମାନଙ୍କ ମଧ୍ୟରେ ହେଉଛି ପ୍ରତିଯୋଗିତା। ନିୟମିତ ବ୍ୟବଧାନରେ ଯାଗଯଜ୍ଞ ଓ ଭଜନ ସମାରୋହ ଆଦିର ଆୟୋଜନ କରାଯାଉଛି। ବିଦ୍ୟୁତ୍‌ଚାଳିକ ଘଣ୍ଟ, ଘଣ୍ଟା ଓ ଢୋଲ ବଜାଇ ପୂଜା କରାଯିବା ଦ୍ୱାରା ଶବ୍ଦ ପ୍ରଦୂଷଣ ହେଉଛି। ସେ ସ୍ଥାନରେ ଗଛ ଲଗାଯାଉ।

ସୁଧାଂଶୁ ଶେଖର ମିଶ୍ର, ବେଲିନ ମିଶ୍ର, ଆଠଗଡ଼, କଟକ

### ଅଶାଳୀନ ମନ୍ତବ୍ୟ

ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତି ରାହୁଲ ଗାନ୍ଧୀଙ୍କ ଅଶାଳୀନ ମନ୍ତବ୍ୟ ଓ ଅଶୋଭନୀୟ ଭାଷାରେ ଯୁବସମାଜଙ୍କୁ ମତାଇ ମାଡ଼ ଧମକ ନିନ୍ଦନୀୟ। ସେହିପରି ରାହୁଲ ଗାନ୍ଧୀ 'ରେପ୍ ଇନ୍ ଇଣ୍ଡିଆ' ମନ୍ତବ୍ୟ ଦ୍ୱାରା ପରୋକ୍ଷରେ ଦେଶର ନାରୀଜାତିକୁ ଅପମାନିତ କରିଛନ୍ତି। ଏଥିପାଇଁ ଦେଶର ମୁଖ୍ୟ ନିର୍ବାଚନ କମିଶନର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ଆମ ସମ୍ବିଧାନରେ ଥିବା ବାକ୍‌ସ୍ୱାଧୀନତା ସହ ବାକ୍‌ସଂଯମ ଶବ୍ଦଟି ମଧ ଯୋଡ଼ାହେବା ଆବଶ୍ୟକ।

ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିଚିତ୍ର କରଣୀ-ଚିତ୍ର ଚାରୁ ଚିତ୍ରୋତ୍ପଳା,
ଶୁଭ୍ର ବାଲିଶେଯେ ଯା'ର ରଚିତ ମେଖଳା,
ତୋ ପରି ମୁଁ ଦେଶେ ଦେଶେ
ଭ୍ରମୁଅଛି ଆଜି ଶେଷେ
ଚଞ୍ଚଳ ତୋ ପରି ମୋର ପରାଣ-ପିତୁଳା।

(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 0 | | | | 7 | | | 5 | C | |
| A | | | | | 2 | C | 6 | | B | 9 | 8 | | E | |
| | | | | | | | | 2 | | | 0 | | | |
| | | 5 | | | | | | | 3 | | | | D | A |
| | | 1 | A | | | 7 | | 0 | | C | | 8 | | 6 |
| 1 | | 8 | C | | | 4 | | D | E | | | A | | |
| | 6 | | | | D | | | | | 1 | | 3 | | |
| | | | 4 | | | | A | | | | 3 | E | | |
| | | 3 | | | | | 7 | | | | 9 | | 0 | 8 |
| | | B | 6 | | | E | 9 | | | | 2 | | | D |
| 8 | D | | | | | | | A | | | | | 5 | 2 |
| | | 9 | | | 3 | 2 | B | 4 | | 0 | | | 6 | E |
| | | E | | 4 | | | | 6 | | | | | | 3 |
| 3 | | | 9 | | | | | 8 | A | 2 | 5 | | B | |
| B | | 2 | | | | | 0 | | D | | | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 7 | 3 | 5 | D | 8 | 6 | B | E | C | 1 | 9 | 2 | 0 | A |
| 1 | 6 | 2 | 7 | A | 4 | 9 | 0 | 3 | E | 5 | B | C | D | 8 |
| 0 | A | B | C | 1 | E | 4 | 5 | 8 | 7 | D | 2 | 3 | 9 | 6 |
| C | D | 9 | 0 | B | 3 | 2 | 7 | 1 | A | 8 | 6 | 4 | E | 5 |
| E | 8 | 5 | 6 | 9 | 2 | C | A | D | 4 | 3 | 0 | 1 | B | 7 |
| 7 | 4 | E | 8 | C | 6 | A | 1 | 5 | 0 | 9 | 3 | B | 2 | D |
| D | 3 | A | E | 0 | 1 | B | 6 | 9 | 2 | 7 | 5 | 8 | C | 4 |
| 9 | 5 | 0 | 4 | 7 | B | 3 | C | 2 | D | 6 | 8 | E | A | 1 |
| 8 | C | 1 | 2 | 5 | 9 | E | D | 0 | B | A | 4 | 7 | 6 | 3 |
| 2 | B | 6 | A | 3 | D | 7 | 8 | 4 | 1 | C | E | 9 | 5 | 0 |
| B | 1 | 4 | D | 2 | A | 5 | 3 | 6 | 9 | E | 7 | 0 | 8 | C |
| 5 | 0 | D | B | E | 7 | 8 | 4 | C | 3 | 2 | A | 6 | 1 | 9 |
| 3 | E | 8 | 9 | 6 | C | 1 | 2 | 7 | 5 | 0 | D | A | 4 | B |
| 6 | 2 | C | 3 | 4 | 0 | D | 9 | A | 8 | B | 1 | 5 | 7 | E |
| A | 9 | 7 | 1 | 8 | 5 | 0 | E | B | 6 | 4 | C | D | 3 | 2 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ବନ୍ୟଜନ୍ତୁ ଶିକାରୀ ବାବୁଲି କୋର୍ଟଚାଲାଣ

ବଡମ୍ବା,୧୦।୨(ଡି.ଏନ୍.ଏ.) ଆଠଗଡ଼ ବନ ବିଭାଗ ଦ୍ୱାରା ଗିରଫ ହୋଇଥିବା ବନ୍ୟଜନ୍ତୁ ଶିକାରୀ ଗୋପବନ୍ଧୁ ମହାଳିକ ଓରଫ ବାବୁଲି (୩୭)ଙ୍କୁ ସୋମବାର ବଡ଼ମ୍ବା କୋର୍ଟଚାଲାଣ କରାଯାଇଛି । ଜାମିନ ନ ମିଳିବାରୁ ତାଙ୍କୁ ୨୦ ତାରିଖ ପର୍ଯ୍ୟନ୍ତ ବଡ଼ମ୍ବା ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି । ବନ ବିଭାଗ ଜେରା ସମୟରେ ଅଭିଯୁକ୍ତ ବାବୁଲି ବଡ଼ମ୍ବାସ୍ଥିତ ହଳଦିଆଶେଣୀ ସଂରକ୍ଷିତ ଜଙ୍ଗଲ ଓ ବୌଦ୍ଧ ବନଖଣ୍ଡ ଅଧୀନ ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲରୁ ଗୋଟିଏ ଲେଖାଏ ଦନ୍ତାହାତୀ ମାରିଥିବା ସ୍ୱୀକାର କରିଛନ୍ତି। ସେହିପରି ଗତ କିଛିଦିନ ପୂର୍ବେ ନରସିଂହପୁର ବନାଞ୍ଚଳ ଅଧୀନ ଓଲବ ସଂରକ୍ଷିତ ଜଙ୍ଗଲରୁ ଏକ ହରିଣ ମାରିଥିବା କହିଛନ୍ତି। ୨୦୧୮ରେ ବାବୁଲି ହଳଦିଆଶେଣୀ ସଂରକ୍ଷିତ ଜଙ୍ଗଲରେ ମାରିଥିବା ଦନ୍ତାହାତୀକୁ ତାଙ୍କ ସହଯୋଗୀଙ୍କୁ ଦେଇ ୩୦ ହଜାର ଟଙ୍କା ନେଇଥିଲେ ବୋଲି ବନ ବିଭାଗ ଆଗରେ ପ୍ରକାଶ କରିଛନ୍ତି। ସେ ସହଯୋଗୀଙ୍କ ମାଧମରେ ବିଭିନ୍ନ ଜଙ୍ଗଲରୁ ହାତୀ ଓ ହରିଣ ଆଦି ଶିକାର କରି ଦାନ୍ତ, ଶିଙ୍ଗ ଓ ଚମଡାକୁ ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ ବୋଲି ବୟାନରେ କହିଛନ୍ତି। ଅଭିଯୁକ୍ତ ଶିକାର କରିଥିବା ବନ୍ୟଜନ୍ତୁ ସଂଖ୍ୟା ବହୁ ଅଧିକ ହୋଇଥାଇପାରେ ବୋଲି ଆଠଗଡ ଡିଏଫ୍‌ଓ ସସ୍ମିତା ଲେଙ୍କା ଆଶଙ୍କା ବ୍ୟକ୍ତ କରିଛନ୍ତି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

### ଗଞ୍ଜାମ ବସ୍ ଦୁର୍ଘଟଣା: ଏସ୍‌ସିବିରେ ଭର୍ତ୍ତି ହେଲେ ଆଉ ଜଣେ ଆହତ

କଟକ ଅଫିସ,୧୦।୨- ଗଞ୍ଜାମ ଜିଲାର ଗୋଳନ୍ଥରା ଥାନା ଅଧୀନ ମେଣ୍ଟରାଜପୁର ଛକରେ ଘଟିଥିବା ବସ୍ ଦୁର୍ଘଟଣାରେ ଆହତ ହୋଇଥିବା ଆଉ ଜଣଙ୍କୁ ସୋମବାର ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ହେଲପର ଗଞ୍ଜାମ ଜିଲା କେ. ନୂଆଗାଁ ଥାନା ଅନ୍ତର୍ଗତ ଜଗମୋହନପୁର ଗ୍ରାମର ଶ୍ରୀନୁ ସାହୁ। ତାଙ୍କ ମୁହଁ ପୋଡି ଯାଇଥିବାରୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଅନ୍ୟ ଗୁରୁତରମାନେ କୌଣସି ସମୟରେ ଏସ୍‌ସିବି ମେଡିକାଲକୁ ଆସିପାରନ୍ତି ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଶ୍ରୀନୁଙ୍କୁ ମିଶାଇ ଏସସିବି ମେଡିକାଲରେ ଚିକିତ୍ସିତଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ବସ୍‌ରେ ବିଦ୍ୟୁତ ସଂଯୋଗ ପରେ ଜୀବନ ବଞ୍ଚାଇବା ପାଇଁ ଶ୍ରୀନୁ ଡେଇଁ ପଡ଼ିଥିଲେ। ହେଲେ ଫାଟକ ମୁହଁରେ ତାଙ୍କ ଶରୀରରେ ନିଆଁ ଲାଗିଯାଇଥିଲା।

# ବନ୍ଧୁକ ବେପାରରେ ଝାଡ଼ଖଣ୍ଡ ଛାତ୍ର, କୋଟିପତିଙ୍କ ପୁଅ

**ଡିଲ୍‌ବେଳେ ୩ ବନ୍ଧୁକ, ୨୨ ଗୁଳି ଜବତ**

- ୨ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍
- ବୋଲେରୋ, ବୁଲେଟରେ ଖସିଗଲେ ଅନ୍ୟମାନେ
- ଭୁବନେଶ୍ୱରରୁ ବିହାରକୁ ଲମ୍ବିଛି ଚେର


ଜବତ ବନ୍ଧୁକ ଓ ଗୁଳି।


ଗିରଫ ୨ ଅଭିଯୁକ୍ତ।

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

କମିଶନରେଟ ପୋଲିସ ଇଲାକାରେ ଖୁଲମ୍‌ଖୁଲା ଚାଲିଛି ଚୋରା ବନ୍ଧୁକ କାରବାର। ଚେର ଲମ୍ବିଛି ବିହାରରୁ ଭୁବନେଶ୍ୱର। ଛାତ୍ର ଓ କୋଟିପତି ଘରର ପିଲା କରୁଛନ୍ତି ଏହି ବେଆଇନ ବେପାର। ପାଠପଢ଼ା ବୟସରେ ହାତରେ ଧରୁଛନ୍ତି ବନ୍ଧୁକ, ଆଉ ଗୁଳି। ସୋମବାର ଏଭଳି ଏକ ସ୍ପର୍ଶକାତର ଘଟଣାର ପର୍ଦ୍ଦାଫାଶ କରିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। କମିଶନରେଟ ପୋଲିସର ଖଣ୍ଡଗିରି ଥାନା ଅନ୍ତର୍ଗତ ଗଣ୍ଡମୁଣ୍ଡାରେ ଗ୍ରାହକଙ୍କ ସହ ଡିଲ୍‌ବେଳେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ୩ ବନ୍ଧୁକ, ୨୨ ଗୁଳି ଓ ୫ ମାଗାଜିନ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଝାଡ଼ଖଣ୍ଡର ସାନୁ ପଦାର (୨୧) ଓ ଖଣ୍ଡଗିରି ଲେକ୍ ଭ୍ୟାଲି-୨ରେ ରହୁଥିବା ସୁରେଶ ପାଣିଗ୍ରାହୀ ଓରଫ ଲିପୁନ। ସାନୁ ସ୍ଥାନୀୟ ଏକ କଲେଜର ତୃତୀୟ ବର୍ଷର ବିବିଏ ଛାତ୍ର ହୋଇଥିବାବେଳେ ତାଙ୍କ ଘର ଝାଡ଼ଖଣ୍ଡରେ। ସେହିଭଳି ଲିପୁନ ଜଣେ କୋଟିପତି ବ୍ୟବସାୟୀଙ୍କ ପୁଅ ହୋଇଥିବାବେଳେ ଗତବର୍ଷ ସେହି କଲେଜରୁ ବିବିଏ ପାସ୍ କରିଛନ୍ତି। ଏସ୍‌ଟିଏଫ୍ ଆଇପିସି ଦଫା ୨୫(ଏ)ରେ ମାମଲା (ନଂ.୧୩/୨୦) ରୁଜୁ କରି ଉଭୟଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ତେବେ ଚଢ଼ାଉବେଳେ ବନ୍ଧୁକ କିଣିବାକୁ ଆସିଥିବା ଏକାଧିକ ଲୋକ ବୋଲେରୋ, ବୁଲେଟ ଓ ଦୁଇଟି ବାଇକ୍‌ରେ ଖସି ଯାଇଛନ୍ତି। ଅନ୍ୟପକ୍ଷରେ ଗିରଫ ସାନୁ ଓ ଲିପୁନ୍‌ଙ୍କୁ ଏସ୍‌ଟିଏଫ୍ ୩ଦିନ ରିମାଣ୍ଡରେ ଆଣି ପଚରାଉଚରା କରିବ। ସାନୁ ବିହାରରୁ କାହାଠାରୁ କିପରି ଓ କେଉଁବାଟଦେଇ ବନ୍ଧୁକ ଆଣୁଥିଲେ। ଏହାସହ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ କେଉଁ ଜିଲାରେ କାହାକୁ ବନ୍ଧୁକ ବିକ୍ରି କରିଛନ୍ତି ତାହାର ଖୋଳତାଡ଼ କରାଯିବ। ସେମାନଙ୍କ ବୟାନ ଆଧାରରେ ଏସ୍‌ଟିଏଫ୍ ବିହାରକୁ ଯାଇ ବନ୍ଧୁକ ଡିଲରଙ୍କୁ ଗିରଫ କରିବାକୁ ଯୋଜନା ଥିବା ସୂଚନା ମିଳିଛି।

### ବାପାର ମେଡିସିନ ବେପାର, ପୁଅ କରୁଛନ୍ତି ବନ୍ଧୁକ କାରବାର

ଲିପୁନଙ୍କ ଘର ଗଞ୍ଜାମ ଜିଲାରେ ହୋଇଥିବାବେଳେ ସେ ଗଣ୍ଡମୁଣ୍ଡା ଲେକ୍ ଭାଲି-୨ରେ ପରିବାର ସହ ରୁହନ୍ତି। ଲିପୁନ ପରିବାର ଧନିକ ଶ୍ରେଣୀର ହୋଇଥିବାବେଳେ ବାପା ମେଡିସିନ ବ୍ୟବସାୟ କରନ୍ତି। ଏୟାରଫିଲ୍ଡ ଥାନା ଅଞ୍ଚଳ ସମେତ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମେଡିସିନ ଦୋକାନ ରହିଛି। ତାଙ୍କ ପରିବାରର ଗଣ୍ଡମୁଣ୍ଡାଠାରେ ଏକ ୩ ମହଲା ବିଶିଷ୍ଟ ପ୍ରାସାଦ ରହିଛି। ଜଣେ କୋଟିପତିଙ୍କ ପୁଅ ହୋଇଥିଲେ ମଧ କାହିଁକି ବେଆଇନ ବନ୍ଧୁକ ବେପାର କରୁଥିଲେ ତାହାର ଖୋଳତାଡ଼ ଆରମ୍ଭ କରିଛି ଏସ୍‌ଟିଏଫ୍।

### କିପରି ବଢ଼ିଲା ସାନୁ ଓ ଲିପୁନ୍‌ଙ୍କ ସମ୍ପର୍କ

ସାନୁ ବିବିଏ ପଢୁଥିବାବେଳେ ସେ ଲିପୁନ୍‌ଙ୍କ ଘରେ ଭଡ଼ାରେ ରହୁଥିଲେ। ଲିପୁନ ସମାନ କଲେଜରେ ପଢୁଥିବାରୁ ଦୁହିଁଙ୍କ ମଧରେ ସମ୍ପର୍କ ବଢ଼ିଥିଲା। ଦୁହେଁ ଅଧିକାଂଶ ସମୟରେ ଏକାଠି କଲେଜ ଯିବାଆସିବା କରୁଥିଲେ। ତେଣୁ ପରିବାର ଲୋକେ ସାନୁଙ୍କ ସହ ଲିପୁନଙ୍କ ମିଳାମିଶାକୁ ସେତେଟା ନଜର ଦେଉ ନ ଥିଲେ। ସାନୁ ଓଡ଼ିଶା ଆସିବା ପୂର୍ବରୁ ବନ୍ଧୁକ କାରବାର ସହ ସମ୍ପୃକ୍ତ ଥିଲେ। ସେ କ୍ରମଶଃ ଲିପୁନଙ୍କୁ ନାନା କଥା କହି ବନ୍ଧୁକ କାରବାର ପ୍ରତି ଆକର୍ଷିତ କରିଥିଲେ। ବାପାଙ୍କଠାରୁ ଆହୁରି ଢ଼େର୍ ଅଧିକ ରୋଜଗାର କରିବାର ଆଶା ଦେଖାଇ ହାତରେ ବନ୍ଧୁକ ଧରାଇଦେଇଥିଲେ। ଲିପୁନ ରାଜି ହେବା ପରେ ଦୁହେଁ ମିଶି ବନ୍ଧୁକ କାରବାର ଆରମ୍ଭ କରିଥିଲେ। ବନ୍ଧୁକ ବେପାର ଟଙ୍କାରେ କଲେଜରେ ମଉଜମସ୍ତି କରିବା ସହ ଦବ୍‌ଦବା ଦେଖାଉଥିଲେ।

### ମାଓବାଦୀ ସଂଗଠନକୁ ବନ୍ଧୁକ ଯୋଗାଉଥିବା ସନ୍ଦେହ

ସାନୁଙ୍କ ବିହାରର ଜଣେ ବନ୍ଧୁକ ଡିଲରଙ୍କ ସହ ପୂର୍ବରୁ ଭଲ ସମ୍ପର୍କ ଥିଲା। ସେ ଅତ୍ୟାଧୁନିକ ଅଟୋମେଟିକ ବନ୍ଧୁକ ତାଙ୍କଠାରୁ କିଣି ଆଣୁଥିଲେ। ୮୦ହଜାର ଟଙ୍କାରେ କିଣି ଆଣି ଓଡ଼ିଶାରେ ୧ଲକ୍ଷ ୩୦ ହଜାରରୁ ଅଧିକ ଟଙ୍କାରେ ବିକ୍ରି କରୁଥିଲେ। ଲିପୁନ୍ ଓଡ଼ିଶାରେ ଗ୍ରାହକ ସଂଗ୍ରହ ଦାୟିତ୍ୱରେ ଥିଲେ। ଏଥିସହ ବିଭିନ୍ନ ଅଞ୍ଚଳରେ ମଧ ଏଜେଣ୍ଟ ରଖି ବେପାର ଚଳାଇଥିଲେ। ବିଶେଷକରି ସେମାନେ କୋରାପୁଟକୁ ଏହି ଅତ୍ୟାଧୁନିକ ବନ୍ଧୁକ ଚାଲାଣ କରୁଥିବାବେଳେ ବିଲ୍ଡର, ଖଣି ମାଫିଆ ଓ ଏକ ସଂଗଠନକୁ ବନ୍ଧୁକ ଯୋଗାଉଥିବା କହିଛନ୍ତି। ତେବେ କୋରାପୁଟକୁ ଯାଉଥିବା ବନ୍ଧୁକ ମାଓବାଦୀମାନେ କିଣି ନେଉଥିବା ସନ୍ଦେହ କରାଯାଉଛି। ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ଖୋଳତାଡ଼ ଆରମ୍ଭ କରିଥିବା ଜଣାପଡିଛି।

### କେମିତି ଥିଲା ଏସ୍‌ଟିଏଫ୍‌ର ଅପରେଶନ

ରାଜଧାନୀରେ ବନ୍ଧୁକ ଡିଲ୍ ହେଉଥିବା ନେଇ ଏସ୍‌ଟିଏଫ୍ ଖବର ପାଇବା ପରେ ଲିପୁନଙ୍କ ଫୋନ୍ କଲ୍ ଟ୍ରାକ୍ କରାଯାଇଥିଲା। ଏକ ୭ ଜଣିଆ ଟିମ୍ ଗଣ୍ଡମୁଣ୍ଡାସ୍ଥିତ ଲିପୁନଙ୍କ ଘର ନିକଟରେ ଛଦ୍ମ ବେଶରେ ଛକି ରହିଥିଲେ। ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଲିପୁନ ଓ ସାନୁ ଘରର କିଛି ଦୂରରେ ଛିଡା ହୋଇ ହସଖୁସି କରିଥିଲେ। ଏହି ସମୟରେ ଏକ ବୋଲେରୋ,ଏକ ବୁଲେଟ ଓ ଦୁଇ ବାଇକ ଆସି ସେମାନଙ୍କ ପାଖରେ ଅଟକିଥିଲା। ଏହାପରେ ବନ୍ଧୁକ ବିକ୍ରି ନେଇ ସେମାନଙ୍କ ମଧରେ ଡିଲ ହେଉଥିଲା। ଏହାକୁ ପ୍ରକୃଷ୍ଟ ସମୟ ଭାବି ଏସ୍‌ଟିଏଫ୍ ଟିମ୍ ଘେରିଯାଇ ପ୍ରଥମେ ସାନୁ ଓ ଲିପୁନଙ୍କୁ କାବୁ କରିନେଇଥିଲେ। ଅନ୍ୟମାନେ ଗାଡ଼ିରେ ଥିବାରୁ ସେମାନେ ଘଟଣାସ୍ଥଳରୁ ତୁରନ୍ତ ଖସି ପଳାଇଥିଲେ।

### ବନ୍ଧୁକରେ ଇଟାଲୀ, ଗୁଳିରେ ଉଲ୍ଲେଖ ରହିଛି ପୁଣେ

ଏସ୍‌ଟିଏଫ୍ ଜବତ କରିଥିବା ୩ଟି ବନ୍ଧୁକ ୭.୬୫ ଏମ୍‌ଏମ୍'ର ସୋଫିଷ୍ଟିକେଟେଡ୍ ଅଟୋମେଟିକ। ଏହା ଅତ୍ୟାଧୁନିକ ମାରଣାସ୍ତ୍ରରେ ଅନ୍ତର୍ଭୁକ୍ତ। ସେଥିରେ ମେଡ୍ ଇନ୍ ଇଟାଲୀ ବୋଲି ଲେଖା ରହିଛି। ଏହା ଅସଲି ନା ଏଠାରେ ଇଟାଲୀ ବନ୍ଧୁକର ନକଲ ତିଆରି କରାଯାଇଛି ତାହାର ତଦନ୍ତ ଆରମ୍ଭ ହୋଇଛି। ଏହି ବନ୍ଧୁକରେ ୧୨ ଗୁଳି ରହିବାର କ୍ଷମତା ଥିବାବେଳେ ସାଧାରଣତଃ ୬ ଗୁଳି ଭର୍ତ୍ତି କରାଯାଇଥାଏ। ଏହାକୁ ସେଟିଂ କରିବା ପରେ ଗୋଟିଏ ଟ୍ରିଗର ଚିପିଲେ ଅଟୋମେଟିକ ଭାବେ ଏକାଧିକ ଗୁଳି ଲଗାତର ବନ୍ଧୁକରୁ ବାହାରିଥାଏ। ଜବତ ୨୨ ଗୁଳିରେ ପୁଣେର ଏକ କମ୍ପାନୀର ନାମ ଉଲ୍ଲେଖ ରହିଛି। ତେଣୁ ଜବତ ଗୁଳି ଉକ୍ତ କମ୍ପାନୀର କି ନୁହେଁ ଜାଣିବା ପାଇଁ ଏସ୍‌ଟିଏଫ୍ ଯାଞ୍ଚ ପାଇଁ ପଠାଇଥିବା ସୂଚନା ମିଳିଛି।

## ଚୋରି ଘଟଣା: ୬ ଗିରଫ

ଖୁଣ୍ଟୁଣୀ,୧୦।୨(ଡି.ଏନ୍.ଏ.): ମୋବାଇଲଫୋନଚୋରିଅଭିଯୋଗରେ ଘଣ୍ଟିଖାଲ ଫାଣ୍ଡି ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ଇନ୍ଦିପୁର ଗ୍ରାମର ଦୀପୁ ସାହୁ, ସନ୍ତୋଷ ବେଜ ଓ ଢେଙ୍କାନାଳ ବାଲିମ ଥାନା ଅଧୀନ ବାହାଲଣ୍ଡା ଗ୍ରାମର ବିଶ୍ୱନାଥ ସାହୁ। ୨ ମାସ ତଳେ ଖୁଣ୍ଟୁଣୀ ଥାନା ଅଞ୍ଚଳର ଏକ କାରଖାନାରେ କାର୍ଯ୍ୟରତ ଦୀନେଶ ଦାସଙ୍କ ମୋବାଇଲକୁ ଅଭିଯୁକ୍ତମାନେ ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ଖୁଣ୍ଟୁଣୀ ଥାନାରେ ଏକ ମାମଲା (ନଂ.୧୧୭/୧୯) ରୁଜୁ ହୋଇଥିଲା। ସେହିପରି ଉକ୍ତ ଥାନା ଅଧୀନ ଧବଳେଶ୍ୱର ଆଇଟିଆଇ କଲେଜ ମଧ୍ୟରୁ ଲୁହାଛଡ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିବା ଅଭିଯୋଗ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରାଧାକିଶୋରପୁର ଗ୍ରାମର ଗଦାଧର ସାମଲ, ରାଧାଦାମୋଦରପୁର ଗ୍ରାମର ଚିତ୍ତ ରାଉତ ଓ ରବିନ୍ ମିଶ୍ର। ଏ ସମ୍ପର୍କରେ ଥାନାରେ ଏକ ମାମଲା(ନଂ.୧୭/୨୦) ରୁଜୁ ହୋଇଛି।

## ୮ ବରିଷ୍ଠ ଓଏଏସଙ୍କୁ ଆଇଏଏସ ପଦୋନ୍ନତି

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ୮ ଜଣ ବରିଷ୍ଠ ଓଏଏସ ଅଫିସରଙ୍କୁ ଆଇଏଏସ ଅଫିସର ପାହ୍ୟା ପଦୋନ୍ନତିକୁ କେନ୍ଦ୍ର ସରକାର ମୋହର ମାରିଛନ୍ତି। ରାଜ୍ୟ ସରକାରଙ୍କ ଏହି ପ୍ରସ୍ତାବକୁ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ କାର୍ମିକ ମନ୍ତ୍ରଣାଳୟ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛି। ଆଇଏଏସକୁ ପଦୋନ୍ନତି ପାଇଥିବା ଅଧିକାରୀମାନେ ହେଲେ ମୁରଲୀଧର ବାରିକ, ଶ୍ରୁଶାନ୍ତ କୁମାର ବାରିକ, ଉମାକାନ୍ତ ତ୍ରିପାଠୀ, ବିଷ୍ଣୁ ପ୍ରସାଦ ମିଶ୍ର, ଶୁଭେନ୍ଦୁ କାନୁନଗୋ, ରାମ କୃଷ୍ଣ ସାହୁ, ରବୀନ୍ଦ୍ର ନାଥ ସାହୁ ଏବଂ ଚିତ୍ତରଞ୍ଜନ ମହାନ୍ତି। ଭାରତୀୟ ପ୍ରଶାସନିକ ସେବା (ନିଯୁକ୍ତି ପ୍ରମୋଶନ ଦ୍ୱାରା) ରେଗୁଲେଶନ-୧୯୫୫ ଏବଂ ରୁଲ-୩ ଅନୁଯାୟୀ ନିଯୁକ୍ତି ଦିଆଯାଇଛି। କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ୨୦୧୮ ଓଡିଶା କ୍ୟାଡର ଚୟନ ତାଲିକାରେ ଏହି ଅଧିକାରୀମାନଙ୍କୁ ଖାଲି ପଦବୀରେ ନିଯୁକ୍ତି ଦିଆଯିବ।


CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କେଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲୋକଙ୍କ ଭରସା)
ଶ୍ରୀରାମ ଫାଇନାନ୍ସ
କାମ ଆମର ବିଶ୍ୱାସ ଆପଣଙ୍କର
ଲୋନ
ଲୋନ ପାଆନ୍ତୁ, ଉଜ୍ଜ୍ୱଳ ଭବିଷ୍ୟତ ବନାନ୍ତୁ
• ସମ୍ପତ୍ତି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାରକାର୍ଡ ଋଣ • ବ୍ୟକ୍ତିଗତ ଋଣ • ବିପିଏଲ୍ ଋଣ
2% ସୁଧ | 50% ଛାଡ଼
ମହିଳା, ସିପାହି, କୃଷକ, ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶେଷ ରିହାତି
083074-68262

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ । Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ | ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
78950-82886
73765-91521
B-34/7 A Block Vijay Enclave, Bururi, New Delhi

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

FINANCE
CAPITAL ଋଣ ସରକାରୀ ସୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
7056051417

BUSINESS

ଶ୍ରୀରାମ ଟାୱାର ପ୍ରାଇଭେଟ ଲିମିଟେଡ୍
ଦ୍ୱାରା ଆପଣଙ୍କର ଖାଲି ପଡ଼ିଥିବା ଜମି, ଛାତ, କ୍ଷେତ ପ୍ଲଟ୍‌ରେ Digital Tower ଲଗାନ୍ତୁ ।
ଅଗ୍ରିମ- 50,00,000/- + ଭଡ଼ା- 50,000/- + 20 ବର୍ଷ କୋର୍ଟ ଏଗ୍ରିମେଣ୍ଟ
TOLL FREE : 1800-102-1344

TEJAS MOBILE NETWORK COMPANY
ତେଜସ୍ କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ଉପରେ ଟାୱାର ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 25,000/- ଟଙ୍କା ପାଆନ୍ତୁ । (ବିମା+ ମେଡିକାଲ ଖର୍ଚ୍ଚ ମାଗଣା) ଆଜି ହିଁ ସଂମ୍ପର୍କ କରନ୍ତୁ
Digital Xpress,Mini Shop No-7, City Point Complex,Bangalore-530068
Call / SMS Now
9691833895

ହିନ୍ଦୁସ୍ତାନ ଟାୱାର
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ ।
7838639856
8929313996

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୂଠକରଣ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday

ଧରିତ୍ରୀ
DHARITRI
ଢେଙ୍କାନାଳ, ମଙ୍ଗଳବାର, ୧୧ ଫେବୃୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





## ଦ୍ୱିତୀୟ ଭାଷା ଇଂରାଜୀ (SECOND LANGUAGE ENGLISH)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

### PART – I (OBJECTIVE)

**1. Answer the following questions, each in a word or a phrase.** [1×5=5

(i) How much did the postman contribute as an act of charity?
(ii) What do you mean by "the service of India"?
(iii) In which match did Kapil Dev earn the tag of an all-rounder?
(iv) What does acid rain leach away?
(v) What should we do for hard times?

**2. Answer in a word or a phrase.** [1×5=5

(i) How are meadows useful to us?
(ii) What did the little girl eat in her supper?
(iii) Where are the bridal robes?
(iv) Where does the brook slip?
(v) Who is the soul compared to?

**3. Fill in the blanks with right words.** [1×5=5

(i) We feel the cold wind in ______.
(ii) The eyes of the cottage girl were very ______.
(iii) "Cradle songs" refers to the songs of the ______.
(iv) The 'gravel' looks like ______.
(v) The colour of the rose in the poem 'Virtue' is described as ______.

**4. Answer the following questions, each in a word or a phrase.** [1×5=5

(i) Who had a clean habit like a cat?
(ii) What did Grandfather reserve for himself and Timothy for their journey to Lucknow?
(iii) A homeless person is called a ______.
(iv) Who suggested Algu to take the matter to the panchayat?
(v) Where did the children find the grain of corn?

**5. Fill in the blanks with correct words.** [1×5=5

(i) With his face near the tiger's grandfather mumbled, '__________, Timothy' and walked briskly out of the zoo.
(ii) The beggar told that he had had nothing to eat for __________ days.
(iii) The beggar had identified himself as an _______ in Sadovya street.
(iv) Jumman Sheikh and Algu Chaudhuri were __________ friends.
(v) "It is a grain of corn". It was the statement of the __________.

**6. Fill in the blanks using the correct forms of words given in brackets.** [1×5=5

(i) The __________ (occupation) of the car escaped in the dark.
(ii) __________ (fail) is the pillar of success.
(iii) The government provides rice __________ (adequate) to the poor people.
(iv) The children __________ (memory) the poems.
(v) It is not a __________ (belief) fact.

**7. Do as directed.** [1×5=5

(i) We shouldn't __________ the poor. (Fill in the gap with a word adding negative prefix to 'treat')
(ii) My friend came to our house. I was studying then. (Join the sentences using adverb clause)
(iii) The film is interesting. The film is instructive. (Join the sentences using 'not only.......but also')
(iv) The child is writing in a __________ (breaking/ broken) slate. (Choose the correct participle adjective)
(v) I ran 10 kms at a stretch when I was young. (Rewrite it using 'used to')

**8. Do as directed.** [1×5=5

(i) I __________ (buy) a pen yesterday. (Use the correct form of the verb)
(ii) I don't want to go to cinema, __________ I am feeling tired. (Fill in the blank using a suitable co-ordinating conjunction)
(iii) A number of deer __________ (is/are) grazing there. (Choose the correct auxiliary verb)
(iv) To find fault of others is very easy. (Here the function of the non-finite verb is _______.
(v) The lady set off _______ the USA last night. (Fill in the blank with a preposition)

**9. Do as directed.** [1×5=5

(i) The battery has run __________. (Fill in the blank with a particle)
(ii) The news that he has returned home is true. The underlined clause is an example of ________ clause.
(iii) She is a girl __________ brother is an engineer. (Fill in the blank with a suitable relative pronoun)
(iv) Shut the window. (Turn into passive)
(v) He said to me, "Can you type the letter ?" (Change into reported speech)

**10. Translate into English.** [1×5=5

ମୋ ବାପା ଗୋଟିଏ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ସେ ବହୁତ କମ୍ ଦରମା ପାଆନ୍ତି। ସେ ମାସକୁ ମାତ୍ର ଦଶହଜାର ପାଆନ୍ତି। ସେହିଥିରେ ସେ ସମସ୍ତ ଖର୍ଚ୍ଚ କରନ୍ତି। ସେ କଦାପି ଋଣ କରିବାକୁ ପସନ୍ଦ କରନ୍ତି ନାହିଁ।

**Or,**
ପିନୁ – ଆଜି କେତେ ତାରିଖ ?
ରିନୁ – ଆଜି ଅଗଷ୍ଟ ୧୫ ତାରିଖ। ଏହା ସ୍ୱାଧୀନତା ଦିବସ।
ପିନୁ – ଏହି ଦିନର ଗୁରୁତ୍ୱ କ'ଣ ?
ରିନୁ – ଭାରତ ଏହି ଦିନ ତା'ର ସ୍ୱାଧୀନତା ପାଇଥିଲା।

### PART – II (SUBJECTIVE)

**11.(i)** What happened to Lencho's cornfield after the hailstorm ? How did he react to it? [5

**Or,** Who, according to Sunil Manohar Gavaskar, were the four leading all-rounders in the world cricket ? Why does any captain love to have all of them in his team?

**(ii)** What are the three approaches to control air pollution? [5

**Or,** What does Lord Eustace Percy advise students on choosing a profession?

**12.** Write an essay, in about 250 words, on any one of the following topics, keeping to the outline given. [12

**(i) A Visit to a Book Fair**
(Importance of books – venue of the book fair – decoration of the site – stalls and books – books bought – your feelings there)

**(ii) Floods**
(How floods are caused – damages are caused by floods – plight of the flood-stricken people – usefulness – steps taken by Government and N.G.Os to check floods – fighting nature sometimes ends in failure – your suggestions for remedial measures)

**(iii) My Experience of a Rainy Day**
(Introduction – the beginning of the day – clouds and rain – happy noises on the roads – your experience – conclusion)

**13.** Suppose you are Suraj Pradhan studying at N.K. Vidyapitha, Balia bazaar in the district of Jagatsinghpur. Your friend Sumit Dash, who is staying at Maithilee Street, Kendrapada Road, Kendrapada, has failed to qualify the Test Examination of his school, giving encouragement to work hard. [10

**Or,** Imagine you are Saurav Rath studying in Capital High School, Bhubaneswar-1. Write an application to the Headmaster of your school, in about 100 words, asking him for permission to go on a picnic to Chilika.

**14. Read the passage and write its summary in about 60 (sixty) words** [8

Noise pollutes our environment just as much as smoke, foul water, dirty air and litter. It can cause illness and deafness. The human body never gets used to noise. It continues to react even though a person thinks he or she has become accustomed to all the surrounding noises. For instance, Naseer, who lived in an apartment on a busy street, often boasted that he could sleep through any kind of noise. He claimed he just didn't hear it. Well, Naseer could sleep through the roar of traffic and the blare of a television set in the next apartment, but he did not know that while he slept, his body was reacting to the stress of the noise.

A doctor in West Germany, after researching the effects of noise, concluded that sounds heard by persons when they are asleep can cause danger to their hearts and blood vessels. May be this was the reason why Naseer had so many headaches. Noise causes the blood vessels in the brain to expand. It brings no pain.

**Or,** Supposing you are a reporter of 'The Dharitree'. You are working for Keonjhar town. Write a report on the effect of Swachha Bharat Abhijan in your town.

**15. Read passage carefully & answer the questions that follow, each in about 20 words.** [2×5

Once there was a farmer who had two sons. He was a rich man and he had a lot of land, many cows and sheep and many servants. His sons helped on the farm. They all lived together happily.

But after some years the younger son began to feel unhappy, though he had everything to make him happy. He no longer wanted to live in the house with his father and brother.

He went to his father and said, "Father give me my share of the land and the cows and the sheep. I donot want to live here any longer."

His father said, "My son, why do you want to leave us? Are you not happy here ? Do not go."

*Questions*

(i) What did the rich farmer possess?
(ii) How did his sons live?
(iii) What happened to younger son after some years?
(iv) How did he tell his father?
(v) What did his father ask him?

### ANSWER: PART - I (OBJECTIVE)

**1.** **(i)** a part of his salary **(ii)** the service of millions who suffer **(iii)** Faisalabad Test Match **(iv)** nutrients of soil **(v)** make provision

**2.** **(i)** to play **(ii)** porringer **(iii)** in the loom **(iv)** between the ridges **(v)** seasoned timber

**3.** **(i)** winter **(ii)** fair **(iii)** mother to the children **(iv)** gold **(v)** angry and brave

**4.** **(i)** Timothy, the tiger cub **(ii)** a first class compartment **(iii)** waif **(iv)** the good people of the village **(v)** in the ravine

**5.** **(i)** Good night **(ii)** three **(iii)** expelled student **(iv)** great **(v)** wisemen

**6.** **(i)** occupant **(ii)** Failure **(iii)** adequately **(iv)** memorize **(v)** believable

**7.** **(i)** mistreat **(ii)** My friend came to our house **when** I was studying. **(iii)** The film is not only interesting but also instructive. **(iv)** broken **(v)** I used to run 10 kms at a stretch when I was young.

**8.** **(i)** bought **(ii)** besides **(iii)** are **(iv)** subject **(v)** for

**9.** **(i)** down **(ii)** noun clause **(iii)** whose **(iv)** Let the window be shut. **(v)** He asked me if I could type the letter.

**10.** My father is working in a private company. He gets a very low salary. He gets only ten thousand rupees per month. He meets all expenses with that. He never prefers to bring loan.

**Or,**
Pinu – What date is today ?
Rinu – Today is the 15th August. It is the day of Independence.
Pinu – What is the importance of this day ?
Rinu – India got her freedom this day.

### ANSWER: PART - II (SUBJECTIVE)

**11.(i)** Lencho's cornfield was totally destroyed by the unwanted and unexpected hailstorm. Not a leaf remained on the trees. The flowers were gone from the plants. The field was white, as if covered with salt. Lencho's soul was filled with sadness. He stood in the middle of the field helpless. He thought that his family would go hungry throughout the year. He couldn't expect any help from anybody except that of God.

**Or,** According to Sunil Manohar Gavaskar, the four leading all-rounders in the world cricket were Imarn Khan of Pakistan, Ian Botham of England, Kapil Dev of India and Richard Hadlee of New Zealand. They have played under pressure and have performed excellently. They have got ability to face any opponent at any time. So a captain loves to have all these all-rounders in his team to win a match.

**(ii)** The three approaches to control air pollution are preventive measures, dispersal measures and collection measures. Preventive measures can be taken by changing the raw materials used in industries or the ingredients of fuel. Dispersal measures can be taken by raising the heights of smokestacks. Lastly collection measures can be taken by designing equipment to trap the pollutants before they escape into the atmosphere.

**Or,** According to Lord Eustace Percy, the pupils are supposed to choose a profession after school. They should take utmost care while choosing a profession. They should choose such a profession that has in it the promise of an interesting and happy future. They should avoid the profession that leads nowhere. In case of any doubt about the choice, they should consult one of the their teachers.

**12.(i)** Books is the never-failing friend of man. As a faithful dog, it sticks close to a man in the days of sorrow and sweetness. It is man's best guide, philosopher and mentor. It is an unending source of knowledge and wisdom.

A book fair is an occasion which unfolds before us the vast world in a microcosm. This year a book fair was held on 23rd January at Pragati Maidan in Bhubaneswar. Publishers of Odisha and the leading bookhouses of other parts of our country participated in it. Stalls were set up in a circular shape with snacks and coffee and tea bars in between. The gateway with a white banner "Book Fair-2020" hung above was eye-feasting.

The Book Fair opened at 2 p.m. and closed at 10 p.m. We reached the fair ground at 5.30 p.m. Since it was deadly winter, the whole place illuminated. A large crowd of men and women with their children and the young boys and girls came in a good number to the Book Fair. Everyone looked quite active and jovial (joyful).

I wish my parents entered the interior. I was speechless at the sight of a mountain of books. I was at a loss. Textbooks, guides, magazines, story books, fictions, novels, plays, religious books, etc. dominated the stall. I went through a few books.

Finally I bought two story books, a computer lesson book, one grammar copy and a dictionary. At 8 p.m. we came out of the stall with the feelings of happiness. I was fortunate that I could spend a few golden hours in the company of real treasures of life.

**(ii)** Excessive rainfall on the source or catchment areas of rivers causes floods. Rainwater flows into the river in large quantity. Level of water in the river rises. The flood water overflows its banks and inundates the neighbouring fields and villages.

When a river is in full flood, it looks awful. The current of the flood water is very strong. There are big and horrifying whirlpools here and there in the river. The flood water flowing down swiftly roars dangerously.

The flood water is dirty. It is extremely muddy and carries many kinds of impurities. Big uprooted trees, broken thatched roofs, bamboo and wood log floats, dead animals, snakes, sticks and straw and many other kinds of things come floating in the river. People cross rivers by ferry boats.

The flood water eats into its banks on both sides. Sometimes the banks give way and the flood water rushes forward. It drifts away houses, animals and even human beings. When the flood water gushes out with a terrific speed, men, women and children leave their houses and run to high places of safety. Thousands of people become homeless and spend days together without food and shelter. There can be no worse tragedy than this for human beings.

Flood is one of the natural calamities that causes great damage to men and animals. It damages their crops. Mud built houses and hovels collapse. Some people especially old men, women and children lose their lives lying under the collapsed houses. Animals drift away with the current of the flood water.

Government and generous people come to their rescue. They send them food stuffs, clothes and medicine packets. Government puts up tents for their shelter. At times food packets, clothes and blankets are dropped down from aeroplanes for the flood -hit people.

There are some flood-prone areas which are badly affected by flood every year. The District Administrations in the State have formed natural calamity committees to chalk out measures for checking floods in rivers and for helping the flood affected people. Government has built dams across many rivers in Odisha to control floods. In spite of all measures taken up by the Government to control floods, floods occur in rivers and cause a lot of damage to the living beings.

With great advances made in the field of science, people in course of time will be able to find out ways and means to control floods in rivers on a permanent basis.

**(iii)** In India we have monsoon or rainy season during the months of July, August and September. After a long spell of hot summer, everybody waits eagerly for a downpour. My experience of a rainy day is full of joy and happiness.

Last year during the month of June, our school had just reopened after a long summer vacation. It was still quite hot. The birds and animals were gasping for breath. Due to unbearable hot, it was impossible to stay in the house. So I made up my mind to go to the swimming pool to get some respite.

When I was half way on my way, hot gusts of wind gave place to a welcome breeze. Soon the sky was overcast with dark clouds. It began to drizzle. Now it rained in torrents. The street and roads were flooded with the rainwater. The roof tops showed big drops of rain. In the heavy downpour, I was bathed to the skin. I went towards the garden in the rain. There I found that the garden had become a virtual pool of water. I splashed the water in joy.

I saw some small children bathing naked. They were throwing water on one another. They were flowing paper boats in that small pool. Trees and plants dipped water and water every moment. The scene all around was worth-watching.

After a heavy rain I went towards the town. The water was flowing with full force. A flood-like phenomenon met my eyes. The thirsty ground had plenty of water. Traffic was snailing on the roads and streets. The road and the streets became slippery and muddy.

In spite of some difficulties, the rain is welcomed by everybody. It brings a new life to our plants, trees and crops. We should always welcome the rain and the good things it brings.

**13.(i)**

N.K. Vidyapitha
Balia bazaar, Biridi
Jagatsinghpur
February 11, 2020

Dear Sumit,

I am very sorry to hear the very sad news of your failure in the test examination of your school. I have no element of doubt about your hard work. You have fallen prey to bad luck. No doubt this failure has broken your hopes. But don't mind it. Sometime in the moments of sorrow, happiness is hidden. May be you come out with flying colours next time. Continue to work hard the way you did last time. Get ready for the examinations coming. I'm sure you will surprise everyone with your brilliant performance.

Do write to me soon. Please give my respect to your parents and love to your brother.

With deepest sympathy,

Yours sincerely
**Suraj**

**ADDRESS**

| **From** | **To** | **Stamp** |
| --- | --- | --- |
| Suraj Pradhan | Sumit Dash | |
| N.K. Vidyapitha | At : Maithilee Street | |
| Balia bazaar | Kendrapada Road | |
| P.O : Biridi | Dist : Kendrapada | |
| Dist : Jagatsinghpur | | |

**Or,**

Capital High School
B.J.B. Nagar
Bhubaneswar-1
11th February 2020

To
The Headmaster
Capital High School
B.J.B. Nagar
Unit-III, Bhubaneswar-1.
[Through the class teacher]

Sir,

Respectfully, I would like to inform you that the pupils of class ten want to make the most of this winter. We have heard a lot about the scenic beauty of the lake Chilika. We will enjoy the real charm of the site if we go there. As our class-promotion examinations are already over, we are absolutely free at present. We have agreed on 27th of this month for the visit.

We would be grateful if you would kindly grant us permission to go on a picnic.

Yours faithfully,
**Saurav Rath**

**14. Title : Harmful Effects of Noise Pollution**

Noise pollutes our environment just as much as smoke, dirty water, dirty air and litter. It can cause illness and deafness. Naseer, a boy who lived on a busy street hardly knew that his body was reacting the noise. A doctor in West Germany proved that sounds heard by persons when they are asleep can cause danger to their hearts and blood vessels.

**Or,**

Keonjhar
11th February, 2020

To
The Editor
The Dharitri
Bhubaneswar

**Title:** 'Swachha Bharat Abhijan' at Keonjhar

In order to materialise Gandhiji's dream of 'clean India, the Prime Minister, Mr. Narendra Modi launched the programme "Swachha Bharat Abhijan" in 2014. The people of the whole country including this town have welcomed this programme. All the institutions and organisations of this town both public and private are trying their best to fulfil its objectives. They have rendered their dedicated service to clean the town. It's effect is widely seen in the thickly populated area and public places of this town.

**Suryanarayan Rath**
Reporter

**15.(i)** The rich farmer possessed a lot of land, many cows and sheep and many servants.
(ii) His sons helped his father on the farm and lived together happily.
(iii) After some years his younger son began to feel unhappy even if he had everything to make him happy.
(iv) He told his father to give him his share of the land and the cows and the sheep.
(v) His father asked him why he wanted to leave them. He also told his son not to go away.

❑❑❑



ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଓ ଓମାର ଅବ୍‌ଦୁଲ୍ଲାଙ୍କ ବିରୋଧରେ କେନ୍ଦ୍ର ସରକାର ପିଏସ୍‌ଏ ଲଗାଇବା ଠିକ୍ ନୁହେଁ। ସେମାନଙ୍କ ଭଳି ବରିଷ୍ଠ ନେତାଙ୍କୁ ଏଭଳି ବ୍ୟବହାର ଦେଖାଯିବା ଲଜ୍ଜାର ବିଷୟ।
- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

# ରାସ୍ତା ବନ୍ଦ କରିପାରିବେନି ବିକ୍ଷୋଭକାରୀ

ନୂଆଦିଲ୍ଲୀ,୧୦।୨(ପି.ଟି.)



ଶାହିନବାଗରେ ସିଏଏ ବିରୋଧୀ ବିକ୍ଷୋଭ।



- ଶାହିନବାଗ ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟଙ୍କ ମତ
- ଶିଶୁ ମୃତ୍ୟୁକୁ ନେଇ କେନ୍ଦ୍ର, ଦିଲ୍ଲୀ ସରକାରଙ୍କୁ ନୋଟିସ

ଆନ୍ଦୋଳନ କରିବା ଅଧିକାର ଜନସାଧାରଣଙ୍କର ରହିଛି। ତେବେ ଆନ୍ଦୋଳନ ନାଁରେ ସର୍ବସାଧାରଣ ସ୍ଥାନ ଓ ରାସ୍ତାକୁ ଅବରୋଧ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଗତବର୍ଷ ଡିସେମ୍ବର ୧୫ରୁ ଦିଲ୍ଲୀର ଶାହିନବାଗ୍‌ରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଆନ୍ଦୋଳନ ଚଳାଇଥିବା ବିକ୍ଷୋଭକାରୀ ସର୍ବସାଧାରଣ ରାସ୍ତା ଅବରୋଧ କରି ଅନ୍ୟମାନଙ୍କୁ ଅସୁବିଧାରେ ପକାଇପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଶାହିନବାଗ୍‌ରୁ ବିକ୍ଷୋଭକାରୀଙ୍କୁ ହଟାଇ କାଳିନ୍ଦୀ କୁଞ୍ଜ-ଶାହିନବାଗ ରାସ୍ତାକୁ ଯାନ ଚଳାଚଳ ପାଇଁ ମୁକ୍ତ କରିବା ଲାଗି ଆବେଦନ ହୋଇଥିଲା। ଏନେଇ ଅଦାଲତ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ଜବାବ ମାଗିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୧୭କୁ ଧାର୍ଯ୍ୟ କରାଯାଇଛି।

ସର୍ବସାଧାରଣ ସ୍ଥାନରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଚାଲିପାରିବ ନାହିଁ। ଯଦି ଆପଣମାନଙ୍କର ଆନ୍ଦୋଳନ କରିବାର ଅଛି ତେବେ ଏଥିପାଇଁ ଉଦ୍ଦିଷ୍ଟ ସ୍ଥାନରେ କରିବାକୁ ଖଣ୍ଡପୀଠ କହିଛନ୍ତି। ଶାହିନବାଗ୍ ଆନ୍ଦୋଳନ ବିରୋଧରେ ଦାଏର ପିଟିଶନର ଶୁଣାଣି ଦିଲ୍ଲୀ ନିର୍ବାଚନ ପରେ ହେବ ବୋଲି ଗତ ୭ ତାରିଖରେ ସର୍ବୋଚ୍ଚ ଅଦାଲତ କହିଥିଲେ।

ସେହିପରି ଆନ୍ଦୋଳନସ୍ଥଳରେ ୪ ମାସର ଶିଶୁ ମୃତ୍ୟୁକୁ ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ ଅଦାଲତ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଆନ୍ଦୋଳନରେ ୪ ମାସର ଶିଶୁ ଭାଗନେଇପାରିବ କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିବା ସହ କେତେକ ମହିଳା ଆଇନଜୀବୀଙ୍କୁ ଚେତାବନୀ ଦେଇଛନ୍ତି। ସିଏଏ ବିରୋଧୀ ଆନ୍ଦୋଳନରେ ଭାଗ ନେଇଥିବା ପିଲାମାନଙ୍କୁ ଆତଙ୍କବାଦୀ, ଦେଶଦ୍ରୋହୀ ଓ ପାକିସ୍ତାନୀ ବୋଲି କୁହାଯାଉଥିବା ମହିଳା ଆଇନଜୀବୀ ବିସ୍ଫୋରକ ଅଭିଯୋଗ କରିଥିଲେ। ମାଆମାନଙ୍କ ସହ ପିଲାମାନେ ଆନ୍ଦୋଳନସ୍ଥଳରେ ଉପସ୍ଥିତ ଥିଲେ ବୋଲି ଆଇନଜୀବୀ ମତ ରଖିଥିଲେ।

ଶିଶୁ ମୃତ୍ୟୁକୁ ନେଇ ଜାତୀୟ ସାହସିକତା ପୁରସ୍କାର ବିଜେତା ୧୨ ବର୍ଷର ବାଳକ ଗୁଣରତନ ସଦାବର୍ତ୍ତେ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କୁ ପତ୍ର ଲେଖିଥିଲେ। ଶିଶୁ ମୃତ୍ୟୁର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଥିଲେ। ୪ ମାସର ଶିଶୁ ମହମ୍ମଦ ଜହାନ ତା ମାଆବାପାଙ୍କ ସହ ପ୍ରତିଦିନ ବିକ୍ଷୋଭସ୍ଥଳକୁ ଆସୁଥିଲେ। ଅତ୍ୟଧିକ ଥଣ୍ଡା ଯୋଗୁ ଜାନୁୟାରୀ ୩୦ରେ ତାଙ୍କର ମୃତ୍ୟୁ ଘଟିଥିଲା। ମାମଲାର ଶୁଣାଣି ବେଳେ ଆଇନଜୀବୀମାନେ ବିସ୍ଫୋରକ ବୟାନ ନ ଦେବାକୁ ପ୍ରଧାନ ବିଚାରପତି ଜଷ୍ଟିସ୍ ବୋବ୍‌ଡେ, ବିଚାରପତି ଜଷ୍ଟିସ ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

## ଆଜି ଦିଲ୍ଲୀ ଭୋଟ ଫଳାଫଳ

ନୂଆଦିଲ୍ଲୀ,୧୦।୨(ପି.ଟି.)

ଦିଲ୍ଲୀ ବିଧାନସଭା ନିର୍ବାଚନର ଭୋଟଗଣତି ମଙ୍ଗଳବାର ହେବାକୁ ଥିବାବେଳେ ଏଥିପାଇଁ ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥାଗ୍ରହଣ କରାଯାଇଛି। ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ଜାଣିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି। ଭୋଟ ପରେ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ବୁଥ୍‌ଫେରନ୍ତା ଜନମତ ସର୍ଭେ (ଏକ୍‌ଜିଟ୍ ପୋଲ୍) ଫଳାଫଳ ପ୍ରକାଶ ପାଇଥିଲା, ଯେଉଁଥିରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସଂଖ୍ୟାଗରିଷ୍ଠତାର ସହ ପୁଣିଥରେ କ୍ଷମତା ଦଖଲ କରିବ ବୋଲି ପୂର୍ବାନୁମାନ କରାଯାଇଥିଲା। ଭାଜପା ପୂର୍ବାପେକ୍ଷା ଅଧିକ ଆସନ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିବ ଓ କଂଗ୍ରେସ ଖାତା ଖୋଲିପାରିବ ନାହିଁ ବୋଲି ଅଧିକାଂଶ ଗଣମାଧ୍ୟମ ପୂର୍ବାନୁମାନ କରିଥିଲେ। ଏକ୍‌ଜିଟ ପୋଲ୍‌ର ଅନୁମାନକୁ ଭାଜପା ଓ କଂଗ୍ରେସ ଅଗ୍ରାହ୍ୟ କରିଛନ୍ତି। ଏକ୍‌ଜିଟ ପୋଲ୍ ଏକ୍‌ଜାକ୍ଟ ପୋଲ୍ ନୁହେଁ ବୋଲି ଭାଜପା କହିଥିବାବେଳେ ଫଳାଫଳ ସମସ୍ତଙ୍କୁ ଚମକାଇ ଦେବ ବୋଲି କଂଗ୍ରେସ କହିଛି। ନିର୍ବାଚନ କମିଶନ ବିଳମ୍ବରେ ଚୂଡ଼ାନ୍ତ ଭୋଟଦାନ ହାର ପ୍ରକାଶ କରିବା ଘଟଣାକୁ ଏଏପି ପକ୍ଷରୁ ସମାଲୋଚନା କରାଯାଇଥିଲା। ଏଥର ଭୋଟଦାନ ହାର ୬୨.୫୯ ରହିଛି, ଯାହାକି ୨୦୧୫ ତୁଳନାରେ ୫ ପ୍ରତିଶତ କମ୍। ଏହି ନିର୍ବାଚନରେ ମୁଖ୍ୟତଃ ଶାସକ ଏଏପି ଏବଂ ଭାଜପା ମଧ୍ୟରେ ଜୋର୍‌ଦାର ଲଢ଼େଇ ହୋଇଥିଲା। ଭାଜପା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ବହୁ ମନ୍ତ୍ରୀ ଓ ବରିଷ୍ଠ କେନ୍ଦ୍ରୀୟ ନେତା ନିର୍ବାଚନ ପ୍ରଚାର କରିଥିଲେ। ୭୯ ମହିଳାଙ୍କ ସମେତ ୬୭୨ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ରହିଥିବାବେଳେ ମଙ୍ଗଳବାର ତାହା ଖୋଲିବାକୁ ଯାଉଛି।

**ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା**

୨୧ଟି ସ୍ଥାନରେ ଥିବା ମତଗଣନା କେନ୍ଦ୍ରରେ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିପାଇଁ ୩୩ ଜଣଙ୍କୁ ପର୍ଯ୍ୟବେକ୍ଷକ ରଖାଯାଇଛି। ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗ୍‌ରୁମ୍‌ଗୁଡ଼ିକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି।



ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେ ସୋମବାର ବୋଧଗୟାର ମହାବୋଧି ମନ୍ଦିର ପରିଦର୍ଶନ କରୁଛନ୍ତି।

## କଶ୍ମୀରକୁ ପୁଣି ଆସିବେ ବିଦେଶୀ କୂଟନୀତିଜ୍ଞ

ଶ୍ରୀନଗର, ୧୦।୨(ପି.ଟି.)

ଗତ ମାସରେ ଆମେରିକା ରାଷ୍ଟ୍ରଦୂତ କେନିଥ୍ ଜଷ୍ଟରଙ୍କ ସମେତ କେତେକ ବିଦେଶୀ କୂଟନୀତିଜ୍ଞ ଜମ୍ମୁ-କଶ୍ମୀର ଗସ୍ତ କରିବା ସହ ସରକାରଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ପୁଣି ଚଳିତ ସପ୍ତାହରେ କେତେକ ବିଦେଶୀ କୂଟନୀତିଜ୍ଞ ଜମ୍ମୁ-କଶ୍ମୀର ଆସିବାର କାର୍ଯ୍ୟକ୍ରମ ରହିଛି। ଗତବର୍ଷ ଅଗଷ୍ଟରେ ୩୭୦ ଧାରା ଉଚ୍ଛେଦ ସହ ଜମ୍ମୁ-କଶ୍ମୀରକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯିବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କେତେକ କଟକଣା ଲଗାଯାଇଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ କେତେକ ରାଜନେତାଙ୍କୁ ଅଟକ ରଖାଯାଇଥିଲା।

**ସ୍ଥିତି ପରଖିବେ**




ଏବେ ପରିସ୍ଥିତିରେ ସୁଧାର ଆସିବା ସହ ୨ଜି ସେବା ଯୋଗାଣ, କେତେକ ଅଟକ ନେତାଙ୍କୁ ମୁକ୍ତି କରାଯାଇଛି। ଏବେକାର ସ୍ଥିତି ସମ୍ପର୍କରେ ଜମ୍ମୁ-କଶ୍ମୀର ଗସ୍ତକରି ଏହି ବିଦେଶୀ କୂଟନୀତିଜ୍ଞମାନେ ସରକାରଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ୟୁରୋପୀୟ ସଂଘ, ଉପସାଗରୀୟ ଦେଶର କୂଟନୀତିଜ୍ଞ, ଅଧିକାରୀମାନେ ଏଥର ଜମ୍ମୁ-କଶ୍ମୀର ଗସ୍ତ କରିବେ। ଏ ନେଇ ସରକାରୀ ପ୍ରସ୍ତୁତି ଜାରି ରହିଥିବା ଜଣାପଡ଼ିଛି।

## ପୋଲିସ-ବିକ୍ଷୋଭକାରୀ ଧସ୍ତାଧସ୍ତି



ନୂଆଦିଲ୍ଲୀ, ୧୦।୨

**ଜାମିଆରେ ସିଏଏ ବିରୋଧୀ ବିକ୍ଷୋଭ**

ଦିଲ୍ଲୀରେ ପୁଣି ତେଜିଲା ସିଏଏ ବିରୋଧୀ ବିକ୍ଷୋଭ। ଜାମିଆନଗର ଓ ଜାମିଆ ମିଲିଆ ଇସ୍‌ଲାମିଆର ଛାତ୍ରୀଛାତ୍ରମାନେ ମିଶି ଜାମିଆର ୭ ନଂ. ଗେଟ୍‌ରୁ ବିଭିନ୍ନ ସ୍ଲୋଗାନ୍ ଦେଇ ବିକ୍ଷୋଭ ଆରମ୍ଭକରିବା ସହ ପାର୍ଲାମେଣ୍ଟ ଆଡକୁ ଯିବାବେଳେ ପୋଲିସ ସେମାନଙ୍କୁ ଅଟକାଇବାରୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟିହୋଇଛି। ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ଜାମିଆ ସମନ୍ୱୟ କମିଟି ବ୍ୟାନର୍‌ରେ ଛାତ୍ରୀଛାତ୍ର ଓ ପୂର୍ବତନ ଛାତ୍ରମାନେ ମିଶି ଜୋର୍‌ଦାର ବିକ୍ଷୋଭ କରିବା ସହ ସିଏଏ ଓ ଏନ୍‌ଆର୍‌ସିକୁ ବିରୋଧ କରିଥିଲେ। ପାର୍ଲାମେଣ୍ଟ ଆଡ଼କୁ ଯିବା ଲାଗି ବିକ୍ଷୋଭକାରୀଙ୍କୁ ଅନୁମତି ନାହିଁ ଓ ବିକ୍ଷୋଭ ବନ୍ଦକରିବା ଲାଗି ପୋଲିସ କହିଥିଲା। ହେଲେ ଅନେକ ବିକ୍ଷୋଭକାରୀ ବାରିକେଡ୍ ଡେଇଁଥିଲେ। ପୋଲିସ ସେମାନଙ୍କୁ ଅଟକାଇବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ମୁସଲ୍‌ମାନଙ୍କୁ ଟାର୍ଗେଟ କରି ସରକାର ଏଭଳି ଧାର୍ମିକ ଭେଦଭାବ ସୃଷ୍ଟିକରୁଥିବା ବିକ୍ଷୋଭକାରୀମାନେ ଅଭିଯୋଗ କରିଥିଲେ। ଦୁଇମାସ ଧରି ବିକ୍ଷୋଭ ଜାରି ରହିଥିବାବେଳେ ସରକାର ଏନେଇ ଆଲୋଚନା କରୁ ନ ଥିବାରୁ ଆମେ ସରକାରଙ୍କ ପାଖକୁ ଯାଉଛୁ ବୋଲି ବିକ୍ଷୋଭକାରୀ କହିଥିଲେ। ତେବେ ସରକାର ଏନେଇ ସଫେଇ ଦେଇସାରିଛନ୍ତି ଓ କୌଣସି ଭାରତୀୟ ନାଗରିକତା ପ୍ରତି କିଛି ଅସୁବିଧା ନ ଥିବା ପୋଲିସ କହିଥିଲା। ଏଭଳି ଯୁକ୍ତିତର୍କ ଓ ଧସ୍ତାଧସ୍ତି ପରେ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏବେ ପରସ୍ଥିତି ସୁଧୁରିଥିବାବେଳେ ଚାପା ଉତ୍ତେଜନା ଲାଗିରହିଥିବା ଜଣାପଡ଼ିଛି।

**[ଇତିହାସର ଆଇନାରେ]**

### ଫେବୃୟାରୀ ୧୧ର ପ୍ରମୁଖ ଘଟଣା

୨୦୧୪ ଫେବୃୟାରୀ ୧୧ରେ ଆଲ୍‌ଜେରିଆର ପୂର୍ବାଞ୍ଚଳରେ ଏକ ସାମରିକ ପରିବହନ ବିମାନ ପାହାଡ଼ରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ୭୭ ଯାତ୍ରୀ ପ୍ରାଣ ହରାଇଥିଲେ। କେବଳ ଜଣେ ଏହି ଦୁର୍ଘଟଣାରେ ବର୍ତ୍ତିଯାଇଥିଲେ। ଖରାପ ପାଗ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଜଣାପଡ଼ିଥିଲା।

୨୦୧୮ ଫେବୃୟାରୀ ୧୧ରେ ରୁଷିଆର ଏକ ଘରୋଇ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ମୋଟ ୭୧ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ବିମାନଟି ମସ୍କୋର ଡୋମୋଡେଡୋଭୋ ବିମାନବନ୍ଦରରୁ ଯାଉଥିଲା। ବିମାନଟିରେ ୬୫ ଯାତ୍ରୀଙ୍କ ସହ ୬ କ୍ରିଉ ମେମ୍ବର ଥିଲେ।

## ୨ ଯବାନ ଶହୀଦ, ଜଣେ ମାଓବାଦୀ ମୃତ

ରାୟପୁର, ୧୦।୨(ପି.ଟି.)

**ଛତିଶଗଡ଼ରେ ଗୁଳି ବିନିମୟ**

ଛତିଶଗଡ଼ର ବିଜାପୁର ଜିଲାର ଇରାପଲ୍ଲୀ ଗ୍ରାମ ନିକଟ ଜଙ୍ଗଲାଞ୍ଚଳରେ ସୋମବାର ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୨ ଜଣ ସିଆର୍‌ପିଏଫ୍ କମାଣ୍ଡୋ ଶହୀଦ ହୋଇଥିବାବେଳେ ଜଣେ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ୨ଜଣ ସିଆର୍‌ପିଏଫ୍ କମାଣ୍ଡୋ ଆହତ ମଧ୍ୟ ହୋଇଛନ୍ତି। ପମେଡ୍ ପୋଲିସ ଷ୍ଟେଶନ ଅଧୀନ ଏହି ଅଞ୍ଚଳରେ ପୂର୍ବାହ୍ନ ୧୦.୩୦ରେ ସୁରକ୍ଷାକର୍ମୀମାନେ ମାଓବାଦୀ ବିରୋଧୀ ଅପରେଶନରେ ବାହାରିଥିଲେ। ଏତିକି ବେଳେ ମାଓବାଦୀମାନେ ଏମାନଙ୍କ ଉପରେ ପ୍ରଥମେ ଆକ୍ରମଣ କରିଥିଲେ। ପରେ ଯବାନ୍‌ମାନେ ଏହାର ପାଲ୍‌ଟା ଜବାବ୍ ଦେଇଥିଲେ ବୋଲି ଜଣେ ବରିଷ୍ଠ ସିଆର୍‌ପିଏଫ୍ ଅଧିକାରୀ ପ୍ରକାଶ କରିଛନ୍ତି। ଆହତ ୨ ସିଆର୍‌ପିଏଫ ଯବାନଙ୍କ ମଧ୍ୟରେ ଜଣେ ଡେପୁଟି କମାଣ୍ଡାଣ୍ଟ ଥିବା ସେ କହିଛନ୍ତି। ନିହତ ମାଓବାଦୀଙ୍କଠାରୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବାବେଳେ ଅନ୍ୟମାନେ ଖସିଯିବାରେ ସମର୍ଥ ହୋଇଥିଲେ। ଏବେ ସେଠାରେ କମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଥିବାବେଳେ ଆହତ ଯବାନଙ୍କୁ ଚିକିତ୍ସା ଲାଗି ପଠାଯାଇଥିବା ଜଣାପଡ଼ିଛି।

## ନାଇଜେରିଆରେ ଆତଙ୍କବାଦୀ ଆକ୍ରମଣ: ୩୦ ନିହତ

ଆବୁଜା,୧୦।୨(ଆଇଏଏନ୍‌ଏସ୍)

ନାଇଜେରିଆରେ ବୋର୍ନୋ ପ୍ରଦେଶରେ ବୋକୋ ହାରାମ ଆତଙ୍କବାଦୀଙ୍କ ଆକ୍ରମଣରେ ୩୦ ଜଣଙ୍କ ମୃତ୍ୟୁ ଘଟିଛି। ଆତଙ୍କବାଦୀମାନେ କେତେଜଣ ମହିଳା ଓ ଶିଶୁଙ୍କୁ ଅପହରଣ କରିନେଇଥିବାବେଳେ ୧୮ଟି ଗାଡ଼ି ପୋଡିଦେଇଛନ୍ତି। ଆତଙ୍କବାଦୀମାନେ କଣ୍ଡୁଗାସ୍ଥିତ ଔନୋ ସମ୍ପ୍ରଦାୟ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଅନେକ ଆହତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ସମୟ ରବିବାର ରାତି ୧୦ଟାରେ ଏହି ଆକ୍ରମଣ ହୋଇଥିଲା। ଆତଙ୍କବାଦୀମାନେ ଔନୋ ସମ୍ପ୍ରଦାୟ ରହୁଥିବା ଅଞ୍ଚଳକୁ ଯାଇଥିବା ରାସ୍ତାକୁ ଅବରୋଧ କରିବା ପରେ ଚଢ଼ାଉ ଆରମ୍ଭ କରିଥିଲେ।

**ଗୃହରେ ପ୍ଲାକାର୍ଡ ପ୍ରଦର୍ଶନ**

## ସ୍ଥାୟୀ ସମାଧାନ ଚାହିଁଲେ ବାଚସ୍ପତି

ନୂଆଦିଲ୍ଲୀ, ୧୦।୨(ପି.ଟି.)



ପାର୍ଲାମେଣ୍ଟ ଭିତରେ ସଦସ୍ୟଙ୍କ ପ୍ଲାକାର୍ଡ ଓ ପୋଷ୍ଟର ପ୍ରଦର୍ଶନକୁ ନେଇ ବାଚସ୍ପତି ଓମ୍ ବିର୍ଲା ସୋମବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ଦ୍ୱାରା ଗୃହ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ସେ ପ୍ରକାଶ କରିଛନ୍ତି। ଏହାର ଏକ ସ୍ଥାୟୀ ସମାଧାନ ଲାଗି ଆଲୋଚନା ଉପରେ ସେ ଜୋର୍ ଦେଇଛନ୍ତି। ଏହାକୁ ଅନୁମତି ଦିଆଯିବ କି ନାହିଁ, ସେନେଇ ଗୃହରେ ସଦସ୍ୟମାନେ ଆଲୋଚନା କରି ନିର୍ଯ୍ୟାସ ବାହାର କରିବା ଦରକାର ବୋଲି ବିର୍ଲା ପ୍ରକାଶ କରିଛନ୍ତି। ଟିଏମ୍‌ସି ସଦସ୍ୟ ସୌଗତ ରାୟ ଏକ ବିଲ୍ ଉପରେ କିଛି କହିବାକୁ ଉଠିବା ବେଳେ ପଶ୍ଚିମବଙ୍ଗର ଭାଜପା ସଦସ୍ୟମାନେ ପ୍ଲାକାର୍ଡ ଧରି ଗୃହରେ ନାରାବାଜି ଦେଇଥିଲେ। ଏଭଳି ଆଚରଣକୁ ଅନୁମତି ମିଳିବା ଅନୁଚିତ ବୋଲି ରାୟ ଦର୍ଶାଇଥିଲେ। ବାରଣ ସତ୍ତ୍ୱେ କେହି ସଦସ୍ୟ ପ୍ଲାକାର୍ଡ କିମ୍ବା ପୋଷ୍ଟର ଗୃହକୁ ଆଣିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଚସ୍ପତି କହିଥିଲେ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପ୍ରାୟ ସମସ୍ତ ଜିଲାରେ ପାଗ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଥଣ୍ଡା ଅନୁଭୂତ ହେବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୦ | ୧୦.୯ |
| ଚାନ୍ଦବାଲି | ୨୬.୨ | ୧୩.୦ |
| କଟକ | ୨୭.୫ | ୧୩.୪ |
| ପାରାଦ୍ୱୀପ | ୨୫.୫ | ୧୫.୬ |
| ଭୁବନେଶ୍ୱର | ୨୭.୨ | ୧୪.୮ |
| ଗୋପାଳପୁର | ୨୮.୦ | ୧୬.୮ |
| ପୁରୀ | ୨୭.୪ | ୧୫.୪ |
| ଅନୁଗୋଳ | ୨୬.୭ | ୯.୦ |
| ବାରିପଦା | ୨୬.୨ | ୧୧.୫ |
| ଝାରସୁଗୁଡ଼ା | ୨୬.୮ | ୯.୬ |
| କେନ୍ଦୁଝର | ୨୫.୫ | ୧୦.୦ |
| ସମ୍ବଲପୁର | ୨୭.୫ | ୧୦.୦ |
| ସୁନ୍ଦରଗଡ଼ | ୨୭.୦ | ୧୧.୦ |
| ହୀରାକୁଦ | ୨୬.୫ | ୧୧.୪ |
| ତାଳଚେର | ୨୭.୨ | ୧୩.୫ |
| ଭବାନୀପାଟଣା | ୨୪.୦ | ୧୧.୫ |
| ବଲାଙ୍ଗୀର | ୨୫.୫ | ୧୩.୭ |
| କୋରାପୁଟ | ୨୭.୦ | ୧୪.୬ |
| ଫୁଲବାଣୀ | ୨୪.୬ | ୧୨.୦ |
| ଟିଟିଲାଗଡ଼ | ୨୩.୪ | ୧୦.୦ |
| ମାଲକାନଗିରି | ୩୨.୦ | ୧୫.୪ |
| ସୋନପୁର | ୨୫.୦ | ୧୦.୦ |
| ଦାରିଙ୍ଗିବାଡ଼ି | ୨୩.୫ | ୯.୦ |

ଡିଗ୍ରୀ ସେଲ୍‌ସିୟସ୍

## ସଂରକ୍ଷଣ ରାୟକୁ ନେଇ ସରକାରଙ୍କୁ ଘେରିଲେ ବିରୋଧୀ

ନୂଆଦିଲ୍ଲୀ,୧୦।୨(ପି.ଟି.)



**ସମ୍ବେଦନଶୀଳ ପ୍ରସଙ୍ଗକୁ କଂଗ୍ରେସ ରାଜନୈତିକ ରୂପ ଦେଉଛି: ରାଜନାଥ**

ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ସୁବିଧା ଦେବାକୁ ରାଜ୍ୟଗୁଡ଼ିକ ବାଧ୍ୟ ନୁହନ୍ତି ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିବାବେଳେ ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରିଥିଲେ। ସଂରକ୍ଷଣ ବ୍ୟବସ୍ଥାକୁ କାଏମ ରଖିବାରେ ସରକାର ବିଫଳ ହୋଇଥିବା ଲୋକ ସଭାରେ ବିରୋଧୀ ସଦସ୍ୟମାନେ ଅଭିଯୋଗ କରିବା ପରେ ସରକାର ଏହାକୁ ଖଣ୍ଡନ କରିଛନ୍ତି। ମାମଲାରେ ସରକାର ପକ୍ଷ ନ ଥିଲେ ବୋଲି ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଥାଓ୍ୱରଚାନ୍ଦ ଗେହଲଟ କହିଛନ୍ତି। ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗଙ୍କ ନିମନ୍ତେ ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ପ୍ରତିବଦ୍ଧ ଓ ଉତ୍ସର୍ଗୀକୃତ। ଉତ୍ତରାଖଣ୍ଡରେ କଂଗ୍ରେସ ସରକାର ବେଳେ କୋର୍ଟ ଏହି ରୁଲିଂ ଦେଇଥିଲେ ବୋଲି ମନ୍ତ୍ରୀ କହିବା ପରେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ପ୍ରଶ୍ନୋତ୍ତର କାଳ ଆରମ୍ଭ ହେବାରୁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ନେତୃତ୍ୱରେ ବିରୋଧୀମାନେ ପୁଣି ଥରେ ସଂରକ୍ଷଣ ପ୍ରସଙ୍ଗ ଉଠାଇଥିଲେ। ସମ୍ବେଦନଶୀଳ ପ୍ରସଙ୍ଗକୁ କଂଗ୍ରେସ ରାଜନୈତିକ ରୂପ ଦେବା ପାଇଁ ଉଦ୍ୟମ କରୁଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ତଥା ଗୃହର ଉପନେତା ରାଜନାଥ ସିଂ କହିଥିଲେ।

### ‘ଅଜ୍ଞ ଡାକ୍ତରଙ୍କ ହାତରେ ଅର୍ଥବ୍ୟବସ୍ଥା’


ପି.ଚିଦାମ୍ବରମ

ଦେଶର ମାନ୍ଦାବସ୍ଥାକୁ ନେଇ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ସରକାରଙ୍କୁ ସୋମବାର ଟାର୍ଗେଟ କରିଛନ୍ତି। ମାନ୍ଦାବସ୍ଥା ଲାଗି ମୋଦି ସରକାର ଦାୟୀ ବୋଲି ସେ ଆରୋପ ଲଗାଇଛନ୍ତି। ଏବେ ଦେଶର ଆର୍ଥିକ ସ୍ୱାସ୍ଥ୍ୟାବସ୍ଥା ସୁଧାରିବାକୁ ଥିବା ଡାକ୍ତର ଏବଂ ବିଶେଷଜ୍ଞମାନେ ସମ୍ପୂର୍ଣ୍ଣ ଅଜ୍ଞ ବୋଲି ସେ ମତ ଦେଇଛନ୍ତି। ୨୦୨୦-୨୧ ସାଧାରଣ ବଜେଟ ଆଲୋଚନା ଅବସରରେ ସେ ରାଜ୍ୟ ସଭାରେ କହିଛନ୍ତି ଯେ, ବରୋଜଗାର ଏବଂ ଚାହିଦା କମିବା ଭଳି ସ୍ଥିତି ଦେଇ ଦେଶ ବର୍ତ୍ତମାନ ଗତି କରୁଛି। ଏଥିଯୋଗୁ ଗରିବୀ ମଧ୍ୟ ବୃଦ୍ଧି ଘଟୁଛି। ଦେଶର ଅର୍ଥ ବ୍ୟବସ୍ଥା ଆଇସିୟୁକୁ ଚାଲି ଯାଇଥିବା ପୂର୍ବତନ ସିଇଏ ଅରବିନ୍ଦ ସୁବ୍ରମଣ୍ୟନ କହିଥିଲେ। ଚିଦାମ୍ବରମ କହିଛନ୍ତି ଅର୍ଥ ବ୍ୟବସ୍ଥାକୁ ସରକାର ଆଇସିୟୁ ବାହାରେ ରଖିଛନ୍ତି। ଏହାର ଦେଖାରଖା କରିବାକୁ ଥିବା ଡାକ୍ତରମାନେ ଅଜ୍ଞ ଥିବାରୁ ବିଭିନ୍ନ ସମସ୍ୟା ଉପୁଜିଛି।

## ସଂକ୍ଷେପରେ

### ଦୁର୍ଘଟଣା ପରେ ନାଲି ଆଖି, ୪ ଗିରଫ

ଅନୁଗୋଳ ଅଫିସ୍, ୧୦।୨- ଅନୁଗୋଳ ଘୁଆଁପାଳ ଅଞ୍ଚଳରେ ଜଣେ ଶିଶୁଙ୍କ ଦେହରେ ଗାଡ଼ି ବଜାଇବା ପରେ ପରିବାରକୁ ନାଲିଆଖି ଦେଖାଇବା ଅଭିଯୋଗରେ ଅନୁଗୋଳ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସମ୍ପୃକ୍ତା ଶିଶୁଙ୍କ ମା' ରଞ୍ଜିତା ନାଏକ ଏ ନେଇ ଅନୁଗୋଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୫୬/୨୦ରେ ମାମଲା ରୁଜୁ କରି ଘୁଆଁପାଳ ଅଞ୍ଚଳର ତୈଳକ ନାଏକ(୨୧), ପ୍ରବୀଣ ନାଏକ(୩୫), ସନ୍ତୋଷ ନାଏକ(୨୨) ଓ ଟୁକୁନା ନାଏକ(୩୫)ଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ, ଘୁଆଁପାଳ ଅଞ୍ଚଳର ରଞ୍ଜିତାଙ୍କ ଝିଅ ରାସ୍ତାରେ ଖେଳୁଥିବା ବେଳେ ଗାଡ଼ି ନେଇ ଯାଉଥିବା ତୈଳକ ଦୁର୍ଘଟଣା ଘଟାଇଥିଲେ। ଗାଁ ରାସ୍ତାରେ ଦେଖିକରି ଗାଡ଼ି ଚଳାଇବା ପାଇଁ ରଞ୍ଜିତା କହିବାରୁ ତୈଳକ ତାଙ୍କୁ ଗାଳିଗୁଲଜ କରି ସେଠାରୁ ଚାଲିଯାଇଥିଲେ। ଏହାପରେ ରଞ୍ଜିତାଙ୍କ ସ୍ୱାମୀ ମାନସ ନାଏକ ଘଟଣା ସମ୍ପର୍କରେ ତୈଳକଙ୍କୁ ପଚାରିବାକୁ ଯାଇଥିବା ବେଳେ ତୈଳକ ଅନ୍ୟ ଚାରି ଜଣଙ୍କ ସହ ଗାଳିଗୁଲଜ କରିଥିବା ରଞ୍ଜିତା ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଏସ୍ଆଇ ଜୟଚନ୍ଦ୍ର ସାହୁ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

### ପ୍ରେମିକାଙ୍କୁ ମାଡ଼ ମାରି ପ୍ରେମିକ ଗିରଫ

ଅନୁଗୋଳ ଅଫିସ୍, ୧୦।୨- ଘର ଲୋକଙ୍କ ସ୍ୱୀକୃତି ମିଳି ନ ଥିଲେ ମଧ ଭାଲେଣ୍ଟାଇନ ଡେ' ରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିବା ଏକ ପ୍ରେମୀ ଯୁଗଳଙ୍କ ମଧରେ ଗଣ୍ଡଗୋଳ ହୋଇ ଶେଷରେ କଥା ଥାନା ଯାଏ ଯାଇଛି। ଏପରି କି ପ୍ରେମିକ ତାଙ୍କୁ ମାଡ଼ ମାରିଥିବା ପ୍ରେମିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରେମିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏପରି ଏକ ଘଟଣା ଅନୁଗୋଳ ସହରରେ ଚର୍ଚ୍ଚାର ବିଷୟ ହୋଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରେମିକଙ୍କ ଘର ଢେଙ୍କାନାଳ ହୋଇଥିବା ବେଳେ ପ୍ରେମିକାଙ୍କ ଘର ଅନୁଗୋଳରେ। ସେମାନଙ୍କ ସମ୍ପର୍କକୁ ଘର ଲୋକେ ଗ୍ରହଣ ନ କରିବାରୁ ଦୁହେଁ ଭୁବନେଶ୍ୱର ଯାଇ ବିବାହ କରିବାକୁ ସ୍ଥିର କରିଥିଲେ। ହେଲେ ଭୁବନେଶ୍ୱର ଯିବା ସମୟରେ ଉଭୟଙ୍କ ମଧରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏହାପରେ ପ୍ରେମିକ ଉତ୍କ୍ଷିପ୍ତ ହୋଇ ପ୍ରେମିକାଙ୍କୁ ଚାପୁଡ଼ା ମାରିଥିଲେ। ଏ ନେଇ ପ୍ରେମିକା ଅନୁଗୋଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୫୬/୨୦ରେ ମାମଲା ରୁଜୁ କରି ତଦନ୍ତ କରିବା ସହ ପ୍ରେମିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଶିକ୍ଷକ ଓ ଅଭିଭାବକଙ୍କ ବୈଠକ

ବଇଣ୍ଡା,୧୦।୨(ଡି.ଏନ.ଏ.)- କିଶୋରନଗର ବ୍ଲକ ଫୁଲାଆମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଅଭିଭାବକଙ୍କ ମଧରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରେମରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦଧିବାମନ ପ୍ରଧାନ, ଅଞ୍ଜନା ସାହୁ, ସସ୍ମିତା ଗଡ଼ନାୟକ, ପ୍ରଦୀପ କୁମାର ମାଝି, ସୁବଳ ଭୂତିଆ, ସୁରେଶ ଚନ୍ଦ୍ର ଦ୍ୱିବେଦୀ, ଶିବରାମ ସାହୁ, ଅଭିଭାବକ ଶୁଭମ ନାୟକ, ନରେଶ ନାୟକ, ଅଭୟ ନାୟକ, କୁଳମଣି ନାୟକଙ୍କ ସମେତ ବହୁ ଅଭିଭାବକ ଯୋଗ ଦେଇଥିଲେ। ଏଥିରେ ଶିକ୍ଷାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଛାତ୍ରୀଛାତ୍ରଙ୍କ ସମସ୍ୟା ସମ୍ପର୍କରେ ଅଭିଭାବକମାନେ ବୈଠକରେ ଅଭିଯୋଗ କରିଥିଲେ। ଏଥିସହିତ ଲାଗି ରହିଥିବା ସମସ୍ୟା ଗୁଡ଼ିକ କିଭଳି ସମାଧାନ କରାଯିବ ସେ ସମ୍ପର୍କରେ ଅଧିକ ଗୁରୁତ୍ୱ ଦେବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା।

### ଅଭିଯୋଗ ଶୁଣାଣି ଶିବିର

ଭଣ୍ଡାରିପୋଖରୀ,୧୦।୨(ଡି.ଏନ.ଏ.): ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଚଳିତଥର ସର୍ବାଧିକ ୨୩୮ଟି ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସେଥିମଧ୍ୟରୁ ୧୫୦ ଅଭିଯୋଗ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇ ନ ଥିବା ସମ୍ପର୍କିତ ରହିଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ରାଶନ କାର୍ଡ, ପାନୀୟ ଜଳ, ପାଇଖାନା ନିର୍ମାଣ ସମ୍ପର୍କିତ ହୋଇଥିବା ବେଳେ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଲୋକେ ଅଭିଯୋଗ କରିଥିଲେ। ଶିବିରରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାଶ, ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ତହସିଲଦାର ଶରତ ସ୍ୱାଇଁ, ବିଡିଓ ବନମାଳୀ ତରାଇ, ବ୍ଲକ ଅଧକ୍ଷା ମଞ୍ଜୁଶ୍ରୀ ବେହେରା ଉପସ୍ଥିତ ଥିଲେ।

# ୪ ସ୍ଥାନରୁ ବାହାରିବ ମଶାଲ



ମାଲ୍ୟଗିରି ମହୋତ୍ସବ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ, ଜନ ପ୍ରତିନିଧିମାନେ ।

■ମାଲ୍ୟଗିରି ମହୋତ୍ସବ ପ୍ରସ୍ତୁତି
■୫ ଦିନ ଚାଲିବ ସାଂସ୍କୃତିକ କାର୍ଯ୍ୟକ୍ରମ

**ପାଲଲହଡ଼ା, ୧୦।୨(ଡି.ଏନ.ଏ.)**

ଆସନ୍ତା ମାର୍ଚ୍ଚ ୫ ତାରିଖରୁ ପାଲଲହଡ଼ା ଉପଖଣ୍ଡରେ ଆରମ୍ଭ ହେବ ମାଲ୍ୟଗିରି ମହୋତ୍ସବ। ଏ ନେଇ ସ୍ଥାନୀୟ ଭୋଟ ଗଣତି ଗୃହଠାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ବସିଥିଲା। ମହୋତ୍ସବ କମିଟି ଅଧକ୍ଷ ତଥା ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଏଥିରେ ଅଧକ୍ଷତା କରିଥିଲେ। ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମ ଅଧିବେଶନରେ ଲୋକ ପ୍ରତିନିଧି, ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ବୈଠକ ସ୍ଥାନୀୟ ବୁଦ୍ଧିଜୀବୀ ଓ ସିଭିଲ ସୋସାଇଟିର ନେତୃବୃନ୍ଦଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ମହୋତ୍ସବକୁ ସଫଳତାର ସହ ପାଳନ କରାଯିବା ଉପରେ ଆଲୋଚନା କରାଯାଇଥିଲା।

ନିଷ୍ପତ୍ତି ଅନୁଯାୟୀ, ୫ ତାରିଖରେ ଉପଖଣ୍ଡର ୪ଟି ସ୍ଥାନ ଯଥା ଖୁଲୁଡି ଗିରିଶ୍ୱର ମନ୍ଦିର, ପିତ୍ରପୁର ଶିବ ମନ୍ଦିର, ମଗରମୁହାଁଣ ଶିବ ମନ୍ଦିର ଓ ଭାଲୁକି ଶିବ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ଷ୍ଟାଡିୟମରେ ପହଞ୍ଚିବ। ୫ରୁ ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟ ତଥା ରାଜ୍ୟ ବାହାରର ବଛା ବଛା କଳାକାରଙ୍କୁ ନେଇ ଲୋକନୃତ୍ୟ ଏବଂ ଆଧୁନିକ ନୃତ୍ୟ ପରିବେଷଣ କରାଯିବ। ମହୋତ୍ସବରେ ପଲ୍ଲିଶ୍ରୀ ମେଳା, କବି ସମ୍ମିଳନୀ, ଲୋକକଳା, ଆଦିବାସୀ ନୃତ୍ୟ ଆଦି ପରିବେଷଣ କରାଯିବ। ଏଥିସହ ଏକ ସ୍ମରଣିକା ଉନ୍ମୋଚନ ପାଇଁ ଆଲୋଚନା କରାଯାଇଥିଲା। ମହୋତ୍ସବର ସୁପରିଚାଳନା ପାଇଁ ଏହି କମିଟି ଅଧୀନରେ ୧୦ଟି ଉପକମିଟି ଗଠନ କରାଯାଇଛି । କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ଅତିରିକ୍ତ ବିଡିଓ ଏସ ଲଲାଟେନ୍ଦୁ ନୈବେଦ୍ୟଙ୍କୁ କାର୍ଯ୍ୟକାରୀ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ଏହି ମହୋତ୍ସବ ମାଧ୍ୟମରେ ପୁଣି ଥରେ ପାଲଲହଡ଼ା ଗଡଜାତର ଲୋକ କଳା ଏବଂ ସଂସ୍କୃତି ବ୍ୟାପକ ହେବ ବୋଲି କମିଟିର ଅଧକ୍ଷ ବିଧାୟକ ପାଲ କହିଥିଲେ। ଏହି ବୈଠକରେ ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ନବକିଶୋର ନାୟକ, ଜିଲାପରିଷଦ ଉପାଧକ୍ଷ ଇନ୍ଦ୍ରମଣି ଗଡନାୟକ, ତହସିଲଦାର, ସ୍ୱାଗତ ଦାସ, ବିଡିଓ ରବିନାରାୟଣ ମାଝି, ଉପଖଣ୍ଡ ଚିକିତ୍ସା ଅଧିକାରୀ ଜୟକୃଷ୍ଣ ନାୟକ, ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅକ୍ଷୟ ସାହୁ, ପଞ୍ଚାୟତ ସମିତି ଉପାଧକ୍ଷା ଲିଲି ପ୍ରଧାନଙ୍କ ସହ ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ନିର୍ବାଚିତ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଭଲ ମଣିଷ ହେବାକୁ ସଂସ୍କାର ଆବଶ୍ୟକ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ପବିତ୍ରନଗର, ୧୦।୨(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ କହିଲେ, ବିଜ୍ଞାନ ଯୋଗୁ ଆଜିର ମଣିଷର ବହୁ ବିକାଶ ସାଧିତ ହୋଇଥିଲେ ହେଁ ସମାଜରେ ମଣିଷପଣିଆର ଅଭାବ ସୃଷ୍ଟି ହେଉଛି। ପ୍ରତିଯୋଗିତାମୂଳକ ଦୁନିଆରେ ସଭିଏଁ ନିଜ କଥା ଚିନ୍ତା କରି ସ୍ୱାର୍ଥପର ହୋଇଯାଉଛନ୍ତି। ହେଲେ ଏହା ଭଲ ମଣିଷ ହେବାର ଲକ୍ଷଣ ନୁହେଁ। ଚରିତ୍ରଗଠନ ଓ ସଂସ୍କାରମୂଳକ ଶିକ୍ଷାଦାନ ଦ୍ୱାରା ହିଁ ଭଲ ମଣିଷ ସହ ଏକ ଶୃଙ୍ଖଳିତ ସମାଜ ଗଠନ ହୋଇପାରିବ ବୋଲି ବିଧାୟକ କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ରାଜକିଶୋର ସାହୁ ଛାତ୍ରୀଛାତ୍ରଙ୍କୁ ପାଠପଢାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ସମଲ ବ୍ୟାରେଜ ମୁଖ୍ୟ ଯନ୍ତ୍ରୀ ଭାରତ ଭୂଷଣ ଦାସ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଅବନୀ ସାହୁ ମଞ୍ଚାସୀନ ଥିଲେ। ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ସାମଲ ଅଧକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ରାଉତ ବିବରଣୀ ପାଠ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଯଶୋବନ୍ତ ବିଶ୍ୱାଳ, କମିଟି ଉପ ସଭାପତି ଅଭୟ ବେହେରା ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନାଏବ ସରପଞ୍ଚଙ୍କ ବିରୋଧରେ ଅଭିଯୋଗ

**ପାଲଲହଡ଼ା, ୧୦।୨(ଡି.ଏନ.ଏ.)**

■ଉପଜିଲାପାଳଙ୍କୁ ୱାର୍ଡମେମ୍ବରଙ୍କ ଦାବିପତ୍ର
■ରାଜନୈତିକ ଚକ୍ରାନ୍ତ-ନାଏବ ସରପଞ୍ଚ

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ବତୀସୁଆଁ ପଞ୍ଚାୟତର ନାଏବ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ପଞ୍ଚାୟତର ୱାର୍ଡମେମ୍ବରମାନେ ଉପଜିଲାପାଳଙ୍କୁ ଗତ ୩ ତାରିଖରେ ଦାବିପତ୍ର ପ୍ରଦାନ କରିଛନ୍ତି । ନାଏବ ସରପଞ୍ଚ ନିଗମାନନ୍ଦ ସାହୁ ମନମୁଖି ତଥା ବେଆଇନ କାର୍ଯ୍ୟକଳାପ କରୁଥିବା ୱାର୍ଡମେମ୍ବରମାନେ ଅଭିଯୋଗ କରିଛନ୍ତି। ନାଏବ ସରପଞ୍ଚ ନିଗମାନନ୍ଦ ପଞ୍ଚାୟତକୁ ଆସୁଥିବା ସରକାରୀ ଅନୁଦାନକୁ ଠିକ୍ ଭାବେ ଖର୍ଚ୍ଚ ନ କରି ନିଜ ସ୍ୱାର୍ଥରେ ବିନିଯୋଗ କରୁଥିବା ୱାର୍ଡମେମ୍ବରମାନେ ଅଭିଯୋଗ ଆଣିଛନ୍ତି। ପଞ୍ଚାୟତର ୧୫ ଜଣ ୱାର୍ଡମେମ୍ବରଙ୍କ ମଧରୁ ୧୨ ଜଣ ଯଦୁମଣି ନାଏକଙ୍କ ନେତୃତ୍ୱରେ ଲିଖିତ ଭାବରେ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରିଥିବା ଜଣାପଡିଛି । ଅନ୍ୟପଟେ ନାଏବ ସରପଞ୍ଚ ସାହୁ ନିଜ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହା ତାଙ୍କ ବିରୋଧରେ ଏକ ରାଜନୈତିକ ଚକ୍ରାନ୍ତ ବୋଲି ସେ କହିଛନ୍ତି। ସମସ୍ତ ୱାର୍ଡ ସଭ୍ୟ ତାଙ୍କ ସହ ଅଛନ୍ତି ଏବଂ ଅନାସ୍ଥା ପ୍ରସ୍ତାବ ଆଗତ ହେଲେ ତାହା କାଟ ଖାଇବ ବୋଲି ସାହୁ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ କହିଛନ୍ତି, ଅନାସ୍ଥା ପ୍ରସ୍ତାବ ପାଇଁ ଅଭିଯୋଗ ମିଳିଛି। ଖୁବ୍‌ଶୀଘ୍ର ଏ ନେଇ ନୋଟିସ ଜାରି କରାଯିବା ସହ ସମସ୍ତ ପ୍ରକ୍ରିୟା କରାଯିବ।

## ମନ୍ଦିରରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ତାଳଚେର,୧୦।୨(ନି.ପ୍ର.):** ତାଳଚେର ଥାନା ଶିବରାମପୁର ଶିବ ମନ୍ଦିରରେ ଏକ ଅଭାବନୀୟ ଘଟଣା ଘଟିଛି। ସୋମବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ମନ୍ଦିର ଘଣ୍ଟିରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ମୃତକ ଏକତାଳ ଗ୍ରାମର କାଳିଆ ମହାରଣା ବୋଲି ଜଣାପଡିଛି। ଖବରପାଇ ପୋଲିସ ମୃତଦେହ ଉଦ୍ଧାର କରି ନଂ. ୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମନ୍ଦିର ପୂଜକ ସକାଳେ ମନ୍ଦିର ଯାଇଥିବାବେଳେ ସେଠାରେ କାଳିଆଙ୍କ ମୃତଦେହ ଘଣ୍ଟିରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ତାଳଚେର ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲା। କାଳିଆଙ୍କ ମୃତ୍ୟୁର କାରଣ ଜଣାପଡି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କିପରି ମୃତ୍ୟୁ ଘଟିଛି ତାହା ଜଣାପଡିବ ବୋଲି ପୋଲିସ କହିଛି।

## ପବିତ୍ରମୋହନ ଦଳିତ ଜନତାର ପ୍ରତିନିଧି ଥିଲେ



ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

**ଅନୁଗୋଳ ଅଫିସ୍, ୧୦।୨**

ଅନୁଗୋଳସ୍ଥିତ ବାଜିରାଉତ ଛାତ୍ରାବାସର ଶାନ୍ତିକୁଟିର ମଧରେ ପବିତ୍ରମୋହନ ପ୍ରଧାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପବିତ୍ରମୋହନ ସ୍ମୃତି କମିଟି ତଥା ଅନୁଗୋଳ ଜିଲା ଉତ୍କଳ ସମ୍ମିଳନୀ ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଏହା ଆୟୋଜିତ ହୋଇଥିଲା। ଛାତ୍ରାବାସ ସଭାପତି କୃଷ୍ଣା ମହାନ୍ତି ଜୟନ୍ତୀକୁ ଉଦ୍‌ଘାଟନ କରି କହିଥିଲେ ଯେ, ପବିତ୍ରମୋହନ ଦଳିତ ଓ ନିଷ୍ପେଷିତ ଜନତାର ଜଣେ ପ୍ରତିନିଧି ଥିଲେ। ତାଙ୍କ ସଙ୍ଗଠିତ ପ୍ରଜା ଆନ୍ଦୋଳନ ଭାରତ ବର୍ଷରେ ଅଦ୍ୱିତୀୟ ପ୍ରଜା ଆନ୍ଦୋଳନ ଥିଲା। ମୁଖ୍ୟବକ୍ତା ଭାବେ ପ୍ରାଧାପକ ବିଶ୍ୱରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀ କୋଷାଧକ୍ଷ ଶ୍ରୀକାନ୍ତ କୁମାର ସାହୁ ଓ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇଥିଲେ। ଛାତ୍ରାବାସ ସମ୍ପାଦକ ଭାବଗ୍ରାହୀ ନାୟକ, ଲିପିକା ମହାପାତ୍ର, ସୁଜାତା ପ୍ରୀତିନନ୍ଦା ବକ୍ତବ୍ୟ ମାଧମରେ ପବିତ୍ରମୋହନଙ୍କ ସ୍ମୃତିଚାରଣ କରିଥିଲେ। ସଭା ଆରମ୍ଭରେ ବହୁବର୍ଷ ଧରି ଉତ୍କଳ ସମ୍ମିଳନୀ ତଥା ବାଜି ରାଉତ ଛାତ୍ରବାସ ସହ ଜଡ଼ିତ ଥିବା ଅଧାପକ ପ୍ରମୋଦ କୁମାର ପରିଡ଼ାଙ୍କ ସ୍ମୃତିଚାରଣ ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧରେ ସରସ୍ୱତୀ ସ୍ୱାଇଁ, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ନାରାୟଣ ମିଶ୍ର, କ୍ଷୀରୋଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଛାତ୍ରାବାସ ପରିଚାଳକ କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**କଣିହାଁ, ୧୦।୨(ଡି.ଏନ.ଏ.)**



କଣିହାଁ ବ୍ଲକ ସ୍ଥିତ ଏକ କମ୍ପାନୀ କ୍ଷତିଗ୍ରସ୍ତ ଡେରେଙ୍ଗମଝିସାହି ବାସିନ୍ଦା ବିଭିନ୍ନ ଦାବି ନେଇ ସୋମବାର କମ୍ପାନୀ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଖବରପାଇ କଣିହାଁ ତହସିଲଦାର, ପୋଲିସ କର୍ତ୍ତୃପକ୍ଷ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିଥିଲା। ଆଇଆଇସି ପ୍ରଭାତ ତ୍ରିପାଠୀଙ୍କ ସୂଚନାରୁ ଜଣାଯାଏ, କ୍ଷତିଗ୍ରସ୍ତଙ୍କ ଦାବିକୁ ନେଇ ଗତ ୭ ତାରିଖରେ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ହୋଇଥିଲା। ହେଲେ ଏ ନେଇ ଅଙ୍କାଥିବା କିଛି କ୍ଷତିଗ୍ରସ୍ତ ଧାରଣା ଦେଇଥିଲେ। ସମସ୍ୟା ସମାଧାନ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

**ବଇଣ୍ଡା,୧୦।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ଅଙ୍ଗପଡ଼ା କଲେଜଠାରେ ସୋମବାର ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧକ୍ଷ ବଳରାମ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧାପକ ଆଶୁତୋଷ ମିଶ୍ର, ସମ୍ମାନିତ ଅତିଥି ବିଜୟ କୁମାର ଗଡ଼ନାୟକ, ଜ୍ଞାନେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ କୁମାର ପ୍ରଧାନ, ବିଭୁଦେନ୍ଦ୍ର ସାହୁ, କ୍ରିଷ୍ଣାରାଣୀ ସାହୁ ପ୍ରମୁଖ ଯୋଗଦେଇ ନାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଛାତ୍ରୀ ପ୍ରିୟଦର୍ଶନୀ ପ୍ରଧାନ ପ୍ରଶିକ୍ଷକ ଭାବେ ଯୋଗଦେଇ କିଭଳି ବିପଦରୁ ଛାତ୍ରୀମାନେ ନିଜକୁ ରକ୍ଷା କରିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିରେ ୬୫ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ।



ଶିବିରରେ ଯୋଗଦେଇଥିବା ଛାତ୍ରୀମାନେ।

## ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଛେଣ୍ଡିପଦା,୧୦।୨(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ କୋଶଳା ଉଚ୍ଚବିଦ୍ୟାଳୟଠାରେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମ୍ୟାଲେରିଆ ବୈଷୟିକ ପରିଦର୍ଶକ ପ୍ରେମାଞ୍ଜନ ପଣ୍ଡା ଯୋଗଦେଇ ବାତ ଜ୍ୱର କାରଣ ଓ ନିରାକରଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ୧୦୦ ଜଣ ଛାତ୍ରୀଛାତ୍ରଙ୍କୁ ଡିଇସି ଓ କୃମି ଔଷଧ ସେବନ କରାଯାଇଥିଲା। ଏଥିରେ ଛେଣ୍ଡିପଦା ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସଞ୍ଜୟ କୁମାର ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ଆଶା, ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ। ଆସନ୍ତା ଫେବୃୟାରୀ ୨୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ ଏବଂ ଛେଣ୍ଡିପଦା ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଔଷଧ ସେବନ କରାଯିବ ବୋଲି ଜଣାପଡ଼ିଛି।

# ବିପଦପୂର୍ଣ୍ଣ ଅବସ୍ଥାରେ ୩୩ କେଭି ତାର

**କଣିହାଁ, ୧୦।୨(ଡି.ଏନ.ଏ.)**

■ମୁଖ୍ୟମନ୍ତ୍ରୀ ସଡ଼କରେ ଓହଳି ରହିଛି
■ଅଭିଯୋଗ ସତ୍ତ୍ୱେ ଶୁଣୁନି ବିଭାଗ
■ମରାମତି କ୍ଷମତା ଆମ ପାଖରେ ନାହିଁ-ସେସୁ ଯନ୍ତ୍ରୀ

ବିଦ୍ୟୁତ୍ ବିଭାଗର ଚରମ ଅବହେଳା ଯୋଗୁ ନିରୀହ ଜୀବନ ଯାଉଥିଲେ ହେଁ ଚେତୁନାହାନ୍ତି ଅଧିକାରୀ। ବିଭିନ୍ନ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ, ପୁରୁଣା ତାର ଓହଳିଥିଲେ ମଧ ଏହାର ମରାମତି ଦିଗରେ ଆଦୌ ଧାନ ଦେଉନି ବିଭାଗ। ଫଳରେ ଗୋଟିଏ ପରେ ଗୋଟିଏ ଦୁର୍ଘଟଣା ଘଟିଚାଲିଛି। ଅନୁଗୋଳ ଜିଲା କଣିହାଁ ବ୍ଲକରେ ମଧ ଏପରି ଅବହେଳା ଦେଖିବାକୁ ମିଳିଛି। ମାତ୍ର ୧୦ ଫୁଟ ଉଚ୍ଚରେ ଉଚ୍ଚକ୍ଷମତା ସମ୍ପନ୍ନ ତାର ଓହଳିଥିବାବେଳେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି।

କଣିହାଁ ବ୍ଲକ ଝରାବେରଣୀ ଓ ପଚ୍ଚାଖମଣ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଉପରେ ଝୁଲି ରହିଛି ୩୩ କେଭି ବିଦ୍ୟୁତ୍ ତାର। ଭୂମିଠାରୁ ମାତ୍ର ୧୦ ଫୁଟ ଉଚ୍ଚରେ ତାର ଓହଳିଥିବାରୁ ଯେ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବାର ଆଶଙ୍କା ରହିଛି। ଏହାର ମରାମତି ପାଇଁ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ପଚ୍ଚାଖମଣ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାର ମରାମତି ଓ ସଜାଡିବା କ୍ଷମତା ବିଦ୍ୟୁତ୍ ବିଭାଗ ସେସୁ ଏସ୍‌ଡିଓଙ୍କ ଅଧୀନରେ ଥିବାବେଳେ କେଉଁ କାରଣରୁ ଏହା କରାଯାଉନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଏହାର ତଦନ୍ତ କରାଯିବା ସହ ତାର ମରାମତି କରାଯିବାକୁ ଦାବି ହୋଇଛି।

ଏ ସମ୍ପର୍କରେ କଣିହାଁ ସେକ୍ସନ ସେସୁ କନିଷ୍ଠ ଯନ୍ତ୍ରୀ ଯତୀନ୍ଦ୍ର ବାରିକଙ୍କୁ ପଚାରିବାରେ ସେ କହିଛନ୍ତି, ୩୩ କେଭି ବିଦ୍ୟୁତ୍ ମରାମତି କ୍ଷମତା ଆମ ପାଖରେ ନାହିଁ। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇସାରିଛୁ। ଖୁବଶୀଘ୍ର ସମସ୍ୟା ଦୂର ହେବ।



ବିପଦସଙ୍କୁଳ ଅବସ୍ଥାରେ ରାସ୍ତା ଉପରେ ଝୁଲି ରହିଥିବା ବିଦ୍ୟୁତ୍ ତାର।

## ସଂକ୍ଷେପରେ

### ପ୍ରାକ୍ଟିକାଲ କ୍ଲାସରେ ଅସୁସ୍ଥ ହେଲେ ୪ ଛାତ୍ରୀ

ବାରିପଦା ଅଫିସ, ୧୦।୨

ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ଏକ ମହାବିଦ୍ୟାଳୟରେ ସୋମବାର ପ୍ରାକ୍ଟିକାଲ୍ କ୍ଲାସ ଚାଲିଥିବା ବେଳେ ୪ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ପିଆର୍ଏମ୍ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଛାତ୍ରୀମାନେ ସୁସ୍ଥ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଅପରାହ୍ନରେ ଯୁକ୍ତ ୨ ପଦାର୍ଥ ବିଜ୍ଞାନ ଛାତ୍ରୀମାନଙ୍କ ପ୍ରାକ୍ଟିକାଲ୍ କ୍ଲାସ ଚାଲୁଥିଲା। ଏହି ସମୟରେ କେହି ଜଣେ ମହିଳାଙ୍କ ଆତ୍ମସୁରକ୍ଷା ପାଇଁ ବ୍ୟବହାର ହେଉଥିବା କେମିକାଲ ସ୍ପ୍ରେ କରିବାରୁ ଲ୍ୟାବରେ ଥିବା ୪ ଛାତ୍ରୀଙ୍କ ମୁଣ୍ଡ ବୁଲାଇ ହେବା ସହିତ ବାନ୍ତି କରିଥିଲେ। ଏ ନେଇ କଲେଜ ଅଧକ୍ଷଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅସହାୟ ମହିଳା

**ଭଦ୍ରକ ଅଫିସ, ୧୦।୨:** ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବ୍ଲକ ଉତ୍ତରବାଡ଼ ଗ୍ରାମର କବିତାରାଣୀ ପାତ୍ର ନାମ୍ନୀ ଜଣେ ଅସହାୟ ମହିଳା ପହଞ୍ଚି ସରକାରୀ ସହାୟତା ଦାବି କରିଥିଲେ। ପେଟ ରୋଗ ତାଙ୍କୁ ଦାଣ୍ଡର ଭିକାରି କରିସାରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ପେଟ ଯନ୍ତ୍ରଣା କାରଣରୁ ପ୍ରତି ମାସରେ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏଣୁ ତାଙ୍କୁ ସହାୟତା ପ୍ରଦାନ କରାଯାଉ ବୋଲି ସେ ନିବେଦନ କରିଛନ୍ତି। ସେ ଜଣେ ଅସହାୟ ମହିଳା ହୋଇଥିବାରୁ ତାଙ୍କୁ ଡାକ୍ତରଙ୍କ ପାଖକୁ ନେବାକୁ ମଧ କେହି ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି।

### ବଦଳିଲେ ୩ ଥାନାଧିକାରୀ

**ଭଦ୍ରକ ଅଫିସ,୧୦।୨:** ଭଦ୍ରକ ଜିଲାର ୩ ଥାନାଧିକାରୀଙ୍କ ବଦଳି ହୋଇଛି। ଧାମନଗର, ଭଣ୍ଡାରିପୋଖରୀ ଓ ଆଗରପଡ଼ା ଥାନାଧିକାରୀଙ୍କ ବଦଳି ହୋଇଥିବା ସୂଚନା ମିଳିଛି। ଜିଲା ହେଡକ୍ୱାର୍ଟରରେ ଥିବା ରତିକାନ୍ତ ଗିରିଙ୍କୁ ଧାମନଗର ଓ ସନାତନ ସାହୁଙ୍କୁ ଭଣ୍ଡାରିପୋଖରୀ ଥାନା, ଭଣ୍ଡାରିପୋଖରୀ ଥାନା ଆଇଆଇସି ସୁକାନ୍ତି କେରେଇଙ୍କୁ ଆଗରପଡ଼ା ଥାନାର ଆଇଆଇସି ଭାବେ ବଦଳି କରାଯାଇଛି। ତେବେ ଧାମନଗର ଓ ଆଗରପଡ଼ା ଥାନା ଆଇଆଇସିଙ୍କର ବାଲେଶ୍ୱର ଜିଲାକୁ ବଦଳି ହୋଇଛି।

### ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ

**ବନ୍ତ,୧୦।୨(ଡି.ଏନ.ଏ.):** ବନ୍ତ ବ୍ଲକ ଟିଲୋ ପଞ୍ଚାୟତ ପୋଡ଼ାପାଟଣା ଗ୍ରାମର ଦିବ୍ୟାଙ୍ଗ ବଳରାମ ସାହୁଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ବିଡିଓ ରେବେକା ବିଲୁଙ୍ଗ, ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ଚନ୍ଦ୍ରକାନ୍ତ ରଣା, ଜମାଦାର ମୁଣ୍ଡା ଓ କ୍ଲଷ୍ଟର କୋଅର୍ଡିନେଟର ହୃଦାନନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋରନ୍ଦା, କପିଳାସ, ସପ୍ତଶଯ୍ୟାର ହେବ ବିକାଶ

## ତୃତୀୟ ମହିମା ମହୋତ୍ସବ ଉଦ୍‌ଘାଟିତ



ତୃତୀୟ ମହିମା ମହୋତ୍ସବ ଉଦଘାଟିତ।

ଢେଙ୍କାନାଳ ଅଫିସ, ୧୦।୨

ବିଶ୍ୱ ପ୍ରସିଦ୍ଧ ମାଘମେଳା ଅବସରରେ ଯୋରନ୍ଦାସ୍ଥିତ ମହିମା ଗାଦି ଧୁନି ମନ୍ଦିର ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି ୩ୟ ମହିମା ମହୋତ୍ସବ। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ସାମାଜିକ ବିଚାରଧାରାକୁ ନେଇ ମହିମା ଧର୍ମର ସୃଷ୍ଟି। ମହିମା ସାଧୁସନ୍ଥମାନେ ମତଭେଦ ଭୁଲି ଶାନ୍ତି ବଜାୟ ରଖିବା ସହ ଅଞ୍ଚଳର ବିକାଶ ଦାୟିତ୍ୱ କାନ୍ଧକୁ ନେବା ଉଚିତ। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଞ୍ଚଳରେ ପାନୀୟଜଳ ପ୍ରକଳ୍ପ ସମେତ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। କାଲୁରିଆଠାରେ ବ୍ରାହ୍ମଣୀ ନଦୀ ଉପରେ ୨୫୩ କୋଟି ଟଙ୍କା ବ୍ୟୟରେ ଏକ ସେତୁ ନିର୍ମାଣ ହେଉଛି । ଯୋରନ୍ଦା, ସପ୍ତଶଯ୍ୟା ଏବଂ କପିଳାସ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଉଦ୍ୟମ ଜାରି ରହିଥିବା ମନ୍ତ୍ରୀ ଅଭିଭାଷଣରେ କହିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଆଇନମନ୍ତ୍ରୀ ପ୍ରତାପ ଜେନା ମହିମା ଧର୍ମ ତ୍ୟାଗ, ଶାନ୍ତିର ପ୍ରତୀକ ବୋଲି ମତ ରଖିଥିଲେ। ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର କହିଲେ, ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ ମହିମା ଧର୍ମାବଲମ୍ବୀ ଅଛନ୍ତି। ଏହି ଧର୍ମରେ ଶୂନ୍ୟ, ନିରାକାର ବ୍ରହ୍ମଙ୍କ ଉପରେ ଅଗାଧ ବିଶ୍ୱାସ ରହିଛି। ମହିମା ଧର୍ମର ଅନ୍ୟତମ ପ୍ରଚାରକ ସନ୍ଥକବି ଭୀମ ଭୋଇଙ୍କ ପଂକ୍ତି ଜାତିସଂଘରେ ସ୍ଥାନ ପାଇବା ଓଡ଼ିଆ ଜାତି ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ମହିମା ମହୋତ୍ସବ କମିଟି ସଭାପତି ତଥା ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଉତ୍ସବରେ ଅଧକ୍ଷତା କରିଥିଲେ।

ମହିମା ସାଧୁ ବାବା ନିତ୍ୟାନନ୍ଦ ଦାସ କହିଲେ, ଢେଙ୍କାନାଳର ସ୍ୱର୍ଣ୍ଣ ତ୍ରିଭୁଜ ହେଉଛି ଯୋରନ୍ଦା, କପିଳାସ ଓ ସପ୍ତଶଯ୍ୟା। ହେଲେ ଏଠାରେ ସେପରି ବିକାଶ ହୋଇପାରି ନାହିଁ। ପର୍ଯ୍ୟଟକଙ୍କ ପାଇଁ ଯାତ୍ରୀନିବାସ, ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ସମସ୍ୟାର ସମାଧାନ ଲାଗି ସେ ମନ୍ତ୍ରୀ, ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହିମା ସନ୍ନ୍ୟାସୀ ରଘୁନାଥ ବାବା ମହିମା ଧର୍ମର ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ମରଣିକା ‘ମହିମା’ ଉନ୍ମୋଚିତ ହୋଇଥିଲା। କମିଟି ପକ୍ଷରୁ ସାମାଜିକ କର୍ମୀ ତଥା ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ସମ୍ପାଦକ ପ୍ରଦୀପ ସାହୁ, ଚଳଚ୍ଚିତ୍ର ଅଭିନେତ୍ରୀ ଏଲିନା, ଜିଲା ପ୍ରେସ କ୍ଲବ ସମ୍ପାଦକ ସତ୍ୟସ୍ୱରୂପ ଦାସ, କୃଷକ ବିଜେଡି ଜିଲା ସଭାପତି ନରୋତ୍ତମ ସାହୁ, ସ୍ତ୍ରୀ ଓ ପ୍ରସୂତି ରୋଗ ଚିକିତ୍ସକ ଡା. ଦୀପକ ଦେହୁରୀ, ସାମାଜିକ କର୍ମୀ ଅଜିତ ସାହୁ, ନିରାକାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ସନ୍ତୋଷ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଶେଷରେ କଳାହାଣ୍ଡି ଲୋକନୃତ୍ୟ, ସମ୍ବଲପୁରର ଘୋଡାନାଚ, ଖଞ୍ଜଣି ଭଜନ, ଆଦିବାସୀ ନୃତ୍ୟ ସମେତ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କର ସାଂସ୍କୃତିକ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ମହୋତ୍ସବର ଉଦ୍‌ଯାପନୀ ଦିବସ ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୀର୍ଘ ହାତେ, ପ୍ରତି ହାତେ**
**ହିଡ଼ ବାନ୍ଧିବ ଘାସ ସହିତେ;**
**ଚଷା ଭାଇ ମାନରେ,**
**ଯହିଁ ପାଣି ତହିଁ ଧାନରେ ।**

ଧାନଚାଷ ପାଇଁ ପାଣିର ଆବଶ୍ୟକତା ରହିଥାଏ। ଅଧିକ ପାଣି ପାଇଲେ ଧାନଗଛ ଭଲ ବଢୁଥିବାରୁ କ୍ଷେତ ଚାରିପାଖେ ହିଡ଼ ବାନ୍ଧିବା ଜରୁରୀ ହୋଇଯାଏ। ଧାନଚାଷ ସମ୍ପର୍କରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଖିଲେ ଲାଗେ,**
**ଶୁଣିଲେ ଲାଗେ ।**

ଯାହା ସହିତ ଯାହାର ଭଲ ପଡ଼ି ନ ଥାଏ ତା'ପ୍ରତି ମନରେ ଏକ ପ୍ରକାର ଘୃଣା ତଥା ବିରକ୍ତି ଭାବନା ଆସିଯାଇଥାଏ। ତାକୁ ଦେଖିଦେଲେ କି ତା' ନାଁ ଶୁଣିଲେ ରାଗ ଲାଗିଥାଏ। ଦେଖି ସହି ନ ପାରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## କବୟିତ୍ରୀ ଅବନ୍ତୀଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ,୧୦।୨:** ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ବାର୍ଷିକ ଉତ୍ସବ ଅବସରରେ କବୟିତ୍ରୀ ଇଂ. ଅବନ୍ତୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମାଜର ତୃଣମୂଳସ୍ତରରୁ ସମସ୍ୟା ଓ ଚରିତ୍ରମାନଙ୍କୁ ତଥା ନାରୀ ମନର ଚେତନା, ସୃଜନଶୀଳତା ଏବଂ ଅନ୍ତର୍ଦହନକୁ ନିଜ ଶବ୍ଦରେ ସାଉଁଟି ଗଳ୍ପ ଓ କବିତାରେ ରୂପ ଦେଉଥିବା କବୟିତ୍ରୀ ମଲ୍ଲିକଙ୍କୁ ଭୁବନେଶ୍ୱର ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ମାନପତ୍ର, ଉପଢୌକନ ଓ ଅର୍ଥରାଶି ସହ ଲେଖିକା ସମ୍ମାନ ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଅବନ୍ତୀ ଏକାଧାରରେ ସମ୍ପାଦିକା, କବି, ଗାଳ୍ପିକା, ସାମାଜିକ କର୍ମୀ, ଓଡ଼ିଶା ଲେଖିକା ସଂସଦ ଓ ଇନର୍ ହୁଇଲ୍ କ୍ଲବ୍‌ର ସଦସ୍ୟା। ଭଦ୍ରକରୁ ଦୀର୍ଘ ୧୭ ବର୍ଷ ଧରି ପ୍ରକାଶ ପାଉଥିବା ନୂଆ ଯୁଗର ନୂଆ ସକାଳ ପତ୍ରିକା ସମ୍ପାଦନା କରିବା ସହ ସେ ଆଗରୁ ଆଇଟିଆଇ ଚରମ୍ପାର ଅଧକ୍ଷା ଥିଲେ।

# ପୁଣି ଛିଣ୍ଡିଲା ୧୧ କେଭି

ଚାନ୍ଦବାଲି,୧୦।୨(ଡି.ଏନ.ଏ.)


ଜଳିଯାଇଥିବା ବାଇକ୍।

ଗଞ୍ଜାମ ଜିଲାର ମେଣ୍ଟରାଜପୁର ଛକରେ ରବିବାର ଏକ ଘରୋଇ ବସ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ହୃଦୟ ବିଦାରକ ଘଟଣା ଘଟିଥିଲା। ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ଏବେ ବି ଅନେକ ଯାତ୍ରୀ ସଙ୍କଟାପନ୍ନ ଅବସ୍ଥାରେ କଟକ ଓ ବ୍ରହ୍ମପୁରରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଘଟଣାକୁ ନେଇ ସବୁ ମହଲରେ ତନାଘନା ଚାଲିଥିବାବେଳେ ସୋମବାର ସକାଳେ ଭଦ୍ରକ ଜିଲା ଧାମରା ନିକଟସ୍ଥ କଇଥଖୋଲା ବଜାରରେ ଏଭଳି ଆଉ ଏକ ଦୁର୍ଘଟଣାକୁ ସାମ୍ନା କରିଛନ୍ତି ଦୁଇ ବାଇକ୍ ଆରୋହୀ। ମୃତ୍ୟୁମୁଖରୁ ଅଳ୍ପକେ ସେମାନେ ବର୍ତ୍ତି ଯାଇଥିଲେ ସୁଦ୍ଧା ସେମାନଙ୍କ ବାଇକ୍‌ଟି ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ବିଦ୍ୟୁତ୍ ବିଭାଗର ଖାମଖିଆଲି ମନୋଭାବ ଯୋଗୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ସାଧାରଣରେ ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ଧାମରା ପଞ୍ଚାୟତ ଗୁଁଆଳ ଗ୍ରାମର ସୁରେନ୍ଦ୍ର ଜେନା ଓ ଦୁର୍ଯ୍ୟୋଧନ ରାଉଳ ସକାଳ ପ୍ରାୟ ୭ଟା ବେଳେ ବାଇକ୍‌ରେ କଇଥଖୋଲାକୁ ଯାଉଥିଲେ। ଏହି ସମୟରେ କଇଥଖୋଲା ବଜାରରେ ୧୧କେଭି ଏକ ବିଦ୍ୟୁତ୍ ତାର ଛିଡ଼ିଯାଇ ବାଇକ୍ ଉପରେ ପଡ଼ିଯାଇଥିଲା। ଫଳରେ ବିଦ୍ୟୁତ୍ ଆଘାତରେ ବାଇକ୍ ଚାଳକ ସୁରେନ୍ଦ୍ର ଓ ପଛରେ ବସିଥିବା ଦୁର୍ଯ୍ୟୋଧନ ରାସ୍ତା ତଳକୁ ଛିଟିକି ପଡ଼ିଥିଲେ। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବାଇକ୍ ଘଟଣାସ୍ଥଳରେ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଦୁଇ ଆରୋହୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଆହତଦ୍ୱୟଙ୍କ ପରିବାର ପକ୍ଷରୁ ଧାମରା ଥାନାରେ ବାଇକ୍ ପୋଡ଼ିଯିବା ନେଇ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଅବହେଳାକୁ ଦାୟୀ କରି ଲିଖିତ ଅଭିଯୋଗ କରାଯାଇଛି। ଧାମରା ପୋଲିସ ପକ୍ଷରୁ ଜଳି ଯାଇଥିବା ଗାଡ଼ିର ଅବଶେଷାଂଶକୁ ଥାନାକୁ ଅଣାଯାଇଛି। ସେହିପରି ବିଦ୍ୟୁତ୍ ବିଭାଗ ପକ୍ଷରୁ ଛିଡ଼ି ଯାଇଥିବା ତାରକୁ ମରାମତି କରିବା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଛି। ପ୍ରକାଶ ଯେ, ରବିବାର ଅପରାହ୍ନରେ ବାଲେଶ୍ୱର ଜିଲା ବାଲିଆପାଳଠାରେ ବାରିପଦା ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟରୁ ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କୁ ଆଣି ଆସୁଥିବା ଏକ ଟ୍ୟୁରିଷ୍ଟ ବସ୍ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ମାତ୍ର ଡ୍ରାଇଭର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ବସ୍‌ଟିକୁ ପଛକୁ ନେଇଯିବାରୁ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇଥିଲା।

## ଆଜିଠାରୁ ଜିଲା ମହୋତ୍ସବ

ଅନୁଗୋଳ ଅଫିସ୍, ୧୦।୨

ବର୍ଷା ଯୋଗୁ ଗତ ୭ ତାରିଖରେ ବାତିଲ କରାଯାଇଥିବା ଅନୁଗୋଳ ଜିଲା ମହୋତ୍ସବ ୧୧ ତାରିଖ ମଙ୍ଗଳବାରଠାରୁ ଷ୍ଟାଡିୟମରେ ଆରମ୍ଭ ହେବ। ତିନି ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କେବଳ ମଙ୍ଗଳବାର ସନ୍ଧ୍ୟାକୁ ଅନୁଗୋଳ ଜିଲାବାସୀ ଅନାଇ ବସିଛନ୍ତି। ଏହି ମହୋତ୍ସବକୁ ଅନୁଗୋଳର ବିଧାୟକମାନେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଅଧିକାରୀ ଏହି ମହୋତ୍ସବରେ ସହଯୋଗ କରିବେ। ତେବେ ଜିଲା ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଅଭିନେତ୍ରୀ ଗୁନ୍‌ଗୁନ୍ ମଞ୍ଚ ପରିଚାଳନା କରିବାର କାର୍ଯ୍ୟକ୍ରମ ଥିବାବେଳେ ମଣ୍ଟୁ ଛୁରିଆ ଓ ସମ୍ବଲପୁରୀ ବ୍ୟାଣ୍ଡ ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବେ। ସେହିପରି କଳାକାର ସୂର୍ଯ୍ୟମୟୀ ମହାପାତ୍ର, ଦୀପକ ବାରିକ ଓ ସୋନାଲି ନନ୍ଦଙ୍କ ସଙ୍ଗୀତରେ ଦର୍ଶକମାନେ ବିଭୋର ହେବେ। ଅନ୍ୟପକ୍ଷରେ ସ୍ଥାନୀୟ କଳାକାର ମଧ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ପ୍ରଥମ ଦିନରେ କଣିହାଁ, ଆଠମଲ୍ଲିକ, ଛେଣ୍ଡିପଦା, ପାଲଲହଡ଼ା ବ୍ଲକର କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରିବେ। ସେହିପରି ମଥୁରାର ମୟୂରୀ ନୃତ୍ୟ, ବଲାଙ୍ଗୀର ନଟରାଜ ନୃତ୍ୟ ଓ ନୃତ୍ୟ ନିଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଯାହାକୁ ନେଇ ଅନୁଗୋଳବାସୀଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ପରିଲକ୍ଷିତ ହୋଇଛି।

## ଉପଭୋକ୍ତାଙ୍କ ଉପରେ ୪୫କୋଟି ବକେୟା ବିଲ୍

ବନ୍ତ,୧୦।୨(ଡି.ଏନ.ଏ.)

ଭଦ୍ରକ ଜିଲା ନେସ୍କୋ ଆର୍.ଇ. ସବ୍‌ଡିଭିଜନ ଅଧୀନ ବନ୍ତ, ଆଗରପଡ଼ା ବିଦ୍ୟୁତ୍ ବିଭାଗରେ ୪୫କୋଟି ୨ଲକ୍ଷ ଟଙ୍କା ବକେୟା ବିଲ୍ ଥିବା ଜଣାଯାଇଛି। ଆସନ୍ତା ୧୬ ତାରିଖ ମଧ୍ୟରେ ଉପଭୋକ୍ତାମାନେ ବକେୟା ବିଲ୍ ପୈଠ ନ କଲେ ବିଦ୍ୟୁତ୍ କାଟ୍ ସହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନେସ୍କୋ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ସମସ୍ତ ଉପଭୋକ୍ତାଙ୍କୁ ଡାକବାଜି ଯନ୍ତ୍ର ସହାୟତାରେ ସୂଚନା ଦିଆଯାଇଛି।

### ୧୬ ସୁଦ୍ଧା ପୈଠ ନ କଲେ ବିଦ୍ୟୁତ୍ କାଟ୍

ପ୍ରକାଶ ଯେ, ଭଦ୍ରକ ନେସ୍କୋ ଆର୍.ଇ.ସବ୍‌ଡିଭିଜନ ଅଧୀନରେ ବନ୍ତ ବ୍ଲକର ବନ୍ତ ଓ ଆଗରପଡ଼ା ୨ଟି ସେକ୍ସନ ରହିଛି। ଏହି ଦୁଇଟି ସେକ୍ସନରେ ମୋଟ ୩୩, ୯୨୧ ଜଣ ଉପଭୋକ୍ତା ରହିଛନ୍ତି। ସମସ୍ତ ଉପଭୋକ୍ତାଙ୍କ ଉପରେ ୪୫ କୋଟି ୨ ଲକ୍ଷ ଟଙ୍କା ବକେୟା ବିଲ୍ ପଡ଼ି ରହିଛି। ସେଥିମଧ୍ୟରୁ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ୪୭ ଲକ୍ଷ, ବାଣିଜ୍ୟ ପ୍ରତିଷ୍ଠାନ ଉପରେ ୨ କୋଟି ୫୩ ଲକ୍ଷ ଏବଂ ଘରୋଇ ଉପଭୋକ୍ତାଙ୍କ ଉପରେ ୪୨ କୋଟି ୨ ଲକ୍ଷ ଟଙ୍କା ବାକି ପଡ଼ିଛି। ବର୍ଷ ବର୍ଷ ଧରି ଉପଭୋକ୍ତାମାନେ ବିଲ୍ ପୈଠ କରୁ ନ ଥିବାରୁ କମ୍ପାନୀର କ୍ଷତି ଘଟୁଛି। ଏ ପରିପେକ୍ଷୀରେ ଖିଲାପୀ ଉପଭୋକ୍ତାମାନଙ୍କ ପାଇଁ କମ୍ପାନୀ ପକ୍ଷରୁ ବିଲ୍ ଆଦାୟ ଯୋଜନା ପ୍ରସ୍ତୁତ କରାଯାଇଛି। ଆସନ୍ତା ୧୬ ତାରିଖ ମଧ୍ୟରେ ବକେୟା ବିଲ୍ ପୈଠ ନ କଲେ ଉପଭୋକ୍ତାଙ୍କର ବିଦ୍ୟୁତ୍ କାଟ୍ କରାଯିବାକୁ ନେସ୍କୋ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହାମଧ୍ୟରେ ବନ୍ତ ଓ ଆଗରପଡ଼ା ସେକ୍ସନ ଅଧୀନରେ ଥିବା କର୍ମଚାରୀମାନେ ପ୍ରତି ଗ୍ରାମକୁ ଯାଇ ଉପଭୋକ୍ତାମାନଙ୍କୁ ବୁଝାଇ ବିଲ୍ ଆଦାୟ କରୁଥିବା ଦେଖିବାକୁ ମିଳୁଛି।

# ପଲ୍ଲିଶ୍ରୀ ମେଳା ବୁଲିଲେ ଜିଲାପାଳ

ଅନୁଗୋଳ ଅଫିସ୍, ୧୦।୨

### ୪ ଦିନରେ ସାଢ଼େ ଆଠ ଲକ୍ଷର ବେପାର


ଜିଲାପାଳ ମେଳା ପରିଦର୍ଶନ କରୁଛନ୍ତି।

ଅନୁଗୋଳ ଷ୍ଟାଡିୟମରେ ଚାଲିଥିବା ପଲିଶ୍ରୀ ମେଳାରେ ଭଲ ବେପାର ହେଉଛି। ସୋମବାର ସନ୍ଧ୍ୟାରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ପିଡିଅତୁଲ୍ୟ କୁମାର ଚମ୍ପତିରାୟ, ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ମେଳା ପରିଦର୍ଶନ କରିଥିଲେ। ତେବେ ଉଦ୍‌ଘାଟନର ୪ ଦିନ ମଧ୍ୟରେ ଏହି ମେଳାରେ ପାଖାପାଖି ସାଢ଼େ ଆଠ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ଓରମାସ ଅଧିକାରୀ ସୌରଭମୟ ଦାସ ସୂଚନା ଦେଇଛନ୍ତି।

ଗତ ୭ ତାରିଖରୁ ଷ୍ଟାଡିୟମରେ ଏହି ମେଳା ଆରମ୍ଭ ହୋଇଥିବା ବେଳେ ଲଗାଣ ବର୍ଷା ଯୋଗୁ ଦୁଇ ଦିନ ହେବ ଭଲ ବ୍ୟବସାୟ ହୋଇ ନ ଥିଲା। ହେଲେ ଏବେ ପାଗ ଠିକ୍‌ଠାକ୍ ଥିବାରୁ ଅନୁଗୋଳ ବାସୀ ଷ୍ଟାଡିୟମ ମୁହାଁ ହୋଇଛନ୍ତି। ଏପରି କି ରବିବାର ୫ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବାବେଳେ ସୋମବାର ସନ୍ଧ୍ୟାରେ ମଧ ଭଲ ଗହଳି ଦେଖିବାକୁ ମିଳିଥିଲା। ଆଗକୁ ଅନୁକୂଳ ପାଗ ରହିବାକୁଥିବାରୁ ବ୍ୟବସାୟ ଭଲ ହେବ ବୋଲି ବ୍ୟବସାୟୀମାନେ କହିଛନ୍ତି। ଅନୁଗୋଳ ଜିଲା ସହ ରାଜ୍ୟରୁ ଓ ରାଜ୍ୟ ବାହାରୁ ବ୍ୟବସାୟୀମାନେ ଏଠାରେ ବ୍ୟବସାୟ କରୁଛନ୍ତି। ସ୍ୱୟଂସହାୟକ ଗୋଷ୍ଠୀ ମଧ ପ୍ରସ୍ତୁତ କରିଥିବା ସାମଗ୍ରୀ ବଜାର ଦାମ୍ ଠାରୁ ମେଳାରେ କମ୍ ଦାମ୍‌ରେ ବିକ୍ରି କରୁଛି। ତେଣୁ ଘର କରଣା ଜିନିଷ ଠାରୁ ଆରମ୍ଭ କରି ଖାଦ୍ୟ ପାନୀୟର ମଜା ନେବାକୁ ମେଳାରେ ଭିଡ଼ ଜମୁଛି।

# ବାଇକ୍ ଧକ୍କାରେ ସାଇକେଲ ଚାଳକ ମୃତ

ଛେଣ୍ଡିପଦା,୧୦।୨(ସ୍ୱ.ପ୍ର)


ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଛେଣ୍ଡିପଦା ଥାନା ଛେଣ୍ଡିପଦା-ବୁଢ଼ାପାଳ ୧୪୩ବିଜାତୀୟ ରାଜପଥର ନୂଆପଡା ଛକ ନିକଟରେ ରବିବାର ରାତିରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଗମ୍ଭାରୀପାଳ ଗ୍ରାମର ବିପିନ ବେହେରାଙ୍କ ପୁଅ କୃପା ବେହେରା।

ପୋଲିସ କହିଛି, ଗମ୍ଭାରୀପାଳ ଗ୍ରାମର କୃପା ବେହେରା ଓ ଅନାମ ମାହାର ନୂଆପଡାରୁ ସାଇକେଲ ଯୋଗେ

### କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

ଘରକୁ ଫେରୁଥିବାବେଳେ ନୂଆପଡା ଛକ ନିକଟରେ ବୁଢ଼ାପାଳରୁ ଛେଣ୍ଡିପଦା ଅଭିମୁଖେ ଆସୁଥିବା ଏକ ବାଇକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ କୃପା ଓ ଅନାମ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ କୃପାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ନେବା ସମୟରେ ଅଧା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ବାଇକ ଚାଳକଙ୍କୁ ଗିରଫ ଦାବିରେ ଦୁର୍ଘଟଣାସ୍ଥଳରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଖବରପାଇ ଛେଣ୍ଡିପଦା ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଖୁବଶୀଘ୍ର ବାଇକ ଚାଳକଙ୍କୁ ଗିରଫ କରାଯିବ ବୋଲି ଛେଣ୍ଡିପଦା ଥାନା ଅଧିକାରୀ କନକ ମାଝି ପ୍ରକାଶ କରିଛନ୍ତି।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ




### ବ୍ୟାଙ୍କ ଅଫ ଇଣ୍ଡିଆରୁ ଚୋରି

ରାଇସୁଆଁ, ୧୦।୨ (ଡି.ଏନ.ଏ.)- କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ପଳାଶପଙ୍ଗା ନିକଟ ଓସିଏଲା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ ରବିବାର ରାତିରେ ତାଲା ତାଡି ଲକ୍ଷାଧିକ ଟଙ୍କାର ଚୋରି ହୋଇଥିବା ସୂଚନା ମିଳିଛି। ଶାଖା ପରିଚାଳକ ସଦର ଥାନାରେ ଅଭିଯୋଗ କରିବା ପରେ ସଦର ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ସଦର ଥାନା ଆଇଆଇସି ଜୟନାରାୟଣ ଖଣ୍ଡେଇ କହିଛନ୍ତି ଯେ, ତଦନ୍ତ ଚାଲିଛି । କେତେ ଟଙ୍କା ଚୋରି ହୋଇଛି ତାର ଠିକ୍ ଆକଳନ ହୋଇପାରିନି, ଏହା ତଦନ୍ତ ପରେ ଜଣାପଡିବ।

### ଉମାକାନ୍ତଙ୍କୁ ଉତ୍କଳ ସେବା ସମ୍ମାନ

ହାଟଡିହୀ, ୧୦।୨(ଡି.ଏନ.ଏ)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୁଲଣ ଗ୍ରାମର ଯୁବ ସମାଜସେବୀ ଉମାକାନ୍ତ ରାଉତଙ୍କୁ ଉତ୍କଳ ସେବା ସମ୍ମାନ ପ୍ରଦାନ କରାଯାଇଛି। ଯାଜପୁର ଜିଲା ବ୍ୟାସନଗର ଟାଉନ ହଲ୍‌ଠାରେ ଆୟୋଜିତ ଉତ୍କଳ ଫାଉଣ୍ଡେଶନର ପ୍ରଥମ ବାର୍ଷିକ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବରୁ ଉମାକାନ୍ତ ନିଜ ଅଞ୍ଚଳ ବ୍ୟତୀତ ବାହାର ଜିଲାରେ ଗରିବଙ୍କ ସେବା କରି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ଏହାବ୍ୟତୀତ ନିଜ ଅଞ୍ଚଳରେ ମା' ତାରିଣୀ ସେବା ସଂସ୍ଥାନ ନାମରେ ଯୁବଗୋଷ୍ଠୀଙ୍କ ସହାୟତାରେ ଏକ ସଙ୍ଗଠନ ବି ରହିଛି ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ହାଟଡିହୀ,୧୦।୨(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ଜିଲାପାଳ ଆଶିଷ ଠାକରେ, ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ, ପିଡି ଉଦ୍ଧବ ଚରଣ ମାଝି, ବ୍ଲକ ଅଧକ୍ଷା ସଞ୍ଜୁଲତା ବିଶ୍ୱାଳ, ଡିଏସ୍‌ପି ବିଦ୍ୟୁତ ପଣ୍ଡା, ବିଡିଓ ଜୟଦେବ ଦାସ, ତହସିଲଦାର ଗାୟତ୍ରୀ ସୋରେନ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। କୌଣସି କାରଣରୁ ଜିଲା ଏସ୍‌ପି ଓ ଅନ୍ୟ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ବିଷୟରେ ପୂର୍ବରୁ ପ୍ରଚାର ପ୍ରସାର ହୋଇ ନ ଥିଲା। ଫଳରେ ବହୁ ଲୋକ ଅଭିଯୋଗ ଶୁଣାଣିକୁ ଅଭିଯୋଗ କରିବାକୁ ଆସି ପାରି ନ ଥିବା ମତ ପ୍ରକାଶ ପାଇଛି । ନରହରି ନାୟକ, ନବୀନ ନାୟକ, ନିରଞ୍ଜନ ବାରିକ, ବିନୟ ମଲିକ, ପ୍ରଶାନ୍ତ ସେଠୀ ଓ ଅନ୍ୟାନ କର୍ମଚାରୀ, ଲୋକ ପ୍ରତିନିଧି ଉପସ୍ଥିତ ଥିଲେ ।

### ସୁରେନ୍ଦ୍ର ବ୍ଲକ ବିଜେଡି ସଭାପତି



ହାଟଡିହୀ, ୧୦।୨(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବିଜେଡି ସଭାପତି ଭାବେ ସୁରେନ୍ଦ୍ର ଜେନା ନିର୍ବାଚିତ ହୋଇଛନ୍ତି। ସେ ଏବେ ୩୬ ନଂ. ଜୋନର ଜିଲାପରିଷଦ ଅଛନ୍ତି। ଏକମାତ୍ର ପ୍ରାର୍ଥୀ ଭାବେ ସେ ନାମାଙ୍କନ ଦାଖଲ କରିଥିଲେ। ଫଳରେ ସୁରେନ୍ଦ୍ର ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନୂତନ ସଭାପତିଙ୍କୁ ଅନ୍ୟ ବିଜେଡି କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଦଳକୁ କିପରି ଅଧିକରୁ ଅଧିକ ମଜଭୁତ କରାଯିବ ତାକୁ ପ୍ରାଧାନ୍ୟ ଦିଆଯିବ ବୋଲି ଜେନା କହିଛନ୍ତି। ସେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ରାସ୍ତାକଡ଼ରେ ପାଇପ୍, ଟ୍ୟାପ

■ ଘରକୁ ପାଣି ସଂଯୋଗ ବ୍ୟବସ୍ଥା ଥାଇ ଆସୁନି ପାଣି

■ ପାନୀୟଜଳ ଯୋଗାଣ ଯୋଜନା ବିଫଳ

କେନ୍ଦୁଝର, ୧୦।୨(ସ୍ୱ.ପ୍ର.)

ପ୍ରତ୍ୟେକ ଘରକୁ ମିଳିବ ପିଇବା ପାଣି। ଏହି ବ୍ୟବସ୍ଥାରେ ପ୍ରତ୍ୟେକ ଘରକୁ ପାଣି ପାଇପ ବିଛା ଯାଉଛି। ତେବେ ଘରକୁ ପାଇପ ସଂଯୋଗ ଠିକ ଭାବରେ ହେଉ ନ ଥିବା ଓ ରାସ୍ତା କଡରେ ପାଇପ ଓ ଟ୍ୟାପ ଝୁଲାଇ ଛାଡି ଦିଆଯାଉଥିବାରୁ ଏହି ପାନୀୟଜଳ ଯୋଗାଣ କାର୍ଯ୍ୟକ୍ରମର ସଫଳତାକୁ ନେଇ ଆଶଙ୍କା ଦେଖାଦେଇଛି ।

ପୁରୁଣା ସହର ମାଘୁ ସାହିରେ ପାଖାପାଖି ୩୩ ଘର ରହିଥିବା ବେଳେ ୨୦ଟି ଘର ପାଇଁ ମୁଖ୍ୟ ପାଇପରୁ ସଂଯୋଗ କରାଯାଇ ଟ୍ୟାପ ଲଗାଯାଇଛି। ତେବେ ଏହି ପାଇପ ଘର ପାଖକୁ ନ ପହଞ୍ଚାଇ ରାସ୍ତା କଡରେ ଟ୍ୟାପ ଲଗାଇ ଛାଡି ଦିଆଯାଇଛି। ଫଳରେ ପାଇପ ଓ ଟ୍ୟାପ ରାସ୍ତା କଡରେ ଖୋଲା ସ୍ଥାନରେ ରହିଥିବାରୁ ପାଇପ ଓ ଟ୍ୟାପ ଚୋରି ହେବା ନେଇ ସାହିବାସୀ ଆଶଙ୍କା କରୁଛନ୍ତି। ସେହିପରି ଟ୍ୟାପ ନିକଟରେ ଡ୍ରେନ ରହିଥିବା ବେଳେ ପାଣି ସଂଗ୍ରହ ସ୍ଥାନ ଆବର୍ଜନା ପୂର୍ଣ୍ଣ ରହିଥିବାରୁ ପାଣି ସଂଗ୍ରହ ବେଳେ ପ୍ରଦୂଷିତ ହେବା ଏବଂ


ରାସ୍ତା କଡ଼ରେ ଥିବା ପାଣି ପାଇପ୍।

ବିଭିନ୍ନ ପ୍ରକାରର ରୋଗ ସଂକ୍ରମଣ ହେବା ଆଶଙ୍କା ରହୁଛି। ମୁଖ୍ୟ ପାଇପରୁ ୧୪ ଫୁଟ ପାଇପ ସଂଯୋଗ ଦେବା ପାଇଁ ବ୍ୟୟ ଅଟକଳ ହୋଇଛି । ଏଣୁ ଘରକୁ ନେବାକୁ ହେଲେ ନିଜେ ଆଉ ପାଇପ କିଣି ଲଗାଅ ବୋଲି ଠିକାକାମ କରୁଥିବା ସଂସ୍ଥା କହୁଛନ୍ତି ବୋଲି ସାହିର ଅଭିମନ୍ୟୁ ନାୟକ କହିଛନ୍ତି। ଗତ କିଛି ଦିନ ହେଲା ଏହି ପାଇପ ଓ ଟ୍ୟାପ ସଂଯୋଗ ହୋଇଛି କିନ୍ତୁ ପାଣି ସଂଯୋଗ ହୋଇନାହିଁ। ୧୫ ଟି ଘରକୁ ପାଇପ ସଂଯୋଗ କରାଯାଇନାହିଁ। ପାଇପ ଆସିଲେ ସଂଯୋଗ ହେବ ବୋଲି ସାହିବାସୀ ଚନ୍ଦନୀ ନାୟକ କହିଛନ୍ତି।

ସ୍ଥାନୀୟ ବାସିନ୍ଦା ଗୁଲମନ ନାୟକ କହିଛନ୍ତି ଯେ, ଯୋଜନା ଅନୁଯାୟୀ କାମ ଚଳାଇବା ଲାଗି ଏଭଳି ସଂଯୋଗ କରାଯାଉଛି । କିନ୍ତୁ ପାଣି କେବେ ମିଳିବ ଏବଂ ଏସବୁ ଚୋରି ହୋଇଗଲେ ବା ଭାଙ୍ଗିଗଲେ କିଏ ମରାମତି କରିବ। ପାଣି ବାବଦକୁ କ'ଣ ଦେବାକୁ ହେବ ବା ନାହିଁ ସେ ବିଷୟରେ ଆମକୁ ଜଣାନାହିଁ । ଆମେ ଗରିବ ଲୋକ ଖଟିଲେ ଖାଉଛୁ । ଏଣୁ ପାଣି ଯୋଗାଣ ହେବା ପରେ ଜଣାପଡିବ। ଅନ୍ୟପକ୍ଷରେ ପ୍ରତ୍ୟେକ ଘରକୁ ମୁଖ୍ୟ ପାଣି ପାଇପରୁ ୫ମିଟର ପାଇପ ଦେବା ବ୍ୟବସ୍ଥା ରହିଛି ବୋଲି ଗାଇଡଲାଇନରେ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି । ଉପଭୋକ୍ତାମାନେ ନିଜେ କିଛି ଖର୍ଚ୍ଚ କରି ନିଜ ଘରକୁ ପାଇପ ଲଗାଇ ପାଣି ନେଇ ପାରିବେ । କିନ୍ତୁ ସେମାନେ ଲଗାଉନାହାନ୍ତି। ସବସିଡି ମୂଲ୍ୟରେ ଏହି ସୁବିଧା ଯୋଗାଇ ଦିଆଯାଉଛି। ପ୍ରତ୍ୟେକ ଘର ପାଇଁ ୩୬୦୦ ଟଙ୍କା ବ୍ୟୟରେ ପାଇପ ଓ ଟ୍ୟାପ ଆଦି ଲଗାଇବା ପାଇଁ ବ୍ୟବସ୍ଥା ରହିଛି । ଏହି ଟଙ୍କା ହିତାଧିକାରୀ ୩୬ ମାସରେ ଶୁଝିବାକୁ ପଡିବ ବୋଲି ସ୍ଥାନୀୟ ପିଏଚଡି କନିଷ୍ଠ ଯନ୍ତ୍ରୀ ସୁବିର ମାଇତି କହିଛନ୍ତି । ଏହି ପାଣି ସଂଯୋଗ ଘରକୁ ନେବା ପାଇଁ ୩୦୬୦ ଟଙ୍କା ପ୍ରତ୍ୟେକ ପରିବାର ସିକ୍ୟୁରିଟି ବା ସରକାରୀ ଦେୟ ଭାବରେ ଜମାଦେବା ପରେ ସଂଯୋଗ ଦେବାକୁ ପଡିବ । ବିପିଏଲ ପରିବାର ପାଇଁ ଏହି ସିକ୍ୟୁରିଟି ବା ସରକାରୀ ଦେୟ ଛାଡ କରାଯାଇଛି ବୋଲି ସେ କହିଛନ୍ତି।



ମହାରାଷ୍ଟ୍ର ଯାତ୍ରା କରିଥିବା ଚାଷୀ।

## ୩୫ ଚାଷୀ ଗଲେ ମହାରାଷ୍ଟ୍ର

ଚମ୍ପୁଆ,୧୦।୨(ଡି.ଏନ୍.ଏ.)

ଚାଷ ସମ୍ବନ୍ଧୀୟ ସୂଚନା ଓ ସର୍ବେକ୍ଷଣ ନିମନ୍ତେ ଚମ୍ପୁଆ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୩୫ ଜଣ ଚାଷୀଙ୍କୁ ମହାରାଷ୍ଟ୍ର ପଠାଯାଇଛି। ଚମ୍ପୁଆ, ଯୋଡା ଓ ଝୁମ୍ପୁରା ବ୍ଲକର ଏହି ଚାଷୀମାନଙ୍କୁ ଏଥି ପାଇଁ ସୁଯୋଗ ଦିଆଯାଇଛି। ଏହି ଚାଷୀମାନେ ମହାରାଷ୍ଟ୍ରର ଜଲଗାଁ ଗସ୍ତ କରିଛନ୍ତି। ଏଏଚଓ ଦମୟନ୍ତୀ ହାଁସଦା, ଓଭରସିୟର ଅଚ୍ୟୁତାନନ୍ଦ ନାଏକ ଓ ମଙ୍ଗୁଳି ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଷୀମାନେ ଏହି ଯାତ୍ରା କରିଛନ୍ତି। ଏହି ୫ ଦିନିଆ ଯାତ୍ରାରେ ଚାଷୀମାନେ ସେଠାରେ ୨ ଦିନିଆ ଟ୍ରେନିଂ ନେବାରେ ବ୍ୟବସ୍ଥା କରାଯାଇଛି। ଉନ୍ନତ ପ୍ରଣାଳୀର ଚାଷ, ସ୍ୱଳ୍ପ ପାଣିରେ ଚାଷ, ବୁନ୍ଦା ଜଳରେ ଚାଷ ଆଦି ଉପରେ ସେମାନେ ସେଠାରେ ଜ୍ଞାନ ଆହରୋଣ କରିବା ସହିତ ସେଠାକାର ଚାଷୀମାନଙ୍କ ସହିତ ମିଳିତ ଭାବେ ଆଲୋଚନା କରି ଚାଷର ପ୍ରଣାଳୀ ଓ ଉତ୍ପାଦନ ସମ୍ବନ୍ଧରେ ସୂଚନା ପାଇବେ ବୋଲି ଜଣାଯାଇଛି। ଚାଷୀମାନଙ୍କୁ ସିଞ୍ଚନ ପ୍ରଣାଳୀ, ବୁନ୍ଦା ଜଳସେଚନରେ ଚାଷ, ଟିସୁ କଲ୍‌ଚର, କଦଳୀ ଚାଷ ସମ୍ବନ୍ଧରେ ଉନ୍ନତମାନର ଜ୍ଞାନ ଯୋଗାଇ ଦିଆଯିବ ବୋଲି ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଏସ.ଶୁଭଲକ୍ଷ୍ମୀ ସୂଚନା ଦେଇଛନ୍ତି। ଏହି ଦଳରେ ତାରିଣୀ କୃଷକ ସଂଘର ୧୫ ଜଣ ଚାଷୀ ରହିଥିବା ବେଳେ ସେମାନେ ଝାଡଖଣ୍ଡ ଚକ୍ରଧରପୁରରୁ ଯାତ୍ରା କରିବେ ବୋଲି ଜଣାଯାଇଛି।

## ଆରମ୍ଭ ହେଲା କୃମି ନାଶକ କାର୍ଯ୍ୟକ୍ରମ



ବିଧାୟକ ଜଗନ୍ନାଥ ନାଏକ କୃମିନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ପାଟଣା, ୧୦।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୋମବାର ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମୀ ନାଶକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍ଥାନୀୟ ବିଧାୟକ ଜଗନ୍ନାଥ ନାଏକ ପିଲାମାନଙ୍କୁ ଔଷଧ ଖୁଆଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସିଂଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ବିଧାୟକ ନାଏକ,ସମ୍ମାନନୀୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡ଼.ସୁପ୍ରକାଶ ଶତପଥୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ବିପିଏମ ଦୀପକ କୁମାର ନାୟକ ଓ ଏବିଇଓ ନରୋତ୍ତମ ସାହୁ ପ୍ରମୁଖ ଯୋଗଦେଇ ୧ରୁ ୧୯ ବର୍ଷର ଛାତ୍ରୀଛାତ୍ରଙ୍କୁ କୃମି ନାଶକ ଔଷଧ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୧୦ ତାରିଖରେ ଯେଉଁ ପିଲାମାନେ ଏହି ଔଷଧ ସେବନ କରିପାରି ନ ଥିବେ ଆସନ୍ତା ୧୭ ତାରିଖରେ ସେମାନେ ଏହି ଔଷଧ ସେବନ କରି ପାରିବେ। ପାଟଣା ବ୍ଲକର ୨୨୨ ସରକାରୀ ବିଦ୍ୟାଳୟ, ୩୧ ବେସରକାରୀ ବିଦ୍ୟାଳୟ, ୩ ମହାବିଦ୍ୟାଳୟ ଓ ୩୫୯ ଅଙ୍ଗନବାଡ଼ି କେନ୍ଦ୍ରରେ ମୋଟ ୩୧ ହଜାର ୧୦୮ ଜଣ ଛାତ୍ରୀ ଛାତ୍ରଙ୍କୁ ଏହି ଔଷଧ ପ୍ରଦାନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଶିକ୍ଷକ ନେତା କମଳାକାନ୍ତ ପତି, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀକାନ୍ତ ବିଶ୍ୱାଳ, ପ୍ରମୋଦ କୁମାର ମହାନ୍ତ, ସନ୍ତୋଷ କୁମାର ନାଏକଙ୍କ ସହ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପାର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ

କେନ୍ଦୁଝର,୧୦।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଭାଜପାର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ସୋମବାର ନଗରଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପାର ସାଙ୍ଗଠନିକ ଦକ୍ଷତା ବୃଦ୍ଧି ସାଙ୍ଗକୁ ସଙ୍ଗଠନକୁ ମଜ୍‌ଭୁତ କରିବା ଦିଗରେ ଆଲୋଚନା ହୋଇଥିଲା। କେନ୍ଦୁଝର ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଅଧକ୍ଷତା କରି ଦଳକୁ ମଜ୍‌ଭୁତ କରିବା ପାଇଁ ଗୋଷ୍ଠୀବାଦକୁ ଛାଡ଼ି ସମସ୍ତେ ମିଳିମିଶି ଏକ ହୋଇ କାମ କରିବାକୁ ଆହ୍ୱାନ ଜଣାଇଥିଲେ। କେନ୍ଦୁଝର ନଗର ମଣ୍ଡଳ ସଭାପତି ବିଶ୍ୱଜିତ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା ସମୀର ଦେ, ରାଜ୍ୟ ସମ୍ପାଦିକା ତଥା ପ୍ରବକ୍ତା ଲେଖାଶ୍ରୀ ସାମନ୍ତସିଂହାର, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ, ପୂର୍ବତନ ଏମ୍‌ପି ତଥା ରାଜ୍ୟ ସାଧାରଣ ସମ୍ପାଦକ ଅନନ୍ତ ନାୟକ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସତ୍ୟବ୍ରତ ପଣ୍ଡା, ମମିତା ନାଏକ ଏବଂ ଜିଲା ଭାଜପା ସାଧାରଣ ସମ୍ପାଦକ ରାମଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ।


ବୈଠକରେ ଭାଜପା କର୍ମକର୍ତ୍ତା।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ମୁରଲୀ ମନୋହର ଶର୍ମା, ପୂର୍ବତନ ବିଧାୟକ ତଥା ଭାଜପା ନେତା ଧନୁର୍ଜୟ ସିଦ୍ଧୁ, ଆଲୋକ ସେଠୀ, ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ କୈଳାସ ନାଏକ, ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ, ଜିଲାପରିଷଦ ସଦସ୍ୟ ଅନୁବ୍ରତ ବେହେରା, ଜିଲା ଭାଜପା ଉପସଭାପତି ଦିଲୀପ ପଣ୍ଡା, ଅଖିଳ ପାତ୍ର, ଜିଲା ସାଧାରଣ ସମ୍ପାଦକ ଶୁକଦେବ ମହାନ୍ତ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ହେମରଞ୍ଜନ ବାରିକ, ପୂର୍ବତନ କେନ୍ଦୁଝର ନଗର ମଣ୍ଡଳ ସଭାପତି ଗୋପିନାଥ ରାମ, ଚମ୍ପୁଆ ନିର୍ବାଚନମଣ୍ଡଳୀ ରାଜ୍ୟ ପରିଷଦ ସଦସ୍ୟ ଅଗନୁ ମହାନ୍ତ, ପୂର୍ବତନ କେନ୍ଦୁଝର ନଗରମଣ୍ଡଳ ସଭାପତି ଗୋପାଳ ନନ୍ଦ, ସଦର ନିର୍ବାଚନମଣ୍ଡଳୀ ବରିଷ୍ଠ ଭାଜପା ନେତା ଗଣେଶ୍ୱର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଧନୁର୍ଜୟ ମହାନ୍ତ, ରଞ୍ଜନ ତ୍ରିପାଠୀ ପ୍ରମୁଖଙ୍କ ସମେତ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନୂତନ ମଣ୍ଡଳ ସଭାପତି, ପୂର୍ବତନ ମଣ୍ଡଳ ସଭାପତି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ, ବରିଷ୍ଠ ଭାଜପା ନେତା ଓ ନେତ୍ରୀ ଉପସ୍ଥିତ ଥିଲେ। ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଓ ଆଇନଶୃଙ୍ଖଳା ପରିସ୍ଥିତିର ଅବନତିକୁ ନେଇ ଆଗାମୀ ଦିନରେ ଭାଜପା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

## ସ୍ୱାସ୍ଥ୍ୟକର୍ମୀଙ୍କ ନାମରେ ଅଭିଯୋଗ

ହାଟଡିହୀ,୧୦।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନାମରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ହାଟଡିହୀ ସିଡିପିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମହିଳା ସ୍ୱାସ୍ଥ୍ୟକର୍ମୀ ଏହି ଉପକେନ୍ଦ୍ରରେ ୧୮ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ସେ ଅନ୍ୟ କର୍ମଚାରୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ସିଡିଏମ୍‌ଓ, ଆନନ୍ଦପୁର ଉପଜିଲାପାଳ, ଜିଲାପାଳଙ୍କୁ ମଧ୍ୟ ନିଜ ସଂଘ ଜରିଆରେ ଅଭିଯୋଗ କରାଯାଇଛି । ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ବିରୋଧରେ ପଦକ୍ଷେପ ନିଆ ନ ଗଲେ କାର୍ଯ୍ୟରେ ଯୋଗଦାନ କରିବେନି ବୋଲି ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଦର୍ଶାଇଛନ୍ତି। ସିଡିପିଓ ସରସ୍ୱତୀ ସେଠୀ କହିଛନ୍ତି, ଘଟଣା ଦିଗରେ ପଦକ୍ଷେପ ନିଆଯାଉଛି । ସିଡିଏମ୍‌ଓ ଅଶୋକ ଦାସ କହିଛନ୍ତି ଯେ, ଅଭିଯୋଗର ତଦନ୍ତ କରାଯିବ।

## ଅଷ୍ଟମ ବାର୍ଷିକ ମାଗେ ପରବ

ଚମ୍ପୁଆ,୧୦।୨(ଡି.ଏନ୍.ଏ.)

ଆଦିବାସୀମାନଙ୍କର ମହାନ ପରବ ଭାବେ ପରିଗଣିତ ମାଗେ ପରବ ଚମ୍ପୁଆ ଏନଏସିରେ ପାଞ୍ଚପୋଖରିଆ ମୁଣ୍ଡା ସାହିଠାରେ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ଏହି ପରବର ଉଦ୍‌ଯାପନୀ ଦିବସରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାବା ବିଶ୍ୱକର୍ମା ପୂଜା କମିଟି ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜୟ କୁମାର ମିଶ୍ର, ପ୍ରକାଶ କୁଣ୍ଟ, ସନ୍ତୋଷ ନାଏକ ଓ ଯନ୍ତ୍ରୀ ସୁଶୀଲ କୁମାର ମୁର୍ମୁ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଆଦିବାସୀମାନେ ଏହି ପରବରେ ଯୋଗ ଦେଇ ପାରମ୍ପରିକ ମାଦଳର ତାଳରେ ନାଚଗୀତ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନ୍ତିମ ତଥା ତୃତୀୟ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ଅକ୍ଷୟ କୁମାର ନାଏକ, ରାଜକିଶୋର ପାତ୍ର, କୁନା ପ୍ରଧାନ, ସନାତନ ମୁଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଏହି ପରବର ଖୁନ୍ଦ ଉଠା ପ୍ରତିଯୋଗିତା ବେଶ ରୋମାଞ୍ଚକର ଓ ଆନନ୍ଦମୟ ହୋଇଥିଲା।


ମାଗେ ପରବରେ ଆଦିବାସୀ ଯୁବତୀ ଯୁବକ ନୃତ୍ୟ କରୁଛନ୍ତି।

## ଆନନ୍ଦପୁର ଏକାଦଶ, ଖଡ଼ିକାଶୁଳବାହାଳି ବିଜୟୀ

ଘସିପୁରା ୧୦।୨ (ଡି.ଏନ.ଏ.)

ଘସିପୁରା ମା' ମଙ୍ଗଳା କ୍ରିକେଟ ଆନୁକୁଲ୍ୟରେ କୈଳାସ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ହିତାଂଶୁ ଶେଖର ସାମଲ, ବରିଷ୍ଠ ନାଗରିକ ମାଗୁଣି ବେହେରା, ବିଶିଷ୍ଟ କ୍ରୀଡ଼ାବିତ ଅନନ୍ତ ଚରଣ ମହାପାତ୍ର, ବୁଲୁ ପଟ୍ଟନାୟକ, ଖବରଦାତା ମଦନ ପାଣି ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ମଙ୍ଗଳପୁର ଏକାଦଶକୁ ଆନନ୍ଦପୁର ଏକାଦଶ ୭ ୱିକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ମଙ୍ଗଳପୁର ଏକାଦଶ ନିର୍ଦ୍ଧାରିତ ଓଭରରେ ୫୭ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଆନନ୍ଦପୁର ଏକାଦଶ ୩ ୱିକେଟ ହରାଇ ୬ରନ ସଂଗ୍ରହ କରି ବିଜୟୀ ହୋଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚରେ ଘସିପୁରା ଏକାଦଶକୁ ଖଡ଼ିକାଶୁଳବାହାଳି ୬୨ ୱିକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଘସିପୁରା ଏକାଦଶ ୭୪ରନ ସଂଗ୍ରହ କରିଥିବା ବେଳେ ଜବାବରେ ଖଡ଼ିକାଶୁଳବାହାଳି ୬ ୱିକେଟ ହରାଇ ଆବଶ୍ୟକ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଅମ୍ପାୟାର ଭାବେ ସୁନିଲ ସ୍ୱାଇଁ, ତପନ କୁମାର ସାହୁ ମ୍ୟାଚ ପରିଚାଳନା କରିଥିଲେ। କ୍ଲବ ପକ୍ଷରୁ ଆଶିଷ ବେହେରା, ସରୋଜ ସାହୁ, ଚିନ୍ମୟ ସାହୁ, ଅବିନାଶ ସାହୁ, ସିପୁନ ବେହେରା, ପଞ୍ଚାନନ ସାହୁ, ଶିବଶଙ୍କର ସାହୁ, ତୋଫାନ ସାହୁ, ସନ୍ଦନ ସାହୁ, ଲଳିତ ସାହୁ, ସିଦ୍ଧାନ୍ତ ସାହୁ, ଦିବ୍ୟଶ୍ରୀ ଓଝା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।


ଉଦଘାଟନୀ ଅବସରରେ ଅତିଥିଙ୍କ ସହ ଖେଳାଳି।

# ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

### ଯୋଡ଼ା ମହୋତ୍ସବର ତୃତୀୟ ସନ୍ଧ୍ୟା

ଯୋଡ଼ା,୧୦।୨(ଡି.ଏନ.ଏ.)

ଯୋଡ଼ା ସହରରେ ଆୟୋଜିତ ଯୋଡ଼ା ମହୋତ୍ସବ ସୋମବାର ତୃତୀୟ ଦିନରେ ପଦାର୍ପଣ କରିଛି। ଏହି ମହୋତ୍ସବରେ ମୁଖ୍ୟ ଆକର୍ଷଣ ଭାବେ ବେବି ସୋ, ସୁନ୍ଦରୀ ପ୍ରତିଯୋଗିତା, ମିସ୍ ଯୋଡ଼ା ପ୍ରତିଯୋଗିତା, ଯୋଡା ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଗ୍ରୁପ୍ ଡ୍ୟାନ୍ସ ଓ ସଙ୍ଗୀତ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ମିସ୍ ଯୋଡା ଭାବେ ୧୦ ବର୍ଷର ଏଲେ ଶତପଥୀ ବିଜୟୀ କ୍ରାଉନ୍ ପିନ୍ଧିଥିଲେ। ପୂର୍ବାହ୍ନ ୧୧ ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ସନ୍ଧ୍ୟା ୬ ଟା ବେଳେ ଏକ ବର୍ଣ୍ଣାଢ୍ୟ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ଚମ୍ପୁଆର ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ, ଯୋଡା ଟାଟାଷ୍ଟିଲ ମୁଖ୍ୟ ରାଜେଶ କୁମାର, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ ଓ ଖଣି ଲିଜ୍‌ଧାରୀ ତାରିଣୀ ପ୍ରସାଦ ମହାନ୍ତି ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ତିନିଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲେ ହେଁ ଶନିବାର ବର୍ଷା ଫଳରେ ଷ୍ଟଲଗୁଡ଼ିକର ବ୍ୟବସାୟ ମାନ୍ଦା ରହିଥିଲା। ମହୋତ୍ସବ କମିଟି ପକ୍ଷରୁ ମଙ୍ଗଳବାର ଷ୍ଟଲଗୁଡିକ ଖୋଲା ରହିବ ବୋଲି ସେମାନଙ୍କୁ ଅନୁରୋଧ କରାଯାଇଥିଲା। ପ୍ରବଳ ଶୀତ ସତ୍ତ୍ୱେ ହଜାର ହଜାର ଦର୍ଶକ ମହୋତ୍ସବକୁ ଉପଭୋଗ କରିଥିଲେ। ଟାଟାଷ୍ଟିଲ ପକ୍ଷରୁ କେନ୍ଦ୍ରୀୟ ପଡିଆକୁ ମହୋତ୍ସବ ଉପଲକ୍ଷେ ଅତି ଆକର୍ଷଣୀୟ ସାଜସଜ୍ଜା କରାଯାଇଥିଲା।


ଯୋଡା ମହୋତ୍ସବରେ ଯୋଗ ଦେଇଥିବା ଅତିଥି।

## ସଂକ୍ଷେପରେ

### ଅଡିଟରଙ୍କ ପରଲୋକ

ଢେଙ୍କାନାଳ ଅଫିସ, ୧୦।୨: କାମାକ୍ଷାନଗର ବ୍ଲକ ବୃନ୍ଦାବନପୁର ଗ୍ରାମର ଅନନ୍ତ ଚରଣ ନାୟକ (୫୫)ଙ୍କ ରବିବାର ପରଲୋକ ହୋଇଯାଇଛି। ହଠାତ୍ ତାଙ୍କର ବ୍ରେନ୍ ଷ୍ଟ୍ରୋକ୍ ହୋଇଥିଲା। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ସେ ଓଡ଼ିଶା ଲୋକସେବା ଭବନରେ ଅଡିଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ସୋମବାର ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ପରେ ବୁଢ଼ିବିଲି ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ସାମାଜିକ କର୍ମୀଙ୍କ ପରଲୋକ



ଢେଙ୍କାନାଳ ଅଫିସ, ୧୦।୨: ସ୍ଥାନୀୟ ଦକ୍ଷିଣକାଳୀ ଅଞ୍ଚଳରେ ରହୁଥିବା ସାମାଜିକ କର୍ମୀ ମାଧବୀଲତା ବେହେରାଙ୍କ ସୋମବାର ରାତି ୭ଟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ବର୍ଷ ହୋଇଥିଲା। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ମାଧବୀଲତା ହେଉଛନ୍ତି ରୋଟାରିଆନ ରାଜକିଶୋର ବେହେରାଙ୍କ ମା'। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଓଲଟିଲା ଅଟୋରିକ୍ସା ୧ ମୃତ: ୨ ଗୁରୁତର

ଚାନ୍ଦବାଲି, ୧୦।୨(ଡି.ଏନ.ଏ.): ଭଦ୍ରକ ଜିଲା ମତୋ-ନାନ୍ଦପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର କରାଣ୍ଡିମାଳ ଛକ ନିକଟରେ ସୋମବାର ରାତିରେ ଏକ ଯାତ୍ରୀବାହୀ ଅଟୋରିକ୍ସା ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ମାଧପୁର କଣ୍ଡିଆସାହି ଗ୍ରାମର ମହେଶ୍ୱର ଦାସ(୫୫) ଏବଂ ଗୁରୁତରଦ୍ୱୟ ଗୟାଧର ଦାସ(୫୦) ଓ ଅମର ଦାସ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଅଟୋରିକ୍ସାଟି ରାତି ୯ଟା ବେଳେ ପ୍ରାୟ ୧୦ଜଣ ଯାତ୍ରୀଙ୍କୁ ନେଇ ମତୋ ବଜାରରୁ ମାଧପୁର ଅଭିମୁଖେ ଫେରୁଥିଲା। ପାଣି ପାଇପ୍ ଲାଇନ ବିଛା ହେବାକୁ ରାସ୍ତାକଡ଼ରେ ଖୋଳାହୋଇ ଜମା ହୋଇଥିବା ମାଟି ଉପରକୁ ଗାଡ଼ି ମାଡ଼ି ଯାଇଥିଲା। ଫଳରେ ଗାଡ଼ି ରାସ୍ତାର ଡାହାଣପାର୍ଶ୍ୱକୁ ଖସିଯାଇ ଏକ ଗଛରେ ପିଟି ହୋଇଥିଲା। ଖବର ପାଇ ମତୋ ଫାଣ୍ଡି, ଚାନ୍ଦବାଲି ଥାନା ପୋଲିସ, ଆମ୍ବୁଲାନ୍ସ ଓ ଦମକଳ ବାହିନୀ ଦୁର୍ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଚାନ୍ଦବାଲି ଡାକ୍ତରଖାନାକୁ ପଠାଇଥିଲେ।

# ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳକୁ ସ୍ୱଚ୍ଛ ପାଣି





ବୈଠକରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ,୧୦।୨

- ୧୮ତମ ଜିଲା ଯୋଜନା କମିଟି ବୈଠକ
- ଆର୍ଥିକ ବର୍ଷ ପାଇଁ ୧୩୦୯.୪୩ କୋଟି ଅନୁମୋଦିତ
- ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଢେଙ୍କାନାଳ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ସୋମବାର ଅପରାହ୍ନ ୫ଟାରେ ୧୮ତମ ଜିଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପ୍ଲାନିଂ କମିଟି ଅଧ୍ୟକ୍ଷ ତଥା ଶକ୍ତି ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଲାର ସାମଗ୍ରିକ ବିକାଶ ନିମନ୍ତେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧୩୦୯ କୋଟି ୪୩ଲକ୍ଷ ୭୩ ହଜାର ଟଙ୍କା ଅନୁମୋଦିତ ହୋଇଛି। ୨୦୨୪ ସୁଦ୍ଧା ଜିଲାର ସମସ୍ତ ଗ୍ରାମାଞ୍ଚଳକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ହେବ ବୋଲି ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ପାନୀୟ ଜଳଯୋଗାଣ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ସେହିପରି ଅନୁଦାନ ଟଙ୍କାର ସଦ୍‌ବିନିଯୋଗ କରିବା ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ଦଳଗତ ଉଦ୍ୟମ କରି ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଏସି ଏବଂ ପୌରାଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟଜଳ ଯୋଗାଣ ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇନାହିଁ। ଏହାକୁ ନେଇ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲାର ୨ ବ୍ଲକରେ ଖୁବ୍‌ଶୀଘ୍ର ମେଗା ପାନୀୟଜଳ ପ୍ରକଳ୍ପ ଆରମ୍ଭ ହେବ। ୨-୩ ମାସରେ ଜିଲାର ୭୦% ଅଞ୍ଚଳକୁ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ମନ୍ତ୍ରୀ ଜେନା ଗୁରୁତ୍ୱାରୋପ କରିଥିଲେ।

ଅନୁମୋଦିତ ଟଙ୍କା ମଧ୍ୟରୁ କୃଷିଭିତ୍ତିକ କାର୍ଯ୍ୟକ୍ରମ ଲାଗି ୫୪ କୋଟି ୮୯ଲକ୍ଷ ୯୨ ହଜାର, ଗ୍ରାମ୍ୟ ବିକାଶ ପାଇଁ ୧୯୬ କୋଟି ୬୯ଲକ୍ଷ ୯୦ ହଜାର, ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୧୪କୋଟି ୮୮ଲକ୍ଷ ୬ହଜାର, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ନିମନ୍ତେ ୬୩କୋଟି ୩୯ଲକ୍ଷ ୪୫ହଜାର ଟଙ୍କା ବିନିଯୋଗ ହେବ। ବିଦ୍ୟୁତ୍ ଯୋଗାଣ ଓ ଉନ୍ନତୀକରଣ ପାଇଁ ୧୨୮ କୋଟି ୧୬ଲକ୍ଷ ୬୨ହଜାର, ଶିଳ୍ପବିକାଶ ଓ ଖଣି ନିମନ୍ତେ ୬କୋଟି ୨୦ଲକ୍ଷ ୬୪ ହଜାର, ରାସ୍ତା ଓ ପୋଲ ନିର୍ମାଣ ନିମନ୍ତେ ୨୫୩କୋଟି ୧୮ଲକ୍ଷ ୮ହଜାର, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଓ ପରିବେଶ ବିକାଶ ନିମନ୍ତେ ୧କୋଟି ୩୫ଲକ୍ଷ ୭୪ହଜାର ଟଙ୍କା ଖର୍ଚ୍ଚ ହେବ। ସେହିପରି ସାଧାରଣ ଅର୍ଥନୈତିକ ସେବା ଉଦ୍ଦେଶ୍ୟରେ ୧୪କୋଟି ୧୯ଲକ୍ଷ, ସାଧାରଣ ଶିକ୍ଷା ପାଇଁ ୧୫୮କୋଟି ୨୫ଲକ୍ଷ ୫୫ହଜାର ଟଙ୍କା, କ୍ରୀଡ଼ା ଓ ସଂସ୍କୃତି ପାଇଁ ୪୬ଲକ୍ଷ ୬୦ହଜାର, ପ୍ରାଥମିକ ସ୍ୱାସ୍ଥ୍ୟସେବା ନିମନ୍ତେ ୯୭କୋଟି ୫୬ଲକ୍ଷ ୩୨ହଜାର, ବାସଗୃହ ନିର୍ମାଣ ଲାଗି ୧୭୧କୋଟି ୩୬ଲକ୍ଷ ୬୦ହଜାର, ସହରାଞ୍ଚଳ ବିକାଶ ପାଇଁ ୮କୋଟି ୭୨ଲକ୍ଷ ୨ହଜାର, ଏସ୍‌ସିଏସ୍‌ଟି ଓ ପଛୁଆ ବର୍ଗଙ୍କ ବିକାଶ ପାଇଁ ୨କୋଟି ୮ଲକ୍ଷ, ସାମାଜିକ ସୁରକ୍ଷା ଓ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ପାଇଁ ୧୦୦କୋଟି ୭୦ଲକ୍ଷ ୨୭ହଜାର ଟଙ୍କା ବିନିଯୋଗ ପାଇଁ ଅନୁମୋଦିତ ହୋଇଛି।

ବୈଠକରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଳିକ, ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ଲାଗି ଯତ୍ନବାନ ହେବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏସ୍‌ପି ଅନୁପମା ଜେମ୍‌ସ, ପିଡି ଡିଆରଡିଏ ନରୋତ୍ତମ ବେହେରାଙ୍କ ସମେତ ଜିଲା ଯୋଜନା କମିଟିର ସଭ୍ୟାସଭ୍ୟ, ଉପଜିଲାପାଳ, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅଣଦେଖା ଅଭିଯୋଗ: ୧୨ ସଭ୍ୟ ଅନୁପସ୍ଥିତ

ଢେଙ୍କାନାଳ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ଜିଲା ଯୋଜନା କମିଟି ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ, ଉପାଧ୍ୟକ୍ଷ କୋଦଣ୍ଡଧର ସାହୁଙ୍କ ସମେତ ୧୨ ସଭ୍ୟାସଭ୍ୟ ଅନୁପସ୍ଥିତ ଥିଲେ। ମାତ୍ର ୩ଜଣ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ। ଜିଲାର ମୋଟ ୨୭ଜଣ ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୫ଜଣ ଜିଲା ଯୋଜନା କମିଟିରେ ସଭ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଅନ୍ୟତମ। କମିଟି ସଦସ୍ୟ ଏବଂ ଜିଲା ପରିଷଦ ସଭ୍ୟଙ୍କୁ ଅଣଦେଖା କରାଯିବା, ସେମାନଙ୍କ ପ୍ରସ୍ତାବକୁ ଗ୍ରହଣ ନ କରିବା, ବାରମ୍ବାର ବୈଠକ ତାରିଖ ପରିବର୍ତ୍ତନକୁ ନେଇ ସେମାନେ କ୍ଷୋଭବ୍ୟକ୍ତ କରିବା ସହ ବୈଠକରେ ସାମିଲ ହୋଇ ନ ଥିଲେ। ଉପାଧ୍ୟକ୍ଷ ଏବଂ ପରଜଙ୍ଗ ବ୍ଲକ ୩ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ରଞ୍ଜନ କୁମାର ପଣ୍ଡା କୁହନ୍ତି, ଯୋଜନା କମିଟିରେ ସଦସ୍ୟ ଥିବା ଜିଲା ପରିଷଦ ସଭ୍ୟଙ୍କୁ ଗୁରୁତ୍ୱ ଦିଆଯାଉନାହିଁ। ତେଣୁ ସେମାନେ ଆସି ନ ଥିବା କହିଛନ୍ତି।

ଏ ସଂକ୍ରାନ୍ତରେ କମିଟି ଅଧ୍ୟକ୍ଷ ତଥା ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର କୁହନ୍ତି, ଭଲ ବାତାବରଣ ମଧ୍ୟରେ ଜିଲାର ବିକାଶ ପାଇଁ ଆଲୋଚନା ହୋଇଛି। ଏଥିସହ ବ୍ୟୟବରାଦ ଅନୁମୋଦିତ ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ବାରମ୍ବାର ତାରିଖ ପରିବର୍ତ୍ତନ ଯୋଗୁ କେତେଜଣ ସଭ୍ୟ ଅସନ୍ତୁଷ୍ଟ ଥିଲେ। ଘଟଣା ସେହିଭଳି ଗୁରୁତର ନୁହେଁ ବୋଲି ଜିଲାପାଳ କହିଛନ୍ତି।

### ଚାଉଳ ଚୋରି ଅଭିଯୋଗରେ ଦମ୍ପତି ଗିରଫ

ଧାମନଗର, ୧୦।୨(ଡି.ଏନ.ଏ.)

ଚାଉଳ ଚୋରି ଅଭିଯୋଗରେ ଭଦ୍ରକ ଜିଲା ଧାମନଗରସ୍ଥିତ ଖାନ୍‌କା ପରିସରରେ ଥିବା ଗେଷ୍ଟହାଉସ୍‌ର ୧୪ନମ୍ବର ରୁମ୍‌ରେ ଗତ ୧୦ଦିନ ଧରି ରହିଆସୁଥିବା ଏକ ଦମ୍ପତିଙ୍କୁ ଝାରସୁଗୁଡ଼ା ରେଲୱେ ପୋଲିସ ସୋମବାର ଗିରଫ କରିଛି। ଉଭୟଙ୍କ ନାମରେ ଚାଉଳ ଚୋରି ଅଭିଯୋଗ ହୋଇଥିଲା। ମୋବାଇଲ ଟ୍ରାକିଂ କରି ରେଲୱେ ପୋଲିସ ସୋମବାର ଧାମନଗରରେ ପହଞ୍ଚିଥିଲା। ସ୍ଥାନୀୟ ପୋଲିସ ସହାୟତାରେ ଉକ୍ତ ଗେଷ୍ଟହାଉସରୁ ସେମାନଙ୍କୁ ଆର୍‌ପିଏଫ୍ କାବୁ କରିବାରେ ସକ୍ଷମ ହୋଇଛି। ଝାରସୁଗୁଡ଼ାରେ ମାମଲା ହୋଇଥିବାରୁ ଧାମନଗର ଥାନା ପକ୍ଷରୁ ଅଭିଯୁକ୍ତ ଦମ୍ପତିଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ଥାଉକି, ପୂର୍ବରୁ ପଶ୍ଚିମବଙ୍ଗର ଜଣେ ମହିଳା ନିଜ ସ୍ୱାମୀଙ୍କୁ ହତ୍ୟା କରି ଏଠାରେ ଆସି ଲୁଚି ରହିବା ସହିତ ଏକ ଚା' ଦୋକାନ କରିଥିଲେ। ତାଙ୍କୁ ପଶ୍ଚିମବଙ୍ଗ ପୋଲିସ ଆସି ଗିରଫ କରି ନେଇଥିଲା। ସେହିପରି କିଛିଦିନ ତଳେ ପାଣିକୋଇଲି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଧ୍ୟ ଖାନ୍‌କା ପରିସରରେ ଆଶ୍ରୟ ନେଉଥିବାବେଳେ ଗିରଫ କରିଥିଲା। ଏ ସମ୍ପର୍କରେ ଖାନ୍‌କା କର୍ତ୍ତୃପକ୍ଷଙ୍କୁ ଧାମନଗର ଥାନା ପକ୍ଷରୁ ତାଗିଦ୍ କରାଯାଇଛି। ଅଜ୍ଞାତ ଲୋକଙ୍କୁ ଆଶ୍ରୟ ଦେବା ପୂର୍ବରୁ ସେମାନଙ୍କ ପରିଚୟପତ୍ର ଯାଞ୍ଚ କଡ଼ାକଡ଼ି ଭାବେ କରିବାକୁ ପରାମର୍ଶ ଦିଆଯାଇଥିବା ପୋଲିସ କହିଛି।

## ତୁରନ୍ତ ସମସ୍ୟା ସମାଧାନ ନିର୍ଦ୍ଦେଶ





ଜିଲାପାଳ ଏକ ଅଭିଯୋଗର ଶୁଣାଣି କରୁଛନ୍ତି।

ପରଜଙ୍ଗ, ୧୦।୨(ଡି.ଏନ.ଏ.)

### ଜିଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ ୧୩୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରେ ଜାତୀୟ ରାଜପଥ ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ, ବିଭିନ୍ନ ଭତ୍ତା, ଜମିବାଡ଼ି ସମସ୍ୟା, ଚିକିତ୍ସା ସହାୟତା, ହାତୀ ଦ୍ୱାରା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ, ରାଶନ କାର୍ଡ, ଆବାସ ଯୋଜନାରେ ଗୃହ, ରାସ୍ତା ନିର୍ମାଣ, ଆଇନଗତ ସମସ୍ୟା ରହିଥିଲା। ଶିବିରରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କେତେକ ଅଭିଯୋଗର ତୁରନ୍ତ ଶୁଣାଣି କରିଥିଲେ। ତଦନ୍ତ କରି ଅନ୍ୟ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ୩ ଜଣଙ୍କୁ ଭତ୍ତା, ୩ଜଣଙ୍କୁ ଟ୍ରାଇ ସାଇକେଲ, ୩ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୭ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା।

ଏସ୍‌ପି ଅନୁପମା ଜେମ୍‌ସ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସମାଜ ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ବିଡିଓ ବସନ୍ତ କୁମାର ମଲ୍ଲିକ, ତହସିଲଦାର ଜୟନ୍ତ କୁମାର ଜୟସିଂ, ପିଜିସେଲ୍‌ର ସୀତାଂଶୁ ଶେଖର ଦାସ, ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ ସାହୁ, ବିଇଓ ହରିହର ଦେହୁରୀଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

### ସ୍ତ୍ରୀଙ୍କୁ ପିଟି ପିଟି ହତ୍ୟା

ସଜନାଗଡ଼,୧୦।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବରହମପୁର ଥାନା ଅଧୀନ ମାଟିଆଳି ପଞ୍ଚାୟତ ଗୋବିନ୍ଦପୁରା ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଛି।

ରବୀନ୍ଦ୍ର ସିଂ କୌଣସି କାମରେ ବାହାରକୁ ଯାଇଥିଲେ। ରାତି ସାଢ଼େ ୮ଟା ବେଳେ ସେ ଘରକୁ ନିଶାସକ୍ତ ଅବସ୍ଥାରେ ଫେରିଥିଲେ। କୌଣସି କାରଣରୁ ସ୍ତ୍ରୀ ସୋମବାରୀଙ୍କ ସହ ତାଙ୍କ ଝଗଡ଼ା ହୋଇଥିଲା। ପରେ ରବୀନ୍ଦ୍ର ଅତ୍ୟନ୍ତ ଅମାନୁଷିକ ଭାବେ ସୋମବାରୀଙ୍କୁ ପିଟି ଚାଲିଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୋମବାର ସକାଳେ ରବୀନ୍ଦ୍ରଙ୍କ ନିଶା ଛାଡ଼ିବା ପରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ଜାଣି ନିଜ ପରିବାର ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଉଦ୍ଧାର କରିବା ସହ ରବୀନ୍ଦ୍ରଙ୍କୁ ହେପାଜତକୁ ନେଇଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏ ନେଇ ବରହମ୍‌ପୁର ପୋଲିସ ଥାନାରେ ଏକ ମାମଲା (ନଂ.୯/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଡାଲିଜାତୀୟ ଫସଲ ଲାଭଜନକ





ଜଣେ ଚାଷୀଙ୍କୁ କିଟ୍ ପ୍ରଦାନ କରାଯାଉଛି।

ଢେଙ୍କାନାଳ ଅଫିସ, ୧୦।୨

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ସୋମବାର ବିଶ୍ୱ ଡାଲି ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଡାଲିଜାତୀୟ ଚାଷର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁନିତା ସାହୁ, ସମିତି ସଭ୍ୟ ଅନସୂୟା ସାହୁ, ସହକାରୀ କୃଷି ଅଧିକାରୀ ଶୁଭଶ୍ରୀ ମହାନ୍ତି, ଦିଲୀପ କୁମାର ନାୟକ, ମାନସୀ ଦାସ, ସଏଲ କେମିଷ୍ଟ ଶରତ ପରିଡ଼ା, ଭଗିନୀ ନବନିତା, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ଦାସ, ସୁଗାରକେନ୍ ଅଧିକାରୀ ଚିନ୍ମୟ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଡାଲିଜାତୀୟ ଫସଲ ଲାଭଜନକ। ଏହା ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଆଲୋଚନା କାର୍ଯ୍ୟକ୍ରମରେ ବହୁ ଚାଷୀ ଉପସ୍ଥିତ ଥିଲେ।

## 'ଶିକ୍ଷାନୁଷ୍ଠାନକୁ ଭଲ ପାଇଲେ ପରିବର୍ତ୍ତନ ଆସିବ'





କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୧୦।୨

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ କହିଲେ, ଶିକ୍ଷାନୁଷ୍ଠାନକୁ ଭଲ ପାଇଲେ ପରିବର୍ତ୍ତନ ଆସିବ। କଠିନ ଅଧ୍ୟାବସାୟ, ନିଷ୍ଠା, ଧୈର୍ଯ୍ୟ ରହିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିହେବ ବୋଲି ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ କହିଲେ, ଶିକ୍ଷାବିନା ଭଲ ମଣିଷ ହେବା ଅସମ୍ଭବ। ଶିକ୍ଷା କ୍ଷେତ୍ରରେ ଆଗରୁ ରାଜ୍ୟ ଅଧିକ ସମୃଦ୍ଧ। ମୋବାଇଲକୁ ଛାଡ଼ି ବହିକୁ ବନ୍ଧୁ କଲେ ଜୀବନରେ ଉନ୍ନତି ହେବ ବୋଲି ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ କହିଲେ, ଶିକ୍ଷାନୁଷ୍ଠାନ ତିଷ୍ଠିଲେ ଉତ୍ତମ ଶିକ୍ଷା ମିଳିବ। ଶିକ୍ଷା ଦ୍ୱାରା ଛାତ୍ରୀଛାତ୍ର ସଂସ୍କାର ପାଇବେ। ସଂସ୍କାରରୁ ସଂସ୍କୃତି ମଜଭୁତ ହେବ। ନିଷ୍ଠାବାନ ହୋଇ ନିଜ ଗୋଡ଼ରେ ଛିଡ଼ାହୋଇ ସମାଜରେ ଭଲ ବାତାବରଣ ସୃଷ୍ଟି କରିବା ଉପରେ ବିଧାୟକ ଗୁରୁତ୍ୱ ଦେଇଥିଲେ। କଲେଜ ପରିଚାଳନା କମିଟିର ସଭାପତି ଗଙ୍ଗାଧର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଘରୋଇ କଲେଜ ଅଧ୍ୟାପକ କର୍ମଚାରୀ ସଂଘ ସଭାପତି ଗୋଲକ ବିହାରୀ ନାୟକ ଅଧ୍ୟାପିକାଅଧ୍ୟାପକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ପଙ୍କଜ ଲୋଚନ ସାହୁ, ପ୍ରତିଷ୍ଠାତା ସଭ୍ୟ ଡ. ନୀଳମଣି ଧଳ, ଅଧ୍ୟକ୍ଷ ସୁଦର୍ଶନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କଲେଜ ପ୍ରତିଷ୍ଠାରେ ପ୍ରମୁଖ ଅବଦାନ ରହିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଚାମ୍ପିୟନ ଲିପ୍‌ସା ସାଗରିକା, ପ୍ରିୟରଞ୍ଜନ ସାମଲଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ବିଜୟ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଆବାସ ପାଇଁ ଧାରଣା

ପରଜଙ୍ଗ, ୧୦।୨(ଡି.ଏନ.ଏ.)





ଅଙ୍ଗଦ, ସ୍ତ୍ରୀ ଏବଂ ଦୁଇପିଲାଙ୍କ ସହ ଧାରଣା ଦେଉଛନ୍ତି।

- ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ
- ତହସିଲ ପ୍ରଶାସନ ପକ୍ଷରୁ ମିଳିଲା ପଲିଥିନ
- ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଉଠିଲେ

ଆବାସ ଯୋଜନା କେଳେଙ୍କାରୀକୁ ନେଇ ଚର୍ଚ୍ଚାରେ ରହିଛି ଢେଙ୍କାନାଳ ଜିଲାର ପରଜଙ୍ଗ ବ୍ଲକ। ସରକାରୀ ଅଧିକାରୀଙ୍କୁ ହାତ କରି ସ୍ୱଚ୍ଛଳ ପରିବାର ହାତେଇ ନେଇଛନ୍ତି ଗୃହ ନିର୍ମାଣ କାର୍ଯ୍ୟାଦେଶ। ବ୍ଲକର ଅନେକ ପଞ୍ଚାୟତରେ ଏପରି ଅଭିଯୋଗ ପ୍ରଶାସନକୁ ଅଡ଼ୁଆରେ ପକାଇଛି। ଏହାକୁ ନେଇ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଛି। ହେଲେ ଏମିତି କିଛି ପରିବାର ଅଛନ୍ତି, ଯେଉଁମାନଙ୍କ ପାଖରେ ମୁଣ୍ଡ ଗୁଞ୍ଜିବା ଲାଗି ବଖରାଏ ଘର ନାହିଁ। ସେମାନେ ପରିବାର ସହ ଦୁଃଖକଷ୍ଟରେ ଦିନ କାଟୁଛନ୍ତି। ଯୋଗ୍ୟତା ଥାଇ ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ଏପରି ଜଣେ ବ୍ୟକ୍ତି ହେଲେ କନ୍ତରୁ ପଞ୍ଚାୟତର ଅଙ୍ଗଦ ବେହେରା। ଏହାର ପ୍ରତିବାଦରେ ସେ ନିଜର ଦୃଷ୍ଟିବାଧିତ ସ୍ତ୍ରୀ ଅମୃତି ଏବଂ ଦୁଇ ଝିଅପୁଅଙ୍କୁ ନେଇ ସୋମବାର ଜନଶୁଣାଣି ଶିବିର ଚାଲିଥିବାବେଳେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ଅଙ୍ଗଦଙ୍କ ଏପରି ପ୍ରତିବାଦ ପରେ ତହସିଲ ପ୍ରଶାସନ ପକ୍ଷରୁ ତାଙ୍କୁ ତୁରନ୍ତ ପଲିଥିନ ଯୋଗାଇ ଦିଆଯାଇଛି। ଏଥିସହ ଖୁବ୍‌ଶୀଘ୍ର ତାଙ୍କୁ ଆବାସ ଯୋଜନାରେ ତାଲିକାଭୁକ୍ତ କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଅଙ୍ଗଦଙ୍କ କହିବା କଥା, ସେ ରହୁଥିବା ଘର ଭାଙ୍ଗିରୁଜି ଯାଇଛି। ମରାମତି କରିବାକୁ ସମ୍ବଳ ନାହିଁ। ଖରା, ବର୍ଷା, ଶୀତରେ ସ୍ତ୍ରୀ ଏବଂ ଦୁଇ ପିଲାଙ୍କୁ ନେଇ ସେ ବଡ଼ କଷ୍ଟରେ ରହୁଛନ୍ତି। ଗୁହାରି କରିବା ସତ୍ତ୍ୱେ ତାଙ୍କ ପ୍ରତି କେହି ସଦୟ ହେଉନାହାନ୍ତି। ଏହାର ପ୍ରତିବାଦରେ ସେ ପରିବାର ସହ ଧାରଣା ଦେଇଥିବା କହିଛନ୍ତି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ତାହସିଲଦାର ଜୟନ୍ତ କୁମାର ଜୟସିଂ ଅଙ୍ଗଦଙ୍କୁ ପଲିଥିନ ଯୋଗାଇ ଦେଇଛନ୍ତି। ଖୁବ୍‌ଶୀଘ୍ର ଅଙ୍ଗଦଙ୍କ ପରିବାରକୁ ଆବାସ ଯୋଜନାରେ ସାମିଲ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ସଂକ୍ଷେପରେ

### ଟ୍ରାକ୍ଟର ଚଢ଼ାଇ ଦେଇଥିଲେ ଅଭିଯୁକ୍ତ

**କାଳିଦାସ ପ୍ରଧାନ ମୃତ୍ୟୁ ଘଟଣା**

- ୩ ଅଭିଯୁକ୍ତ ଗିରଫ
- ପ୍ରେମ ସମ୍ପର୍କରୁ ହତ୍ୟା ସନ୍ଦେହ

**ପାରଳାଖେମୁଣ୍ଡି,୧୦।୨(ସ୍ୱ.ପ୍ର.):** ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧୀନ ଯାଜପୁର ଗ୍ରାମର ଦୁର୍ଘଟଣାଜନିତ ମୃତ୍ୟୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ। ତାଙ୍କୁ ଟ୍ରାକ୍ଟର ଚଢ଼ାଉ ହତ୍ୟା କରାଯାଇଥିବାବେଳେ ପ୍ରେମ ସମ୍ପର୍କରୁ ଏହି କାଣ୍ଡ ଘଟିଥିବା ଜଣାପଡ଼ିଛି। ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ଏ ନେଇ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗଜପତି ଏସ୍‌ପି ସାରା ଶର୍ମା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ଜାନୁୟାରୀ ୮ ସନ୍ଧ୍ୟାରେ କାଳିଦାସ ଘରୁ କେଉଁଆଡ଼େ ଯାଇଥିଲେ। ପରେ ତାଙ୍କ ମୃତଦେହ ଯାଜପୁର ଗ୍ରାମ ନିକଟ ପୋଖରୀ ପାଖରୁ ମିଳିଥିଲା। ପ୍ରାଥମିକ ତଦନ୍ତ ପରେ ଏହା ଦୁର୍ଘଟଣା ବୋଲି କୁହାଯାଇଥିଲା। ତେବେ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ବାରମ୍ବାର ଅଭିଯୋଗ ଆଣିବା ସହ ଅଧିକ ତଦନ୍ତ ପାଇଁ ପୋଲିସ ଉଚ୍ଚ ଅଧିକାରୀଙ୍କୁ ନିବେଦନ କରିଥିଲେ। ଏହି କ୍ରମରେ ମୁଖ୍ୟ ଅଭିଯୁକ୍ତ ଭାସ୍କର ବିଶ୍ୱାଳ (୪୨), ଛବିଳ ସ୍ୱାଇଁ (୩୫) ଏବଂ ପ୍ରଭାକର ପ୍ରଧାନ (୩୪)ଙ୍କୁ ଗିରଫ କରାଯାଇଥିଲା। ଭାସ୍କରଙ୍କୁ ପୋଲିସ ସୀମାନ୍ତ ଆନ୍ଧ୍ରପ୍ରଦେଶର ପଲାସାରୁ ଗିରଫ କରିଥିବାବେଳେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଯାଜପୁର ଗ୍ରାମରୁ ଗିରଫ କରିଥିବା ଜଣାପଡ଼ିଛି। ହତ୍ୟାକାଣ୍ଡ ଘଟଣା ଅଭିଯୁକ୍ତମାନେ ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି। ଘଟଣା ଦିନ ଅଭିଯୁକ୍ତମାନେ କାଳିଦାସଙ୍କୁ ଫୋନ୍ କରି ଫରେଷ୍ଟ ଗେଟ୍ ଛକକୁ ଡାକିଥିଲେ। ସେଠାରେ ସମସ୍ତେ ମିଶି ମଦ୍ୟପାନ କରିଥିଲେ। ପରେ ମୁଖ୍ୟ ଅଭିଯୁକ୍ତ ଭାସ୍କରଙ୍କ ଟ୍ରାକ୍ଟର (ଓଡି୨୦ଏ ୪୭୫୪) ଚଢ଼ାଇ କାଳିଦାସଙ୍କୁ ହତ୍ୟା କରାଯିବା ପରେ ଘଟଣାକୁ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରାଯାଇଥିଲା। ହତ୍ୟାରେ ବ୍ୟବହୃତ ଟ୍ରାକ୍ଟରକୁ ମଧ ପୋଲିସ ଜବତ କରିଛି। ଖବରଦାତା ସମ୍ମିଳନୀରେ ଏସ୍‌ପି ସାରା ଶର୍ମା, ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଉପସ୍ଥିତ ଥିଲେ।

# ଅନିଶ୍ଚିତତାରେ ଗୁଣପୁର-ଥେରୁବାଲି ରେଳପଥ

**ଚଳିତ ବଜେଟ୍‌ରେ ସମ୍ପ୍ରସାରଣ ପାଇଁ ମାତ୍ର ୧ ଲକ୍ଷ ଅନୁଦାନ**

**ଗୁଣପୁର,୧୦।୨(ଡି.ଏନ୍.ଏ.)**

ବହୁ ଦାବି ଯୋଗୁ ରାୟଗଡ଼ା ଜିଲାର ଗୁଣପୁର-ନୌପଡ଼ା ରେଳପଥ ବ୍ରଡ୍‌ଗେଜ ହେବା ପରେ ୨୦୧୧ରେ ପ୍ରଥମଥର କରି ଗୁଣପୁରରୁ ପୁରୀକୁ ରେଳ ଗଡ଼ିଥିଲା। ଏଯାବତ୍ ଏହି ରେଳପଥରେ ୪ ଯୋଡ଼ା ଟ୍ରେନ୍ ଚଳାଚଳ କରୁଥିଲେ ମଧ୍ୟ ଆଉ ସେପରି କିଛି ଆଖିଦୃଶିଆ ବିକାଶ ହୋଇପାରି ନାହିଁ। ଏପରି ଅବହେଳିତ ଅବସ୍ଥାରେ ଥିବା ଏହି ରେଳପଥରେ ଗୁଣପୁରରୁ ରାୟଗଡ଼ା ଜିଲା ଥେରୁବାଲିକୁ ସଂଯୋଗ କରିବା ପାଇଁ ୪୭ ବର୍ଷ ହେବ ଦାବି ହୋଇଆସୁଥିଲା। ୨୦୧୭-୧୮ ବଜେଟରେ ଗୁଣପୁର-ଥେରୁବାଲି ନୂତନ ରେଳପଥ ନିର୍ମାଣ ସହ ଗୁଣପୁର-ନୌପଡ଼ା ରେଳପଥର ଭିତ୍ତିଭୂମି ବିକାଶ ପାଇଁ ଘୋଷଣା ହୋଇଥିଲା। ଗୁଣପୁର-ଥେରୁବାଲି ରେଳପଥ ପାଇଁ ୯୩୫.୭୨ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଥିଲା। ଏହା ପୂର୍ବରୁ ୨୦୦୬ ଅଗଷ୍ଟରେ ସର୍ଭେ ହୋଇ ୨୩୨.୩୭ କୋଟି ଟଙ୍କା ବ୍ୟୟବରାଦ ଥିବାବେଳେ ୧୧ ବର୍ଷ ନାଲିଫିତା ତଳେ ରହିବା ଯୋଗୁ ଏହାର ଅଟକଳ ବୃଦ୍ଧି ପାଇ ଚାଲିଛି। ଏହି ରେଳପଥ ପାଇଁ ପ୍ରଥମ ପର୍ଯ୍ୟାୟରେ ୧କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଗତ ବଜେଟରେ ୧୦ ଲକ୍ଷ ଓ ଚଳିତ ବଜେଟରେ ୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ପ୍ରକଳ୍ପ ୨୦୨୩ ସୁଦ୍ଧା ସରିବା ଲକ୍ଷ୍ୟ ଥିଲା। ଗୁଣପୁର- ଥେରୁବାଲି ରେଳପଥ କୁଜେନ୍ଦ୍ରୀ, ପେଣକାମ, ଦେଉଳା, ରାମନାଗୁଡା ଏବଂ ବାଙ୍କିଲି ଦେଇ ଯିବ। ଏଥିମଧ୍ୟରେ ୮ ବୃହତ ବ୍ରିଜ,୧୧୩ ଛୋଟ ବ୍ରିଜ,ଗୋଟିଏ ଓଭରବ୍ରିଜ,୩ ରୋଡ ତଳ ବ୍ରିଜ ଏବଂ ୫୬ ଲେଭଲକ୍ରସିଂ ରହିବ। ଏଥିଲାଗି ୫୫୯ ହେକ୍ଟର ଜମି ଆବଶ୍ୟକ। ଗୁଣପୁର-ଥେରୁବାଲି ରେଳପଥ ଦ୍ୱାରା ଦାମନଯୋଡିରୁ ଅନୁଗୋଳ ମଧ୍ୟରେ ଆଲୁମିନା ପରିବହନରେ ସୁବିଧା ହେବାସହ ୧୫୦ କିମି ଦୂରତା କମିବ। ରାଜ୍ୟ ସରକାର ଏହି ରେଳପଥ ନେଇ କୌଣସି ତତ୍ପରତା ପ୍ରକାଶ କରୁ ନ ଥିବାବେଳେ ଏହାର ଭବିଷ୍ୟତ ଏବେ ଅନିଶ୍ଚିତତା ଭିତରେ ରହିଛି। କିନ୍ତୁ ବର୍ତ୍ତମାନ ପଦ୍ମପୁର ଦେଇ ଏହି ରେଳପଥକୁ ନେବା ପାଇଁ ଦାବି ଉଠିଛି। କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ୨୦୧୯ ଜୁଲାଇ ୨ରେ ସଂସଦରେ ଏହି ପ୍ରସଙ୍ଗ ଉଠାଇଥିଲେ। ରାଜ୍ୟ ସରକାର ମାଗଣା ଜମି ଯୋଗାଇବା ସହ ୫୦ ପ୍ରତିଶତ ଅର୍ଥ ଯୋଗାଇଲେ ଗୁଣପୁର-ଥେରୁବାଲି ରେଳପଥ କାର୍ଯ୍ୟ ଆଗେଇପାରିବ ବୋଲି ଜବାବରେ କହିଥିଲେ ରେଳମନ୍ତ୍ରୀ।

# ଗର୍ଭବତୀଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନେଲେ ବିଧାୟକ



ଖଟିଆକୁ ବିଧାୟକ କାନ୍ଧରେ ବୋହି ନେଉଛନ୍ତି।

**ପାପଡାହାଣ୍ଡି/ମଇଦଲପୁର, ୧୦।୨(ଡି.ଏନ.ଏ.)**

ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ଗର୍ଭବତୀଙ୍କୁ ଖଟିଆରେ ୫ କି.ମି ବୋହି ଡାକ୍ତରଖାନାରେ ପହଞ୍ଚାଇ ପୁଣି ମାନବିକତା ଦେଖାଇଛନ୍ତି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ କୁସୁମଖୁଣ୍ଟି ଗ୍ରାମର ଜେମା ବେହେରାଙ୍କ ସୋମବାର ସକାଳେ ପ୍ରସବ ଯନ୍ତ୍ରଣା ହୋଇଥିଲା। ଗାଁ କୁ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସି ପାରୁ ନାହିଁ। ସେଥିପାଇଁ ପରିବାର ଲୋକେ ଖଟିଆରେ ବୋହି ମଇଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବାକୁ ଯୋଜନା କରିଥିଲେ। ଜଣେ ଗର୍ଭବତୀ ପ୍ରସବ ଯନ୍ତ୍ରଣାରେ ଛଟପଟ ହୋଇ ଡାକ୍ତରଖାନା ଆସିପାରୁ ନ ଥିବା ବିଧାୟକ ଖବର ପାଇଥିଲେ। ବିଧାୟକ ଗ୍ରାମରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। କାଳ ବିଳମ୍ବ ନ କରି ପ୍ରସୂତିଙ୍କୁ ଖଟିଆରେ ବିଧାୟକ ଓ ପରିବାର ଲୋକ ଦୀର୍ଘ ୫ କିମି ଜଙ୍ଗଲ ଓ ପଥୁରିଆ ରାସ୍ତାରେ ବୋହିକି ଆଣିଥିଲେ। ମଇଦଲପୁର ପହଞ୍ଚିବା ପରେ ବିଧାୟକ ନିଜ ଗାଡ଼ିରେ ଗର୍ଭବତୀଙ୍କୁ ବସାଇ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଦୀର୍ଘ ଦିନ ହେଲା ଗାଁକୁ ଭଲ ରାସ୍ତା ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ଶୀଘ୍ର ଭଲ ରାସ୍ତା କରାଇବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଜନହିତକର କାର୍ଯ୍ୟ ପାଇଁ ସମସ୍ତେ ଆଗେଇ ଆସିବା ଲାଗି ବିଧାୟକ କହିଛନ୍ତି। ବିଧାୟକଙ୍କ ଏପରି କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ ଯେ, ସବୁବେଳେ ଜନହିତକର କାର୍ଯ୍ୟ କରି ଚର୍ଚ୍ଚାରେ ରହିଥାନ୍ତି ବିଧାୟକ ମନୋହର ରନ୍ଧାରୀ। ପାପଡାହାଣ୍ଡି ବ୍ଲକର କେନ୍ଦୁଗୁଡା ଗ୍ରାମର ଜଣେ ଅସହାୟ ବ୍ୟକ୍ତି ମୃତ୍ୟୁବରଣ କରିବା ଖବର ଶୁଣିବା ପରେ ବିଧାୟକ ଗ୍ରାମରେ ପହଞ୍ଚି କାନ୍ଧ ଦେଇ ମୃତଦେହକୁ ଶ୍ମଶାନ ନେଇଥିଲେ। ସେହିପରି ଗାଁ କୁ ଭଲ ରାସ୍ତା ନଥିବାରୁ ନିଜେ କୋଦଳା ଧରି ରାସ୍ତା ଖୋଳିଥିଲେ।

# ମଙ୍ଗଳାଯୋଡ଼ି, ରାଜହଂସ, ବଡ଼କୁଲକୁ ନୂଆ ଇକୋ-ଟୁର୍ ପ୍ୟାକେଜ୍

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

ରାଜ୍ୟରେ ଇକୋ ଟୁରିଜମ୍ ବା ପରିବେଶ ପର୍ଯ୍ୟଟନର ବିକାଶକୁ ଦୃଷ୍ଟିରେ ରଖି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଭିତରକନିକା ଏବଂ ସାତକୋଶିଆକୁ ୨ଟି ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍ ଆରମ୍ଭ କରାଯାଇଥିଲା। ଏହାର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଆହୁରି କିଛି ସ୍ଥାନକୁ ଟୁର୍ ପ୍ୟାକେଜ୍‌ର ବ୍ୟବସ୍ଥା କରାଯାଇଛି। ସପ୍ତାହ ଆରମ୍ଭରୁ ଏହି ପ୍ୟାକେଜ୍‌ର ସମ୍ପୂର୍ଣ୍ଣ ବୁକିଂ ଶେଷ ହୋଇଯାଉଥିବାରୁ ସୋମବାର ଆଉ ୩ଟି ଇକୋ-ଟୁରିଜମ୍ ଦିନିକିଆ ପ୍ୟାକେଜ୍ ଟୁର୍ ଘୋଷଣା କରାଯାଇଛି। ଏହାମଧରେ ମଙ୍ଗଳାଯୋଡ଼ି ପକ୍ଷୀବଣ, ଚିଲିକା ରାଜହଂସ ଟାପୁ ଏବଂ ବଡ଼କୁଲ କାଳିଜାଇ ନଳବଣ ପ୍ୟାକେଜ୍ ରହିଛି। ପୂର୍ବ ନିର୍ଦ୍ଧାରିତ ଦାମ୍ ଅନୁଯାୟୀ ଜଣକ ପିଛା ଭିତରକନିକାକୁ ସର୍ବାଧିକ ୧୭୦୦ ଟଙ୍କା ଓ ସାତକୋଶିଆକୁ ୧୪୯୦ ଟଙ୍କା ରହିଛି। ନୂତନ ପ୍ୟାକେଜ୍ ଅନୁଯାୟୀ ଚିଲିକା ମଙ୍ଗଳାଯୋଡ଼ିକୁ ୧୨୭୦, ଚିଲିକା ରାଜହଂସ ଟାପୁକୁ ୧୪୯୦ ଏବଂ ବଡ଼କୁଲକୁ ୧୪୧୦ ଟଙ୍କା ରହିଛି। ଭୁବନେଶ୍ୱର ପାନ୍ଥନିବାସରୁ ସ୍ୱତନ୍ତ୍ର ବସ୍ ଯାତ୍ରୀଙ୍କୁ ନେଇ ଗନ୍ତବ୍ୟସ୍ଥଳକୁ ଯିବ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ରହିଥିବା ଏହି ପ୍ୟାକେଜ୍‌ରେ ପର୍ଯ୍ୟଟକଙ୍କ ପାଇଁ ମଧ୍ୟାହ୍ନଭୋଜନ, ପ୍ରବେଶ ଶୁଳ୍କ, ନୌକା ବିହାର, ଶୀତତାପ ନିୟନ୍ତ୍ରିତ ବସ୍ ଏବଂ ଜଙ୍ଗଲ ଗାଇଡ୍‌ର ବ୍ୟବସ୍ଥା ରହିଛି। ପ୍ରତ୍ୟେକ ଶନିବାର ଏବଂ ରବିବାର ପର୍ଯ୍ୟଟକ ଏହି ପ୍ୟାକେଜ୍‌ର ମଜା ଉଠାଇପାରିବେ ବୋଲି ଓଟିଡିସି ପକ୍ଷରୁ କୁହାଯାଇଛି। ଏଥିପାଇଁ ପର୍ଯ୍ୟଟକ ପାନ୍ଥନିବାସ ୱେବ୍‌ସାଇଟ୍ www.panthani-vas.com ଯାଇ ବୁକିଂ କରିପାରିବେ।

# 'ମୋ ପରିବାର' ପାଇଁ ନୋଏଡାରୁ ଫେରିପାରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

'ଓଡ଼ିଶା-ମୋ ପରିବାର' ଅଭିଯାନ ପକ୍ଷରୁ ପୁଣି ଏକ ସଫଳତା ଯୋଡ଼ି ହୋଇଛି। ଜାପାନର ଟୋକିଓ ସହରଠାରେ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିବା ଦୁଇ ଓଡ଼ିଆ ଯୁବକଙ୍କ ମରଶରୀରକୁ ଓଡିଶା ଫେରାଇ ଅଣାଯାଇଥିବା ବେଳେ ସୋମବାର ନୋଏଡାରୁ ଜଣେ ଶ୍ରମିକଙ୍କ ମୃତଦେହ ତାଙ୍କର ଜନ୍ମମାଟିକୁ ଅଣାଯାଇଛି। ଗଜପତି ଜିଲା ଘୋରଣୀ ଅନ୍ତର୍ଗତ ଲାଲୁସାହିର ଅଭିମନ୍ୟୁ ଦୋରା(୨୫) ନାମକ ଜଣେ ଯୁବକ ସୁଦୂର ନୋଏଡ଼ାର ଏକ ସଂସ୍ଥାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ଶ୍ରମିକଙ୍କ ମୃତ୍ୟୁ ଖବର ପାଇବା ପରେ ତାଙ୍କ ଗରିବ ପରିବାରବର୍ଗ ଦୁଃଖରେ ଭାଙ୍ଗିପଡ଼ି ଅସହାୟ ହୋଇଯାଇଥିଲେ। ସେଠାରୁ ଗାଁକୁ ଶବ ଆଣିବା ସେମାନଙ୍କ ପକ୍ଷେ ସମ୍ଭବ ନ ଥିଲା। ଉକ୍ତ ବିଷୟ 'ଓଡ଼ିଶା-ମୋ ପରିବାର' ନଜରକୁ ଆସିବା ପରେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ନିର୍ଦ୍ଦେଶ ଦେବା ପରେ ତତ୍ପରତା ପ୍ରକାଶ ପାଇଥିଲା। ତୁରନ୍ତ ନୋଏଡା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଶବ ଫେରାଇ ଆଣିବାର ବନ୍ଦୋବସ୍ତ କରାଯାଇଥିଲା।

# ରେଳଷ୍ଟେଶନରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

**ଲାଠୋର,୧୦।୨(ଡି.ଏନ.ଏ.):**

ବଲାଙ୍ଗୀର ଜିଲା ଲାଠୋରସ୍ଥିତ ହରିଶଙ୍କର ରୋଡ ରେଳଷ୍ଟେଶନରୁ ସୋମବାର ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ବୟସ ପ୍ରାୟ ୩୫ ହେବ। ରବିବାର ସନ୍ଧ୍ୟାରେ ସମ୍ପୃକ୍ତ ମହିଳା ଷ୍ଟେଶନ ନିକଟ ପିପଲବାହାଲ ଗ୍ରାମରେ ବୁଲାବୁଲି କରୁଥିଲେ। ତେବେ ତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ସୋମବାର ସକାଳେ କିପରି ଷ୍ଟେଶନ ପରିସରରେ ପଡିଲା ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବଳାତ୍କାର ପରେ ତାଙ୍କୁ ହତ୍ୟା କରି ସେଠାରେ ପୋଡ଼ି ଦିଆଯାଇଥିବା ଚର୍ଚ୍ଚା ହେଉଛି। ଏନେଇ କଣ୍ଟାବାଞ୍ଜି ଜିଆରପି ଏଏସଆଇ ଉମେଶ କୁମାର ଅହିରଙ୍କୁ ପଚାରିବାରୁ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୮/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତଦନ୍ତ ଚାଲିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ସୋମବାର ସକାଳେ ଜଣେ ମହିଳାଙ୍କ ଦରପୋଡା ମୃତଦେହ ଷ୍ଟେଶନ ପରିସରରେ ଥିବା ଏକ ଆମ୍ବଗଛ ତଳେ ପଡିଥିବା ରେଳ କର୍ମଚାରୀ କଣ୍ଟାବାଞ୍ଜି ଜିଆରପିକୁ ଖବର ଦେଇଥିଲେ। ଖବର ପାଇ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE**

The Database for the post of Counsellor & Data Manager for ART Centre, Balasore has been uploaded in the official website **www.baleswar.nic.in**. The candidates who have applied for that post are hereby requested to submit their objection (if any) to the Nodal Officer, ART Centre, DHH, Balasore, Pin-756001 on or before 21.02.2020 by Speed post/Regd. post only. No further documents will be received by during this period. The office will not be held responsible for any postal delay.

**Sd./-**
**Chief District Medical & Public Health Officer, Balasore**

**GOVERNMENT OF ODISHA** No. A-660:-
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, JHARSUGUDA**
E-mail:- eemijharsuguda@gmail.com
No.141/Date: 03.02.2020

**e-PROCUREMENT NOTICE**
BID REF. No: EE, MID, JSD/12/2019-20

| | |
|---|---|
| Name of work | : Civil Construction Works |
| No. of works | : 01 (One) No. |
| Estimated cost | : Varies from Approximately Rs.7.40 lakh for 01 No. of works |
| Tender paper cost | : Referred to DTCN. |
| Period of completion | : Referred to DTCN. |
| Availability of bid documents | : From 14.02.2020 10.00 AM to 24.02.2020 upto 05.30 PM in website (www.tendersorissa.gov.in) |
| Period of receipt of bid through online | : From 14.02.2020 10.00 AM to 24.02.2020 up to 05.30 PM through online. |
| Date of opening of bid documents | : On dt. 25.02.2020 at 11.00 AM onwards. |
| Digital Signature Certificate of Bidder | : The bidder must possess compatible Digital Signature Certificate (DSC) of Class-II or Class-III. |

**The Detail Tender Call Notice can also be seen in the DOWR website- http://dowrorissa.gov.in**

| | |
|---|---|
| Name & Address of the OIT | : Executive Engineer, M.I. Division, Jharsuguda, At-Jharsuguda, Near Pahadi Mandir, PO-Kalimandir Road, District Jharsuguda, PIN-768002 |
| Further details can be seen from the e-Procurement market place | : http://tendersorissa.gov.in |

***Executive Engineer, M.I. Division, Jharsuguda***
OIPR-32291/11/0011/1920

**OFFICE OF THE DIVISIONAL FOREST OFFICER, KORAPUT FOREST DIVISION, KORAPUT**

**QUOTATION CALL NOTICE**

**No.MM-149:-** The Divisional Forest Officer, Koraput Forest Division (Purchaser) invites sealed quotations from the intending Suppliers/ Manufacturers for supply of the following uniform articles. The quotations should reach the undersigned on or before **25.02.2020**. The quotations will be opened on **29.02.2020** at 4.00 PM by the purchase committee in presence of the bidders. The Authority reserves the right to accept or reject the quotations without assigning any reason thereof. The quotations should be accompanied by copy of (1) Valid PAN Card, (2) GST Certificate. Sample of each item should be attached with the sealed quotation and should be produced before opening of the tender. The purchaser may be required to supply in full or part thereof as per availability of funds of the purchaser.

| Name of the Uniform Articles | Approximate Requirement |
|---|---|
| 1. Khaki Cloth (Raymond Trovin) | 327 Mtrs. |
| 2. Bata Shoes & Socks | 103 Pairs |
| 3. Rain Coat | 64 Nos. |
| 4. Jursery (Khaki) | 64 Nos. |
| 5. Cold Weather Levris | 7 Nos. |

**Sd./-Divisional Forest Officer, Koraput Division**
**OIPR- 08067/11/0001/1920**

No. A-666
**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, RAIRANGPUR IRRIGATION DIVISION, RAIRANGPUR**
**e-mail: eerrpureicwr.od@gov.in FAX/TEL: 06794-222555**
**'e'-Procurement Notice No.04 RID/2019-20**

| | |
|---|---|
| 1. Name of works | : Bank protection work as mentioned in the website. |
| 2. Total no. of works | : 9 (Nine) Nos. of works. |
| 3. Amount put to tender | : Varies from 6.19 lakh to 61.65 lakh |
| 4. Class of Contractor | 'D', 'C','B' & 'A' |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Executive Engineer, Rairangpur Irrigation Division, Rairangpur |
| (ii) Availability of Tender online for bidding | : **12.02.2020 from 10.00 Hours to 26.02.2020 up to 17.00 Hours.** |
| (iii) Date, time and place of opening of Bid. | : **On 27.02.2020 at 11.00 Hours** in the O/o the Executive Engineer, Rairangpur Irrigation Division, Rairangpur. |
| (iv) Date of Transparent Lottery to be conducted (if required) | : **03.03.2020 at 11.00 A.M.** in the O/o the Executive Engineer, Rairangpur Irrigation Division, Rairangpur. |

Further details can be seen from the 'e' Procurement Portal http://tendersorissa.gov.in

Sd/-
Executive Engineer
Rairangpur Irrigation Division
Rairangpur
**OIPR-32349/11/0005/1920**

**GOVERNMENT OF ODISHA, "e"-PROCUREMENT NOTICE** No. B-687
**For Turn key Project**
**WORKS DEPARTMENT**
**E-mail : ceworldbankprojects@gmail.com**
**3rd corrigendum to Bid Identification No. CE-W.B.P. (O) - 07 /2019 - 20**
**File No- PIM-MISC- 10 /2008 (Pt.)**

Following changes are made to the turnkey tender for the work "Construction of H.L. Bridge over Indravati Reservoir on 1st km of Mahulpatna - Kenduguda - Gopinathpur road in the District of Kalahandi under State Plan" vide Bid Identification No. CE-W.B.P. (O) -07 / 2019-20.

| Reference Sl. No. of IFB | Items | Revised as |
|---|---|---|
| 1 | 2 | 3 |
| Para – 04 | Bids shall be received only "online" on or before | **24.02.2020 upto 17.00 Hours.** |
| Para – 06 | Bids received on line shall be opened at | **11.30 Hours on 25.02.2020** |

All other terms and conditions remain unchanged.

**Sd./- Chief Engineer (World Bank Project), Odisha**
**OIPR-34003/11/0027/1920**

**See Career Appointment on every Wednesday & Saturday**

GOVERNMENT OF ODISHA
OFFICE OF THE EXECUTIVE ENGINEER RURAL WORKS DIVISION, SUNDARGARH
**E.Mail – rw_sundargarh@yahoo.co.in**
E-PROCUREMENT NOTICE
**BID IDENTIFICATION NO. ONLINE-EESNG-15 of 2019-20**
No. O-1028

1. Name of the Work :- Road works
2. Total No. of works :- 02 nos Road
3. Estimated cost :- Rs. 13.26 Lakhs to Rs.19.45 Lakhs
4. Class of contractor :- 'D' & 'C'
5. Period of completion :- 01 calendar month
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division, Sundargarh.** | **Online-EESNG-15 of 2019-20** | **11.02.2020 10.00 A.M** | **20.02.2020 05.00 P.M.** |

Further details can be seen from the website www.tendersorissa.gov.in
**Sd./- Executive Engineer Rural Works Division, Sundargarh**
**OIPR-25046/11/0027/1920**

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**

**ବିଜ୍ଞପ୍ତି**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିମ୍ନଲିଖିତ ଶିଶୁପୁତ୍ରଟିକୁ ଗତ ତା୦୯।୦୧।୨୦୧୯ରିଖଠାରୁ କଟକ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ ବଳରେ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଅଛି। ଉକ୍ତ ଶିଶୁପୁତ୍ରଟିର ମାଆଙ୍କ ନାମ ଚାନ୍ଦିନୀ, ସେ ଜଣେ ମାନସିକ ରୋଗୀ, ସେ ତାଙ୍କର କୌଣସି ଠିକଣା କହି ପାରୁନାହାନ୍ତି। ଏହି ପିଲାଟିର ଯଦି କେହି ଆଇନସିଦ୍ଧ ଦାବିଦାର ଥା'ନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.- ୫୪, କଲେକ୍ଟୋରିଏଟ ବିଲ୍ଡିଂ, କଟକ, ଫୋନ୍ ନଂ.- ୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, ରେଡ୍‌କ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ, କଟକ-୭୫୩୦୦୨, ଫୋନ୍ ନଂ.- ୦୬୭୧-୨୫୦୮୧୩୩, ମୋବାଇଲ୍ ନଂ. ୭୯୭୮୧୪୬୮୧୪/ ୯୮୬୧୧୫୪୫୫୩ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡ଼ାନାସୀ, କଟକ-୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଅନୁଯାୟୀ ଥଇଥାନ କରାଯିବ।

| କ୍ରମିକ ନଂ. | ଶିଶୁର ନାମ | ପୁଅ/ ଝିଅ | ବୟସ/ ଜନ୍ମ ତାରିଖ | କେବେ ମିଳିଛି | ମନ୍ତବ୍ୟ |
|---|---|---|---|---|---|
| ୧ | ତନୁଜ | ପୁଅ | ୦୧।୦୧।୨୦୧୯ | ୦୯।୦୧।୨୦୧୯ | ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ.୩୭୦୫/୦୨।୦୨।୨୦୧୯ |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**

ବି.ଦ୍ର.: ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ **www.cara.nic.in**ରେ ଆବେଦନ କରନ୍ତୁ।

**ପାରାଦ୍ୱୀପ ଉନ୍ନୟନ କର୍ତ୍ତୃପକ୍ଷ, ପାରାଦ୍ୱୀପ**
**ପାରାଦ୍ୱୀପ ପୌର ପରିଷଦ କାର୍ଯ୍ୟାଳୟର ଦ୍ୱିତୀୟ ମହଲା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମିଡିହି ସାଇଟ ଆଣ୍ଡ ସର୍ଭିସେସ୍ ସ୍କିମ୍‌ରେ ପ୍ଲଟ ନଂ-ଏଲ.ଆଇ.ଜି.-୨୨କୁ ଶ୍ରୀ ଅଜୟ କୁମାର ସାହୁ, ପିତା- ବୀରକିଶୋର ସାହୁ, ଗ୍ରାମ- ନରଦା, ପୋ-ନରଦା, ଜିଲ୍ଲା-କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଅଜୟ କୁମାର ସାହୁ ଉକ୍ତ ପ୍ଲଟ୍‌ଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସରୋଜ କୁମାର ସ୍ୱାଇଁ, ପିତା- ଶରତ ଚନ୍ଦ୍ର ସ୍ୱାଇଁ, ଗ୍ରାମ-କନିମୂଳ, ପୋ- ନରିଜଙ୍ଗ, ଜିଲ୍ଲା-ଜଗତ୍‌ସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ପାରାଦ୍ୱୀପ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ଦଶଦିନ ମଧରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**ସ୍ୱା./- ସଚିବ, ପାରାଦ୍ୱୀପ ଉନ୍ନୟନ କର୍ତ୍ତୃପକ୍ଷ**

**ପାରାଦ୍ୱୀପ ଉନ୍ନୟନ କର୍ତ୍ତୃପକ୍ଷ, ପାରାଦ୍ୱୀପ**
**ପାରାଦ୍ୱୀପ ପୌର ପରିଷଦ କାର୍ଯ୍ୟାଳୟର ଦ୍ୱିତୀୟ ମହଲା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମିଡିହି ସାଇଟ ଆଣ୍ଡ ସର୍ଭିସେସ୍ ସ୍କିମ୍‌ରେ ପ୍ଲଟ୍ ନଂ-ଏଲ.ଆଇ.ଜି.-୬କୁ ଶ୍ରୀ ପ୍ରଭାସ ରଞ୍ଜନ ଶତପଥୀ, ପିତା- ଜଗବନ୍ଧୁ ଶତପଥୀ, ଗ୍ରାମ- ବୋରିକ୍, ପୋ-ରାହାମା, ଜିଲ୍ଲା-ଜଗତ୍‌ସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ପ୍ରଭାସ ରଞ୍ଜନ ଶତପଥୀ ଉକ୍ତ ପ୍ଲଟ୍‌ଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ କ୍ରିଷ୍ଣାରାଣୀ ବାରିକ, ସ୍ୱାମୀ- ପ୍ରଭାକର ବାରିକ, ଗ୍ରାମ- ଇଞ୍ଚୁଡି, ପୋ- ଇଞ୍ଚୁଡି, ଜିଲ୍ଲା-ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ପାରାଦ୍ୱୀପ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ଦଶଦିନ ମଧରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**ସ୍ୱା./- ସଚିବ, ପାରାଦ୍ୱୀପ ଉନ୍ନୟନ କର୍ତ୍ତୃପକ୍ଷ**

**ପାରାଦ୍ୱୀପ ଉନ୍ନୟନ କର୍ତ୍ତୃପକ୍ଷ, ପାରାଦ୍ୱୀପ**
**ପାରାଦ୍ୱୀପ ପୌର ପରିଷଦ କାର୍ଯ୍ୟାଳୟର ଦ୍ୱିତୀୟ ମହଲା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମିଡିହି ସାଇଟ ଆଣ୍ଡ ସର୍ଭିସେସ୍ ସ୍କିମ୍‌ରେ ପ୍ଲଟ୍ ନଂ-ଇ.ଡବ୍ଲ୍ୟୁ.ଏସ୍-୨କୁ ଶ୍ରୀ ବିରଞ୍ଚି ନାରାୟଣ ରାଉତରାଏ, ପିତା- ସ୍ୱର୍ଗତ ରାମଚନ୍ଦ୍ର ରାଉତରାଏ, ପ୍ଲଟ୍ ନଂ-୭ଡି/୧୨୪୦ ସି.ଡି.ଏ., ସେକ୍ଟର-୯, ପୋ-ଅଭିନବ ବିଡାନାସି, ଥାନା-ମର୍କଟ ନଗର, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବିରଞ୍ଚି ନାରାୟଣ ରାଉତରାଏ ଉକ୍ତ ପ୍ଲଟ୍‌ଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ରାଜଲକ୍ଷ୍ମୀ ଦାସ, ସ୍ୱାମୀ-ନୃସିଂହ ଚରଣ ଦାସ, ଗ୍ରାମ-ନେଇଲୋ, ପୋ-ଅଣଖିଆ, ଜିଲ୍ଲା-ଜଗତ୍‌ସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ପାରାଦ୍ୱୀପ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ଦଶଦିନ ମଧରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**ସ୍ୱା./- ସଚିବ, ପାରାଦ୍ୱୀପ ଉନ୍ନୟନ କର୍ତ୍ତୃପକ୍ଷ**

# ପରୀକ୍ଷା ପ୍ରସ୍ତୁତି

# ପିଲାଙ୍କୁ ରଖନ୍ତୁ ଷ୍ଟ୍ରେସ୍ ଫ୍ରି



ଏବେ ଆରମ୍ଭ ହୋଇଯାଇଛି ପରୀକ୍ଷା ଋତୁ। ଏହି ସମୟରେ କେବଳ ପିଲା ନୁହନ୍ତି, ପରୀକ୍ଷାକୁ ନେଇ ଶଙ୍କା ଆଶଙ୍କା ମଧ୍ୟରେ ମା' ବାପା ବି ରହିଥାଆନ୍ତି। ତେବେ ଏହାକୁ ଏକ ବୋଝ ବୋଲି ନ ଭାବି ପିଲାମାନେ କିପରି ଚାପମୁକ୍ତ (ଷ୍ଟ୍ରେସ୍ ଫ୍ରି) ରହିବେ ସେ ନେଇ ଜାଣିରଖନ୍ତୁ କିଛି ଟିପ୍ସ...





ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ପିଲାଙ୍କ ଉପରେ ଚାପ ପକାଇବା ଆଜିକାଲି ମା'ବାପାଙ୍କର ଏକ ସାଧାରଣ କଥା। ମାତ୍ର ଏହା ଆଦୌ ଠିକ୍ ନୁହେଁ। ବରଂ ପିଲା ପାଠପଢ଼ା ପାଇଁ ଯେତିକି ପ୍ରସ୍ତୁତି କରିଛି ତାହାକୁ ଠିକ୍ ଭାବେ ପରୀକ୍ଷାରେ ପରିପ୍ରକାଶ କରିବାକୁ ଉତ୍ସାହିତ କରିବା ହିଁ ମା'ବାପାଙ୍କ ପ୍ରଥମ କର୍ତ୍ତବ୍ୟ। କାରଣ ବେଳେବେଳେ ପରୀକ୍ଷା ଭୟରେ ପ୍ରସ୍ତୁତି କରିଥିବା ପାଠ ବି ପିଲା ଭୁଲିଯାଆନ୍ତି। ଆପଣ ଚାହିଁଲେ ଏହି ପରିସ୍ଥିତିରେ କିଛି ମାତ୍ରାରେ ସୁଧାର ଆଣିପାରିବେ।

**ପ୍ରୋତ୍ସାହିତ କରନ୍ତୁ:**
ପରୀକ୍ଷା ସମୟରେ ପିଲାମାନେ ନର୍ଭସ ହେବା ସ୍ୱାଭାବିକ କଥା। ହେଲେ ମା'ବାପା ଚାହିଁଲେ ସେମାନଙ୍କୁ ପ୍ରୋତ୍ସାହିତ କରିବା ଭଳି କିଛି କଥା କହି ସେମାନଙ୍କର ମନରୁ ଏଭଳି ଭୟ ଦୂରକରିପାରିବେ। ପରୀକ୍ଷା ସମୟରେ ପିଲା ସହ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ଯାଆନ୍ତୁ। ରାସ୍ତାରେ ଯିବା ସମୟରେ ପିଲାକୁ ଉତ୍ସାହିତ କରନ୍ତୁ। ରିଲାକ୍ସ ରହିବାକୁ କୁହନ୍ତୁ। ପରିଣାମର ଚିନ୍ତା ଆଦୌ ନ କରି ବରଂ ଉତ୍ତମ ପ୍ରଦର୍ଶନ କରିବାକୁ ଚେଷ୍ଟାକର- ଏଭଳି କିଛି କଥା କୁହନ୍ତୁ। ଏହା ସେମାନଙ୍କ ଟେନ୍ସନ କିଛି ମାତ୍ରାରେ ଦୂରକରିପାରିବ।

**ଭଲ ସାଙ୍ଗ ହୁଅନ୍ତୁ:**
ମା'ବାପାଙ୍କ କର୍ତ୍ତବ୍ୟ ତୁଲାଇବାକୁ ଯାଇ ବେଳେବେଳେ କେତେକେ ପିଲାମାନଙ୍କର ପ୍ରକୃତ ସ୍ୱଭାବ ବିଷୟରେ ଜାଣିପାରନ୍ତି ନାହିଁ। ଅତ୍ୟଧିକ ମାଡ଼ କିମ୍ବା ଗାଳିକଲେ ପିଲା ଭୟଭୀତ ହୋଇ ଅନେକ କଥା ପ୍ରକାଶ କରି ନ ଥାନ୍ତି। ଯଦି ଆପଣଙ୍କ ପିଲା ଟେନ୍ସନରେ ଅଛି, ତେବେ ତା'ର ପ୍ରକୃତ କାରଣ ବୁଝନ୍ତୁ। ମା'ବାପାଙ୍କ ପରି ତାଗିଦ କରି ନୁହେଁ ବରଂ ସାଙ୍ଗ ଭଳି ବ୍ୟବହାରକରି ପଚାରନ୍ତୁ।

**ତୁଳନା କରନ୍ତୁ ନାହିଁ:**
ପ୍ରତିଟି ପିଲାଙ୍କ ସ୍ୱଭାବ ଭିନ୍ନ ରହିଥାଏ। ଯେଉଁ ପିଲା ପାଠପଢ଼ାର କୌଣସି ଗୋଟିଏ ବିଷୟରେ ଏକ୍ସପର୍ଟ ସେ ହୁଏତ ନୃତ୍ୟ କିମ୍ବା ସଙ୍ଗୀତ ଆଦିରେ ଭଲ ପ୍ରଦର୍ଶନକରି ନ ପାରେ। ସାମାନ୍ୟ ପାଠପଢ଼ା କରୁଥିବା ପିଲାଠାରୁ ୯୦ ପ୍ରତିଶତ ମାର୍କ ରଖିବା ଆଶା କରିବା ଆଦୌ ଠିକ୍ ନୁହେଁ। ତେଣୁ ଆପଣଙ୍କ ପିଲାକୁ ଅନ୍ୟ କାହା ସହ ତୁଳନା କରନ୍ତୁ ନାହିଁ। ଏହାଦ୍ୱାରା ପିଲା ଉପରେ ମାନସିକ ଚାପ ପଡ଼ିଥାଏ। ବରଂ ତାକୁ ଏପରି ଉପଦେଶ ଦିଅନ୍ତୁ, ଯାହାକୁ ପାଥେୟକରି ସେ ଭଲ ମାର୍କ ରଖିପାରିବା ସହ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ।

**ଗ୍ରୁପ୍ ଷ୍ଟଡିକୁ ଗୁରୁତ୍ୱ ଦିଅନ୍ତୁ:**
ଆପଣଙ୍କ ପିଲା କେଉଁ ସବ୍‌ଜେକ୍ଟରେ ଦୁର୍ବଳ ରହିଛି ତାହା ପ୍ରଥମେ ଜାଣନ୍ତୁ। ଏ ସମ୍ପର୍କରେ ତା'ର ଶିକ୍ଷକ ଏବଂ ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା କରନ୍ତୁ। ଏଥିପାଇଁ ପିଲାର ସାଙ୍ଗସାଥୀଙ୍କୁ ବି ଘରକୁ ଆଣିପାରନ୍ତି। ସାଙ୍ଗସାଥୀଙ୍କ ସହ ଯଦି ସେ ଗଣିତ ଭଳି ସବ୍‌ଜେକ୍ଟର ପ୍ରୋବ୍ଲେମ୍ ସମାଧାନକରେ କିମ୍ବା ୩ ଘଣ୍ଟା ପାଠପଢ଼ା ଭିତରେ ଅଧଘଣ୍ଟା ଖେଳକୁଦ କରେ, ତେବେ ରୋକ ଲଗାନ୍ତୁ ନାହିଁ।

**ଟିଭି ସାଉଣ୍ଡ କମ୍ କରନ୍ତୁ :**
ପିଲାର ପାଠପଢ଼ା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରନ୍ତୁ। ପଢ଼ିବା ସମୟରେ ଟିଭି ସାଉଣ୍ଡ କମ୍ କରନ୍ତୁ। ବର୍ତ୍ତମାନର ଡିଜିଟାଲ ଯୁଗରେ ମୋବାଇଲ, ଲାପ୍‌ଟପ୍, ଟ୍ୟାବ୍ ଆଦି ବିଭିନ୍ନ ଅପ୍ସନ୍ ରହିଛି, ଆପଣଙ୍କ ପରିବାର ସଦସ୍ୟ ଚାହିଁଲେ ଏଥିରେ ଭରପୂର ମନୋରଞ୍ଜନ ଉଠାଇପାରିବେ।

**ବିଶ୍ରାମ ଦିଅନ୍ତୁ:**
ପରୀକ୍ଷା ପ୍ରସ୍ତୁତି ସମୟରେ ବିଶ୍ରାମନେବା କିଛି ଜଣଙ୍କ ପାଇଁ ଅଜବ ଲାଗିପାରେ ସତ, କିନ୍ତୁ ଏହି ସମୟରେ ମସ୍ତିଷ୍କକୁ ବିଶ୍ରାମଦେବା ଜରୁରୀ। ପରୀକ୍ଷା ଟେନ୍ସନରୁ ମୁକ୍ତି ପାଇବା ପାଇଁ କିଛି ସମୟ ରେଷ୍ଟ୍ ନେବା ସହ ମଜାଦାର କଥାବାର୍ତ୍ତା ବା କାର୍ଯ୍ୟକଳାପରେ ବ୍ୟସ୍ତ ରୁହନ୍ତୁ। ପିଲାକୁ ଏକ୍ସରସାଇଜ୍ କରିବାକୁ ପଠାଇବା ସହ କିଛି ସମୟ ଟିଭି ଦେଖିବାକୁ ଅନୁମତି ଦିଅନ୍ତୁ। ଏହାଦ୍ୱାରା ତା' ମନ ହାଲ୍‌କା ହେବା ସହ ପାଠ ପଢ଼ିବାକୁ ଆହୁରି ଆଗ୍ରହ ସୃଷ୍ଟି ହେବ।

**ସ୍ୱାସ୍ଥ୍ୟ ପ୍ରତି ଦିଅନ୍ତୁ ଧ୍ୟାନ:**
ପରୀକ୍ଷା ପ୍ରସ୍ତୁତିର ବ୍ୟସ୍ତତା ଭିତରେ ରହି



ଅନେକ ପିଲା ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିଥାନ୍ତି। ତେଣୁ ଏହି ସମୟରେ ପିଲାକୁ ପ୍ରୋଟିନ୍ ଭରା ଖାଦ୍ୟ ସହ ଏନର୍ଜି ଡ୍ରିଙ୍କ୍ ପିଇବାକୁ ଦିଅନ୍ତୁ। ୭ ରୁ ୮ ଘଣ୍ଟା ଶୋଇବାକୁ କୁହନ୍ତୁ। ଜଙ୍କ୍ ଫୁଡ୍ ବଦଳରେ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ, ଡ୍ରାଏ ଫ୍ରୁଟ୍‌ସ ଏବଂ ସନ୍ତୁଳିତ ଆହାର ଖାଇବାକୁ ଦିଅନ୍ତୁ।

**କୌଣସି ପେପର ଖରାପ ହୋଇଥିଲେ..**
ସମୟ କିମ୍ବା ପ୍ରାକ୍ଟିସ ଅଭାବରୁ ପରୀକ୍ଷାରେ କେତେଜଣ ପିଲାଙ୍କର କୌଣସି ବିଷୟ ଖରାପ ହେବା ଅବା ପରୀକ୍ଷା ହଲ୍‌ରେ ପ୍ରଶ୍ନର ଉତ୍ତର ଭୁଲିଯିବା ସାଧାରଣ କଥା। ଆପଣଙ୍କ ପିଲା ପରୀକ୍ଷାରେ କୌଣସି ପେପରରେ ଖରାପ କରିଥିଲେ ସେ ସମ୍ପର୍କରେ ବାରମ୍ବାର ପଚାରନ୍ତୁ ନାହିଁ। ବରଂ ପରବର୍ତ୍ତୀ ପେପରର ପ୍ରସ୍ତୁତି ପାଇଁ ତାକୁ ସହଯୋଗ କରନ୍ତୁ।

## କ'ଣ କରନ୍ତି ଏମାନେ...



**ପାଠପଢ଼ା ସହ ଖାଦ୍ୟପେୟକୁ ଗୁରୁତ୍ୱ ଦିଏ : ମିନତି ମହାରଣା,**
ଚକେଇସିଆଣି, ଭୁବନେଶ୍ୱର

ପିଲାର ପରୀକ୍ଷା ସମୟରେ ପାଠପଢ଼ା ସହ ଖାଦ୍ୟପେୟ ଓ ଶୋଇବା ପ୍ରତି ଧ୍ୟାନ ଦେଇଥାଏ। ପାଠପଢ଼ାର ମଝିରେ ଆଉଟ୍‌ଡୋର ଗେମ୍ ଖେଳିବାକୁ କହିଥାଏ। କାରଣ ପାଠପଢ଼ାକୁ ନେଇ ପିଲା ଯଦି ବେଶି ସିରିୟସ୍ ହୁଏ, ତେବେ ପ୍ରସ୍ତୁତି କରିଥିବା ପାଠ ବି ଭୁଲିଯିବ।

**ପରୀକ୍ଷା ପୂର୍ବରୁ ପ୍ରସ୍ତୁତି କରିଦିଏ**
*:ବନବାସିନୀ ବେହେରା,*
*ରଣହଟା, ଜଗତ୍‌ସିଂହପୁର*

ପରୀକ୍ଷା ସମୟରେ ପାଠପଢ଼ାକୁ ନେଇ ପିଲାକୁ ବେଶି ଚାପ ଦିଏ ନାହିଁ। ପୂର୍ବରୁ ଠିକ୍ ଭାବେ ପାଠପଢ଼ାର ପ୍ରସ୍ତୁତି କରିଥିଲେ ପରୀକ୍ଷା ସମୟରେ ବେଶି ଚାପ ପଡ଼ିବ ନାହିଁ। କାରଣ ଟେନ୍ସନ ହେଲେ ପୂର୍ବରୁ ପ୍ରସ୍ତୁତି କରିଥିବା ପାଠ ବି ପରୀକ୍ଷାରେ ପିଲା ଭୁଲିଯିବେ। ପାଠପଢ଼ା ସହ ଉତ୍ତମ ଖାଦ୍ୟପେୟ ଓ ଶୋଇବାକୁ ବି ମୁଁ ଗୁରୁତ୍ୱ ଦେଇଥାଏ।



ଇଏ ବି ଜଣେ ନାରୀ

# ସମାଜସେବାରୁ ମିଳୁଛି ଆତ୍ମତୃପ୍ତି



ସରସ୍ୱତୀ ବେହେରା

**'ଗୋଟିଏ ପଟେ ସମାଜସେବା ଅନ୍ୟପଟରେ ସାରସ୍ୱତ ସାଧନା-ଏ ଦୁଇଟିକୁ ବେଶ୍ ସମାନ୍ତରାଳ ଭାବରେ ଆଗେଇନେବାରେ ସକ୍ଷମ ହୋଇଛନ୍ତି ଏହି ମହିଳା। ନିଜର କାମ ପାଇଁ ପ୍ରଶଂସା ସାଉଁଟି ଚାଲିଛନ୍ତି ଜଗତ୍‌ସିଂହପୁରରେ ଜନ୍ମିତା ସରସ୍ୱତୀ ବେହେରା...**

ସମାଜରେ ଘଟୁଥିବା ଅନ୍ଧବିଶ୍ୱାସ, କୁସଂସ୍କାର, ଅଶିକ୍ଷା ଓ ଅପସଂସ୍କୃତି ତାଙ୍କ ମନରେ ବିଦ୍ରୋହ ସୃଷ୍ଟି କରୁଥିଲା। ଏହି ଅନ୍ତର୍ଚେତନାକୁ କେବଳ ତାଙ୍କ କଲମ ମୁନରେ ଜୀବନ୍ତ ଭାବେ ଉପସ୍ଥାପନ କରୁ ନ ଥିଲେ ବରଂ ଅଧ୍ୟାପନାର ଅବକାଶ ସମୟରେ ଗାଁ ଗାଁ ବୁଲି ଲୋକଙ୍କ ଭଲମନ୍ଦ ବୁଝୁଥିଲେ। ରୋଗରୁ ମୁକ୍ତି, ଜମିରେ ଭଲ ଫସଲ ଅମଳ ଓ ମନସ୍କାମନା ପୂର୍ଣ୍ଣ ହେବା ନିମନ୍ତେ ପଶୁବଳି ବିରୋଧରେ ଗ୍ରାମସଭା କରି ସଚେତନ କରାଉଥିଲେ। ସ୍କୁଲକୁ ଆସୁ ନ ଥିବା ତଥା ଅଧାରୁ ପାଠ ଛାଡୁଥିବା ଗରିବ ଆଦିବାସୀ ତଥା ବସ୍ତି ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଶିକ୍ଷାୟତନରେ ସାମିଲ କରିବା ପାଇଁ ତାଙ୍କର ଉଦ୍ୟମ ଏବେ ବି ଜାରି ରହିଛି। ଅନେକ ଘାତ ପ୍ରତିଘାତକୁ ସାମ୍ନା କରିବା ସତ୍ତ୍ୱେ ସାହସର ସହ ଅନ୍ୟାୟ ପାଇଁ ଲଢ଼ି ଚାଲିଛନ୍ତି। ଏହି ଅନନ୍ୟା ଆଦର୍ଶ ଲେଖିକା ତଥା ଅବସରପ୍ରାପ୍ତ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହେଉଛନ୍ତି ସରସ୍ୱତୀ ବେହେରା। ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ବିଶ୍ୱାଳି ଗ୍ରାମର ସ୍ୱର୍ଗତ ଅନନ୍ତ ବେହେରା ଓ ଗୁରୁବାରୀ ବେହେରାଙ୍କ କନ୍ୟା ସେ। ୧୯୫୬ ମସିହା ନଭେମ୍ବର ୨୦ ତାରିଖରେ ତାଙ୍କର ଜନ୍ମ। କେନ୍ଦ୍ରାପଡ଼ା ଜିଲା ପଚ୍ଚାମୁଣ୍ଡାଇ ପୋଖରିଆପଡ଼ାର ସାମାଜିକ କର୍ମୀ ରବୀନ୍ଦ୍ର କୁମାର ବେହେରାଙ୍କ ସହ ବିବାହ ସମ୍ପନ୍ନ ହେଲା ୧୯୭୭ରେ। ତାଙ୍କର ୨ ପୁଅ ଓ ଗୋଟିଏ ଝିଅ। ସ୍ୱାମୀଙ୍କ ପ୍ରୋତ୍ସାହନ ତାଙ୍କୁ ଲେଖାଲେଖି ସହ ସମାଜସେବା କରିବାକୁ ବେଶ୍ ପ୍ରେରଣା ଯୋଗାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଭାବେ ନୂଆପଡ଼ା, କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର ଆଦି ସ୍ଥାନରେ ଦାୟିତ୍ୱ ତୁଲାଇବା ପରେ ପ୍ରମୋଶନ ପାଇ ବ୍ଲକ ଶିକ୍ଷା ଅଧିକାରିଣୀ ଓ ପରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କଲେ। ଅବସର ନେବା ପରେ ଏବେ ଲେଖାଲେଖି ଜାରି ରଖିଛନ୍ତି। ଛୋଟବେଳୁ ମା'ବାପାଙ୍କ ପ୍ରେରଣା ଓ ଉତ୍ସାହ ତାଙ୍କୁ ନିଜ ଗୋଡ଼ରେ ଛିଡ଼ାହେବା ପାଇଁ ଅନୁପ୍ରାଣିତ କରିଥିଲା। ହାଇସ୍କୁଲରେ ପଢ଼ିବାବେଳେ ପାଠଚକ୍ରରେ ପାଠ କରାଯାଉଥିବା ଏକ ବହି ସାର୍ ମୋତେ ଦେଇଥିଲେ। ଆଉ ମୁଁ ସେହି ବହିକୁ ହଜାଇ ଦେଇଥିଲି। ସାର୍ କାଳେ ରାଗିବେ ବୋଲି ମୁଁ ମନକୁ ମନ ଏକ ଜଣାଣ ଲେଖି ସେହି ଜଣାଣକୁ ଶ୍ରୀମା ଅରବିନ୍ଦ ପାଠଚକ୍ରରେ ଗାଇଲି। ଆଉ ଏହାକୁ ଶୁଣି ସମସ୍ତେ ମନ୍ତ୍ରମୁଗ୍ଧ ହୋଇଗଲେ। ସେହି ମୁହୂର୍ତ୍ତରୁ ଲେଖାଲେଖି ପ୍ରତି ମୁଁ ବେଶି ଉତ୍ସାହିତ ହୋଇପଡ଼ିଲି ବୋଲି କୁହନ୍ତି ସରସ୍ୱତୀ। ସ୍ୱାମୀ ରବୀନ୍ଦ୍ର ଥିଲେ କମ୍ୟୁନିଷ୍ଟ ପାର୍ଟିର ଜଣେ ସମର୍ଥକ। ବିଭିନ୍ନ ଅଭାବୀ ଲୋକ ତଥା ଦିନମଜୁରିଆ ତାଙ୍କ ପାଖକୁ ଆସୁଥିଲେ ସେମାନଙ୍କ ସମସ୍ୟା ସମାଧାନର ପରାମର୍ଶ ନେବାକୁ। ଏସବୁ ସରସ୍ୱତୀଙ୍କୁ ବେଶ୍ ପ୍ରଭାବିତ କରିଥିଲା। ସାହିତ୍ୟ ସୃଜନ ସହ ସମ୍ପୃକ୍ତି ଓ ସଫଳତା ତାଙ୍କୁ ଆଣିଦେଇଥିଲା ଏକାଧିକ ସମ୍ମାନ ଓ ସ୍ୱୀକୃତି। ସେଗୁଡ଼ିକ ହେଲା ଗଦାଧର ସାହିତ୍ୟ ସମ୍ମାନ, କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ସମ୍ମାନ, ଭାରତୀୟ ଦଳିତ ସାହିତ୍ୟ ସମ୍ମାନ, ମନସ୍ୱିନୀ ସାହିତ୍ୟ ସମ୍ମାନ, ଅନନ୍ୟା ସମ୍ମାନ, ପୁସ୍ତକ ମେଳା ପୁରସ୍କାର, ଶ୍ରୀକ୍ଷେତ୍ର ସମ୍ମାନ, ରାଜ୍ୟ କଳା ଗବେଷଣା ପ୍ରଶିକ୍ଷଣ ସମ୍ମାନ, ବିଭାବନା ସମ୍ମାନ, ନାରୀ ସୁରକ୍ଷା ସମ୍ମାନ ଏବଂ ଓଡିଶା ଲେଖିକା ସଂସଦ ବ୍ରଜେନ୍ଦ୍ର ସାହିତ୍ୟ ସମ୍ମାନ। ତାଙ୍କ ରଚିତ ଗଳ୍ପ ସଂକଳନ କଳାପତାକା, କାଗଜଡଙ୍ଗାରେ କାରୁବାକୀ, ପ୍ରଥମ ପାପ, ମାଟିଘରେ ବର୍ଷାଋତୁ, ଫାର୍ମ ହାଉସ୍‌ରେ ଦିନେ, କବିତା ସଂକଳନ କୁଆଁରୀ ମାଟିର କାବ୍ୟ ଆଦି ବେଶ୍ ପାଠକାଦୃତି ଲାଭ କରିଛି।

–ଦେବସ୍ମିତା ମହାନ୍ତି

ଖାଦ୍ୟରୁଚି

# ଚକୋଲେଟ୍ କେକ୍

**ଆବଶ୍ୟକ ସାମଗ୍ରୀ**
ମଇଦା –୨୦୦ ଗ୍ରାମ୍, ମିଲ୍କ ମେଡ୍– ୨୦୦ ଗ୍ରାମ୍, କ୍ଷୀର –୨୦୦ ମିଲି, ମଖନ୍ –୧୦୦ ଗ୍ରାମ୍, ପେଷାଯାଇଥିବା ଚିନି – ୧୦୦ ଗ୍ରାମ୍, କୋକୋ ପାଉଡର – ୫୦ ଗ୍ରାମ୍, ବେକିଂ ପାଉଡର – ୧ ଚାମଚ, ଖାଇବା ସୋଡ଼ା – ୧/୨ ଚାମଚ, ଲୁଣ –୧/୪ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ କେକ୍ ତିଆରି କରିବାର କଣ୍ଟେନରକୁ ହାଲ୍‌କା ଗରମକରି ଏହାର ଭିତର ପଟେ ଭଲଭାବେ ମଖନ ଲଗାନ୍ତୁ। ଅନ୍ୟ ଏକ ପାତ୍ରରେ ମଇଦା, ଲୁଣ, ଖାଇବା ସୋଡ଼ା, ବେକିଂ ପାଉଡର ଏବଂ କୋକୋ ପାଉଡର ଭଲଭାବେ ମିଶାନ୍ତୁ। ଆଉ ଏକ ପାତ୍ରରେ ଅଳ୍ପ ଘିଅ, ଚିନି ଏବଂ ମିଲ୍କ ମେଡ୍ ମିଶାଇ ରଖନ୍ତୁ। ଏବେ ଏହି ମିଶ୍ରଣରେ ମଇଦାର ମିଶ୍ରଣ ଗୋଳାନ୍ତୁ ଯେପରି ଗୋଟା ହୋଇ ରହିବ ନାହିଁ। ଏଥିରେ ଅଳ୍ପ ପରିମାଣରେ କ୍ଷୀର ଢାଳନ୍ତୁ। ଏକ ପ୍ରେସର କୁକରରେ ଲୁଣ ବିଛାଇ ଗରମ ହେବା ପାଇଁ ଗ୍ୟାସ୍ ଲଗାନ୍ତୁ। ଏବେ ଏଥିରେ କେକ୍ ପ୍ରସ୍ତୁତ କରିବା ପାଇଁ ଥିବା କଣ୍ଟେନର ରଖି ପୂର୍ବରୁ ପ୍ରସ୍ତୁତ ଥିବା କେକ୍‌ର ମିଶ୍ରଣକୁ ଢାଳନ୍ତୁ। ଏବେ ପ୍ରେସର କୁକରର ହ୍ୱିସିଲ କାଢ଼ି ଗ୍ୟାସ୍‌କୁ ସିମ୍‌ରେ ରଖନ୍ତୁ। ୪୦ ମିନିଟ୍ ପରେ ଢାଙ୍କୁଣି କାଢ଼ି ଟୁଥ୍ ପିକ୍ ସାହାଯ୍ୟରେ ଚେକ୍ କରନ୍ତୁ। ଯଦି କେକ୍‌ର ବାସ୍ନା ଆସିଲା ତେବେ ଗ୍ୟାସ୍ ଚୁଲା ବନ୍ଦକରି ୧୦ ମିନିଟ୍ ପାଇଁ ଛାଡ଼ିଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଚକୋଲେଟ୍ କେକ୍।



# ଭାଲେଣ୍ଟାଇନ୍ସ ଫ୍ୟାଶନ

**ପାର୍ଟନର ପ୍ରତି ନିଜର ଭଲପାଇବା ଜାହିର କରିବା ପାଇଁ ଭାଲେଣ୍ଟାଇନ୍ସ ଡେ'ଠାରୁ ଭଲ ଦିନ ଆଉ କ'ଣ ଅଛି ? ଯଦି ଆପଣ ଏହି ଦିନକୁ ଖାସ୍ ବନାଇବା ପାଇଁ ଚାହୁଁଛନ୍ତି ତେବେ ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ....**

**ଲେସ୍ ଡ୍ରେସ୍**
ଲେସ୍ ଥିବା ଡ୍ରେସ୍ ଆପଣଙ୍କ ପର୍ସନାଲିଟିକୁ ଖୁବ୍ ମାନିବ। ମୁଡ୍ ଅନୁସାରେ ଆପଣ ଲଙ୍ଗ୍ ସ୍ଲିଭ୍‌ସରୁ ଆରମ୍ଭକରି ଫିଗର ଫିଟିଂ ଡ୍ରେସ୍ ଯାଏ ବାଛି ପିନ୍ଧିପାରିବେ।

**ପ୍ଲେନ୍ ପ୍ଲିଟେଡ୍ ସ୍କର୍ଟ**
ଏବେ ପ୍ଲିଟେଡ୍ ସ୍କର୍ଟର ଟ୍ରେଣ୍ଡ ରହିଛି। ଏହା ଆପଣଙ୍କୁ ଗ୍ଲାମର୍ସ ଲୁକ୍ ଦେଇଥାଏ। ଆପଣ ପସନ୍ଦ ମୁତାବକ ଲଙ୍ଗ୍ ଏବଂ ଶର୍ଟ ସ୍କର୍ଟ ବି ଆପଣାଇ ପାରିବେ।

**ରିପ୍ଡ ଜିନ୍ସ, ଜଗର ଜିନ୍ସ**
ଯଦି ଆପଣଙ୍କୁ କାଜୁଆଲ ଲୁକ୍ ପସନ୍ଦ, ତେବେ ରିପ୍ଡ ଜିନ୍ସ ବାଛନ୍ତୁ। ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଏହା ସହ ସ୍ମାର୍ଟ ସି କ୍ରାପ୍ ଟପ୍ ବା ଅଫ୍ ସୋଲ୍‌ଜର ଟପ୍ ପିନ୍ଧିପାରିବେ। ଏହା ସହ ଆପଣ ଲଙ୍ଗ୍ ବୁଟ୍ ବି ପିନ୍ଧିପାରିବେ।

**କୁଲୋଟ୍‌ସ**
କ୍ରପ୍ ଟପ୍ ପରେ ଆଜିକାଲି କ୍ରପ୍ ପ୍ୟାଣ୍ଟର ଟ୍ରେଣ୍ଡ ଚାଲିଛି। ଏହାକୁ କୁଲୋଟ୍‌ସ ବି କୁହାଯାଉଛି। ଯଦି ଆପଣଙ୍କୁ କୁଲ୍ ଲୁକ୍ ପସନ୍ଦ ତେବେ ଏହାକୁ ଟ୍ରାଏ କରିପାରିବେ। ଏହାକୁ ଷ୍ଟାଇଲିଶ୍ କ୍ରପ୍ ଟପ୍ ସହ ପେୟାର କରି ପିନ୍ଧିଲେ ବି ବେଶ୍ ମାନିବ।

**କ୍ରପ୍ ଟପ୍ ଓ ହାଇ ୱେଷ୍ଟ୍ ଜିନ୍ସ**
ଯଦି ଆପଣ ସିମ୍ପଲ ଏବଂ କ୍ଲାସି ଲୁକ୍ ଚାହୁଁଛନ୍ତି, ତେବେ କ୍ରପ୍ ଟପ୍ ଏବଂ ହାଇ ୱେଷ୍ଟ୍ ଜିନ୍ସ ଟ୍ରାଏ କରିପାରିବେ। ଏହା ଆପଣଙ୍କୁ ଗ୍ଲାମର୍ସ ଏବଂ ଷ୍ଟାଇଲିଶ୍ ଲୁକ୍ ଦେବ।





ଫାଇନାନ୍ସ କମିଶନଙ୍କୁ ସ୍ଥାୟୀ ମାନ୍ୟତା ଦେବାର ବର୍ତ୍ତମାନ ସରକାରଙ୍କ କୌଣସି ଯୋଜନା ନାହିଁ। ଏ ସଂକ୍ରାନ୍ତ କୌଣସି ପ୍ରସ୍ତାବ ଉପରେ ବର୍ତ୍ତମାନ ବିଚାର କରାଯାଉନାହିଁ।

– ଅନୁରାଗ ଠାକୁର, ଅର୍ଥ ରାଷ୍ଟ୍ରମନ୍ତ୍ରୀ



ଭାରତ ଡାଲି ବ୍ୟବହାର ଏବଂ ଆମଦାନି କ୍ଷେତ୍ରରେ ବିଶ୍ୱର ପ୍ରମୁଖ ରାଷ୍ଟ୍ର। ଡାଲି ଉତ୍ପାଦନ କ୍ଷେତ୍ରରେ ଭାରତକୁ ସ୍ୱୟଂସମ୍ପୂର୍ଣ୍ଣ କରାଇବା ଲାଗି ପଦକ୍ଷେପ ନିଆଯାଉଛି।

– ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷି ମନ୍ତ୍ରୀ

# ଜାନୁୟାରୀରେ ପାସେଞ୍ଜର ଯାନ ବିକ୍ରି ୬% କମିଛି

**ନୂଆଦିଲ୍ଲୀ,୧୦-୨**

ଜାନୁୟାରୀ ମାସରେ ଦେଶ ମଧ୍ୟରେ ପାସେଞ୍ଜର ଯାନ ବିକ୍ରି ୬.୨% ହ୍ରାସ ଘଟିଛି। ଓନରଶିପ ମୂଲ୍ୟରେ ବୃଦ୍ଧି ଏବଂ ଜିଡିପିରେ ମନ୍ଥର ଅବସ୍ଥା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକଚର୍ସ (ସିଆମ) ପକ୍ଷରୁ କୁହାଯାଇଛି। ଗତ ମାସରେ ଯାତ୍ରୀବାହୀ ଯାନ ବିକ୍ରି ୨.୬୨ ଲକ୍ଷ ୟୁନିଟ ରହିଛି। ଏହା ଗତ ବର୍ଷ ସମାନ ସମୟରେ ୨.୮୦ ଲକ୍ଷ ୟୁନିଟ ରହିଥିଲା। ଜାନୁୟାରୀରେ କାର ବିକ୍ରି ୮.୧% ଖସିବା ସହ ୧.୬୪ ଲକ୍ଷ ୟୁନିଟ ରହିଛି, ଯାହା ଗତ ବର୍ଷ ଜାନୁୟାରୀରେ ୧.୭୯ ଲକ୍ଷ ୟୁନିଟ ରହିଥିଲା। ସବୁ ବର୍ଗରେ ଯାନ ବିକ୍ରି ୧୩.୮୩ % ହ୍ରାସ ଘଟି ୧୭.୩୯ ଲକ୍ଷ ୟୁନିଟ ରହିଛି। ୨୦୧୯ ଜାନୁୟାରୀରେ ଏହା ୨୦.୧୯ ଲକ୍ଷ ୟୁନିଟ ଥିଲା। ଓନରଶିପ ଖର୍ଚ୍ଚ ବଢ଼ିବା ଯୋଗୁ ଯାନ ବିକ୍ରି ଉପରେ ଏହାର ପ୍ରଭାବ ପଡିଥିବା ସିଆମ ସଭାପତି ରାଜନ ୱାଧେରା ସୂଚନା ଦେଇଛନ୍ତି।

ଏପ୍ରିଲ ୧ରୁ ବିଏସ୍-୬ ସାରା ଦେଶରେ ଲାଗୁ ହେବାକୁ ଯାଉଛି। କମ୍ପାନୀଗୁଡିକ ବିଏସ୍-୪ ପରିବର୍ତ୍ତେ ବିଏସ୍ ଲାଗୁ କରାଇବା ଦିଗରେ ଏବେ ପ୍ରୟାସ ଜୋରଦାର କରିଛନ୍ତି। ଇନପୁଟ ଖର୍ଚ୍ଚ ବଢ଼ିବା ଯୋଗୁ ଅନେକ କମ୍ପାନୀ ସେମାନଙ୍କ ଯାନ ଉପରେ ମୂଲ୍ୟ ବୃଦ୍ଧି କରୁଥିବା ଦେଖାଯାଇଛି। ଏଭଳି ସ୍ଥିତିରେ ୱାଧେରା କହିଛନ୍ତି ଯେ, ସରକାର ବଜେଟରେ ଘୋଷଣା କରିଥିବା ଭିତ୍ତିଭୂମି ଏବଂ ଗ୍ରାମୀଣ ବିକାଶ ପଦକ୍ଷେପ ଯାନ ବିକ୍ରିକୁ ବଢ଼ାଇବା ଦିଗରେ ସହାୟକ ହୋଇପାରିବ। ବିଶେଷ କରି ବାଣିଜ୍ୟିକ ଏବଂ ୨ ଚକିଆ ଯାନ ବିକ୍ରି ବଢ଼ିବା ନେଇ ଆଶା କରାଯାଉଛି। ସୂଚନା ମୁତାବକ ଜାନୁୟାରୀରେ ୨ ଚକିଆ ଯାନ ବିକ୍ରି ୧୬.୦୬% କମି ୧୩.୪୧ ଲକ୍ଷ ୟୁନିଟ ରହିଛି। ମୋଟର ସାଇକେଲ ବିକ୍ରି ଗତ ମାସରେ ୧୫.୧୭% ହ୍ରାସ ଘଟି ୮.୭୧ ଲକ୍ଷ ୟୁନିଟକୁ ଖସିଛି। ସ୍କୁଟର ବିକ୍ରି ୧୬.୨୧% ହ୍ରାସ ଘଟି ୪.୧୬ ଲକ୍ଷ ୟୁନିଟ ରହିଛି। ଏହାବାଦ ବାଣିଜ୍ୟିକ ଯାନ ବିକ୍ରିରେ ୧୪.୪% ହ୍ରାସ ଦେଖାଯିବା ସହ ଏହା ୭୫, ୨୮୯ ୟୁନିଟକୁ ଖସିଛି।

ପ୍ରାୟ ସବୁ ବର୍ଗରେ ଯାନର ହୋଲସେଲ ବିକ୍ରି ଖସିଥିବା ସିଆମ ମହାନିର୍ଦ୍ଦେଶକ ରାଜେଶ ମେନନ କହିଛନ୍ତି। ଅଟୋ ଏକ୍ସପୋରେ ୭୦ ମଡେଲ ଉନ୍ମୋଚନ କରାଯାଇଛି। ଏହା ଦ୍ୱାରା ଗ୍ରାହକଙ୍କ ମନୋବୃତ୍ତିରେ କିଛିଟା ପରିବର୍ତ୍ତନ ଆସିବା ନେଇ ଆଶାବାଦୀ ରହିଥିବା ସେ ମତ ରଖିଛନ୍ତି।

- ଓନରଶିପ ଖର୍ଚ୍ଚ ବୃଦ୍ଧି ଯୋଗୁ ଗ୍ରାହକଙ୍କ ମନୋଭାବ ପ୍ରଭାବିତ
- ବିଏସ୍-୬ ଆଡକୁ ବଢୁଛନ୍ତି କମ୍ପାନୀ
- କାର ବିକ୍ରି ୮% ଖସିଛି



# ନୂଆ ବିଏସ୍-୬ ଡିଓ ଆଣିଲା ହୋଣ୍ଡା

**ନୂଆଦିଲ୍ଲୀ,୧୦-୨**



ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂଆ ବିଏସ୍-୬ ଡିଓ ମଡେଲ ବଜାରକୁ ଆସିଛି। କମ୍ପାନୀ ଭାରତର ପ୍ରଥମ ମୋଟୋ ସ୍କୁଟରର ୧୮ତମ ବର୍ଷ ପୂର୍ତ୍ତି ପାଳନ ସ୍ୱରୂପ ଏଭଳି ପଦକ୍ଷେପ ଗ୍ରହଣ କରିଛି। ନୂଆ ଯାନଟିର ଏକ୍ସ ଶୋ'ରୁମ ଦିଲ୍ଲୀ ମୂଲ୍ୟ ୫୯,୯୦୦ ଟଙ୍କାରୁ ଆରମ୍ଭ ହେଉଛି। ବିଏସ୍-୬ ବିପ୍ଳବର ଅଗ୍ରଦୂତ ସାଜି ନିୟମ କାର୍ଯ୍ୟକାରୀ ହେବାର ୬ ମାସ ପୂର୍ବରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା କମ୍ପାନୀର ସିଇଓ ମିନୋରୋ କାଟୋ କହିଛନ୍ତି। ବିଏସ୍-୬ ଉତ୍ପାଦକୁ ନେଇ ଗ୍ରାହକ ଏବଂ ଅଂଶୀଦାରଙ୍କଠାରୁ ଭଲ ରେସପନ୍ସ ଲାଭ କରିଛୁ। ୨୦୦୨ରେ ହୋଣ୍ଡା ଡିଓ ବଜାରକୁ ଆସିଥିଲା। ଏହା ଦେଶରେ ବିକ୍ରି ଏବଂ ରପ୍ତାନି କ୍ଷେତ୍ରରେ ମଧ୍ୟ ପ୍ରମୁଖ ସ୍ଥାନରେ ରହିଛି। ଆକର୍ଷଣୀୟ ଡିଜାଇନ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତି ସହ ବିଏସ୍ -୬ ଡିଓ ଗ୍ରାହକଙ୍କ ମଧ୍ୟରେ ବେଶ ଆଦୃତ ହୋଇ ପାରିବ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

# ଦିନେ ଛୁଇଁଥିଲେ ସଫଳତାର ଶିଖର...

**ବ୍ୟବସାୟ ଜଗତରେ କେତେକ ବ୍ୟକ୍ତି ସଫଳତା ଶିଡି ଚଢ଼ି ଚାଲିଥିବା ବେଳେ ଆଉ କିଛି ସଫଳ ହୋଇ ମଧ୍ୟ ଏବେ ବିଫଳ ହୋଇଛନ୍ତି। ହଜାର ହଜାର କୋଟି ଟଙ୍କାର ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କର ମଧ୍ୟ ସ୍ଥିତି ବହୁତ ଖରାପ ହୋଇଛି। କେତେକେ ଜେଲ ଭୟରେ ଦେଶ ଛାଡ଼ି ଚାଲି ଯାଇଥିବା ବେଳେ କିଛି ବ୍ୟକ୍ତି ଆତ୍ମହତ୍ୟା ଏବଂ ଆଉ କିଛି ଏବେ ଜେଲରେ ରହିଛନ୍ତି। କିଛି ଏମିତି ବ୍ୟବସାୟୀଙ୍କ ଜୀବନ ଉପରେ ନଜର ପକାଇବା...**

## ଅନିଲ ଅମ୍ବାନୀ (ରିଲାଏନ୍ସ ଟେଲିକମ୍)



ଦିନ ଥିଲା ଯେତେବେଳେ ଅନିଲ ଅମ୍ବାନୀ ବିଶ୍ୱର ୬ ନମ୍ବର ଧନୀ ବ୍ୟକ୍ତି ଭାବେ ପରିଗଣିତ ହେଉଥିଲେ। କିନ୍ତୁ ସ୍ଥିତି ଏବେ ଏଭଳି ହୋଇଛି ଯେ, ଋଣ ଶୁଝିବାକୁ ସେ ସକ୍ଷମ ହେଉ ନାହାନ୍ତି। ସେ ଆଉ ଧନୀ ହୋଇ ନାହାନ୍ତି, ତାଙ୍କର ନେଟ ଓର୍ଥ ଜିରୋ ରହିଥିବା କୋର୍ଟଙ୍କୁ କହୁଛନ୍ତି। ଟେଲିକମ ଶିଳ୍ପରେ ପ୍ରତିଦ୍ୱନ୍ଦ୍ୱିତା ନ କରିପାରି ଏବେ ସେ ଦେବାଳିଆ ସ୍ଥିତିକୁ ଚାଲି ଆସିଛନ୍ତି। ତାଙ୍କ କମ୍ପାନୀ ଉପରେ ୧ ଲକ୍ଷ କୋଟିର ଋଣ ରହିଛି। ଥରେ ଜେଲ ଯିବାରୁ ତାଙ୍କ ବଡ ଭାଇ ମୁକେଶ ଅନିଲଙ୍କୁ ବଞ୍ଚାଇଛନ୍ତି। ଲଣ୍ଡନ କୋର୍ଟରେ ମାମଲା ଲଢୁଥିବା ଅନିଲଙ୍କ ଓକିଲ କହିଛନ୍ତି ଯେ, ସେ କେବେ ଧନୀ ଥିଲେ ମାତ୍ର ଏବେ ଆଉ ନାହାନ୍ତି।

## ବିଜୟ ମାଲ୍ୟା (କିଙ୍ଗଫିଶର ଏୟାର ଲାଇନ)



ମଦ ଠାରୁ ଆରମ୍ଭ କରି ବିମାନ ସେବା ବ୍ୟବସାୟ ପର୍ଯ୍ୟନ୍ତ ବିଜୟ ମାଲ୍ୟାଙ୍କ ଦିନେ କାଟତି ରହିଥିଲା। ତାଙ୍କ ବିଳାସପୂର୍ଣ୍ଣ ଜୀବନ ଶୈଳୀ ପାଇଁ ସେ ସାରା ଦୁନିଆରେ ପରିଚିତ ଥିଲେ। ଦିନ ଥିଲା ହଜାର ହଜାର କୋଟି ସହ ଖେଳୁଥିବା ଏହି ବ୍ୟବସାୟୀ ଏବେ ଋଣ ଶୁଝି ନ ପାରି ଲଣ୍ଡନ ପଳାୟନ କରିଛନ୍ତି। ଜେଲ ଭୟରେ ଦେଶ ଛାଡିଥିବା ମାଲ୍ୟାଙ୍କ ବିରୋଧରେ ପ୍ରତ୍ୟର୍ପଣ ମାମଲା ଚାଲୁ ରହିଛି।

## ଭି.ଜି. ସିଦ୍ଧାର୍ଥ (କ୍ୟାଫେ କଫି ଡେ)



କଫି ଚେନ୍ କ୍ୟାଫେ କଫି ଡେ(ସିସିଡି)ର ପ୍ରତିଷ୍ଠାତା ଭି.ଜି.ସିଦ୍ଧାର୍ଥ ଗତ ବର୍ଷ ଋଣ ସମସ୍ୟା ଯୋଗୁ ଚିନ୍ତାଗ୍ରସ୍ତ ହେବା ସହ ଆତ୍ମହତ୍ୟା କରିଥିଲେ। ଗତ ୨ ବର୍ଷ ହେବ ସିସିଡିକୁ ବୃହତ୍ ପରିମାଣର କ୍ଷତି ସହିବାକୁ ପଡୁଥିଲା। ଏଥିଯୋଗୁ କମ୍ପାନୀ ଏହାର ଅନେକ ଷ୍ଟୋର ବନ୍ଦ କରି ଦେଇଥିଲା। କମ୍ପାନୀର ବିଭିନ୍ନ ସମସ୍ୟା ଯୋଗୁ ସିଦ୍ଧାର୍ଥ ଚିନ୍ତାରେ ଥିଲେ। ସେ ଛାଡି ଯାଇଥିବା ଶେଷ ଚିଠିରେ ଆର୍ଥିକ ସଙ୍କଟ କଥା ଉଲ୍ଲେଖ କରିଥିଲେ।

## ସୁବ୍ରତ ରାୟ (ସାହାରା ଇଣ୍ଡିଆ)



ସାହାରା ଅଧ୍ୟକ୍ଷ ସୁବ୍ରତ ରାୟଙ୍କୁ ସଫଳତାଠାରୁ ଜେଲ ପର୍ଯ୍ୟନ୍ତ ରାସ୍ତା ଦେଇ ଯିବାକୁ ପଡିଛି। ଦିନ ଥିଲା ତାଙ୍କୁ ବ୍ୟବସାୟ ଆରମ୍ଭ କରିବା ଲାଗି ବ୍ୟାଙ୍କ ୫ ହଜାର ଟଙ୍କା ଦେବାକୁ ମନା କରିଦେଇଥିଲା। ତାଙ୍କର ଏକ ବନ୍ଧୁଙ୍କ ସହ ମିଶି ସେ ଏକ ଚିଟ ଫଣ୍ଡ କମ୍ପାନୀ ଆରମ୍ଭ କରିଥିଲେ। ସେହିଠାରୁ ତାଙ୍କର ସଫଳତା କାହାଣି ଆରମ୍ଭ ହୋଇ ୨୦୧୩ରେ ଅଟକି ଗଲା। ନିବେଶକଙ୍କ ଅର୍ଥ ନ ଫେରାଇବା ଯୋଗୁ ସେବି ସାହାରାର ଆକାଉଣ୍ଟ ଉପରେ କଟକଣା ଲଗାଇଲା। ସମୟ ଥିଲା ଯେତେବେଳେ ସାହାରା କମ୍ପାନୀର ସମ୍ପତ୍ତି ଦେଢ଼ ଲକ୍ଷ କୋଟି ଟଙ୍କା ଥିଲା। ଏଥିରେ ୧୨ ହଜାର କର୍ମଚାରୀ କାମ କରୁଥିଲେ।

## ରମେଶ ଚନ୍ଦ୍ର (ୟୁନିଟେକ)



ଦିନ ଥିଲା ରମେଶ ଚନ୍ଦ୍ରାଙ୍କର ରିୟଲ ଇଷ୍ଟେଟ କମ୍ପାନୀ ୟୁନିଟେକ ଦେଶର ଏକ ପ୍ରମୁଖ କମ୍ପାନୀଙ୍କ ମଧ୍ୟରେ ସ୍ଥାନିତ ଥିଲା। କମ୍ପାନୀର ସମ୍ପତ୍ତି ୭୦ ହଜାର କୋଟି ଟଙ୍କା ଛୁଇଁଥିଲା। ୨୦୦୧ରେ ତାଙ୍କର ଟେଲିକମ୍ କମ୍ପାନୀ ୨ଜି ଘୋଟାଲାରେ ଫସି ଗଲା। ଏହି ମାମଲାରେ ତାଙ୍କ ପୁତ୍ର ସଞ୍ଜୟ ଚନ୍ଦ୍ରାଙ୍କୁ ଜେଲ ଯିବାକୁ ପଡିଥିଲା। କରଜ ସୁଝିବା ଲାଗି ତାଙ୍କୁ ସମ୍ପତ୍ତି ବିକ୍ରି କରିବାକୁ ପଡିଲା। ଏହା ପରଠାରୁ ସେ ଆଉ ଅଗ୍ରଗତି କରି ପାରିଲେ ନାହିଁ।

## ବି. ରାମଲିଙ୍ଗା ରାଜୁ (ସତ୍ୟମ କମ୍ପ୍ୟୁଟର୍ସ)



ସତ୍ୟମ କମ୍ପ୍ୟୁଟର ସର୍ଭିସେସ ସ୍ଥାପନ ବି.ରାମଲିଙ୍ଗା ରାଜୁ ତାଙ୍କ ଶଳା ଡିଭିଏସ୍ ରାଜୁଙ୍କ ସହ ମିଶି ୧୯୮୭ରେ କରିଥିଲେ। ହାଇଦ୍ରାବାଦ ସ୍ଥିତ ଏହି କମ୍ପାନୀ ଦେଶର ଶୀର୍ଷ କମ୍ପାନୀଙ୍କ ମଧ୍ୟରେ ଏହାକୁ ସାମିଲ କରାଇ ପାରିଥିଲା। ୬୦ ହଜାର ଲୋକଙ୍କୁ ରୋଜଗାର ଦେଇଥିବା ଏହି କମ୍ପାନୀର ପତନ ଆରମ୍ଭ ହେଲା। ପରେ ଏହାକୁ ଟେକ୍ ମହିନ୍ଦ୍ରା ଅଧିଗ୍ରହଣ କରିଛି।

## ସିଂ ଭ୍ରାତା( ଫୋର୍ଟିସ ଗ୍ରୁପ)



୨୦୦୧ରେ ସିଂ ଭ୍ରାତାଙ୍କ ନିକଟରେ କେବଳ ଗୋଟିଏ ହସ୍ପିଟାଲ ରହିଥିଲା। ୧୦ ବର୍ଷ ପରେ ଏହା ୬୬ରେ ପହଞ୍ଚି ଗଲା। ହେଲେ ଗୋଟିଏ ଭୁଲ୍ ପାଇଁ ସଫଳତା ଛୁଇଁଥିବା ସିଂ ଭ୍ରାତାଙ୍କୁ ଜେଲ ଯିବାକୁ ପଡିଲା। ବେଆଇନ କାରବାର, ଠକେଇ ଅଭିଯୋଗରେ ଏବେ ସିବିନ୍ଦର ଏବଂ ମାଲବିନ୍ଦର ଜେଲରେ ଅଛନ୍ତି। ଫୋର୍ଟିସ ଗ୍ରୁପ ବିକ୍ରି ହୋଇ ସାରିଛି।

## ଜୟ ପ୍ରକାଶ ଗୌଡା (ଜେପି ଗ୍ରୁପ)



ଜେ.ପି. ଗ୍ରୁପର ପ୍ରତିଷ୍ଠାତା ଜୟ ପ୍ରକାଶ ଗୌଡା ଜଣେ ସିଭିଲ ଇଞ୍ଜିନିୟର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ସମୟ କ୍ରମେ ଏକ ବଡ଼ ବାଣିଜ୍ୟ ଛିଡ଼ା କରିବାରେ ସେ ସକ୍ଷମ ହୋଇଥିଲେ। ୨୦୦୮ରେ ଷ୍ଟକ ବଜାରରେ ଏହି କମ୍ପାନୀ ଭଲ ପ୍ରଦର୍ଶନ କରୁଥିଲା। ବିଭିନ୍ନ ପରିଯୋଜନାକୁ ପୂରା କରିବା ଲାଗି ଏହି କମ୍ପାନୀ ବୃହତ୍ ପରିମାଣର ଋଣ କରିଥିଲା। ଏହା ଦେଶର ପ୍ରଥମ ଫର୍ମୁଲା ୧ ଟ୍ରାକ ତିଆରି କରିଥିଲା। ଅତିରିକ୍ତ ଋଣ ବୋଝ ଯୋଗୁ କମ୍ପାନୀ ତଳିତଳାନ୍ତ ହୋଇଗଲା। କମ୍ପାନୀ ଉପରେ ଏବେ ୭୫ ହଜାର କୋଟି ଟଙ୍କାର ଋଣ ଥିବା ବେଳେ ଦେବାଳିଆ ଘୋଷିତ ହୋଇଯାଇଛି।

# ସିମ୍ଫୋନିର ତୃତୀୟ ତ୍ରୈମାସ ଫଳାଫଳ

natural cooling Symphony

**ନୂଆଦିଲ୍ଲୀ,୧୦-୨**

ସିମ୍ଫୋନି ଲିମିଟେଡ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀର ଟିକସ ପରବର୍ତ୍ତୀ ଲାଭାଂଶ(ପ୍ୟାଟ୍) ୩୬% ବୃଦ୍ଧି ଘଟି ୫୮ କୋଟି ଟଙ୍କା ରହିଛି। ଏହା ଗତ ଆର୍ଥିକ ବର୍ଷ ସମାନ ତ୍ରୈମାସରେ ୪୩ କୋଟି ଟଙ୍କା ରହିଥିଲା। ବିକ୍ରି ୩୦% ବୃଦ୍ଧି ଘଟି ୨୦୬ କୋଟି ଟଙ୍କା ରହିଛି। ଗତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଏହା ୧୫୯ କୋଟି ଟଙ୍କା ଥିଲା। ସେହିଭଳି ସାମଗ୍ରିକ ଟିକସ ପରବର୍ତ୍ତୀ ଲାଭ ୩୯% ବୃଦ୍ଧି ଘଟିଥିବା ବେଳେ ବିକ୍ରି ଉନ୍ନତ ସ୍ଥିତିରେ ରହିଛି। କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ତୃତୀୟ ଅନ୍ତରୀଣ ଲାଭାଂଶ ୧୦୦୦% ବା ୧୬୮.୬୭ ଘୋଷଣା କରାଯାଇଛି। ଏହା ମଧ୍ୟରେ ୨୮.୭୬ କୋଟି ଟଙ୍କାର ଲାଭାଂଶ ବିତରଣ ଟିକସ ସାମିଲ ରହିଛି। ଏହି ଅବସରରେ ସିମ୍ଫୋନି ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନୃପେଶ ଶାହ କହିଛନ୍ତି ଯେ, ଉଭୟ ଘରୋଇ ଏବଂ ବାଣିଜ୍ୟିକ ସେଗ୍‌ମେଣ୍ଟରେ କମ୍ପାନୀ ନୂଆ ମଡେଲ ଶୁଭାରମ୍ଭ କରିଛି। ଡିଜାଇନ,ଫର୍ମାଟ ଏବଂ ଫିଚର ଦୃଷ୍ଟିକୋଣରୁ ମଡେଲଗୁଡିକୁ ସ୍ୱତନ୍ତ୍ର କରି ଗଠନ କରାଯାଇଛି। ଗ୍ରାହକମାନେ ଏହାକୁ ବହୁତ ପସନ୍ଦ କରୁଛନ୍ତି।


**FAKIR MOHAN UNIVERSITY**
**Vyasa Vihar, Nuapadhi, Balasore, Odisha, Pin- 756089**

**No. FMU-DEV-CONV.-364/2020/1442** **Date: 07.02.2020**

**NOTIFICATION**

It is for information of all concerned that as per the approval of the Hon'ble Chancellor vide their letter No. UVII-02/2020/969/SG(HE), Dated 27.01.2020, the 10th Convocation of Fakir Mohan University, Balasore is scheduled to be held on **04th March 2020** in New Campus of the University at Nuapadhi Campus.

For details please visit the University website **www.fmuniversity.nic.in**.

**Sd./- Registrar**



GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISON-I MALKANGIRI
e-mail :rwd_malkangiri@yahoo.co.in

No. O-1031

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 13/MKG/2019-20**

1. Name of the work : Buildingworks (Detailed in Annexure)
2. Total Number of Works : 09 (Nine) Number
3. Tender Cost : Rs. 2.65 Lakhs to Rs. 7.07 Lakhs
4. Class of Contractor : 'D'& 'C' Class contractors
5. Period of Completion : (As Per Detailed in Annexure)
6. Other Details:-

| Procurement Officer | Bid Identification No. | No of Works | Availability of Tender on-line for bidding From | Availability of Tender on-line for bidding To | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender /13 / RWD-I, MKG/ 2019-20 | 09(Nine) Nos of Building works | 15.02.2020 from 11.00 AM | 25.02.2020 upto 5.00 PM | 24.01.2020 upto 5.00 P.M. | 26.02.2020 at 11.00 AM |

Further details can be seen from the Website www.tenderorissa.gov.in

Executive Engineer R.W. Division-I, Malkangiri
OIPR-25058/11/0015/1920



**ODISHA LIFT IRRIGATION CROPORATION LTD.**
**(A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, LIFT IRRIGATION DIVISION,BHUBANESWAR**
**(Email : eeolicdivn.bbsr@ymail.com)**

No. CAD-938

**Tender Call Notice No. 207 /2019-20 Dt. 03.02.2020**

Sealed tenders on prescribed schedules on percentage rate contract basis are invited from the Contractors having Civil license with valid registration within the State issued by P.W.D./R.W.S.S./P.H.E.D./Irrigation/M.I. Deptt. with experience in similar nature of work for restoration of Lift Irrigation Project damaged in cyclone FANI-2019 in TURNKEY BASIS as mentioned below.

| Pkg. No | Name of the Block | Name of the work | Approx. estimated cost (Rs. ) | EMD to be deposited (Rs.) | Cost of Tender Paper (Rs.) | Class of Contractor | Time of completion of work |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Brahmagiri | Restoration of 13 nos L.I.Ps under Brahmagiri Block in Puri District | 324995 | 3250 | 2000+5% GST on reverse charge basis | Civil D &C licence | 30 days |

Tender papers for the above works will be sold at office of the Executive Engineer L.I. Division, Bhubaneswar during office hours on working days from dt. **12.02.2020 to 24.02.2020 (11 AM to 2 PM)** on payment of requisite tender paper cost (non-refundable) as mentioned above in shape of Bank Draft/ Banker Cheque drawn in favour of Executive Engineer, Lift Irrigation Division, Bhubaneswar payable at Bhubaneswar. The sealed tender papers will be received at L.I. Division Office, Bhubaneswar from dt. **12.02.2020 to 24.02.2020 (11 AM to 4 PM)** and will be opened on dt. **24.02.2020 at 04.30 P.M.** in the office of the undersigned in presence of the Tenderer who wish to attend or their authorized representative if any. The details term and condition of the Tender, scope of work, technical specification etc. can be obtained from the Office of the E.E. L.I.Division, Bhubaneswar.

The Tenders must be accompanied with self attested copies of valid License, PAN Card, GST certificate and E.M.D. in shape of National Savings Certificate/ Post Office Saving Bank Account / Post Office Time Deposit account / Kissan Vikas Patra / deposit receipt of schedule Bank payable at Bhubaneswar only duly pledged in favour of Executive Engineer, L.I. Division, Bhubaneswar & GST as applicable on the tender paper will be paid by the buyer directly on reverse charge basis **(OLIC GSTIN : 21AAACO5986G1ZF)** failing which tender will not be considered. OLIC will not be responsible for any lapses.

The undersigned reserves the right to cancel the tender at any point of time to increase or decrease the quantity of work, accept or reject any or all the tenders without assigning any reason thereof.

(Er.P.C.Swain)
EXECUTIVE ENGINEER L.I.DIVISION, BHUBANESWAR
OIPR-32155/11/0005/1920



**NOTICE INVITING TENDER**

**Office of the District Manager**
**Odisha State Civil Supplies Corporation Ltd. (OSCSC)**
**Bargarh (District), Phone: 06646-234042**

**Tender No. 830 Dated 08.02.2020**
**Cost of Tender Document:- Rs. 11800/- Inclusive of GST.**
**Online Tenders are invited from eligible tenderers for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).**

| | | |
|---|---|---|
| 1 | Availability of tender documents | From Date 10.02.2020 Downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, time and venue for pre-bid conference. | On dt **15.02.20** at **11.00 AM,** Place: **O/o CSO-Cum-Dist. Manager, OSCSC Ltd., Bargarh** |
| 3 | Last date and time for online submission of completed Tender Documents with enclosures | Through e-Procurement Portal: **www. tendersodisha.gov.in** Up to **5.00 PM** of **dt. 24.02.2020** |
| 4 | Date, time and venue for opening of Technical Bid by the Tender Committee | On **dt. 25.02.2020** at **11.00 AM,** Place: **Conference Hall of Collectorate, Bargarh** |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt 27.02.2020** at **11.00 AM,** Place: **Conference Hall of Collectorate, Bargarh** |
| 6 | Date & time of Financial Bid opening by the Tender Committee (Only of Technically Qualified Tenderers) | To be announced after technical bid evaluation |
| 7 | Venue of the opening of Technical & Financial Bids | **Conference Hall of Collectorate, Bargarh** |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note: The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the tenderers. |
| 9 | Language of the Tender | The tender should be prepared by the tenderer in English language only. |
| 10 | Help Desk telephone No. | **(i) OSCSC Ltd.:-** District Manager:- No. **9438200033** Accounts Head. No- **9937355252** (ii) State Procurement Cell:- 0674-2530998/ 18003456765 |

**N.B:** 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender.
5. Any amendment/ cancellation/ re-tender/ corrigendum please refer to the website **www.tendersodisha.gov.in**, **www.oscsc.in** & **www.foododisha.in**.

**Sd./- District Manager, OSCSC Ltd., Bargarh**



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨ଲ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ www.shb.rg

ପତ୍ର ସଂଖ୍ୟା. 22 **ବିଜ୍ଞାପନ** ତା 04.02.20

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଦୋକାନଗୃହ ନଂ-୩/ପିଟି (3/PT) ପୂଜାରୀପୁଟ ମାର୍କେଟ କମ୍ପ୍ଲେକ୍ସ କୋରାପୁଟ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ର ମଧୁସୂଦନ ମହାପାତ୍ର, ପିତା-ଗୋପସୁନ୍ଦର ମହାପାତ୍ର, ଶ୍ରୀଦଧିଚିଲେନ, ପୂଜାରୀପୁଟ ଲେନ, କୋରାପୁଟ, ସା/ପୋ/ଥାନା-କୋରାପୁଟ, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀ ମଧୁସୂଦନ ମହାପାତ୍ର ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସୁବାସ ଚନ୍ଦ୍ର ସାହୁ, ପିତା-ସ୍ୱ ବିଶ୍ୱନାଥ ସାହୁ, ଗ୍ରାମ-ଏସ୍.ସି.ଟି.ଆଇ (SCTI) କଲୋନୀ, ଜୟପୁର ରୋଡ୍, କୋରାପୁଟ, ପୋ/ଥାନା-କୋରାପୁଟ, ଜିଲ୍ଲା-କୋରାପୁଟ, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ଆବଣ୍ଟନ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହ / ପ୍ଲଟ / ଦୋକାନ ଗୃହଟିର ଆବଣ୍ଟନ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା-ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ଭବନ, ଲୋକସେବା ମାର୍ଗ, ଖାରବେଳ ନଗର, ୟୁନିଟ୍-୩, ଭୁବନେଶ୍ୱର

ସଂଖ୍ୟା: ୩୭୦୫/ବି.ଡି.ଏ., ଭୁବନେଶ୍ୱର ତା୧୦।୦୨।୨୦୨୦ରିଖ
ପ୍ଲାନିଂ-୧୨୦/୧୮

**ସାଧାରଣ ବିଜ୍ଞପ୍ତି**

**ବିଷୟ:** ଅନଧିକୃତ ନିର୍ମାଣ ନିୟମିତିକରଣ ସ୍କିମ୍, ୨୦୧୯ ଅନ୍ତର୍ଗତ ଆବେଦନ କରିବାର ବର୍ଦ୍ଧିତ ସମୟସୀମା।

ରାଜ୍ୟ ସରକାର ତା୦୬।୦୮।୨୦୧୯ରିଖରେ ନିର୍ମାଣ ଓ ଯୋଜନା ନିୟମ ଏବଂ ଜୋରିମାନା ରାଶିକୁ କୋହଳ କରି **'ଅନଧିକୃତ ନିର୍ମାଣ ନିୟମିତିକରଣ ସ୍କିମ୍, ୨୦୧୯'** ନାମରେ ଏକ ନୂତନ ସ୍କିମ୍ ପ୍ରକାଶିତ କରିଥିଲେ। ଏହି ସ୍କିମ୍ ଅନ୍ତର୍ଗତ ଆବେଦନ କରିବାର ଶେଷ ତାରିଖ ତା୦୫।୦୨।୨୦୨୦ରିଖ ଥିଲା। ସ୍କିମ୍ ଅବଧିର ଅନ୍ତିମ ସମୟରେ ଆବେଦନ କରିବା ପାଇଁ ଜନସାଧାରଣଙ୍କର ଆଗ୍ରହ ଏବଂ ଭିଡ଼କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପତ୍ରସଂଖ୍ୟା: ୩୦୪୩, ତା୦୬।୦୨।୨୦୨୦ରିଖ ଅନୁଯାୟୀ ଏହି ସ୍କିମ୍‌ର ଅବଧିକୁ ଆଉ ୧୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ଅନଧିକୃତ ନିର୍ମାଣ କରିଥିବା ବ୍ୟକ୍ତି ଏବଂ ସଂସ୍ଥାମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସ୍କିମ୍‌ର ବର୍ଦ୍ଧିତ ସମୟସୀମା ମଧ୍ୟରେ ଅନଧିକୃତ ନିର୍ମାଣଗୁଡ଼ିକର ନିୟମିତିକରଣ କରିବା ପାଇଁ ଆବେଦନ କରନ୍ତୁ। ସ୍କିମ୍‌ର ଅବଧି ସରିବା ପରେ କର୍ତ୍ତୃପକ୍ଷ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

**ଆବେଦନ ପତ୍ର ସ୍ୱୀକାରର ଅନ୍ତିମ ଦିବସ ତା୨୦।୦୨।୨୦୨୦ରିଖ ଅଟେ ।** ଏହି ସ୍କିମ୍ ସମ୍ବନ୍ଧରେ ସବିଶେଷ ବିବରଣୀ, ଆବେଦନପତ୍ର ଏବଂ ଦେୟ ଇତ୍ୟାଦି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ୱେବ୍‌ସାଇଟ୍ **www.bda.gov.in**ରେ ଉପଲବ୍ଧ ଅଟେ।

ସ୍ୱା./- ସଚିବ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

## ସଂକ୍ଷେପରେ

### ରାହାନେଙ୍କ ଅପରାଜିତ ଶତକ

**ଲିନ୍‌କନ,୧୦।୨(ପି.ଟି.):** ଭାରତୀୟ ଟେଷ୍ଟ ଦଳର ଉପ ଅଧିନାୟକ ଅଜିଙ୍କ୍ୟ ରାହାନେ ନ୍ୟୁଜିଲାଣ୍ଡ ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଅପରାଜିତ ଶତକ ହାସଲ କରିଛନ୍ତି। ୪ଦିନିଆ ମ୍ୟାଚ୍‌ରେ ରାହାନେ ୧୦୧ ରନ୍‌ର ଇନିଂସ ଖେଳିଛନ୍ତି। ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ଏ' ୯ ଉଇକେଟ ହରାଇ ୩୮୬ ରନ୍ କରିଥିଲା। ଜବାବରେ ଭାରତ ଏ' ୧୦୯.୩ ଓଭରରେ ୫ ଉଇକେଟ ହରାଇ ୪୬୭ ରନ୍ କରିଛି। ଫଳରେ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଏଥିସହ ଭାରତ ଏ' ଦଳର ନ୍ୟୁଜିଲାଣ୍ଡ ଗସ୍ତ ଶେଷ ହୋଇଛି। ୧୪୮ ବଲର ସମ୍ମୁଖୀନ ହୋଇ ରାହାନେ ୧୦୧ ରନ୍ କରିଛନ୍ତି। ତାଙ୍କ ଇନିଂସରେ ୧୫ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ତାଙ୍କ ବ୍ୟତୀତ ଶୁବମନ ଗିଲ୍ (୧୩୬) ମଧ ଶତକୀୟ ଇନିଂସ ଖେଳିଥିଲେ। ଚେତେଶ୍ୱର ପୂଜାରା (୫୩), ବିଜୟ ଶଙ୍କର (୬୬) ଓ ଅଧିନାୟକ ହନୁମା ବିହାରୀ (୫୯) ଅର୍ଦ୍ଧଶତକ ହାସଲ କରିଥିଲେ। ନିୟମିତ ଟେଷ୍ଟ ଖେଳାଳିଙ୍କ ମଧ୍ୟରେ ରବିଚନ୍ଦ୍ରନ ଅଶ୍ୱିନ ୩୭.୫ ଓଭର ବୋଲିଂ କରି ଦୁଇ ଉଇକେଟ ହାସଲ କରିଥିଲେ।

### ଫୋଷ୍ଟର କେକେଆର ଫିଲ୍ଡିଂ କୋଚ୍

**କୋଲକାତା,୧୦।୨:** କୋଲକାତା ନାଇଟ୍ ରାଇଡର୍ସ (କେକେଆର) ପୂର୍ବତନ ଇଂଲଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ଜେମ୍ସ ଫୋଷ୍ଟରଙ୍କୁ ଆଗାମୀ ଆଇପିଏଲ ପାଇଁ ଫିଲ୍ଡିଂ କୋଚ୍ ଭାବେ ନିଯୁକ୍ତ କରିଛି। ସେ ପୂର୍ବତନ ଆସାମ କ୍ରିକେଟର ସୁଭଦୀପ ଘୋଷଙ୍କ ସ୍ଥାନ ନେବେ। ଫୋଷ୍ଟର ଅନ୍ତର୍ଜାତୀୟ ସ୍ତରରେ ୨୦୦୧ରୁ ୦୯ ମଧ୍ୟରେ ୭ ଟେଷ୍ଟ, ୧୧ ଦିନିକିଆ ଓ ୫ ଟି୨୦ ମ୍ୟାଚ୍ ଖେଳିଥିଲେ। ସେ ୨୦୧୮ରେ ପ୍ରତିଦ୍ୱନ୍ଦ୍ୱିତା ମୂଳକ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ୩୯ ବର୍ଷୀୟ ଫୋଷ୍ଟର ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ନେତୃତ୍ୱରେ କାର୍ଯ୍ୟ କରିବେ। କୋଲକାତା ଫ୍ରାଞ୍ଚାଇଜର ଗତଥର ଭଳି ଏଥର ମଧ ଦୀନେଶ କାର୍ତ୍ତିକ ଅଧିନାୟକ ଦାୟିତ୍ୱରେ ରହିବେ। ଆଇପିଏଲର ୨୦୨୦ ସଂସ୍କରଣ ମାର୍ଚ୍ଚ ୨୯ ତାରିଖରୁ ଆରମ୍ଭ ହେବ। ୨୦୧୪ରେ କେକେଆର ଦ୍ୱିତୀୟ ଥର ଚାମ୍ପିୟନ ହେବା ପରଠାରୁ ଏପର୍ଯ୍ୟନ୍ତ ୩ ଥର ପ୍ଲେ-ଅଫ୍ ଖେଳିଥିବାବେଳେ ଦୁଇ ଥର ଲିଗ୍ ପର୍ଯ୍ୟାୟ ଡେଇଁବାରେ ବିଫଳ ହୋଇଛି।

### ନିଖିଦଙ୍କ କୃତିତ୍ୱ

**ନୂଆଦିଲ୍ଲୀ,୧୦।୨:** ଭାରତର ନିଖିତ ଦଲାଲ ଗତ ସପ୍ତାହରେ ଶୁକ୍ରବାର ଇତିହାସ ରଚିଛନ୍ତି। ସେ ଦେଶର ପ୍ରଥମ ଦୃଷ୍ଟିହୀନ ଆଥ୍‌ଲେଟ ଭାବେ ଆଇରନମ୍ୟାନ ଟ୍ରାଇଥଲନ ଦୌଡ଼ ଶେଷ କରିଛନ୍ତି। ୩୮ ବର୍ଷୀୟ ଦଲାଲଙ୍କ ଅଭିଯାନରେ ଆର୍ହାମ ଶେଖ ସହାୟତା କରିଥିଲେ। ଶେଖଙ୍କ ସହାୟତା କ୍ରମେ ଦଲାଲ ୫ ହଜାର କି. ମି. କ୍ରସ କଣ୍ଟ୍ରି ଦୌଡ଼ ଶେଷ କରିବାରେ ଯୁବ ଭାରତୀୟ। ଏହି ଇଭେଣ୍ଟରେ ୧.୯ କି.ମି. ସନ୍ତରଣ, ୯୦ କି.ମି. ସାଇକେଲ ଚାଳନା ଓ ୨୧.୧ କି.ମି. ଦୌଡ଼ ସାମିଲ ଥିଲା। ଶେଖ ଓ ଦଲାଲଙ୍କୁ ରେସ ଶେଷ କରିବା ପାଇଁ ୭ ଘଣ୍ଟା ୪୪ ମିନିଟ୍ ଲାଗିଥିଲା। ଶାରୀରିକ ଭିନ୍ନକ୍ଷମ କାଟେଗୋରୀରେ ସେମାନେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ।



“ମୋ ନିକଟରେ ପ୍ରତିଭା ଥିବା କଥା ସଚିନ ତେନ୍ଦୁଲକରଙ୍କ ଭଳି କ୍ରିକେଟ କିମ୍ବଦନ୍ତୀ କହିଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ ।

–ମାର୍ନସ ଲାବୁସାନେ, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ



“ନ୍ୟୁଜିଲାଣ୍ଡରେ ସଫଳତା ପାଇଁ ଜଣେ ବୋଲରଙ୍କୁ ଗ୍ରାଉଣ୍ଡର ଅବସ୍ଥିତିକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ।

–ଶାର୍ଦ୍ଦୂଳ ଠାକୁର, ପେସ୍ ବୋଲର

# ଟପ୍ ଅର୍ଡରକୁ ନେଇ ଭାରତର ଚିନ୍ତା

ମାଉଣ୍ଟ ମଙ୍ଗାନୁଇ (ନ୍ୟୁଜିଲାଣ୍ଡ), ୧୦।୨(ପି.ଟି.)

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହେବ। ପ୍ରଥମ ୨ଟି ମ୍ୟାଚ ହାରିବା ସହ ଭାରତ ସିରିଜ ହାତଛଡ଼ା କରିସାରିଛି। ଏବେ ଅନ୍ତିମ ଦିନିକିଆକୁ ଜିତି ଟେଷ୍ଟ ସିରିଜ ପୂର୍ବରୁ ମନୋବଳ ଦୃଢ଼ କରିବା ଲକ୍ଷ୍ୟରେ ରହିଛି ଟିମ୍ ଇଣ୍ଡିଆ। ତେବେ ଏଥିପାଇଁ ଦଳର ଟପ୍ ଅର୍ଡର କ୍ଲିକ୍ କରିବା ଜରୁରୀ ହୋଇପଡ଼ିଛି। ଅନ୍ୟପକ୍ଷରେ ଗତ ଟି୨୦ ସିରିଜର ୫ଟି ଯାକ ମ୍ୟାଚ ହାରିଥିବାରୁ ନ୍ୟୁଜିଲାଣ୍ଡ ଦିନିକିଆ ସିରିଜକୁ କ୍ଲିନ୍ ସୁଇପ୍ କରି ଭାରତ ଉପରେ ପ୍ରତିଶୋଧ ନେବା ଉଦ୍ୟମରେ ରହିଛି। ଅଧିନାୟକ କେନ୍ ୱିଲିୟମସନଙ୍କ ଅନୁପସ୍ଥିତିରେ ଦଳର ପ୍ରଦର୍ଶନ ପ୍ରଶଂସନୀୟ ରହିଛି। କାନ୍ଧରେ ଆଘାତ ଯୋଗୁ ବାହାରେ ରହିଥିବା ୱିଲିୟମସନ ଦଳକୁ ଫେରିଛନ୍ତି।

## ରୋହିତଙ୍କ ଅନୁପସ୍ଥିତି ଅନୁଭୂତ

ଦିନିକିଆ ସିରିଜରେ ନ୍ୟୁଜିଲାଣ୍ଡ ଟପ୍ ଅର୍ଡର କ୍ଲିକ୍ କରିଥିବାବେଳେ ଭାରତ ଫେଲ୍ ମାରିଛି। ପ୍ରଥମ ୨ଟି ମ୍ୟାଚର ଫଳାଫଳ ଉପରେ ଏହାର ପ୍ରଭାବ ପଡ଼ିଛି। ରୋହିତ ଶର୍ମା ଓ ଶିଖର ଧାୱନ ଆହତ ସମସ୍ୟା ଯୋଗୁ ଦଳରୁ ବାହାରେ ରହିଥିବାବେଳେ ଅଧିନାୟକ ବିରାଟ କୋହଲି ବଡ଼ ସ୍କୋର କରିପାରି ନାହାନ୍ତି। ଲୋକେଶ ରାହୁଲ ବ୍ୟାଟିଂ ଅର୍ଡରରେ ବିଳମ୍ବରେ ଆସୁଛନ୍ତି। ଫଳରେ ନ୍ୟୁଜିଲାଣ୍ଡ ଅଧିକ ପରିଶ୍ରମ ନ କରି ମଧ ମ୍ୟାଚ ଜିତିବାରେ ସକ୍ଷମ ହୋଇଛି। ଦୁଇ ନୂଆ ଓପନର ମୟଙ୍କ ଅଗ୍ରୱାଲ ଓ ପୃଥ୍ୱୀ ଶ' ଆରମ୍ଭରୁ କେତେକ ଭଲ ଶଟ୍ ଖେଳିବାକୁ ସକ୍ଷମ ହୋଇଥିଲେ ହେଁ ଦଳ ପାଇଁ ଯାହା ଆବଶ୍ୟକ ତାହା କରିପାରିନାହାନ୍ତି। ଗତ ୧୨ ମାସ ମଧ୍ୟରେ ୫୭.୩୦ ଆଭରେଜରେ ରନ ସଂଗ୍ରହ କରିଥିବା ରୋହିତଙ୍କ ଅନୁପସ୍ଥିତି ସ୍ପଷ୍ଟ ଅନୁଭୂତ ହୋଇଛି। ଏହି ପରିସ୍ଥିତିରେ ରନ ସ୍କୋର ପାଇଁ କୋହଲିଙ୍କ ଉପରେ ଅତିରିକ୍ତ ଚାପ ରହୁଛି। ତେବେ ସେ ୨ଟି ଇନିଂସରେ ମାତ୍ର ୬୬ ରନ କରି ପାରିଛନ୍ତି।

## ଆୟାରଙ୍କଠାରୁ ଟେଲର ଆଗରେ

ଏକ ସପ୍ତାହ ପୂର୍ବରୁ ଭାରତୀୟ ଦଳ ମାଉଣ୍ଟ ମଙ୍ଗାନୁଇ ଆସି ଟି୨୦ ସିରିଜର ୫ମ ମ୍ୟାଚ ଖେଳିଥିଲା। ସେଥିରେ ବିଜୟୀ ହୋଇ ଦଳ ସିରିଜକୁ କ୍ଲିନ୍ ସୁଇପ୍ କରିଥିଲା। ମାତ୍ର ଏବେ ସେହି ଗ୍ରାଉଣ୍ଡରେ ସେପରି ଫଳାଫଳ ପାଇବା ଦଳ ପାଇଁ କଷ୍ଟକର ହେବ ନିଶ୍ଚିତ। ଶେଷଥର ପାଇଁ ୨୦୧୯ରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରି ଯେଉଁ ଫଳାଫଳ ପାଇଥିଲା ଏବେ ତା'ର ବିପରୀତ ହେବାକୁ ଯାଉଛି। ସେତେବେଳେ ଦଳ ଦିନିକିଆ ସିରିଜକୁ ୪–୧ରେ ଜିତିଥିବାବେଳେ ଟି୨୦ ସିରିଜକୁ ୧–୨ରେ ହାରିଥିଲା। ଏବେ ଟି୨୦ ସିରିଜ ଜିତିସାରିଥିବାବେଳେ ଦିନିକିଆ ସିରିଜ ହାରିଛି। ୨୦୧୪ରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡରେ ଦିନିକିଆ ସିରିଜକୁ ୧–୪ରେ ହାରିଥିଲା। ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ହାସଲ କରି ଶ୍ରେୟାସ ଆୟାର ପ୍ରତିପକ୍ଷ ରସ୍ ଟେଲରଙ୍କ ସହ ସର୍ବାଧିକ ସ୍କୋରର ତାଲିକାରେ ଅଛନ୍ତି। ମାତ୍ର ଟେଲରଙ୍କ ଅଭିଜ୍ଞତା ତୁଳନାରେ ଆୟାର ଫିନିଶିଂ ଟଚ୍ ଦେବାରେ ପଛରେ ପଡ଼ିଯାଇଛନ୍ତି।



ଅଭ୍ୟାସ ସେସନ ଅବସରରେ ଯଶପ୍ରୀତ୍ ବୁମ୍‌ରା ଓ କୋଚ୍ ରବି ଶାସ୍ତ୍ରୀ।

### ଆଜି ଅନ୍ତିମ ଦିନିକିଆ

- ଭାରତୀୟ ଦଳ: ବିରାଟ କୋହଲି(ଅଧିନାୟକ), ପୃଥ୍ୱୀ ଶ', ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ(ଉଇକେଟ କିପର), ମନୀଷ ପାଣ୍ଡେ, ରିଷଭ ପନ୍ତ, ଶ୍ରେୟାସ ଆୟାର, ଶିବମ ଦୁବେ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ଶାମି, ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନୀ।
- ନ୍ୟୁଜିଲାଣ୍ଡ ଦଳ: କେନ୍ ୱିଲିୟମସନ(ଅଧିନାୟକ), ଟମ୍ ଲଥାମ(ଉଇକେଟ କିପର), ମାର୍ଟିନ ଗୁପଟିଲ, ରସ୍ ଟେଲର, କଲିନ ଡି ଗ୍ରାଣ୍ଡହୋମ, ଜିମି ନୀଶାମ, ସ୍କଟ କୁଗଲେଜିନ, ଟିମ୍ ବ୍ଲୁଣ୍ଡେଲ, ହେନରି ନିକୋଲସ, ମିଚେଲ ସାଣ୍ଟନର, ହାମିଶ୍ ବେନେଟ, ଟିମ୍ ସୌଦୀ, କାଇଲ ଜାମିସନ, ଇଶ୍ ସୋଧି, ବ୍ଲେଆର ଟିକ୍‌ନର।

ମ୍ୟାଚ ଆରମ୍ଭ: ସକାଳ ୭ଟା ୩୦ | ପ୍ରସାରଣ ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

## ପରୀକ୍ଷା ନିରୀକ୍ଷା ହୋଇପାରେ

ସିରିଜ ହାରିସାରିଥିବାରୁ ଭାରତ ଟେଷ୍ଟ ମ୍ୟାଚ ପୂର୍ବରୁ ପରୀକ୍ଷା ନିରୀକ୍ଷା ମଧ କରିପାରେ। ସୋମବାର ଇଚ୍ଛାଧୀନ ଅଭ୍ୟାସ ସେସନରେ ରାହୁଲ, ପୃଥ୍ୱୀ, ଆୟାର, କେଦାର ଯାଦବ ଓ ଯୁଜବେନ୍ଦ୍ର ଚହଲ ଯୋଗ ଦେଇ ନ ଥିଲେ। କୋହଲି ନେଟ୍ସରେ ଉଭୟ ପେସ୍ ଓ ସ୍ପିନ ବିପକ୍ଷରେ ବହୁ ସମୟ ଅଭ୍ୟାସ କରିଛନ୍ତି। ତାଙ୍କ ପଛକୁ ମନୀଷ ପାଣ୍ଡେ ମଧ ଝାଳ ବୁହାଇଛନ୍ତି। ସେହିପରି ରିଷଭ ପନ୍ତଙ୍କୁ ମଧ ଦୀର୍ଘ ସମୟ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଛି। ତେବେ ଭାରତ ରୁଟିନ ପ୍ଲାନ ଅନୁସାରେ ଗଲେ ରିଷଭ ସମ୍ପୂର୍ଣ୍ଣ ଦିନିକିଆ ସିରିଜ ମିସ୍ କରିବା ସମ୍ଭାବନା ରହିଛି। ବୋଲିଂ ବିଭାଗରେ କେବଳ ମହମ୍ମଦ ସାମିଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତ ପେସର ଟ୍ରେନିଂ ସେସନରେ ଯୋଗଦେଇଥିଲେ।

## ସୋଧିଙ୍କ ଉପରେ ନଜର

ନ୍ୟୁଜିଲାଣ୍ଡ ଦଳରେ ଲେଗ ସ୍ପିନର ଇଶ୍ ସୋଧି ଓ ପେସ୍ ବୋଲର ବ୍ଲେୟାର ଟିକ୍‌ନର ସାମିଲ ହୋଇଛନ୍ତି। ହାମିଲଟନରେ ପ୍ରଥମ ଦିନିକିଆ ଖେଳିଥିବା ସୋଧି ଗୁଗ୍‌ଲିରେ କୋହଲିଙ୍କୁ ବୋଲ୍ଡ କରିଥିଲେ। ସେ ଭାରତ'ଏ' ବିପକ୍ଷରେ ନ୍ୟୁଜିଲାଣ୍ଡ 'ଏ' ପକ୍ଷରୁ ଅନଅଫିସିଆଲ ଟେଷ୍ଟ ଖେଳୁଥିଲେ ହେଁ ୪ର୍ଥ ଦିବସରେ ତାଙ୍କୁ ଦେଖିବାକୁ ମିଳି ନ ଥିଲା। ତେଣୁ ତାଙ୍କ ଉପରେ ନଜର ରହିବ। ଟିମ୍ ସୌଦୀ ଓ ମିଚେଲ ସାଣ୍ଟନର ପାକସ୍ଥଳୀରେ ଯନ୍ତ୍ରଣା ଅନୁଭବ କରୁଥିବାବେଳେ ସ୍କଟ କୁଗ୍‌ଲିଜିନ ଜ୍ୱରରେ ପୀଡ଼ିତ। ତେବେ ମ୍ୟାଚ ବେଳକୁ ସେମାନେ ସୁସ୍ଥ ହୋଇଯିବା ସମ୍ଭାବନା ରହିଛି।

## ରାୱଲପିଣ୍ଡି ଟେଷ୍ଟ: ପାକିସ୍ତାନର ଇନିଂସ ବିଜୟ

**ରାୱଲପିଣ୍ଡି, ୧୦।୨ (ଏଏଫପି):** ସ୍ଥାନୀୟ ରାୱଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ପାକିସ୍ତାନ ଇନିଂସ ଓ ୪୪ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଏଥିସହ ୨ ମ୍ୟାଚ୍‌ବିଶିଷ୍ଟ ସିରିଜରେ ପାକିସ୍ତାନ ୧–୦ରେ ଅଗ୍ରଣୀ ଲାଭ କରିଛି। ବାଂଲାଦେଶର ପ୍ରଥମ ଇନିଂସ ସ୍କୋର ୨୩୩ ରନ ଜବାବରେ ପାକିସ୍ତାନ ପ୍ରଥମ ଇନିଂସରେ ୪୪୫ ରନର ବୃହତ୍ ସ୍କୋର କରିଥିଲା। ଦଳ ପକ୍ଷରୁ ଓପନର୍ ଶାନ୍ ମାସୁଦ୍ (୧୦୦) ଓ ବାବର ଆଜମ (୧୪୩) ଶତକୀୟ ଇନିଂସ ଖେଳିଥିଲେ। ୨୧୨ ରନ୍ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଭ୍ରମଣକାରୀ ବାଂଲାଦେଶ ରବିବାର ୩ୟ ଦିବସ ଶେଷ ସୁଦ୍ଧା ୬ ଉଇକେଟ୍ ହରାଇ ୧୨୬ ରନ କରିଥିଲା। ସୋମବାର ୪ର୍ଥ ଦିବସରେ ବାଂଲାଦେଶ ଏହାର ଅସମାପ୍ତ ୨ୟ ଇନିଂସ ସ୍କୋରରେ ଆଉ ୪୨ ରନ ଯୋଡ଼ି ୧୬୮ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଲିଟନ ଦାସ ୨୯, ଅଧିନାୟକ ମୋମିନୁଲ ହକ୍ ୪୧, ତାମିମ ଇକ୍‌ବାଲ ୩୪ ରନ କରିଥିଲେ। ଫଳରେ ଗୋଟିଏ ଦିନ ପୂର୍ବରୁ ପାକିସ୍ତାନ ଟେଷ୍ଟ ମ୍ୟାଚ୍‌କୁ ଜିତିନେଇଛି। ସର୍ବକନିଷ୍ଠ ଖେଳାଳି ଭାବେ ଟେଷ୍ଟରେ ହ୍ୟାଟ୍ରିକ ଅର୍ଜନ କରିଥିବା ବିଜୟୀ ଦଳର ନସିମ ଶାହ (୧୬ ବର୍ଷ ୩୫୯ ଦିନ)୨ୟ ଇନିଂସରେ ମୋଟ୍ ୪ ଉଇକେଟ୍ ନେଇଛନ୍ତି। ଗତ ୧୧ ଟେଷ୍ଟରୁ ବାଂଲାଦେଶର ଏହା ୧୦ମ ପରାଜୟ। ଅନ୍ୟ ଗୋଟିଏ ମ୍ୟାଚ୍ ଡ୍ର'ରେ ଶେଷ ହୋଇଥିଲା। ବିଜୟ ସହ ପାକିସ୍ତାନ ମ୍ୟାଚ୍‌ରୁ ୬୦ ପଏଣ୍ଟ ଅର୍ଜନ କରି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟେବୁଲର ୪ର୍ଥ ସ୍ଥାନକୁ ଉଠିଛି। ୯ ଦଳୀୟ ଏହି ପଏଣ୍ଟ ଟେବୁଲ୍‌ରେ ଭାରତ (୩୬୦ ପଏଣ୍ଟ) ଶୀର୍ଷରେ ରହିଛି।

# ଡେଭିନଙ୍କ ବିଶ୍ୱ ରେକର୍ଡ

**ୱେଲିଂଟନ, ୧୦।୨:** ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ଦଳର ଅଧିନାୟିକା ସୋଫି ଡେଭିନ ସୋମବାର ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ବିଶ୍ୱର ପ୍ରଥମ ମହିଳା କ୍ରିକେଟର ଭାବେ କ୍ରମାଗତ ୫ ଟି୨୦ ମ୍ୟାଚ୍‌ରେ ଅତିକମ୍‌ରେ ୫୦ କିମ୍ବା ତା'ଠାରୁ ଅଧିକ ରନ୍ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ୧୦୫ ରନ୍‌ର ଶତକୀୟ ଇନିଂସ ଖେଳିଛନ୍ତି। ପୂର୍ବରୁ ସେ ଭାରତ ବିପକ୍ଷ ସିରିଜରେ ୭୨ ରନ୍ କରିଥିଲେ। ଏହାପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍‌ରେ ଯଥାକ୍ରମେ ୫୪*, ୬୧ ଓ ୭୭ ରନ୍‌ର ଇନିଂସ ଖେଳିଥିଲେ। ଭାରତୀୟ ବ୍ୟାଟ୍ସଓମ୍ୟାନ ମିଥାଲି ରାଜ, ପୂର୍ବତନ ନ୍ୟୁଜିଲାଣ୍ଡ ପୁରୁଷ ଦଳର ଅଧିନାୟକ ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ୱେଷ୍ଟଇଣ୍ଡିଜ ଓପନର କ୍ରିସ୍ ଗେଲ୍ ଅନ୍ତର୍ଜାତୀୟ ଟି୨୦ରେ କ୍ରମାଗତ ୪ ଥର ୫୦ରୁ ଊର୍ଦ୍ଧ୍ୱ ରନ୍ କରିଥିଲେ। ଉଲ୍ଲେଖଯୋଗ୍ୟ, ସୋଫିଙ୍କ ଶତକ ଯୋଗୁ ନ୍ୟୁଜିଲାଣ୍ଡ ୨ ଉଇକେଟ ହରାଇ ୧୭୧ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୦୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଫଳରେ ଘରୋଇ ନ୍ୟୁଜିଲାଣ୍ଡ ୬୯ ରନ୍‌ରେ ମ୍ୟାଚ୍ ଜିତି ନେଇଛି।



# ସିରିଜ ବରାବର କଲା ଇଂଲଣ୍ଡ

**ଜୋହାନ୍ସବର୍ଗ, ୧୦।୨ (ଏଏଫପି):** ସ୍ଥାନୀୟ ୱାଣ୍ଡର୍ସ ଷ୍ଟାଡିୟମରେ ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଇଂଲଣ୍ଡ ୨ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୨୯୭ ରନ୍ ଲକ୍ଷ୍ୟକୁ ଇଂଲଣ୍ଡ ୮ ଉଇକେଟ ହରାଇ ହାସଲ କରିନେଇଥିଲା। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜ ୧–୧ରେ ବରାବର ଭାବେ ଶେଷ ହୋଇଛି।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା: ୨୫୬/୭ (କ୍ୱିଣ୍ଟନ ଡି'କକ୍–୬୯, ଡେଭିଡ ମିଲର–୬୯*, ଆଦିଲ ରସିଦ–୩/୫୧)।

ଇଂଲଣ୍ଡ: ୪୩.୨ ଓଭରରେ ୨୫୭/୮ (ଜୋ ଡେନ୍‌ଲି–୬୬, ଜୋ ରୁଟ୍–୪୯, ଜନି ବେୟାରଷ୍ଟୋ–୪୩, ବେରନ ହେଣ୍ଡ୍ରିକ୍ସ–୩/୫୯, ଏନ୍‌ଗିଡି–୩/୬୩)।

# ୱାର୍ନର ଜିତିଲେ ଆଲାନ ବର୍ଡର ପଦକ

ମେଲବୋର୍ନ, ୧୦।୨ (ପି.ଟି.)

କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ଏହାର ପୁରସ୍କାର ପ୍ରଦାନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିସ୍ଫୋରକ ଓପନିଂ ବ୍ୟାଟ୍ସମ୍ୟାନ ଡେଭିଡ୍ ୱାର୍ନର ୩ୟ ଥର ଲାଗି ଆଲାନ ବର୍ଡର ପଦକ ଜିତିଛନ୍ତି। ସେହିଭଳି ମହିଳା କ୍ରିକେଟ୍ ଦଳର ଷ୍ଟାର୍ ଅଲ୍‌ରାଉଣ୍ଡର ଏଲିସେ ପେରୀ 'ବେଲିଣ୍ଡା କ୍ଲାର୍କ' ପୁରସ୍କାର ହାସଲ କରିଛନ୍ତି। ପେରୀ ୨ୟ ଥର ଲାଗି ଏହି ପୁରସ୍କାର ଜିତିବାରେ ସଫଳ ହୋଇଛନ୍ତି। ୱାର୍ନରଙ୍କୁ ମଧ ବର୍ଷର ଶ୍ରେଷ୍ଠ ଅଷ୍ଟ୍ରେଲିଆ ଟି୨୦ କ୍ରିକେଟର୍ ପୁରସ୍କାର ମିଳିଛି।

ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍‌ଙ୍କୁ ଭୋଟିଂରେ ପରାସ୍ତ କରି ୱାର୍ନର ଏହି ସମ୍ମାନଜନକ ପୁରସ୍କାର ଜିତିଛନ୍ତି। ୨୦୧୮ ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲାରେ ଏକ ବର୍ଷ ବାସନ୍ଦାଦେଶ ଭୋଗିବା ପରେ ୱାର୍ନର ଗତ ବର୍ଷ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏଥିପୂର୍ବରୁ ସେ ୨୦୧୬ ଓ ୨୦୧୭ରେ ଏହି ପୁରସ୍କାର ଲାଭ କରିଥିଲେ। ଏଥିସହ ଦୁଇ ବା ତତୋଧିକଥର ଆଲାନ ବର୍ଡର ପଦକ ଜିତିବାରେ ୱାର୍ନର ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି। ପୂର୍ବରୁ ରିକି ପଣ୍ଟିଂ, ମାଇକେଲ କ୍ଲାର୍କ, ଶେନ୍ ୱାଟ୍‌ସନ ଓ ସ୍ମିଥ୍ ଏକାଧିକ ଥର ଏହି ପୁରସ୍କାର ହାସଲ କରିଛନ୍ତି।



ଏଲିସେ ପେରୀ ଓ ଡେଭିଡ୍ ୱାର୍ନର।

# 'ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ପ୍ରତିଭା ପ୍ରଦର୍ଶନର ସୁଯୋଗ ରହିବ'

**ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ):** ଭାରତରେ କ୍ରୀଡ଼ା ପରମ୍ପରାକୁ ବିକଶିତ କରିବା କ୍ଷେତ୍ରରେ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି ଏସିଆନ ଗେମ୍ସ ରୌପ୍ୟ ପଦକ ବିଜେତା ଶୁଟର ଦୀପକ କୁମାର। ବିଗତ କିଛି ବର୍ଷ ମଧ୍ୟରେ ବିଭିନ୍ନ ପଦକ୍ଷେପ ଜରିଆରେ ସରକାର ଦେଶରୁ ଅନେକ ପ୍ରତିଭାବାନ କ୍ରୀଡ଼ାବିତମାନଙ୍କର ଆବିଷ୍କାର କରିଛନ୍ତି ବୋଲି ସେ କହିଛନ୍ତି। ''ବର୍ତ୍ତମାନ ସରକାର ଆମ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରତିଯୋଗିତାପୂର୍ଣ୍ଣ ଚିନ୍ତାଧାରା କ୍ଷେତ୍ରରେ ପ୍ରବର୍ତ୍ତାଇବା ନିମନ୍ତେ ପ୍ରୟାସ କରୁଛନ୍ତି । କେନ୍ଦ୍ରରେ ଥିବା ଅଲିମ୍ପିକ୍ସ ପୋଡିୟମ ଯୋଜନା ଭାରତରେ କ୍ରୀଡ଼ାବିତମାନଙ୍କୁ ବେଶ୍ ସହାୟକ ହେଉଛି। ସରକାରଙ୍କ ତରଫରୁ ପ୍ରୟାସ ଅବ୍ୟାହତ ରହିଲେ ଭାରତୀୟ କ୍ରୀଡ଼ାବିତ୍‌ମାନେ ଆଗାମୀ ଅଲିମ୍ପିକ୍ସଗୁଡ଼ିକରେ ଉନ୍ନତ ଫଳାଫଳ ପ୍ରଦର୍ଶନ କରିବେ'' ବୋଲି ଏହି ୩୨ ବର୍ଷୀୟ ଶୁଟର ପ୍ରକାଶ କରିଛନ୍ତି ।

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୩ଟି ସଂସ୍କରଣ ସଫଳ ହେବାପରେ ଭାରତ ସରକାର ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ଆୟୋଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାର ପ୍ରଥମ ସଂସ୍କରଣକୁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ, ଆସୋସିଏଶନ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍, ନ୍ୟାଶ୍‌ନାଲ ସ୍ପୋର୍ଟ୍ସ ଫେଡେରେଶନ, ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଏବଂ ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ସହଭାଗିତାରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆସନ୍ତା ଫେବୃୟାରୀ ୨୨ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଆୟୋଜିତ ହେବ। ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରୀଛାତ୍ରମାନଙ୍କ ପାଖରେ ଏକ ଉତ୍ତମ ସୁଯୋଗ ରହିଛି ବୋଲି ଦୀପକ କହିଛନ୍ତି।

# ୱିଣ୍ଡ୍ ୨ ସାଗୁଆ କପ୍ ଚାମ୍ପିୟନ

ବାଲକାଟୀ, (ଡି.ଏନ୍.ଏ.)/ ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି) ୧୦।୨

କଟକର ୱିଣ୍ଡ ୨ ଚଳିତ ବର୍ଷର ମା' ଉପୁଲାଇ କ୍ରିକେଟ୍ ଟୁର୍ନାମେଣ୍ଟ ସାଗୁଆ କପ୍ ଟାଇଟଲ ହାସଲ କରିଛି। ରବିବାର ସୁପର ଓଭରରେ ଶେଷ ହୋଇଥିବା ଫାଇନାଲରେ ଜଗତସିଂହପୁରର ପକଓ୍ୱାନ ଇଲେଭେନକୁ ୨ ରନରେ ପରାସ୍ତ କରିଛି ୱିଣ୍ଡ ୨। ପ୍ରଥମେ ବ୍ୟାଟିଂ କରିଥିବା ୱିଣ୍ଡ ୨ କୌଣସି ଉଇକେଟ ନ ହରାଇ ୨୪ ରନ କରିଥିବାବେଳେ ପକଓ୍ୱାନ ୨୨ ରନ କରିବାକୁ ସକ୍ଷମ ହୋଇଥିଲା। ପୂର୍ବରୁ ନିୟମ ଅନୁସାରେ ୧୦ ଓଭର ବିଶିଷ୍ଟ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ପକଓ୍ୱାନ ୫ ରନରେ ୱିଣ୍ଡ ୨କୁ ପରାସ୍ତ କରିଥିଲା। ପକଓ୍ୱାନ ୫ ଉଇକେଟ ହରାଇ ୧୫୨ ରନ କରିଥିବାବେଳେ ୱିଣ୍ଡ ୨ ସାତ ଉଇକେଟ ହରାଇ ୧୪୭ ରନ କରି ପାରିଥିଲା। ଦ୍ୱିତୀୟ ମ୍ୟାଚରେ ୱିଣ୍ଡ ୨ ତିନି ଉଇକେଟରେ ପକଓ୍ୱାନକୁ ହରାଇ ଦେଇଥିଲା। ପକଓ୍ୱାନ ୫ ଉଇକେଟ ହରାଇ ୧୨୧ ରନ କରିଥିବାବେଳେ ୱିଣ୍ଡ ୨ ସାତ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିତିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ସୁପର ଓଭରର ସହାୟତା ନିଆ ଯାଇଥିଲା। ଟ୍ରଫି ସହିତ ଚାମ୍ପିୟନ ଦଳକୁ ୧ ଲକ୍ଷ ଓ ରନର୍ସଅପ୍ ଦଳକୁ ୫୦,୦୦୦ଟଙ୍କା ପ୍ରଦାନ କରାଯାଇଥିଲା।

ପ୍ରଥମ ମ୍ୟାଚ୍‌ର ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ପକଓ୍ୱାନର ଶଶିକାନ୍ତ ଦାସ ମ୍ୟାନ୍ ଅଫ୍ ଦି ସିରିଜ ଓ ଶ୍ରେଷ୍ଠ ଅଲରାଉଣ୍ଡର ପୁରସ୍କାର ମଧ ପାଇଥିଲେ। ଏହି ଦଳର ଆଶିଷ ମହାପାତ୍ର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମିର୍ଜା ଇଜାଜ ଶ୍ରେଷ୍ଠ କୋଚ୍ ପୁରସ୍କାର ପାଇଥିଲେ। ଦ୍ୱିତୀୟ ମ୍ୟାଚରେ ୱିଣ୍ଡ୨ର କ୍ରିଷ୍ଣା ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ଦଳର ୱାସିଫ ଖାଁ ଶ୍ରେଷ୍ଠ ବୋଲର, ଅଞ୍ଜନ କୁମାର ଶ୍ରେଷ୍ଠ ଉଦୀୟମାନ ଖେଳାଳି ଏବଂ ଲିଟୁ ମହାପାତ୍ର ସଫଳ ମ୍ୟାନେଜର ବିବେଚିତ ହୋଇଥିଲେ। ମାଗନା ଓଲିଗି ଅତିଥିଭାବେ ଯୋଗଦେଇ ଉପସ୍ଥିତ ଦର୍ଶକ ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ପ୍ରଶାନ୍ତ କୁମାର ବାରିକ, କୈଳାସ ଚନ୍ଦ୍ର ମିଶ୍ର, ସନ୍ତୋଷ କୁମାର ସେନାପତି, ବାଲିଅନ୍ତା ଆଇଆଇସି ପ୍ରଦୀପ କୁମାର ରାଉତ, ପ୍ରଭାତ କୁମାର ସାହୁ, ସ୍ପେଶାଲ ପୋଲିସ ଅଫିସର ଚିନ୍ମୟୀ ଭୂୟାଁଙ୍କୁ ସାଗୁଆ କପ୍ ସମ୍ମାନ ପ୍ରଦାନ କରାଯାଇଥିଲା। ମଣ୍ଟୁ ମହାପାତ୍ର, ବିରଜା ବରାଳ, ଦେବାଶିଷ ନାୟକ, ମନୋଜ କୁମାର ନାୟକ ଅମ୍ପାୟରିଂ କରିଥିବାବେଳେ ଶ୍ରୀକାନ୍ତ ମହାପାତ୍ର ଓ ବାବୁ ମଲିକ ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ। ବିଧାୟକ ଅରବିନ୍ଦ ଢାଲି, ବାବୁ ସିଂ, ବିଜୟ ନାୟକ, ରୁଦ୍ରନାରାୟଣ ସାମନ୍ତରାୟ, ରାମ୍‌ଜି କ୍ଷେତ୍ରୀ, ନେତ୍ରାନନ୍ଦ ଭୋଇ, ବିଧୁଭୂଷଣ ପଟ୍ଟନାୟକ ଓ ବଙ୍କିମଚନ୍ଦ୍ର ନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅନୁପ ଶୁଭଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।




ଅତିଥିଙ୍କ ଗହଣରେ ଚାମ୍ପିୟନ ୱିଣ୍ଡ୍–୨ ଦଳର ଖେଳାଳିମାନେ।

# ଭାରତରୁ ଜୈସ୍ୱାଲ, ବିଷ୍ଣୋଇ, ତ୍ୟାଗୀ

ଦୁବାଇ, ୧୦।୨ (ପି.ଟି.)

ସୋମବାର ଘୋଷଣା କରାଯାଇଥିବା ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍ ଦଳରେ ୩ଜଣ ଭାରତୀୟ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ବାମହାତୀ ଓପନର ଯଶସ୍ୱୀ ଜୈସ୍ୱାଲ, ଲେଗ୍‌ସ୍ପିନର ରବି ବିଷ୍ଣୋଇ ଏବଂ ପେସ୍ ବୋଲର କାର୍ତ୍ତିକ ତ୍ୟାଗୀ। ୧୨ ଜଣିଆ ଦଳର ନେତୃତ୍ୱ ପାଇଁ ବିଶ୍ୱକପ୍ ବିଜୟୀ ବାଂଲାଦେଶ ଦଳର ଅଧିନାୟକ ଆକବର ଅଲିଙ୍କୁ ମନୋନୀତ କରାଯାଇଛି।

**୧୯ ବର୍ଷରୁ କମ୍ ବିଶ୍ୱକପ୍ ଦଳ**

ଭାରତୀୟ ଦଳକୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଲାଗି ଜୈସ୍ୱାଲ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି। ଟୁର୍ନାମେଣ୍ଟର ସ୍କୋରିଂ ତାଲିକାରେ ସେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ସେ ୧୩୩ ଆଭରେଜରେ ୬ଟି ଇନିଂସରେ ୪୦୦ରନ ସଂଗ୍ରହ କରିଛନ୍ତି। ତାଲିକାରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀଲଙ୍କାର ରବିନ୍ଦୁ ରସାନ୍ଥାଙ୍କଠାରୁ ୧୧୪ରନ ଆଗରେ ରହିଛନ୍ତି। ବିଷ୍ଣୋଇ ଟୁର୍ନାମେଣ୍ଟରେ ସବୁଠାରୁ ଅଧିକ ଉଇକେଟ ହାସଲକାରୀ ବୋଲର। ସେ ୬ଟି ମ୍ୟାଚରେ ୧୦.୬୪ ଆଭରେଜରେ ୧୭ଟି ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ତ୍ୟାଗୀ ଚମତ୍କାର ସୁଇଙ୍ଗ ବୋଲିଂ କରି ବିପକ୍ଷ ଦଳର ବ୍ୟାଟ୍ସମ୍ୟାନଙ୍କ କାଳ ସାଜିଥିଲେ। ସେ ୧୩.୯୦ଆଭରେଜରେ ୧୧ ଉଇକେଟ ଅକ୍ତିଆର କରିଥିଲେ। ହେଲେ ଭାରତ ଟାଇଟଲ ବଜାୟ ରଖିବାରେ ସକ୍ଷମ ହୋଇପାରି ନ ଥିଲା। ରବିବାର ପୋଚେଫଷ୍ଟ୍ରୁମ୍‌ଠାରେ ବର୍ଷାରେ ପ୍ରଭାବିତ ଫାଇନାଲରେ ବାଂଲାଦେଶ ଡକ୍‌ୱର୍ଥ/ଲୁଇସ୍ ପଦ୍ଧତିରେ ଭାରତକୁ ୩ ଉଇକେଟରେ ପରାସ୍ତ କରି ପ୍ରଥମ ଥର ୧୯ବର୍ଷରୁ କମ୍ ଆଇସିସି କ୍ରିକେଟ ବିଶ୍ୱକପ୍ ଟାଇଟଲ ହାସଲ କରିଛି। ଟୁର୍ନାମେଣ୍ଟର ଏହି ଅଫିସିଆଲ ଟିମ୍‌ରେ ୬ଟି ଦଳରୁ ଖେଳାଳି ପ୍ରତିନିଧିତ୍ୱ କରିଛନ୍ତି। ଯଥା ଆଫଗାନିସ୍ତାନ ଓପନର ଇବ୍ରାହିମ୍ ଜାଦ୍ରାନ ଏବଂ ୱେଷ୍ଟଇଣ୍ଡିଜର ନଇମ ୟଙ୍ଗଙ୍କୁ ଦଳରେ ନିଆଯାଇଛି। ବାଂଲାଦେଶରୁ ଆକବରଙ୍କ ସମେତ ଶାହାଦତ ହୋସେନ ଓ ମହମୁଦୁଲ ହସନ ଜୟ ପ୍ରମୁଖ ୩ ଖେଳାଳି ଏଥିରେ ସ୍ଥାନ ପାଇଛନ୍ତି। ଆଫଗାନିସ୍ତାନ ଏବଂ ୱେଷ୍ଟଇଣ୍ଡିଜରୁ ଦୁଇ ଜଣ ଲେଖାଏଁ ଖେଳାଳିଙ୍କୁ ଏଥିରେ ନିଆଯାଇଛି। କାନାଡାର ଅକିଲ କୁମାର ଦଳର ଦ୍ୱାଦଶ ଖେଳାଳି ହୋଇଛନ୍ତି। ୫ଜଣିଆ ସଦସ୍ୟ ବିଶିଷ୍ଟ ପ୍ୟାନେଲ ଏହି ଦଳ ମନୋନୟନ କରିଛି। ସେମାନେ ହେଲେ କମେଣ୍ଟେଟର ଇଆନ ବିଶପ, ରୋହଣ ଗାଭାସ୍କର ଓ ନାଟାଲି ଜର୍ମାନୋସ, ଇଏସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ କରେସପଣ୍ଡେଣ୍ଟ ଶ୍ରେଷ୍ଠ ଶାହା ଏବଂ ଆଇସିସି ପ୍ରତିନିଧି ମେରୀ ଗଡ୍‌ବିୟର।



ଯଶସ୍ୱୀ ଜୈସ୍ୱାଲ, ରବି ବିଷ୍ଣୋଇ ଓ କାର୍ତ୍ତିକ ତ୍ୟାଗୀ

**୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ଟିମ୍**

(ବ୍ୟାଟିଂ ଅର୍ଡର ଅନୁସାରେ): ଯଶସ୍ୱୀ ଜୈସ୍ୱାଲ (ଭାରତ), ଇବ୍ରାହିମ ଜାଦ୍ରାନ (ଆଫଗାନିସ୍ତାନ), ରବିନ୍ଦୁ ରସାନ୍ଥା (ଶ୍ରୀଲଙ୍କା), ମହମୁଦୁଲ ହସନ ଜୟ (ବାଂଲାଦେଶ), ଶାହାଦତ ହୋସେନ (ବାଂଲାଦେଶ), ନଇମ ୟଙ୍ଗ୍ (ୱେଷ୍ଟଇଣ୍ଡିଜ), ଆକବର ଅଲି (ବାଂଲଦେଶ, ଉଇକେଟକିପର ଓ ଅଧିନାୟକ), ସାଫିକୁଲ୍ଲା ଘଫାରି (ଆଫଗାନିସ୍ତାନ), ରବି ବିଷ୍ଣୋଇ (ଭାରତ), କାର୍ତ୍ତିକ ତ୍ୟାଗୀ (ଭାରତ), ଜେଡେନ୍ ସିଲ୍ସ (ୱେଷ୍ଟଇଣ୍ଡିଜ), ଦ୍ୱାଦଶ ଖେଳାଳି ଅକିଲ କୁମାର (କାନାଡା)।

## ସଂକ୍ଷେପରେ

### ଆବୁ ଜାୟେଦଙ୍କୁ ଭର୍ତ୍ସନା

ରାୱଲପିଣ୍ଡି, ୧୦।୨ (ପି.ଟି.): ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟରେ ପାକିସ୍ତାନ ଅଧିନାୟକ ଆଝାର ଅଲ୍ଲୀଙ୍କ ଉଇକେଟ ପତନ ପରେ ଆକ୍ରମଣାତ୍ମକ ଅଙ୍ଗଭଙ୍ଗୀ ପାଇଁ ବାଂଲାଦେଶ ପେସ୍ ବୋଲର ଆବୁ ଜାୟେଦଙ୍କୁ ଭର୍ତ୍ସନା କରାଯାଇଛି। ଏହା ହେଉଛି ମ୍ୟାଚର ଦ୍ୱିତୀୟ ଦିବସ ଶନିବାରର ଘଟଣା। ସୋମବାର ପାକିସ୍ତାନ ୪୪ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଜାୟେଦ ଖେଳାଳି ଏବଂ ଖେଳାଳିଙ୍କ ସହାୟକ କର୍ମଚାରୀଙ୍କ ଲାଗି ଉଦ୍ଦିଷ୍ଟ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ଆଚରଣ ବିଧିର ଧାରା ୨.୫ର ଉଲ୍ଲଂଘନ କରିଛନ୍ତି। ଫଳରେ ତାଙ୍କ ଶୃଙ୍ଖଳା ରେକର୍ଡରେ ଏକ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ଜାୟେଦ ନିଜ ଦୋଷ ସ୍ୱୀକାର କରିବା ସହ ମ୍ୟାଚ ରେଫରି ରିଚି ରିଚାର୍ଡସନଙ୍କ ଦ୍ୱାରା ପ୍ରସ୍ତାବିତ ଦଣ୍ଡବିଧାନକୁ ଗ୍ରହଣ କରିଥିଲେ। ଫଳରେ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା। ଫିଲ୍ଡ ଅମ୍ପାୟର ନିଗେଲ ଲଙ୍ଗ୍ ଓ କ୍ରିସ୍ ଗାଫାନି, ତୃତୀୟ ଅମ୍ପାୟର ମାରେଜ ଇରାସମସ୍ ଏବଂ ଚତୁର୍ଥ ଅଫିସିଆଲ ଶୋଜାବ୍ ରାଜା ଜାୟେଦଙ୍କ ନାମରେ ରିପୋର୍ଟ କରିଥିଲେ।

### ଚାଇନାରୁ ଫେରିଲେ ପାକିସ୍ତାନ ଆଥ୍‌ଲେଟ୍

କରାଚୀ, ୧୦।୨ (ପି.ଟି.): କରୋନା ଭାଇରସ ବ୍ୟାପିବା ପରେ ଚାଇନାରୁ ଟ୍ରେନିଂ ପ୍ରୋଗ୍ରାମ୍ ଛାଡ଼ି ପାକିସ୍ତାନର ୫ଜଣ ଆଥଲେଟ୍ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଆଥଲେଟ୍‌ମାନେ ଟୋକିଓ ଅଲିମ୍ପିକ୍ସ ସମେତ କେତେକ ଆଗାମୀ ଟୁର୍ନାମେଣ୍ଟ ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ। କରୋନା ଭାଇରସ ମହାମାରୀ ଯୋଗୁ ଚାଇନା ଦେଶରେ ହେବାକୁଥିବା ସମସ୍ତ ଫୁଟ୍‌ବଲ ମ୍ୟାଚକୁ ସ୍ଥଗିତ ରଖିଛି। ଏପରି କି ୨୦୨୦ ୱାର୍ଲ୍ଡ ଟୁର୍ ସିଜନ ପାଇଁ ପ୍ରଥମ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟକୁ ମଧ ସ୍ଥଗିତ ରଖିଛି। ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଅର୍ସାଦ ନଦିମ କହିଛନ୍ତି। ଚାଇନିଜ କୋଚ୍‌ଙ୍କ ଅଧୀନରେ ସେମାନେ ଫେବୃୟାରୀ ୨୮ ପର୍ଯ୍ୟନ୍ତ ଟ୍ରେନିଂ ନେଇଥାନ୍ତେ। ଅର୍ସାଦ ଜାଭେଲିନ୍ ଥ୍ରୋ ଇଭେଣ୍ଟ ପାଇଁ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଛନ୍ତି। ଟ୍ରେନିଂ ଜାରି ରଖିବା ଲାଗି ଏହି ଆଥଲେଟଙ୍କୁ ୟୁରୋପୀୟ ଦେଶକୁ ପଠାଯିବାର ବ୍ୟବସ୍ଥା କରାଯାଉଥିବା ପାକିସ୍ତାନ ଆଥଲେଟିକ୍ସ ଫେଡେରେଶନ ସଭାପତି ଆକ୍ରାସ ଶାହି ପ୍ରକାଶ କରିଛନ୍ତି।

ପ୍ରଥମ ବିବାହ ବାର୍ଷିକୀ ଉପଲକ୍ଷେ ଶୁଭେଚ୍ଛା

ପ୍ରଦୀପ ମୁଦୁଲି ଓ ସୁଜାତା ମୁଦୁଲି
ବସନ୍ତପୁର ଶାସନ, ଭୁବନେଶ୍ୱର, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ପ୍ରଥମ ବିବାହ ବାର୍ଷିକୀ ଶୁଭେଚ୍ଛା ସହ: ରିଡୁ, ସିଡୁ, ନିତୁ, ଓମ୍, କୁନା, ମିଲୁ ଓ ପରିବାରବର୍ଗ।
ଧ-୬୮୩୩୪

### ଦ୍ୱାଦଶ ବୋର୍ଡ ପରୀକ୍ଷା ଦେଇପାରି ନ ଥିଲେ ବିଷ୍ଣୋଇ

ଜୟପୁର,୧୦।୨: ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ଭାରତୀୟ ଦଳ ପାଇଁ ସଫଳ ପ୍ରଦର୍ଶନ କରିଥିବା ବୋଲର ରବି ବିଷ୍ଣୋଇଙ୍କ ସମ୍ପର୍କରେ କିଛି ରୋଚକ କଥା ଜଣାପଡ଼ିଛି। ୧୬ ବର୍ଷରୁ କମ୍ ବୟସ ବର୍ଗରେ ସେ ଚୟନ ହୋଇ ନ ଥିଲେ। ୧୯ ବର୍ଷରୁ କମ୍ ବର୍ଗର ଟ୍ରାଏଲରେ ମଧ ସେ ଦୁଇ ଥର ବିଫଳ ହୋଇଥିଲେ। ଏହାପରେ ମଧ ସେ ବିଶ୍ୱାସ ହରାଇ ନ ଥିଲେ। ରାଜସ୍ଥାନ ରୟାଲ୍ସ ନେଟ୍ସରେ ବୋଲିଂ କରିବା ପରେ ହିଁ ତାଙ୍କୁ ବିଶେଷ ପରିଚୟ ମିଳିଥିଲା। ୨୦୧୮ରେ ସେ ରାଜସ୍ଥାନ ରୟାଲ୍ସ ଦଳର ନେଟ୍ସରେ ଅଭ୍ୟାସ କରୁଥିଲେ। ଦ୍ୱାଦଶ ପରୀକ୍ଷା ଦେବା ପାଇଁ ତାଙ୍କ ବାପା ଫୋନ୍ କରି କହିଥିଲେ। ଏହା ଥିଲା ତାଙ୍କ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଦୁଇ କୋଚ୍‌ଙ୍କ ପରାମର୍ଶ ନେଇଥିଲେ। ସେମାନେ କହିଥିଲେ, ଏବେ ନ ହେଲେ କେବେ ନୁହେଁ। ପାଠ ଓ କ୍ରିକେଟ ମଧ୍ୟରେ ଗୋଟିଏ ଚୟନ କରିବାକୁ କହିଥିଲେ। ଯୋଧପୁରସ୍ଥିତ ସ୍ପାର୍ଟନ ଏକାଡେମୀର ଅନ୍ୟତମ କୋଚ୍ ପ୍ରଦ୍ୟୋତ୍ ସିଂ କହିଛନ୍ତି, ପରୀକ୍ଷା ଲାଗି ସେ ଫେରିବାକୁ ଚିନ୍ତା କରିଥିଲେ। କିନ୍ତୁ ଭାଗ୍ୟରେ କିଛି ଅଲଗା ହିଁ ଲେଖାଥିଲା। ସେ ସେହି ବର୍ଷ ଦ୍ୱାଦଶ ପରୀକ୍ଷା ଦେଇ ନ ଥିଲେ। ଏବେ ପର୍ଯ୍ୟନ୍ତ ସେ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇନାହାନ୍ତି। ୧୯ବର୍ଷରୁ କମ୍ ବିଶ୍ୱକପ୍‌ରେ ସେ ୧୭ ଉଇକେଟ ନେଇଛନ୍ତି।

## ବିଶ୍ୱକପ୍ ମଝିରେ ଭଉଣୀଙ୍କୁ ହରାଇଥିଲେ ଆକବର

ଢାକା, ୧୦।୨ (ପି.ଟି.): ବାଂଲାଦେଶକୁ ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ଜିତାଇବାରେ ଅଧିନାୟକ ଆକବର ଅଲି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଭାରତ ପକ୍ଷରୁ ଧାର୍ଯ୍ୟ ୧୭୮ ରନର ଟାର୍ଗେଟ୍‌କୁ ପିଛା କରି ବାଂଲାଦେଶ ଏକଦା ୮୫ ରନରେ ୫ ଉଇକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଆକବରଙ୍କ ଅପରାଜିତ ୪୩ ରନର ଇନିଂସ ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲା। ବାଂଲାଦେଶକୁ କୌଣସି ବର୍ଗରେ ପ୍ରଥମ ଆଇସିସି ଟ୍ରଫି ଜିତିବାରେ ନାୟକ ସାଜିଥିବା ୧୮ ବର୍ଷୀୟ ଆକବରଙ୍କ ପଛରେ ସଦ୍ୟ ରହିଥିବା ଏକ ଦୁଃଖଦଭରା ଘଟଣା ଏବେ ସାମ୍ନାକୁ ଆସିଛି। ବିଶ୍ୱକପ୍ ମଝିରେ ଆକବରଙ୍କ ବଡ଼ ଭଉଣୀଙ୍କ ବିୟୋଗ ଘଟିଥିଲା। ଜାନୁୟାରୀ ୨୨ରେ ଜାଆଁଳା ସନ୍ତାନ ପ୍ରସବ କରିବା ଅବସରରେ ତାଙ୍କ ଭଉଣୀ ୨୨ ବର୍ଷୀୟା ଖାଦିଜା ଖାତୁନଙ୍କ ମୃତ୍ୟୁ ହୋଇଥିଲା ବୋଲି ବାଂଲାଦେଶ ଏକ ଦୈନିକ ଖବରକାଗଜରେ ସୋମବାର ରିପୋର୍ଟ ପ୍ରକାଶ ପାଇଛି। ତେବେ ଏହି ଘଟଣା ସମ୍ପର୍କରେ ଆକବରଙ୍କୁ ତାଙ୍କ ପରିବାର ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲା। ତେବେ ଆକବର ତାଙ୍କର ଜଣେ ଭାଇଙ୍କ ଜରିଆରେ ପରେ ଏ ବିଷୟରେ ଜାଣିପାରିଥିଲେ। 'ଆକବର ତାଙ୍କ ଭଉଣୀଙ୍କ ସହିତ ବହୁତ ଘନିଷ୍ଠ ଥିଲେ। ଆମେ ଏ ବିଷୟରେ ପ୍ରଥମେ ତାଙ୍କୁ ଜଣାଇବାକୁ ଚାହୁଁ ନ ଥିଲୁ' ବୋଲି ଆକବରଙ୍କ ବାପା ଏହି ଖବର କାଗଜକୁ ସାକ୍ଷାତ୍କାର ଅବସରରେ କହିଛନ୍ତି।



ଟ୍ରଫି ସହ ଆକବର ଅଲୀ।

## ପାକିସ୍ତାନରେ ଅନ୍‌ଅଫିସିଆଲ ଭାରତୀୟ କବାଡ଼ି ଦଳ

ଅମୃତସର, ୧୦।୨: ଭାରତରୁ ୬୦ଜଣିଆ ସର୍କଲ କବାଡ଼ି ଦଳ ପାକିସ୍ତାନ ଦ୍ୱାରା ଆୟୋଜିତ ପ୍ରଥମ କବାଡ଼ି ବିଶ୍ୱକପ୍ ୨୦୨୦ରେ ଭାଗ ନେଇଛନ୍ତି। ଏହି ଇଭେଣ୍ଟ ସର୍କଲ ଫର୍ମାଟରେ ଖେଳାଯାଏ। କ୍ରୀଡ଼ା ମନ୍ତ୍ରଣାଳୟଠାରୁ କୌଣସି ଅନୁମତି ନ ନେଇ ପାକିସ୍ତାନ ଗସ୍ତ କରିଥିବାରୁ ବିବାଦ ଦେଖାଦେଇଛି। ଇଭେଣ୍ଟ ପାଇଁ ଭାରତ ତା'ର କୌଣସି ଅଫିସିଆଲ ଦଳ ପଠାଇବାକୁ ମନା କରିଦେଇଥିଲା। ଆମେଚର କବାଡ଼ି ଫେଡେରେଶନ ଅଫ୍ ଇଣ୍ଡିଆ (ଏକେଏଫ୍‌ଆଇ) ମଧ ମନ୍ତ୍ରଣାଳୟ ନିଷ୍ପତ୍ତିକୁ ବିରୋଧକରି ନ ଥିଲା। ପ୍ରଥମଥର ପାକିସ୍ତାନ ଏଭଳି ଇଭେଣ୍ଟ ଆୟୋଜନ କରୁଛି। ଟୁର୍ନାମେଣ୍ଟ ପୋଷ୍ଟରରେ ୧୦ଦେଶ ଅଂଶଗ୍ରହଣ କରୁଥିବା ଦେଖାଯାଇଛି। ଏଥିରେ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, କାନାଡା, ଜର୍ମାନୀ, ଇରାନ, କେନିଆ, ସିଏରା ଲିଓନ ଓ ଆଜରବୈଜାନ ଅଂଶ ଗ୍ରହଣ କରିବେ ବୋଲି କୁହାଯାଇଥିଲା। ୮ ଦିନ ଧରି ଚାଲିବାକୁ ଥିବା ଟୁର୍ନାମେଣ୍ଟ ରବିବାର ଲାହୋରସ୍ଥିତ ପଞ୍ଜାବ ଷ୍ଟାଡିୟମରୁ ଆରମ୍ଭ ହୋଇଛି।

## ଦିବାରାତ୍ର କବାଡ଼ି ଜିତିଲା କଟକ

ଯାଜପୁର ଟାଉନ,୧୦।୨(ଡିଏନଏ): ଯାଜପୁର ବାଳାଶ୍ରମ ପଡ଼ିଆରେ ବିରଜା ୟୁଥ୍ କ୍ଲବ ପକ୍ଷରୁ ହେଉଥିବା ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୪ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ପୁରୁଷ ବିଭାଗ ପକ୍ଷରୁ କବାଡ଼ି କ୍ଲବ କଟକ ଓ ମା' ବିରଜା ୟୁଥକ୍ଲବ ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କବାଡ଼ି କ୍ଲବ କଟକ ଚାମ୍ପିୟନ ହୋଇଥିବାରୁ ଏହି ଟିମ୍‌କୁ ନଗଦ ୧୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମା' ବିରଜା ୟୁଥକ୍ଲବ ଯାଜପୁର ରନର୍ସ ଅପ୍ ହୋଇଥିବାରୁ ନଗଦ ୭ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମହିଳା ବିଭାଗରେ ଯାଜପୁର କବାଡି ଆସୋସିଏଶନ୍ ଓ ଯାଜପୁର ଖଣ୍ଡିତର କବାଡ଼ି ଆସୋସିଏଶନ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ଖଣ୍ଡିତର କବାଡ଼ି ଆସୋସିଏଶନ୍ ଚାମ୍ପିୟନ ହୋଇଥିବାରୁ ଟିମ୍‌କୁ ନଗଦ ୧୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ରନର୍ସ ଅପ୍ ହୋଇଥିବା ଯାଜପୁର କବାଡି ଆସୋସିଏଶନ୍‌କୁ ନଗଦ ୭ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥିଭାବେ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ ମହିଳା ବିଜେତା ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ପୂର୍ବତନ ପୌରପାଳ ଭବପ୍ରସାଦ ଦାସ, ପ୍ରଧାପକ ବଟକୃଷ୍ଣ ମହାପାତ୍ର, ଯାଜପୁର ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ଦଶରଥପୁର ବ୍ଲକ ଅଧ୍ୟକ୍ଷ ସୁଜାତା ସାହୁ, ପୂର୍ବତନ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରୁଷ ବିଭାଗର ବିଜେତା ଓ ରନର୍ସଅପ୍ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ବିରଜା ୟୁଥ୍ କ୍ଲବ ସମ୍ପାଦକ ଦିନେଶ କୁମାର ଗୌଡ଼ା, କୃଷ୍ଣକାନ୍ତ ପଣ୍ଡା, ଅନାଦୀ ସାହୁ, ସୁରେଶ ସାହୁ, ସୁଭାଙ୍ଗୀ ରାୟ, ଶିବାନୀ ସିଂ, ମନସ୍ୱନୀ ସାହୁ, ପ୍ରକାଶ କୁମାର ଲାଲାଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।



ଚାମ୍ପିୟନ କଟକ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।



ପ୍ରଦୀପ ସ୍ମାରକୀ ଟିଲୋ କପ୍: ଯୁଗ୍ମ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଉଛି।

## ଏୟାର ଇଣ୍ଡିଆ, ୟୁନିୟନ ସ୍ପୋର୍ଟିଂ ଯୁଗ୍ମ ଚାମ୍ପିୟନ

ବନ୍ତ,୧୦।୨(ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ହନୁମାନଜୀଉ ମିନିଷ୍ଟାଡିୟମରେ ଚାଲିଥିବା ୨୭ତମ ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ ଟିଲୋ କପ୍‌ର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏୟାର ଇଣ୍ଡିଆ ମୁମ୍ବାଇ ଓ ୟୁନିୟନ ସ୍ପୋର୍ଟିଂ କଟକ ମିଳିତ ଚାମ୍ପିୟନ ହୋଇଛନ୍ତି। ବର୍ଷା ଯୋଗୁ ଶନିବାର ସ୍ଥଗିତ ସେମିଫାଇନାଲ ମ୍ୟାଚ୍ ରବିବାର ପ୍ରାରମ୍ଭରେ ଟାଟା ସ୍ପୋର୍ଟ୍ସ ମୁମ୍ବାଇ ଓ ଏୟାର ଇଣ୍ଡିଆ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପଡ଼ିଆ ଖେଳ ଉପଯୋଗୀ ହୋଇ ନ ଥିବାରୁ ଉଭୟ ଦଳ ମ୍ୟାଚ୍ ଖେଳିବାକୁ ମନା କରିଥିଲେ। ପରେ ରେଫରି ଇଂ.ସୁଧାଂଶୁ ଶେଖର ନାୟକ ଓ ଉଭୟ ଦଳର ଅଧିନାୟକଙ୍କ ପରାମର୍ଶରେ ବଲ୍ ଆଉଟ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ଏୟାର ଇଣ୍ଡିଆ ମୁମ୍ବାଇ ଗୋଟିଏ ଥର ଅଧିକ ହିଟ୍ କରି ଫାଇନାଲରେ ପ୍ରବେଶ କରିଥିଲା।

ପରେ ଏୟାର ଇଣ୍ଡିଆ ମୁମ୍ବାଇ ଓ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ପଡ଼ିଆ ଖେଳ ଉପଯୋଗୀ ହୋଇ ନ ଥିବାରୁ ୫ ଓଭରର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୟୁନିୟନ ସ୍ପୋର୍ଟିଂ ଟସ୍ ଜିତି ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୫୦ ରନ୍ କରିଥିଲା। ଦଳ ପକ୍ଷରୁ ନୌତମ୍ ଭଞ୍ଜ ୨୦ ଓ ତପେନ୍ଦ୍ର ସିଂ ୧୫ ରନ୍ କରିଥିଲେ। ପ୍ରତିପକ୍ଷର ସୁଜିତ୍ ନାୟକ ୨, ବୈଭବ ମଲ୍ଲ ଗୋଟିଏ ଉଇକେଟ୍ ନେଇଥିଲେ। ଏୟାର ଇଣ୍ଡିଆ ୫ ଓଭରରେ ୩ ଉଇକେଟ୍ ହରାଇ ସମାନ ସ୍କୋର ୫୦ ରନ୍ କରିଥିଲା। ଦଳ ପକ୍ଷରୁ ଆଇପିଏଲ୍ ତାରକା ପଲ୍ଲ ଭାଲ୍‌ଥାଟି ୧୩ ଓ ଜଗଦୀପ୍ ପରଦେଶୀ ୧୩ ରନ୍ କରିଥିଲେ। ପ୍ରତିପକ୍ଷର ଅନୁରାଗ କାନୋଜିଆ ୨ ଓ ନିଶାନ୍ତ ସାହୁ ଗୋଟିଏ ଉଇକେଟ ନେଇଥିଲେ। ଲାଇଟ୍ କମ୍ ହେବା ଯୋଗୁ ମ୍ୟାଚ୍ ରେଫରି ସୁପରଓଭର ନ କରି ଦୁଇ ଦଳକୁ ଯୁଗ୍ମ ବିଜେତା ଘୋଷଣା କରିଥିଲେ। ଯୁଗ୍ମ ଭାବେ ପଲ୍ଲ ଭାଲ୍‌ଥାଟି ଓ ଅନୁରାଗ କାନୋଜିଆଙ୍କୁ ଟିଲୋ ସମବାୟ ସମିତି ପ୍ରଦତ୍ତ ସ୍ୱର୍ଗତ କିଶୋର ନାୟକଙ୍କ ସ୍ମୃତିରେ ମ୍ୟାନ ଅଫ ଦି ମ୍ୟାଚ୍ ଓ ୟୁନିୟନ ସ୍ପୋର୍ଟିଂର ଅଲରାଉଣ୍ଡର ନୌତମ ଭଞ୍ଜଙ୍କୁ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଦାସଙ୍କ ସ୍ମୃତିରେ ମ୍ୟାନ ଅଫ ଦି ସିରିଜ୍ ପ୍ରଦାନ କରାଯାଇଥିଲା। ଯୁଗ୍ମ ବିଜେତା ଦଳକୁ ସ୍ୱର୍ଗତ ସାଗରବାଳା ରାଉଳ ଓ ସ୍ୱର୍ଗତ ପ୍ରଭାସିନୀ ସାହୁଙ୍କ ସ୍ମୃତିରେ ନଗଦ ଅର୍ଥରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସଭାପତି ଇଂ.ଲକି ମାଷ୍ଟର ସ୍ୱାଇଁଙ୍କ ପୌରୋହିତ୍ୟ ଓ ଚିତ୍ତରଞ୍ଜନ ନାୟକଙ୍କ ପରିଚାଳନାରେ ସଭା ହୋଇଥିଲା। ଅତିଥି ଭାବେ ସମାଜସେବୀ ବୁବୁ ପଟ୍ଟନାୟକ, ଆସୋସିଏଶନର ଉପଦେଷ୍ଟା ଡ.ମନ୍ମଥ ରାଉଳ, ଲିଙ୍ଗରାଜ ସ୍ୱାଇଁ, ମନମୋହନ ସାହୁ, ସୁଧାକର ଧଳ, ପ୍ରଗତିକୃଷ୍ଣ ବେହେରା, ପରମେଶ୍ୱର ବାରିକ, ସମ୍ପାଦକ ଅସିତ୍ କର, ଉପସଭାପତି ମାନସ ନାୟକ ଓ ପ୍ରଭୁପାଦ ଜେନା ମଞ୍ଚାସୀନ ଥିଲେ। ଅମ୍ପାୟର ଲଲାଟ କେଶରୀ ନନ୍ଦ, ରଞ୍ଜନ ମହାନ୍ତି, ପିଚ୍ କ୍ୟୁରେଟର ମାନସ ପୁହାଣ, ରାଜେନ୍ଦ୍ର ଧଳ, ସନାତନ ନାୟକ, ଭାଷ୍ୟକାର ସୁଧାଂଶୁ ମହାନ୍ତି, ସଞ୍ଜୟ ମଜୁମଦାର, ୟୁଟ୍ୟୁବ୍ ଭାଷ୍ୟକାର ପି.ଏନ୍.ଚନ୍ଦ୍ରଶେଖର, ସ୍କୋରର ଭାବେ ଅଭିଜିତ୍ ସ୍ୱାଇଁ ଓ ଧନେଶ୍ୱର ଧଳ ଦାୟିତ୍ୱ ତୁଲାଇଥିଲେ।

**ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ ଟିଲୋ କପ୍**

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବଳରାମ ସାହୁ
ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୦୮।୦୬।୧୯୩୨
ତିରୋଧାନ: ୦୧।୦୨।୨୦୨୦
(ପବିତ୍ର ମାଘ ସପ୍ତମୀ)
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ସତ୍ୟନିଷ୍ଠା ଓ ପରୋପକାରିତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୧୬୬୪୨

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତା ଶଶିରେଖା ଶର୍ମା
ଇନ୍ଦୁପୁର, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୪।୦୪।୧୯୨୩
ତିରୋଧାନ: ୩୧।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀବଳଦେବଜୀଉଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଝିଅ: ସୁଷମା ଶର୍ମା, ଡା. ଶାନ୍ତିଲତା ଶର୍ମା, ପୁଅ: ଡା. ଧରଣୀଧର ଶର୍ମା ଓ ବନ୍ଧୁ ପରିଜନ।
ଧ-୧୬୬୪୬

ଷଷ୍ଠ ଶ୍ରାଦ୍ଧବାର୍ଷିକୀ

ପ୍ରଫେସର ଭାଗିରଥୀ ସେନାପତି
ପୂର୍ବତନ କୁଳପତି ଓୟୁଏଟି
ଆବିର୍ଭାବ : ୦୫.୦୨.୧୯୪୨
ତିରୋଧାନ : ୧୭.୦୨.୨୦୧୪
(ଫାଲଗୁନ, କୃଷ୍ଣପକ୍ଷ ତୃତୀୟା ତିଥି)
ଗ୍ରାମ - ୪୨ମୌଜା, କଟକ
ଶାନ୍ତି ନିବାସ, ଜାଗମରା, ବରବାରି, ଭୁବନେଶ୍ୱର
ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିଥାଉ। ଏହି ଶ୍ରାଦ୍ଧଦିବସରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା।
ପତ୍ନୀ - ଶାନ୍ତିଲତା ସେନାପତି, ବଡ଼ ପୁଅ - ବରେଣ୍ୟ, ପୁତ୍ରବଧୂ - ମୌସୁମୀ, ମଝିଆ ପୁଅ - ପ୍ରଦ୍ୟୁମ୍ନ, ପୁତ୍ରବଧୂ - ଲକ୍ଷ୍ମୀପ୍ରିୟା, କନିଷ୍ଠ ପୁଅ - ପ୍ରସନ୍ନ, ପୁତ୍ରବଧୂ - ଜ୍ୟୋତିର୍ମୟୀ, ଝିଅ - ଚିନ୍ମୟୀ, ଜ୍ୱାଇଁ - ଚିନ୍ମୟ, ନାତି - ଅମ୍ରିତ, ଅର୍ପିତ, ଅଶୁଂଲ, ସୌୟମ, ଶ୍ରେୟାନ, ନାତୁଣୀ - ଶ୍ରଦ୍ଧାସୁମନ ଏବଂ ଆତ୍ମୀୟସ୍ୱଜନ, ପରିବାରବର୍ଗ
ଧ-୬୮୭୮୫

ଦ୍ୱିତୀୟ ଶ୍ରାଦ୍ଧୋତ୍ସବ

ସ୍ୱର୍ଗତ ଗୋପୀନାଥ ପ୍ରଧାନ
ଧର୍ମବିହାର, ବରବାରି, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ହେଉ, ସ୍ୱର୍ଗବାସ ଶାନ୍ତିପ୍ରଦ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:
ସ୍ତ୍ରୀ: ମନୋରମା, ପୁଅ: ପ୍ରଦୀପ୍ତ, ବୋହୂ: ମାମି, ନାତୁଣୀ: ଦେବିକା, ସୁପାଲି, ଝିଅ-ଜ୍ୱାଇଁ, ବନ୍ଧୁ ଓ ପ୍ରଧାନ ପରିବାରବର୍ଗ।
ଧ-୬୦୯୫୭

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

ବଆଁରପାଳ, ୧୦।୨(ଡି.ଏନ.ଏ.)- ହିନ୍ଦୋଳ ବ୍ଲକ ଅନ୍ତର୍ଗତ ସଞ୍ଜପଡା ପଞ୍ଚାୟତ ଆମନା ଗ୍ରାମର ଭୁବନ ଗୋଛାୟତଙ୍କ ସୋମବାର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ଅପରାହ୍ନରେ ସେ ଗ୍ରାମର ନଡ଼ିଆ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ପାଦ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଖବରପାଇ ଅଗ୍ନିଶମ ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

### ମଦ ଜବତ, ୪ ଗିରଫ

ଆଠମଲ୍ଲିକ, ୧୦।୨(ଡି.ଏନ.ଏ.)- ଅନୁଗୋଳ ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ସୁରେନ୍ଦ୍ର ଚନ୍ଦ୍ର ନାଏକଙ୍କ ନିର୍ଦ୍ଦେଶ କ୍ରମେ ଆଠମଲ୍ଲିକ ଅବକାରୀ ବିଭାଗ ସୋମବାର ଠାକୁରଗଡ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ୪୩ ଲିଟର ଚୋରା ମଦ ଜବତ କରିଛି। ଏଥିସହ କାରବାରରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ କରଡାବାହାଲି ଗ୍ରାମର ହରି ଭୋଇ, ପୀତାବଳିବାହାଲ ଗ୍ରାମର ଦୁଷ୍ମନ୍ତ ପ୍ରଧାନ, ସୋମନାଥପୁର ଗ୍ରାମର ନାଭି ବେହେରା ଏବଂ ତଳବାହାଲି ଗ୍ରାମର ପ୍ରଶାନ୍ତ ପ୍ରଧାନ। ଚଢ଼ାଉରେ ଅବକାରୀ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ସହକାରୀ ନିରୀକ୍ଷକ ରମାକାନ୍ତ ଚାନ୍ଦ, ଅରୁଣ ଚାଉଳିଆ, ଆରକ୍ଷୀ ହରିହର ପରିଡା, ଶମ୍ଭୁପ୍ରସାଦ ନାୟକ, ସଂଯୁକ୍ତା ସାହୁ ପ୍ରମୁଖ ସାମିଲ ଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

ବଆଁରପାଳ, ୧୦।୨(ଡି.ଏନ.ଏ.)- ହିନ୍ଦୋଳ ବ୍ଲକ ସଞ୍ଜପଡା ଗ୍ରାମରେ ରବିବାର ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇଯାଇଛି। ଏହି ଅବସରରେ ସମଗ୍ର ଗ୍ରାମ ଉତ୍ସବ ମୁଖର ହୋଇପଡିଥିଲା। ନାମ ସଂକୀର୍ତ୍ତନ ସହ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା। ଆଖପାଖ ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଯୋଗ ଦେଇଥିଲେ। ସୋମବାର ନଗର କୀର୍ତ୍ତନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

# ପରିସ୍ରାଗାର ନିର୍ମାଣ ଦାବି କଲେ ଅଟୋ ଚାଳକ

**ଅନୁଗୋଳ ସହର, ୧୦।୨**

ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟ ରାଜାଛକ ଅଞ୍ଚଳ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପରିସ୍ରାଗାର ନିର୍ମାଣ ପାଇଁ ବସ୍‌ଷ୍ଟାଣ୍ଡ ଅଟୋଚାଳକଙ୍କ ପକ୍ଷରୁ ସୋମବାର ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଜିଲାପାଳଙ୍କୁ ଦିଆଯାଇଥିବା ଅଭିଯୋଗପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ଅନୁଗୋଳର ମୁଖ୍ୟ ଜନଗହଳି ଅଞ୍ଚଳ ରାଜାଛକ ଠାରୁ ଥାନା ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ କୌଣସି ସର୍ବସାଧାରଣ ପରିସ୍ରାଗାର ନାହିଁ। ଏହି ଅଞ୍ଚଳ ଦେଇ ଜିଲାର ବିଭିନ୍ନ ସ୍ଥାନକୁ ବସ୍ ଚଳାଚଳ କରୁଥିବା ବେଳେ ନିକଟରେ ବ୍ଲକ କାର୍ଯ୍ୟାଳୟ, ବ୍ଲକ ଶିକ୍ଷା ଅଧିକାରୀ, ପୌରପାଳିକା, ସମନ୍ୱିତ ଶିଶୁ ବିକାଶ, ବନଖଣ୍ଡ କାର୍ଯ୍ୟାଳୟ ଓ ତହସିଲ ଅଫିସ ଆଦି ରହିଛି। ଦୈନିକ ବହୁ ସଂଖ୍ୟକ ଲୋକ ଏସବୁ ଅଫିସକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ବେଳେ ପରିସ୍ରାଗାର ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ଜିଲାବାସୀ ମଧ୍ୟ ସମାନ ସମସ୍ୟା ଭୋଗୁଛନ୍ତି। ତେଣୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଓ ବସ୍‌ଷ୍ଟାଣ୍ଡର ରାଜାଛକ ଅଞ୍ଚଳରେ ପରିସ୍ରାଗାର ନିର୍ମାଣ ପାଇଁ ବିଷ୍ଣୁଚରଣ ସାହୁ, ରଞ୍ଜନ ରାଉଳ, ପ୍ରଫୁଲ୍ଲ ମହାଳିକ, ସନ୍ତୋଷ ନାଏକ, ରମେଶ ଚନ୍ଦ୍ର ସାହୁ, ଅଭୟ କୁମାର ପ୍ରଧାନ, ଟୁନା ରାଉଳ, ପ୍ରଦୀପ କୁମାର ଜେନାଙ୍କ ସମେତ ସମସ୍ତ ଅଟୋଚାଳକ ଦାବି କରିଛନ୍ତି।




# ଚାଷୀଙ୍କ ଋଣ ଟଙ୍କା ଆତ୍ମସାତ୍ ଅଭିଯୋଗ


ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ।

**ଅନୁଗୋଳ ସହର, ୧୦।୨**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଚାଙ୍ଗୁଡ଼ିଆ ସେବା ସମବାୟ ସମିତି ବ୍ୟାଙ୍କରେ ଚାଷୀମାନଙ୍କ ଋଣ ଟଙ୍କା ହଡ଼ପ କରାଯାଇଥିବା ନେଇ ସୋମବାର ଚାଙ୍ଗୁଡ଼ିଆ ପଞ୍ଚାୟତର ଚାଷୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଚାଙ୍ଗୁଡ଼ିଆ ସେବା ସମବାୟ ସମିତି ଅଧୀନରେ ସନ୍ତରାବନ୍ଧ, ଚାଙ୍ଗୁଡ଼ିଆ, କଙ୍କୁରପାଳ, ବଡ଼ବେରଣା, କେନ୍ଦୁପଶି, କମ୍ପସଲା, ଅନ୍ଧାରିକଟା, ମଣ୍ଡୁଆ, ହରିହରପୁର, କଇଁଛପଦା ଆଦି ଗ୍ରାମ ରହିଛି। ଚାଷୀମାନେ ଉକ୍ତ ସମିତିରୁ ଋଣ ଆଣି ଚାଷ କାର୍ଯ୍ୟ କରନ୍ତି। କିନ୍ତୁ ସମିତି ସଭାପତି ଲୋନ୍ କରିଦେବାକୁ କହି ଚାଷୀଙ୍କଠାରୁ ଚେକ୍‌ରେ ଦୁଇରୁ ତିନୋଟି ସ୍ୱାକ୍ଷର ନେଇଥିଲେ। ପରେ ଏନ୍‌ଇଏଫ୍‌ଟି ମାଧ୍ୟମରେ ଚେକ୍‌ଗୁଡ଼ିକ ଜମା ଦେଇ ଚାଷୀମାନଙ୍କ ନାମରେ ଲକ୍ଷାଧିକ ଟଙ୍କା ଋଣ ଉଠାଇ ନେଇଛନ୍ତି। ପୂର୍ବରୁ ମଧ୍ୟ ସମିତିର କେତେଜଣ ସଦସ୍ୟଙ୍କ ଋଣ ଟଙ୍କା ଓ ବୀମା ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ ସମିତି ସଭାପତି ଜେଲ ଯାଇସାରିଛନ୍ତି। ଚାଷୀମାନେ ସେମାନଙ୍କ ପାସ୍ ବୁକ୍‌କୁ ବ୍ୟାଙ୍କରେ ସଂଶୋଧନ କରିବା ପରେ ସେମାନଙ୍କ ନାମରେ ଋଣ ଉଠାଯାଇଥିବା ଜାଣିବାକୁ ପାଇଛନ୍ତି। ଚାଷୀ କିଶୋରୀ ବେହେରା, ସରୋଜ ବେହେରା, ହୃଦାନନ୍ଦ ସାହୁ, ବିନୋଦିନୀ ସାହୁ, ଦିବାକର ସାହୁ, ଜଗନ୍ନାଥ ଦାସ, ରମାକାନ୍ତ ପ୍ରଧାନ, ଗନ୍ଧର୍ବ ନାଏକ, ଚନ୍ଦ୍ରମଣି ସାହୁ, ଦୁଃଶାସନ ପ୍ରଧାନ, ଗୌରହରି ପ୍ରଧାନ, ଧନଞ୍ଜୟ ସାହୁ, ଏକଲବ୍ୟ ସାହୁ, ପ୍ରସନ୍ନ କୁମାର ଦାସ, ସରୋଜ କୁମାର ସାହୁ, ମନୋଜ କୁମାର ସାହୁ, ହର ନାଏକ, ଗୌରହରି ବେହେରାଙ୍କ ସମେତ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ କରିଛନ୍ତି। ଜିଲାପାଳ ତୁରନ୍ତ ପଦକ୍ଷେପ ନେଇ ଆତ୍ମସାତ ଋଣ ଟଙ୍କା ଫେରାଇ ନ ଆଣିଲେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚାଷୀ ଚନ୍ଦ୍ରମଣି ସାହୁ, ଦିବାକର ସାହୁ, ଗିରିଶ ଚନ୍ଦ୍ର ବେହେରା, ରାମାକାନ୍ତ ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଚାଙ୍ଗୁଡ଼ିଆ ସେବା ସମବାୟ ସମିତି ସମ୍ପାଦକ ସଦାନନ୍ଦ ପ୍ରଧାନ କହିଛନ୍ତି, ସଭାପତି ଟଙ୍କା କରିଦେଇଛନ୍ତି କହି ସମସ୍ତ ଚାଷୀଙ୍କ ଠାରୁ ଚେକ୍‌ରେ ଦସ୍ତଖତ କରି ଟଙ୍କା ଉଠାଇ ନେଇଛନ୍ତି। ଏ ନେଇ ଅଭିଯୋଗ ପରେ ଗିରଫ ମଧ୍ୟ ହୋଇଥିଲେ। ତେବେ ସନ୍ତରାବନ୍ଧ ଗ୍ରାମବାସୀ ଏ ନେଇ ଜିଲାପାଳଙ୍କ ପାଖରେ ଅଭିଯୋଗ କରିଥିବା ସମ୍ପାଦକ ପ୍ରକାଶ କରିଛନ୍ତି। ଅଭିଯୋଗ ସମ୍ପର୍କରେ ସମିତି ସଭାପତିଙ୍କ ମୋବାଇଲ ନମ୍ବରକୁ ୭୯୭୮୭୩୭୩୬୬ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ମତାମତ ଦେଇ ନ ଥିଲେ।

# ହୁଲୁରୁସିଂହାରେ ଝାମୁଯାତ୍ରା


ଝାମୁଯାତ୍ରାରେ କାଳିଶୀମାନେ।

**ଅନୁଗୋଳ ସହର, ୧୦।୨**

ଅନୁଗୋଳ ସହରସ୍ଥିତ ହୁଲୁରୁସିଂହା ଗ୍ରାମରେ ସୋମବାର ମା' ସୋମନାଥୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ପାଳନ ସହିତ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଘ ମାସର ପ୍ରତି ଗୁରୁବାର ଠାକୁରାଣୀ ପୀଢ଼ରେ ପୂଜାର୍ଚ୍ଚନା କରାଯାଇଥାଏ। ଶ୍ରୀପଞ୍ଚମୀ ଠାରୁ ମନ୍ଦିରରେ କାଳିଶୀ, ପୂଜକମାନେ ଉପବାସ ରହି ଚତୁଃଦର୍ଶୀରେ ଏକବାର ପୂଜା, ପୂର୍ଣ୍ଣିମାରେ ବଡ଼ ପୂଜା, ପୂର୍ଣ୍ଣିମା ପରଦିନ ଝାମୁ ଯାତ୍ରା ପାଳନ କରିଥାନ୍ତି। ଏଥିରେ ୧୬ ଜଣ କାଳିଶୀଙ୍କ ଠାରେ ଠାକୁରାଣୀ ଉଭା ହୋଇଥାନ୍ତି। ଭକ୍ତମାନେ କଣ୍ଟା ଦୋଳିରେ ଖେଳନ୍ତି। ଏଥିସହିତ ନିଆଁରେ ଚାଲନ୍ତି। ଏହି ସମୟରେ ଭକ୍ତଙ୍କ ଯାହା ମାନସିକ ଥାଏ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ଉତ୍ସବ ଦେଖିବା ପାଇଁ ବହୁ ସଂଖ୍ୟକ ଭକ୍ତଙ୍କ ସମାବେଶ ହୋଇଥିଲା। ସଭାପତି ବୁଲୁ ସାହୁ, ସମ୍ପାଦକ ସନିଆ ସାହୁ, ପୂଜକ ଅନ୍ତର ବେହେରାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ଉତ୍ସବ ପାଳନ ହୋଇଥିଲା।

# ଡାକ୍ତର ନିଯୁକ୍ତି ପାଇଁ ଦାବିପତ୍ର


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ପ୍ରତିନିଧିମଣ୍ଡଳୀ।

**ଅନୁଗୋଳ ଅଫିସ୍, ୧୦।୨**

ଅନୁଗୋଳ ଜିଲାରେ ଥିବା ମରାଡିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବିରେ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ଜନଶୁଣାଣିରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରର କୋଠା ନିର୍ମାଣ ସହ ନିୟମିତ ଡାକ୍ତର ଓ କର୍ମଚାରୀ ନିଯୁକ୍ତ କରିବାକୁ ଦାବିପତ୍ର ଦେଇଥିବା ଏକ ପ୍ରତିନିଧିମଣ୍ଡଳୀ ଦାବି କରିଛି। ଏ ନେଇ ବିଚାର କରାଯିବ ବୋଲି ଜିଲାପାଳ ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଯେ, ବଆଁରପାଳ ବ୍ଲକ ମରାଡିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସାମନ୍ତରାପୁର, ଜରଡା, ବଡହିଂସର, କଞ୍ଜରା, ତୁବେ ଆଦି ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ତେବେ ଡାକ୍ତର ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଅଞ୍ଚଳବାସୀ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହୋଇଆସୁଛନ୍ତି। ଏ ନେଇ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଗଗନ ବିହାରୀ ଧଳ, ରତ୍ନାକର ସାହୁ, ମାନସ ପାଳ, ରଞ୍ଜନ କୁମାର ଦାସ, ଉଦୟନାଥ ସାହୁ, ଲକ୍ଷ୍ମୀଧର ପ୍ରଧାନ, ପ୍ରକାଶ ସାହୁ, ନବଘନ ବିଶ୍ୱାଳ, ବିଶ୍ୱରଞ୍ଜନ ସାହୁ, ସିଲୁ ଧଳ, ବୈକୁଣ୍ଠ ବିହାରୀ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।




# ୧୩ ଜଣଙ୍କୁ ମିଳିଲା ଚିକିତ୍ସା ସହାୟତା

**ଅନୁଗୋଳ ଅଫିସ୍, ୧୦।୨:** ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍‌ଠାରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସୋମବାର ଜିଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ଯୋଗଦେଇଥିଲେ। ଶିବିରରେ ଦାଖଲ ହୋଇଥିବା ସମୁଦାୟ ୯୭ଟି ଅଭିଯୋଗରୁ ୬୯ଟି ବ୍ୟକ୍ତିଗତ, ୧୫ଟି ଗ୍ରାମ୍ୟଭିତ୍ତିକ ସମସ୍ୟାର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ରେଡକ୍ରସ ପାଣ୍ଠିରୁ ୧୦ ଜଣଙ୍କୁ ୪୯ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ଚିକିତ୍ସା ପାଇଁ ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ସାଧାରଣତଃ ଭତ୍ତା, ଇନ୍ଦିରାଆବାସ, ବିଜୁ ପକ୍କାଘର, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସମସ୍ୟା, ରାସ୍ତା ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ବିସ୍ଥାପନ ଓ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି, ଡେପୁଟି କଲେକ୍ଟର ବଇତୁରା ଦୀପ୍, ଆସିଷ୍ଟାଣ୍ଟ କଲେକ୍ଟର ଈଶାନୀ ପଣ୍ଡା ଓ ମଧୁସ୍ମିତା ବିଶିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ